# ଧରିତ୍ରୀ DHARITRI

49 ୪୯

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୬/୨୦୨୨ (୧୮ ପୃଷ୍ଠା) | Bhubaneswar, Tuesday, December 6/2022 | Page 18 ₹ 7.00 | ★★★★★★

୪୯ଶ ଭାଗ ୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 49 ISSUE 13 | ମୂଲ୍ୟ ₹୭/-






KP GROUP Quality Since 1965
कमला पसन्द
ସିଲ୍‌ଭର କୋଟେଡ୍ ଇଲାଇଚି
KAMLA PASAND
Saffron Blended
KP GROUP Quality Since 1965
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: You Tube

ଧରିତ୍ରୀ
DHARITRI
୪୯
ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୬/୨୦୨୨ | Bhubaneswar, Tuesday, December 6/2022 | ପୃଷ୍ଠା-୧



**ମନ ମୁତାବକ କାମ ମିଳୁନି**
ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅଭିନେତ୍ରୀ ସ୍ୱରା ଭାସ୍କରଙ୍କୁ ତାଙ୍କ ମନ ମୁତାବକ କାମ ମିଳୁ ନ ଥିବା ସେ କହିଛନ୍ତି।
୧୪

୧୨
**ଶେଫାଳୀ ବର୍ମା ଅଧିନାୟିକା ମନୋନୀତ**
୧୯ ବର୍ଷରୁ କମ୍ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଓପନିଂ ବ୍ୟାଟର ଶେଫାଳୀ ବର୍ମାଙ୍କୁ ଭାରତୀୟ ଦଳର ଅଧିନାୟିକା କରାଯାଇଛି।



# ବଙ୍ଗୋପସାଗରରେ ଭୂକମ୍ପ

**ଭୁବନେଶ୍ୱର,୫।୧୨(ବ୍ୟୁରୋ):** ପୁରୀଠାରୁ ୪୨୧ କିଲୋମିଟର ଦୂର ବଙ୍ଗୋପସାଗରରେ ସୋମବାର ସକାଳ ୮ଟା ୩୨ ମିନିଟରେ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୫.୧ ଥିଲା ବୋଲି ନ୍ୟାଶନାଲ ସେଣ୍ଟର ଫର୍ ସିସ୍ମୋଲୋଜି (ଏନ୍‌ସିଏସ୍) ପକ୍ଷରୁ କୁହାଯାଇଛି। ତେବେ ଭୂକମ୍ପ ପ୍ରଭାବରେ ଓଡ଼ିଶାର ଉପକୂଳ ଜିଲାରେ ସମୁଦ୍ରିକ ବନ୍ୟା କିମ୍ବା କ୍ଷୟକ୍ଷତିର ଖବର ମିଳିନାହିଁ। ଏନ୍‌ସିଏସ୍ ପକ୍ଷରୁ ସୁନାମି ସତର୍କ ସୂଚନା ଜାରି କରାଯାଇ ନ ଥିଲା। ପଶ୍ଚିମବଙ୍ଗର ହଳଦିଆଠାରୁ ୩୭୦ କିଲୋମିଟର ଦକ୍ଷିଣ-ଦକ୍ଷିଣପୂର୍ବ ଦିଗରେ ୧୦ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି କୁହାଯାଇଛି। ଗତବର୍ଷ ଅଗଷ୍ଟ ୨୪ରେ ଚେନ୍ନାଇ ଉପକୂଳରୁ ୩୦୦ କିଲୋମିଟର ଦୂର ବଙ୍ଗୋପସାଗରରେ ୫.୧ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ଇଣ୍ଡୋନେସିଆ ଭଳି କେନ୍ଦ୍ରୀୟ ବଙ୍ଗୋପସାଗର ଭୂକମ୍ପ ସକ୍ରିୟ ଜୋନ୍ ନୁହେଁ। ☞ପୃଷ୍ଠା-୨




**ଆଜିର ସମ୍ପାଦକୀୟ**
କର୍ମର ଫଳ




ହକି ବିଶ୍ୱକପ୍ ଟ୍ରଫି ଟୁର୍ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କୁ ଟ୍ରଫି ହସ୍ତାନ୍ତର କରୁଛନ୍ତି।

# 'ହକି ବିଶ୍ୱକପ୍ ସ୍ମରଣୀୟ ହେବ'

**ଟ୍ରଫି ଟୁର୍ ଆରମ୍ଭ**
**୧୩ ରାଜ୍ୟ ଭ୍ରମଣ କରିବ**

**ଭୁବନେଶ୍ୱର, ୫।୧୨ (କ୍ରୀଡ଼ା ପ୍ରତିନିଧି)**

ହକି ବିଶ୍ୱକପ୍‌ର ୧୫ତମ ସଂସ୍କରଣ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଓ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ୨୦୨୩ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଦ୍ୱିତୀୟ ଥର ପାଇଁ ଓଡ଼ିଶାରେ ହେବାକୁ ଯାଉଥିବା ଏହି ମେଗା ପ୍ରତିଯୋଗିତାର ଟ୍ରଫି ଟୁର୍ କାର୍ଯ୍ୟକ୍ରମ ସୋମବାର ଭୁବନେଶ୍ୱରରେ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହକି ବିଶ୍ୱକପ୍ ଟ୍ରଫିକୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କୁ ହସ୍ତାନ୍ତର କରିଛନ୍ତି। ''ଟ୍ରଫି ଟୁର୍ ସାରା ଭାରତରେ ହକି ବିଶ୍ୱକପ୍ ପ୍ରତି ଲୋକଙ୍କ ମନରେ ଉଦ୍ଦୀପନା ସୃଷ୍ଟି କରିବ ବୋଲି ମୋର ଆଶା। ୧୬ଟି ଦଳକୁ ନେଇ ଭୁବନେଶ୍ୱର ଓ ରାଉରକେଲାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହା ଅଂଶଗ୍ରହଣକାରୀ ଦଳ ଏବଂ ପ୍ରଶଂସକଙ୍କ ପାଇଁ ସ୍ମରଣୀୟ ହେବ'' ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ରାଜ୍ୟ କ୍ରୀଡ଼ା ଓ ☞ପୃଷ୍ଠା-୨

# କାମକୁ ନୁହେଁ ଆଣ୍ଟି ରାଗିଂ ସେଲ୍

**ଭୁବନେଶ୍ୱର, ୫।୧୨ (ବ୍ୟୁରୋ)**




**ବର୍ଷକରେ ୬୦ ମାମଲା**
■ ୟୁଜିସି ଗାଇଡ୍‌ଲାଇନ୍ ମାନୁନାହାନ୍ତି ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ
■ କଠୋର ଆଭିମୁଖ୍ୟ ଦେଖାନ୍ତୁ ରାଜ୍ୟ ସରକାର, ଉଚ୍ଚ ଶିକ୍ଷା ବିଭାଗ

ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ରାଗିଂ ବର୍ତ୍ତମାନ ଏକ ଗୁରୁତର ସମସ୍ୟା ହୋଇ ଛିଡ଼ା ହୋଇଛି। ଶୈକ୍ଷିକ ବାତାବରଣ ନଷ୍ଟ ହେବା ସହ କ୍ୟାମ୍ପସ୍ ଧୀରେ ଧୀରେ ଅପରାଧପ୍ରବଣ ହୋଇପଡୁଛି। ରାଗିଂ ରୋକିବାକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ୨୦୦୯ରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ଜାରି କରି ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଆଣ୍ଟି ରାଗିଂ ସେଲ୍ ଗଠନକୁ ବାଧ୍ୟତାମୂଳକ କରିଛନ୍ତି। ହେଲେ ରାଜ୍ୟ ସରକାର, ଶିକ୍ଷା ବିଭାଗ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତାର ଅଭାବ ଯୋଗୁ ତାହା ଫଳପ୍ରସୂ ହୋଇପାରୁ ନାହିଁ। ରାଗିଂମୁକ୍ତ କ୍ୟାମ୍ପସ ପାଇଁ ସରକାର ନିର୍ଦ୍ଦେଶ ଦେଇ ଚୁପ୍ ବସିଥିବାବେଳେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ତାହାକୁ କେବଳ କାଗଜ, କଲମରେ ସୀମିତ ରଖୁଥିବା ଦେଖିବାକୁ ମିଳୁଛି। ଅଧିକାଂଶ ଶିକ୍ଷାନୁଷ୍ଠାନରେ ଆଣ୍ଟି ରାଗିଂ ସେଲ୍ ଗଠନ ହୋଇ ନାହିଁ। ଯେଉଁଠି ରହିଛି, ତାହା କେଉଁଠି ଠିକ୍‌ରେ କାମ କରୁ ନାହିଁ, ତ ଆଉ କେଉଁଠି ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି। ଫଳରେ ରାଗିଂ ଭଳି ସ୍ପର୍ଶକାତର ଘଟଣା ବଢ଼ି ଚାଲିଛି। ବହୁ ଘଟଣା ଲୁଚି ଯାଉଥିବାବେଳେ କିଛି ଚର୍ଚ୍ଚାକୁ ଆସୁଛି। ତେବେ ଖୁମ୍ କମ୍ ରାଗିଂ ଅଭିଯୋଗ ଉଚ୍ଚ କର୍ତ୍ତୃପକ୍ଷ ବା ୟୁଜିସି ନିକଟରେ ପହଞ୍ଚୁଛି।

୨୦୨୧ରୁ ୨୦୨୨ ମଧ୍ୟରେ ୟୁଜିସିରେ ରାଗିଂ ସଂକ୍ରାନ୍ତ ୬୦ଟି ମାମଲା ପଞ୍ଜୀକରଣ ହୋଇଛି। ବିଜେବି କଲେଜ ରାଗିଂ ଘଟଣା ପରେ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ତତ୍ପରତା ଦେଖାଇଥିଲା। ସମସ୍ତ କଲେଜରେ ଆଣ୍ଟି ରାଗିଂ ସେଲ୍ ଗଠନ ଓ ରାଗିଂ ନଜରକୁ ଆସିଲେ ଦୃଢ଼ ପଦକ୍ଷେପ ନେବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ପୁରୀ ଜିଲାର ନିମାପଡ଼ା ଓ ଗଞ୍ଜାମ ଜିଲାର ଏକାଧିକ ଶିକ୍ଷାନୁଷ୍ଠାନରେ ରାଗିଂ ଘଟଣା ରାଜ୍ୟ ସରକାରଙ୍କ ପ୍ରକୃତ ଆଭିମୁଖ୍ୟକୁ ପଦାରେ ପକାଇଥିଲା। ଏଯାଏ ରାଜ୍ୟରେ ରାଗିଂକୁ ନେଇ ଯେଉଁସବୁ ଅଭିଯୋଗ ହୋଇଛି, ସମସ୍ତ ଘଟଣାରେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। କିଛି ଘଟଣାରେ କଲେଜ କର୍ତ୍ତୃପକ୍ଷ ଦୋଷଛଡ଼ା ହେବା ପାଇଁ ପଦକ୍ଷେପ ନେଉଥିଲେ ମଧ୍ୟ ନିଜକୁ ସୁହାଇଲା ଭଳି କାର୍ଯ୍ୟ କରୁଥିବା ଅଭିଯୋଗ ଉଠୁଛି। ଅଭିଯୋଗ ଆଣୁଥିବା ଛାତ୍ରୀଛାତ୍ରଙ୍କୁ ହଇରାଣ କରାଯିବା ସହ ସେମାନଙ୍କ ଜୀବନ ପ୍ରତି ବିପଦ ପହଞ୍ଚାଇବା ଭଳି ପରିସ୍ଥିତି ସୃଷ୍ଟି କରାଯାଉଛି। ସେମାନଙ୍କ ପାଠପଢ଼ାରେ କ୍ଷତି ପହଞ୍ଚାଯାଉଛି। ଫଳରେ ରାଗିଂ କରୁଥିବା ଛାତ୍ରୀଛାତ୍ରଙ୍କୁ ସାହସ ମିଳିଯାଉଛି। ସବୁଆଡୁ ଅସହାୟ ହୋଇପଡିବା ପରେ ରାଗିଂର ଶିକାର ଛାତ୍ରୀଛାତ୍ର ଶେଷରେ ଆତ୍ମହତ୍ୟା ପନ୍ଥାକୁ ଆପଣାଇବାକୁ ବାଧ୍ୟ ହେଉଛନ୍ତି। ପୂର୍ବରୁ କଲେଜ ଓ ବିଶ୍ୱବିଦ୍ୟାଳୟରେ ରାଗିଂ ହେଉଥିଲା, ହେଲେ ଏବେ ସ୍କୁଲରେ ବି ରାଗିଂ ପଶିଲାଣି। ତେଣୁ ସରକାର ରାଗିଂମୁକ୍ତ କ୍ୟାମ୍ପସ ପାଇଁ କଠୋର ଆଇନ ପ୍ରଣୟନ କରିବା ସହ ଦୃଢ଼ ଆଭିମୁଖ୍ୟ ରଖିବା ଉଚିତ ବୋଲି ବୁଦ୍ଧିଜୀବୀମାନେ ମତ ରଖିଛନ୍ତି।

ରାଗିଂ ଯୋଗୁ ଗତ ଜୁଲାଇରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ ପ୍ରଥମ ବର୍ଷ କଳା ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣା ସାରା ରାଜ୍ୟରେ ଚହଳ ପକାଇଦେଇଥିଲା। ତାଙ୍କ ରୁମ୍‌ରୁ ମିଳିଥିବା ହାତଲେଖା ନୋଟ୍ ଏବଂ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, କେତେଜଣ ସିନିୟର ଛାତ୍ରୀ ରାଗିଂ ଓ ସେମାନଙ୍କ ପୁରୁଷ ବନ୍ଧୁଙ୍କ ନିର୍ଯାତନା ସହି ନ ପାରି ରୁଚିକା ଆତ୍ମହତ୍ୟା କରିଥିଲେ। ଏହା ଜଣାପଡ଼ିବା ପରେ ଛାତ୍ର ସଙ୍ଗଠନଠାରୁ ଆରମ୍ଭ କରି ରାଜନୈତିକ ଦଳଗୁଡ଼ିକ ମଧ୍ୟ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏପରିକି ରୁଚିକାଙ୍କ ପରିବାର ଲୋକ ନ୍ୟାୟ ପାଇଁ କଲେଜ ସମ୍ମୁଖରେ ଦୀର୍ଘଦିନ ଧରି ଧାରଣାରେ ବସିଥିଲେ। ହେଲେ କାର୍ଯ୍ୟାନୁଷ୍ଠାନ ☞ପୃଷ୍ଠା-୨

# ପଦ୍ମପୁରରେ ୮୦.୫% ମତଦାନ



**ଭୋଟିଂରେ ରେକର୍ଡ, ୮ରେ ଗଣତି**

**ବରଗଡ଼ ଅଫିସ୍/ପଦ୍ମପୁର (ଡି.ଏନ.ଏ.)/ ଭୁବନେଶ୍ୱର,୫।୧୨(ବ୍ୟୁରୋ)**

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନରେ ସୋମବାର ଭୋଟ ଗ୍ରହଣ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଇଲେକ୍ଟ୍ରୋନିକ ଭୋଟିଂ ମେସିନ୍ (ଇଭିଏମ୍)ରେ ୧୦ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇଛି। ଆସନ୍ତା ୮ ତାରିଖରେ ଭୋଟଗଣତି ହେବ। ସୋମବାର ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଥିବାବେଳେ ୩୧୯ ବୁଥରେ ୨.୫୭ ଲକ୍ଷ ଭୋଟର ମତଦାନ ସାବ୍ୟସ୍ତ କରିଛନ୍ତି। ଭୋଟଗ୍ରହଣ ପ୍ରକ୍ରିୟା ଅପରାହ୍ନ ୪ଟା ସୁଦ୍ଧା ଶେଷ କରିବାକୁ ଧାର୍ଯ୍ୟ କରାଯାଇଥିଲେ ମଧ୍ୟ କେତେକ ସ୍ଥାନରେ ସନ୍ଧ୍ୟା ୬ଟା ଯାଏ ମତଦାନ ହୋଇଛି। ସନ୍ଧ୍ୟା ୬ଟା ୧୮ ସୁଦ୍ଧା ☞ପୃଷ୍ଠା-୨

# ୪୮ ଘଣ୍ଟାରେ ବାତ୍ୟା ଆଶଙ୍କା

**ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା**

**ଭୁବନେଶ୍ୱର,୫।୧୨(ବ୍ୟୁରୋ)**

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରି ଅବପାତ(ଡିପ୍ରେସନ)ରେ ପରିଣତ ହେବ। ଏ ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଏହାର ୨୪ ଘଣ୍ଟା ପରେ ଅବପାତ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରି ବାତ୍ୟା ରୂପ ନେବ। ଆସନ୍ତା ୮ ତାରିଖ ରାତିରେ ବାତ୍ୟା ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ମଧ୍ୟ ଦେଇ ସ୍ଥଳଭାଗ ଅତିକ୍ରମ କରିବା ଆଶଙ୍କା ରହିଛି। କିନ୍ତୁ ଓଡ଼ିଶା ଉପରେ ବାତ୍ୟାର ସିଧା ପ୍ରଭାବ ପଡ଼ିବ ନାହିଁ। ତେବେ ୯ ତାରିଖରେ ଗଞ୍ଜାମ, ଗଜପତି, ରାୟଗଡ଼ା, ନବରଙ୍ଗପୁର, ନୟାଗଡ଼ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଏହାଛଡ଼ା ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର ଜିଲାରେ ମଧ୍ୟ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଆସନ୍ତା ଦିନକ ପରେ ବାତ୍ୟା ସମ୍ପର୍କରେ ଚିତ୍ର ସମ୍ପୂର୍ଣ୍ଣ ସ୍ପଷ୍ଟ ହେବ। ଅନ୍ୟପକ୍ଷରେ ରାଜ୍ୟରେ ଶୀତ ସାମାନ୍ୟ ଅଧିକ ଅନୁଭୂତ ହୋଇଛି। ସୋମବାର ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ର ୧୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ଫୁଲବାଣୀରେ ୧୨.୪, ସୁନ୍ଦରଗଡ଼ ୧୨.୮, ଝାରସୁଗୁଡ଼ା ୧୨.୬, କୋରାପୁଟ ୧୩ ଓ କେନ୍ଦୁଝରରେ ୧୩.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ଏକ୍‌ଜିଟ୍ ପୋଲ୍: ଗୁଜରାଟରେ ଭାଜପା, ହିମାଚଳରେ କଂଗ୍ରେସ

**ଏଏପି ଦଖଲକୁ ଯିବ ଏମ୍‌ସିଡି**

**ନୂଆଦିଲ୍ଲୀ,୫।୧୨**

ସଦ୍ୟ ଅନୁଷ୍ଠିତ ଗୁଜରାଟ ନିର୍ବାଚନରେ ଶାସକ ଭାରତୀୟ ଜନତା ପାର୍ଟି (ଭାଜପା) ପୁଣି ଥରେ ବିଜୟୀ ହୋଇପାରେ। ଏଠାରେ ଭାଜପା ୧୩୧ ଆସନ ଦଖଲ କରି ଲଗାତର ସପ୍ତମ ଥର ପାଇଁ ସରକାର ଗଢ଼ିବା ନେଇ ଅଧିକାଂଶ ସର୍ବେକ୍ଷଣ ସଂସ୍ଥା ଭବିଷ୍ୟବାଣୀ କରିଛନ୍ତି। ପୋଲ୍ ଅଫ୍ ଦି ଏକ୍‌ଜିଟ୍ ପୋଲ୍ସ ଅନୁସାରେ, କଂଗ୍ରେସକୁ ୪୧ ଏବଂ ରାଜ୍ୟରେ ନୂଆକରି ଭାଗ୍ୟ ପରୀକ୍ଷା କରୁଥିବା ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ୭ ଆସନରେ ସନ୍ତୁଷ୍ଟ ରହିବାକୁ ପଡ଼ିପାରେ। ହିମାଚଳ ପ୍ରଦେଶରେ ଭାଜପାକୁ କଂଗ୍ରେସ କଡ଼ା ଟକ୍କର ଦେଇଛି। ଏହି ରାଜ୍ୟରେ ଶାସକ ଭାଜପା ୩୫ ଓ କଂଗ୍ରେସ ୨୯ ଆସନ ଦଖଲ କରିବା ନେଇ ବିଭିନ୍ନ ସୂତ୍ରରୁ ଆକଳନ କରାଯାଇଛି। ଅନ୍ୟପକ୍ଷେ ଦିଲ୍ଲୀ ମହାନଗର ନିଗମ (ଏମ୍‌ସିଡି) ନିର୍ବାଚନରେ କେନ୍ଦ୍ରଶାସିତ ଅଞ୍ଚଳର ଶାସକ ଏଏପିକୁ ବଡ଼ ସଫଳତା ମିଳିପାରେ। ୧୫ ବର୍ଷ ଧରି ଭାଜପା ଦଖଲରେ ଥିବା ଏମ୍‌ସିଡିର ମୋଟ ୨୫୦ ଆସନ ମଧ୍ୟରୁ ଏଏପି ୧୫୪, ଭାଜପା ୮୪ ଓ କଂଗ୍ରେସ ୬ ଆସନ ଦଖଲ କରିବ ବୋଲି ବୁଥ୍‌ଫେରନ୍ତା ମତଦାତାଙ୍କଠାରୁ ସଂଗୃହୀତ ତଥ୍ୟ ଆଧାରରେ ପୋଲ୍ ଅଫ୍ ଦି ଏକ୍‌ଜିଟ୍ ପୋଲ୍ସରୁ ଜଣାପଡ଼ିଛି। ତେବେ 'ଏକ୍‌ଜିଟ୍ ପୋଲ୍' ସବୁବେଳେ 'ଏକ୍‌ଜେକ୍ଟ ପୋଲ୍' ସାବ୍ୟସ୍ତ ହୋଇ ନ ଥାଏ। ଏମ୍‌ସିଡି ନିର୍ବାଚନ ଫଳାଫଳ ଆସନ୍ତା ୭ରେ ଏବଂ ଗୁଜରାଟ ଓ ହିମାଚଳ ବିଧାନସଭା ନିର୍ବାଚନର ପରିଣାମ ୮ ତାରିଖରେ ଆସିବା ପରେ ପ୍ରକୃତ ସ୍ଥିତି ସ୍ପଷ୍ଟ ହେବ।

ଦୀର୍ଘ ୨୭ ବର୍ଷ ଧରି ଗୁଜରାଟରେ କ୍ଷମତାସୀନ ଥିବା ଭାଜପା ଉପରେ ରାଜ୍ୟବାସୀ ପୁନର୍ବାର ଆସ୍ଥା ପ୍ରକଟ କରିଛନ୍ତି। ବିଧାନସଭାର ମୋଟ ଆସନ ସଂଖ୍ୟା ୧୮୨ ହୋଇଥିବାବେଳେ ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ହେଉଛି ୯୨। ଡିସେମ୍ବର ୧ରେ ☞ପୃଷ୍ଠା-୨







**ଗୁଜରାଟ  ସିଟ୍ ସଂଖ୍ୟା: ୧୮୨  ସଂଖ୍ୟାଗରିଷ୍ଠତା: ୯୨**

| ସୂତ୍ର | ଭାଜପା | କଂଗ୍ରେସ+ଏନ୍‌ସିପି | ଏଏପି |
|---|---|---|---|
| ନ୍ୟୁଜ୍ ଏକ୍ସ-ଜନ୍ କୀ ବାତ୍ | ୧୧୭-୧୪୦ | ୩୪-୫୧ | ୬-୧୩ |
| ରିପବ୍ଲିକ୍ ଟିଭି ପି-ମାର୍କ | ୧୨୮-୧୪୮ | ୩୦-୪୨ | ୨-୧୦ |
| ଟିଭି୯ ଗୁଜରାଟୀ | ୧୨୫-୧୩୦ | ୪୦-୫୦ | ୩-୫ |
| - | - | - | - |
| ପୋଲ୍ ଅଫ୍ ଏକ୍‌ଜିଟ୍ ପୋଲ୍ସ | ୧୩୧(+୩୨) | ୪୧(-୩୭) | ୭(+୭) |

**ହିମାଚଳ ପ୍ରଦେଶ  ସିଟ୍ ସଂଖ୍ୟା: ୬୮  ସଂଖ୍ୟାଗରିଷ୍ଠତା: ୩୫**

| ସୂତ୍ର | ଭାଜପା | କଂଗ୍ରେସ | ଏଏପି |
|---|---|---|---|
| ଆଜ୍ ତକ୍-ଆକ୍ସିସ୍ ମାଇଁ ଇଣ୍ଡିଆ | ୨୪-୩୪ | ୩୦-୪୦ | ୦ |
| ଇଣ୍ଡିଆ ଟିଭି-ମାଟ୍ରିଜ୍ | ୩୫-୪୦ | ୨୬-୩୧ | ୦ |
| ନ୍ୟୁଜ୍ ଏକ୍ସ-ଜନ୍ କୀ ବାତ୍ | ୩୨-୪୦ | ୨୭-୩୪ | ୦ |
| ରିପବ୍ଲିକ୍ ଟିଭି ପି-ମାର୍କ | ୩୪-୩୯ | ୨୮-୩୩ | ୦-୧ |
| ପୋଲ୍ ଅଫ୍ ଏକ୍‌ଜିଟ୍ ପୋଲ୍ସ | ୩୫(+୯) | ୨୯(+୮) | ୦ |

**ଦିଲ୍ଲୀ ଏମ୍‌ସିଡି  ୱାର୍ଡ: ୨୫୦  ସଂଖ୍ୟାଗରିଷ୍ଠତା: ୧୨୬**

| ସୂତ୍ର | ଭାଜପା | କଂଗ୍ରେସ | ଏଏପି |
|---|---|---|---|
| ଆଜ୍ ତକ୍-ଆକ୍ସିସ୍ ମାଇଁ ଇଣ୍ଡିଆ | ୬୯-୯୧ | ୩-୭ | ୧୪୯-୧୭୧ |
| ନ୍ୟୁଜ୍ ଏକ୍ସ-ଜନ୍ କୀ ବାତ୍ | ୭୦-୯୨ | ୪-୭ | ୧୫୯-୧୭୫ |
| ଟାଇମ୍ସ ନାଓ-ଇଟିଜି | ୮୪-୯୪ | ୬-୧୦ | ୧୪୬-୧୫୬ |
| ଜି ନ୍ୟୁଜ୍ ବାର୍କ | ୮୨-୯୪ | ୮-୧୪ | ୧୩୪-୧୪୬ |
| ପୋଲ୍ ଅଫ୍ ଏକ୍‌ଜିଟ୍ ପୋଲ୍ସ | ୮୪(-୮୪) | ୬(-୨୨) | ୧୫୪(+୧୧୦) |

# କୋଭିଡ୍ ଭୂତାଣୁ ମନୁଷ୍ୟକୃତ



**ଉହାନ ଲାବ୍ ବୈଜ୍ଞାନିକଙ୍କ ସୂଚନା**
**ଚାଇନାକୁ ଜୈବପ୍ରଯୁକ୍ତି ଦେଇଥିଲା ଆମେରିକା**

**ନୂଆଦିଲ୍ଲୀ,୫।୧୨**

କୋଭିଡ୍ ଭୂତାଣୁ ମନୁଷ୍ୟକୃତ ଏବଂ ଏହା ଚାଇନାର ବିବାଦୀୟ ଉହାନ୍ ଗବେଷଣାଗାରରୁ ଲିକ୍ ହୋଇଥିଲା। ଉକ୍ତ ଲାବ୍‌ରେ କାର୍ଯ୍ୟ କରିଥିବା ଆମେରିକାର ଜଣେ ବୈଜ୍ଞାନିକ ଏହି ବିସ୍ମୟକର ତଥ୍ୟ ପ୍ରଘଟ କରିଛନ୍ତି। ଦୁଇବର୍ଷ ପୂର୍ବେ ଚାଇନା ପରିଚାଳିତ ଗବେଷଣା ସଂସ୍ଥା ଉହାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (ଡବ୍ଲ୍ୟୁଆଇଭି)ରୁ କୋଭିଡ୍ ଭୂତାଣୁ ଲିକ୍ ହୋଇଥିଲା ବୋଲି ଆମେରିକା ଗବେଷକ ଆଣ୍ଡ୍ର୍ୟୁ ହଫ୍‌ଙ୍କ ବିବୃତିକୁ ଉଦ୍ଧାର କରି ନ୍ୟୁୟର୍କ ପୋଷ୍ଟ ଖବର ପ୍ରକାଶ କରିଛି। ମହାମାରୀ ବିଶେଷଜ୍ଞ ହଫ୍‌ଙ୍କ ପୁସ୍ତକ 'ଦି ଟ୍ରୁଥ୍ ଏବାଉଟ୍ ଉହାନ'ବ୍ରିଟେନ ଟାବଲଏଡ୍ 'ଦି ସନ୍'ରେ ପ୍ରକାଶିତ ହୋଇଛି। ଏଥିରେ ହଫ୍ ଉଲ୍ଲେଖ କରିଛନ୍ତି, ଉହାନ ଲାବ୍‌ରେ ଆମେରିକା ସରକାରଙ୍କ ପାଣ୍ଠିରେ କରୋନା ଭୂତାଣୁ ଉପରେ ଗବେଷଣା ଚାଲିଥିଲା।

ପୂର୍ବରୁ ନ୍ୟୁୟର୍କର ଇକୋହେଲ୍‌ଥ ଆଲିଆନ୍ସର ଉପାଧ୍ୟକ୍ଷ ଥିବା ହଫ୍ ସଂକ୍ରାମକ ରୋଗ ଉପରେ ଗବେଷଣା କରୁଥିଲେ। ତାଙ୍କ କହିବା ଅନୁଯାୟୀ ଚାଇନାରେ ଭୂତାଣୁ ଉପରେ ଚାଲିଥିବା ଗବେଷଣାରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନ ଥିଲା। ଫଳରେ ଉହାନ୍ ଲାବ୍‌ରୁ ଭୂତାଣୁ ଲିକ୍ ହେଲା ବୋଲି ସେ କହିଛନ୍ତି। ମହାମାରୀ ବ୍ୟାପିବା ସମୟରେ ଉହାନ ଲାବ୍‌ରୁ ଏହାର ସୃଷ୍ଟି ହୋଇଥିବା ନେଇ ବିତର୍କ ଚାଲିଥିବାବେଳେ ଚାଇନା ସରକାର ଏବଂ ଲାବରେଟୋରି ପକ୍ଷରୁ ଏହାକୁ ଖଣ୍ଡନ କରାଯାଇ ଆସୁଥିଲା। ସେଠାରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ (ଏନ୍‌ଆଇଏଚ୍) ପାଣ୍ଠିରେ ବାଦୁଡ଼ି ଶରୀରରେ ଥିବା ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

"ଜି୨୦ ସମ୍ମିଳନୀ ଲୋଗୋରେ ବ୍ୟବହୃତ ପଦ୍ମ ଫୁଲ ଛବି ରାଜନୈତିକ ଦଳ ଆଡ଼କୁ ଇଙ୍ଗିତ କରୁଛି। ଏହା ବଦଳରେ କେନ୍ଦ୍ର ସରକାର ଯେକୌଣସି ଜାତୀୟ ପ୍ରତୀକ ବ୍ୟବହାର କରିବା ଉଚିତ୍ ଥିଲା।
– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲବଙ୍ଗଲତା ଫୁଲ ଚହଟ ଫୁଲ କେଉଁଦିନ ଫୁଟିବ ଅନାଇଣ କଲ ବୟସ ଗଲା କାନ୍ତ କେଉଁଦିନ ଫେରିବ?**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ଦୀର୍ଘବର୍ଷ ଧରି ପ୍ରେମିକଙ୍କୁ ପ୍ରତୀକ୍ଷା କରି ହତାଶ ହୋଇପଡ଼ିଥିବା ପ୍ରେମିକାର ବ୍ୟଥିତ ମନୋଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଲାଉ ଚୋର, କଖାରୁ ଚୋର ଚୋରାଉ ଚୋରାଉ ବଡ଼ ଚୋର।**

ବାଳକ ବୟସରୁ ଛୋଟ ମୋଟ ଚୋରି କରୁ କରୁ ତାହା ଅଭ୍ୟାସରେ ପରିଣତ ହୋଇଥାଏ। ସେହି ସମୟରୁ ଶାସନ ନ କଲେ ସମୟକ୍ରମେ ସେ ବଡ଼ ଚୋର ପାଲଟି ଯିବାର ସମ୍ଭାବନା ରହିଥାଏ। ତାଙ୍କ ଅଭ୍ୟାସ ଯଦି ଠିକ୍ ସମୟରେ ଛଡ଼ା ନ ଯାଏ ତେବେ ତାହା ଜୀବନକୁ ବରବାଦ କରି ଦେଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

ପ୍ରଥମ ପୃଷ୍ଠାରୁ...

## କାମକୁ ନୁହେଁ ଆଣ୍ଟି...

ବଦଳରେ ସେମାନଙ୍କୁ ଶେଷରେ ପୋଲିସ ଲଗାଇ ଉଠାଇ ନିଆଗଲା। ନିକଟରେ ବୁଧବାର ବିଧାନସଭା ଶୀତ ଅଧିବେଶନ ଚାଲିଥିବା ସମୟରେ ଝିଅକୁ ନ୍ୟାୟ ଦାବିରେ ରୁଚିକାଙ୍କ ମା' ବିଧାନସଭା ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିବାବେଳେ, ସୁରକ୍ଷାକର୍ମୀ ତାଙ୍କୁ ଉଠାଇ ନେଇଥିଲେ। ଉକ୍ତ ଘଟଣାରେ ସମ୍ପୃକ୍ତ ଦୋଷୀ ଛାତ୍ରୀଛାତ୍ର ବଡ଼ ବଡ଼ିଆଙ୍କ ସମ୍ପର୍କୀୟ ହୋଇଥିବାରୁ ଓ ରାଜ୍ୟର ପ୍ରମୁଖ କଲେଜକୁ ବଦନାମରୁ ରକ୍ଷା କରିବା ପାଇଁ ପୂରା ଯୋଜନାବଦ୍ଧ ଭାବେ ଘଟଣାକୁ ଚପାଇ ଦିଆଗଲା। ଏହି ଘଟଣାରେ ପୋଲିସର କାର୍ଯ୍ୟଧାରା ଓ କଲେଜ କର୍ତ୍ତୃପକ୍ଷ, ରାଜ୍ୟ ସରକାର ଏବଂ ଶିକ୍ଷା ବିଭାଗର ନିଷ୍କ୍ରିୟତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଆହୁରି ମଧ୍ୟ ସେହି ମାସରେ ବିଜେବି କଲେଜରେ ଆଉଏକ ରାଗିଂ ଅଭିଯୋଗକୁ ମଧ୍ୟ ଚପାଇ ଦିଆଗଲା। ଯୁକ୍ତ୨ ବାଣିଜ୍ୟ ଛାତ୍ର ରୁଦ୍ର ନାରାୟଣ ରାଗିଂ ଅଭିଯୋଗ ଆଣିଥିଲେ ମଧ୍ୟ ତାହାକୁ କେହି ଶୁଣି ନ ଥିଲେ। ସେହିଭଳି ଭୁବନେଶ୍ୱରର ବେସିକ ସାଇନ୍ସ କଲେଜର ଯୁକ୍ତ୩ ଦ୍ୱିତୀୟ ବର୍ଷର ଛାତ୍ର ସୋମନାଥ ସେଠୀ ମଧ୍ୟ ରାଗିଂର ଶିକାର ହୋଇଥିବା ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ସେପଟେ ଗତମାସରେ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ ଦ୍ୱିତୀୟ ବର୍ଷ ଛାତ୍ରୀ ରୋଜାଲିନ ବିଶ୍ୱାଳ ରାଗିଂ ଅଭିଯୋଗ କରିଥିବାରୁ ଏବେ ତାଙ୍କୁ ପାଠପଢ଼ାରୁ ବଞ୍ଚିତ ହେବାକୁ ପଡ଼ିଛି। ତାଙ୍କ ଅଭିଯୋଗ ଅନୁସାରେ, ହଷ୍ଟେଲରେ ତାଙ୍କୁ ଦୀର୍ଘ ତିନିମାସ ଧରି ରାଗିଂ କରାଯାଇଥିଲା। ତାହା ଅସହ୍ୟ ହେବାରୁ ଗତ ଅକ୍ଟୋବର ୩୦ରେ ଘରେ ଜଣାଇବା ସହିତ ପରିବାର ସଦସ୍ୟଙ୍କ ସହ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ଏପରିକି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ପୀଡ଼ିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଘଟଣାକୁ ଚାପିବାକୁ ଉଦ୍ୟମ କରାଗଲା। ପୋଲିସ ଜୋର ଜବରଦସ୍ତ ହଷ୍ଟେଲରେ ଥିବା ଜିନିଷ ପତ୍ର ଦେଇ ତାଙ୍କୁ ବିଦା କରିଦେଲା। କଲେଜ କର୍ତ୍ତୃପକ୍ଷ, ପୋଲିସ ଏବଂ ଗଣଶିକ୍ଷା ମନ୍ତ୍ରୀ ମିଳିତ ଭାବରେ ଷଡ଼ଯନ୍ତ୍ର କରୁଥିବା ସେ ଓ ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ସବୁଠାରୁ ସମ୍ବେଦନଶୀଳ କଥା ହେଲା, ପୀଡ଼ିତା ଛାତ୍ରୀ ନ୍ୟାୟ ପାଇଁ ଶେଷରେ ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି ଜଣାଇଛନ୍ତି। 'ମୋତେ ପାଠ ପଢ଼ିବାକୁ ଦିଅ' ବୋଲି ସେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

ନିକଟରେ ବ୍ରହ୍ମପୁରରେ ଏକ ଘରୋଇ ଶିକ୍ଷାନୁଷ୍ଠାନର ଷଷ୍ଠ ଶ୍ରେଣୀର ଛାତ୍ର ରାଗିଂ ଶିକାର ହୋଇଥିଲେ। ସିନିୟର ଛାତ୍ରମାନେ ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ କରିବା ପରେ ୮ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ସେହିପରି ବ୍ରହ୍ମପୁରର ଏକ ପୁରାତନ ମହାବିଦ୍ୟାଳୟରେ ଜଣେ ଯୁକ୍ତ୨ ଛାତ୍ରୀଙ୍କୁ ସିନିୟର ଛାତ୍ରୀଛାତ୍ର ରାଗିଂ କରିବା ସହ ଅସଦାଚରଣ କରୁଥିବାର ଭିଡିଓ ଭାଇରାଲ ହୋଇଥିଲା। ଏହାକୁ ନେଇ ସବୁ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଘଟଣାକୁ ପୋଲିସ ଗୁରୁତ୍ୱର ସହ ନେଇ ନିଜ ଆଡୁ ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରିଥିଲା। ଏହାପରେ ରାଗିଂ ସୁଯୋଗ ଦେଇ ଆସୁଥିବା କଲେଜ କର୍ତ୍ତୃପକ୍ଷ ଦୋଷଛଡ଼ା ହେବାକୁ ସମ୍ପୃକ୍ତ ୧୨ଜଣ ଛାତ୍ରୀଛାତ୍ରଙ୍କୁ କଲେଜରୁ ବିଦା କରିଛନ୍ତି। ଏପରି କି ଶନିବାର ଗଞ୍ଜାମ ଜିଲା ଖଲ୍ଲିକୋଟର ଏକ ଘରୋଇ କଲେଜରେ ଚାନ୍ଦା ଆଦାୟକୁ କେନ୍ଦ୍ରକରି ଜଣେ ଜୁନିୟର ଛାତ୍ରକୁ ରାଗିଂ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ କଲେଜରେ ଶୃଙ୍ଖଳା କମିଟି ବୈଠକ ବସିଥିଲେ ମଧ୍ୟ କୌଣସି ସମାଧାନ ନ ବାହାରି ପାରି ନ ଥିଲା।

ଏ ସମ୍ପର୍କରେ ଉତ୍କଳ ଷ୍ଟୁଡେଣ୍ଟସ ଆସୋସିଏଶନ ଅଧ୍ୟକ୍ଷ ସୌମ୍ୟରଞ୍ଜନ ସାମଲ କହିଛନ୍ତି, ରାଗିଂମୁକ୍ତ କ୍ୟାମ୍ପସ କେବଳ ସରକାରଙ୍କ ଏକ ନାରା। ପ୍ରକୃତପକ୍ଷେ ଏହା କାର୍ଯ୍ୟକାରୀ ହେଉନାହିଁ। ରାଗିଂ ରୋକିବାକୁ ଯେଉଁ ଟଙ୍କା ଆସୁଛି ତାହା ଅନ୍ୟତ୍ର ଖର୍ଚ୍ଚ ହେଉଛି। କୌଣସି ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉ ନାହିଁ। ଯେଉଁ କମିଟି ହେଉଛି ସେଥିରେ କାହାକୁ ରଖାଯାଉଛି, ତାହା ସମସ୍ତେ ଜାଣିବା ଉଚିତ। ଅଧିକାଂଶ କ୍ଷେତ୍ରରେ ଦେଖାଯାଇଛି ଯେଉଁ ଛାତ୍ରୀଛାତ୍ରମାନେ କଲେଜରେ ଦବ୍‌ଦବା ଦେଖାଇଥାନ୍ତି, ସେମାନେ ହିଁ ରାଗିଂରେ ସମ୍ପୃକ୍ତ ରହୁଛନ୍ତି। ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି, ରାଗିଂ ବିରୋଧରେ ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ମଧ୍ୟ ନିର୍ଦ୍ଦିଷ୍ଟ ଆଇନ ପ୍ରଣୟନ କରିବା ପାଇଁ ଗତ ଜୁଲାଇରେ ଆମେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା କରିଛୁ। କିନ୍ତୁ ଏଯାଏ ତା'ର କିଛି ଶୁଣାଣି ହୋଇନାହିଁ। ଡିସେମ୍ବରରେ ଏହାର ସ୍ୱତନ୍ତ୍ର ଶୁଣାଣି କରିବା ପାଇଁ ଆମେ ଅପିଲ କରିବୁ। ତେବେ ବ୍ରହ୍ମପୁର ଘଟଣାରେ ଦୋଷୀ ଛାତ୍ରୀଛାତ୍ରଙ୍କ ବିରୋଧରେ ଯେଉଁଭଳି ଭାବେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ତାହା ସ୍ୱାଗତଯୋଗ୍ୟ। ଏହିଭଳି କାର୍ଯ୍ୟାନୁଷ୍ଠାନ କରାଗଲେ ଅନ୍ୟ ଛାତ୍ରୀଛାତ୍ରଙ୍କ ମନରେ ଭୟ ରହିବ ବୋଲି ବାସୁଦେବ କହିଛନ୍ତି। ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ମିଶ୍ର କହିଛନ୍ତି, ରୁଚିକା ଆତ୍ମହତ୍ୟା ମାମଲାରେ କମିଶନରେଟ ପୋଲିସ ତଦନ୍ତ କରୁଛି। ଏହି ତଦନ୍ତରେ କଲେଜ ପକ୍ଷରୁ ସମସ୍ତ ସହଯୋଗ କରାଯାଇଥିଲା। ଅନ୍ୟପକ୍ଷରେ କଲେଜରେ ଆଣ୍ଟି ରାଗିଂ ସେଲ୍ ମଧ୍ୟ ଠିକ ଭାବେ କାର୍ଯ୍ୟ କରୁଛି। ମଝିରେ ମଝିରେ ୱାର୍କଶପ୍ କରାଯାଇ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଉଛି। ନିକଟରେ ପରାମର୍ଶ ଦେବା ପାଇଁ ପୋଲିସ କମିଶନରଙ୍କୁ ମଧ୍ୟ ଡକାଯାଇଥିଲା। ପିଲାମାନେ ରାଗିଂ ସଂକ୍ରାନ୍ତରେ ସମ୍ପୂର୍ଣ୍ଣ ସଚେତନ ଥିବା ଅଧ୍ୟକ୍ଷ ନିରଞ୍ଜନ କହିଛନ୍ତି। ତେବେ ଏ ସମ୍ପର୍କରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ପଦ୍ମପୁରରେ ୭୫.୮୯%...

୮୦.୫% ମତଦାନ ହୋଇଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ସୂଚନା ଦେଇଛନ୍ତି। ଉପନିର୍ବାଚନରେ ମତଦାନ ପାଇଁ ଭୋଟରଙ୍କ ବିଶେଷ ଆଗ୍ରହ ପରିଲକ୍ଷିତ ହୋଇଛି। ଯୁବ, ମହିଳାଙ୍କଠାରୁ ବୟସ୍କ, ଦିବ୍ୟାଙ୍ଗ ଭୋଟରମାନେ ସକାଳୁ ମତଦାନ କରିବାକୁ ବୁଥ୍‌ରେ ପହଞ୍ଚିଥିଲେ। ସେମାନେ ଲମ୍ବା ଧାଡ଼ିରେ ବୁଥ୍ ଆଗରେ ଛିଡ଼ା ହୋଇଥିଲେ ଏବଂ କ୍ରମାନ୍ୱୟରେ ବୁଥ୍ ଭିତରକୁ ଯାଇ ମତାଧିକାର ସାବ୍ୟସ୍ତ କରିଥିଲେ। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମୋନିଷା ବାନାର୍ଜୀ, ଏସ୍‌ପି ସ୍ମିତ୍ ପି. ପରମାର୍ ବିଭିନ୍ନ ବୁଥ୍ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ସାଧାରଣ ପର୍ଯ୍ୟବେକ୍ଷକ ମାନବେନ୍ଦ୍ର ପ୍ରତାପ ସିଂ ଏବଂ ଅଧିକାରୀମାନେ ମଧ୍ୟ ବୁଥ୍ ପରିଦର୍ଶନ କରିଥିଲେ। ମତଦାନ ସମୟ ଯେତିକି ଗଡ଼ି ଚାଲିଥିଲା, ବୁଥ୍ ଆଗରେ ମତଦାତାଙ୍କ ସଂଖ୍ୟା ସେଭଳି ବଢ଼ି ଚାଲିଥିଲା। ସକାଳ ୯ଟା ପର୍ଯ୍ୟନ୍ତ ନିର୍ବାଚନ ମଣ୍ଡଳୀରେ ମତଦାନ ହାର ୮.୫ ପ୍ରତିଶତ ଥିଲା। ଦିନ ୧୧ଟା ସୁଦ୍ଧା ଏହି ହାର ୨୯.୭୩କୁ ବୃଦ୍ଧି ପାଇଥିଲା। ସେହିପରି ଅପରାହ୍ନ ୧ଟା ସୁଦ୍ଧା ୪୬.୯୬, ଅପରାହ୍ନ ୩ଟା ସୁଦ୍ଧା ୬୫.୨୮ ଏବଂ ସନ୍ଧ୍ୟା ୫ଟା ସୁଦ୍ଧା ମତଦାନ ହାର ୭୫.୮୯%ରେ ପହଞ୍ଚିଥିଲା। ରାଜବୋଡ଼ାସମ୍ବର ହାଇସ୍କୁଲ (ବୁଥ୍ ନଂ–୨୦୯, ଘନାମାଳ ବୁଥ୍ ନଂ–୩୦୪)ରେ ପ୍ରାରମ୍ଭିକ ଅବସ୍ଥାରେ ଇଭିଏମ୍‌ରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। ସେଠାରେ ଇଭିଏମ୍ ପରିବର୍ତ୍ତନ ପରେ ମତଦାନ ସ୍ୱାଭାବିକ ହୋଇଥିଲା। ମତଦାନ ପ୍ରକ୍ରିୟା ସରିବା ପରେ ପୋଲିଂ ଅଧିକାରୀମାନେ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ରିସିଭିଂ ସେଣ୍ଟରରେ ଇଭିଏମ୍ ଜମା ଦେଇଥିଲେ। ସେଠାକାର ଗୋଦାମ ଗୃହରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଇଭିଏମ୍‌କୁ ରଖାଯାଇଛି। ଆସନ୍ତା ଗୁରୁବାର ପଦ୍ମପୁର ଆର୍‌ଏମ୍‌ସି ବଜାର ପ୍ରାଙ୍ଗଣରେ ଭୋଟ ଗଣତି କରାଯିବ ବୋଲି ସୂଚନା ଦିଆଯାଇଛି।

ନିର୍ବାଚନମଣ୍ଡଳୀର ମୋଟ୍ ୩୧୯ ବୁଥ୍ ମଧ୍ୟରୁ ରାଜବୋଡ଼ାସମ୍ବର (ପଦ୍ମପୁର) ବ୍ଲକର ୧୨୨, ପାଇକମାଳର ୧୧୦, ଝାରବନ୍ଧ ବ୍ଲକର ୭୪ ଏବଂ ପଦ୍ମପୁର ଏନ୍‌ଏସିର ୧୩ ଭୋଟ ଗ୍ରହଣ କେନ୍ଦ୍ରରେ ମତଦାନ ହୋଇଥିଲା। ଏଥିମଧ୍ୟରେ ୬ ଗୋଲାପୀ(ପିଙ୍କ୍) ଏବଂ ୧୫ ଆଦର୍ଶ (ମଡ଼େଲ) ବୁଥ୍ ରହିଥିଲା। ଆଦର୍ଶ ଓ ଗୋଲାପୀ ଭୋଟ ଗ୍ରହଣ କେନ୍ଦ୍ର ସୁନ୍ଦର ଭାବେ ସଜ୍ଜିତ ହୋଇଥିବାବେଳେ ଭୋଟରଙ୍କୁ ସ୍ୱାଗତ କରାଯାଇଥିଲା। ପିଙ୍କ୍ ବୁଥ୍‌ରେ କେବଳ ମହିଳା ପୋଲିଂ କର୍ମଚାରୀ ରହିଥିଲେ। ସେହିପରି ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରଙ୍କ ସହାୟତାରେ ଦିବ୍ୟାଙ୍ଗ ଏବଂ ବୟସ୍କ ଭୋଟରମାନେ ଅଟୋ, ହ୍ୱିଲ ଚେୟାର ଯୋଗେ ଆସି ମତାଧିକାର ସାବ୍ୟସ୍ତ କରିଥିଲେ। ରାଜ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନକହିଛନ୍ତି ଯେ, ଦୃଷ୍ଟିବାଧିତଙ୍କ ମତଦାନ ପାଇଁ ସ୍ୱତନ୍ତ୍ର ବ୍ରେଲି ବାଲଟ୍ ବ୍ୟବସ୍ଥା କରାଯାଇଥିଲା। ଭୋଟ ଦେବା ପାଇଁ ଦିବ୍ୟାଙ୍ଗମାନଙ୍କୁ ଘରୁ ଆଣି ଓ ଛାଡ଼ିବା ପାଇଁ ସ୍ୱତନ୍ତ୍ର ଗାଡ଼ି ବ୍ୟବସ୍ଥା କରାଯାଇଥିଲା। ପ୍ରତ୍ୟେକ ବୁଥ୍ ପାଇଁ ୪ ଜଣ ଲେଖାଏ ପୋଲିଂ ଅଧିକାରୀଙ୍କୁ ମିଶାଇ ନିର୍ବାଚନମଣ୍ଡଳୀରେ ମୋଟ ୧୨୭୬ ଜଣ କର୍ମଚାରୀ ନିୟୋଜିତ ଥିଲେ। ନିର୍ବାଚନମଣ୍ଡଳୀରେ ୭୯ଟି ଅତିସମ୍ବେଦନଶୀଳ ବୁଥ୍ ଚିହ୍ନଟ ହୋଇଥିବା ବେଳେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସେହିପରି ୧୨୦ଟି ସମ୍ବେଦନଶୀଳ ବୁଥ୍‌ରେ ୱେବ୍‌କାଷ୍ଟିଂ ଓ ୬୬ଟି ବୁଥ୍‌ରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଥିଲା। ୯୧ ଜଣ କେନ୍ଦ୍ରୀୟ ମାଇକ୍ରୋ ଅବଜର୍ଭର ନିୟୋଜିତ ଥିଲେ। ବରଗଡ଼ ଜିଲା ମାଓବାଦୀପ୍ରବଣ ହୋଇଥିବାରୁ ୧୪୧୩ ପୋଲିସ ଅଧିକାରୀଙ୍କ ସମେତ ୯ କମ୍ପାନୀ ସଶସ୍ତ୍ର କେନ୍ଦ୍ରୀୟ ପୋଲିସ ବାହିନୀଙ୍କୁ ମୁତୟନ କରାଯାଇଥିଲା। ୭୪ଟି ନକ୍ସଲପ୍ରବଣ ବୁଥ୍‌ରେ ୧୫ଟି ଆଣ୍ଟି ନକ୍ସଲ ସ୍କ୍ୱାଡ୍ ରହିଛନ୍ତି। ୧୧୨ଟି ବୁଥ୍‌ରେ ସ୍ୱତନ୍ତ୍ର ସଶସ୍ତ୍ର ବାହିନୀ ମୁତୟନ କରାଯାଇଥିଲା। ଏହା ସହିତ ୪୫ଟି ମୋବାଇଲ୍ ଟିମ୍ ମଧ୍ୟ ମୁତୟନ ହୋଇଥିଲା।

## 'ହକି ବିଶ୍ୱକପ୍...

ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ଇଣ୍ଡିଆର ମହାସଚିବ ଭୋଲାନାଥ ସିଂ, ରାଜ୍ୟ କ୍ରୀଡ଼ା ସଚିବ ତଥା କମିଶନର ଆର୍. ଭିନିଲ କ୍ରିଷ୍ଣା, ହକି ଇଣ୍ଡିଆ କାର୍ଯ୍ୟକାରୀ ନିର୍ଦ୍ଦେଶକ ଆର୍.କେ. ଶ୍ରୀବାସ୍ତବ, ଅନ୍ୟ କର୍ମକର୍ତ୍ତା ଓ ହକି ଖେଳାଳିମାନେ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ହକି ବିଶ୍ୱକପ୍ ଟ୍ରଫି ୧୩ ରାଜ୍ୟ ଓ ୧ କେନ୍ଦ୍ରଶାସିତ ଅଞ୍ଚଳ ଭ୍ରମଣ କରିବାପରେ ଡିସେମ୍ବର ୨୫ରେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବ। ଆଗାମୀ ୨୧ ଦିନ ମଧ୍ୟରେ ଏହା ପଶ୍ଚିମବଙ୍ଗ, ମଣିପୁର, ଆସାମ, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ, ପଞ୍ଜାବ, ହରିୟାଣା, ନୂଆଦିଲ୍ଲୀ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, କେରଳ, କର୍ଣ୍ଣାଟକ ଓ ଛତିଶଗଡ଼ ଆଦି ରାଜ୍ୟ ଭ୍ରମଣ କରିବା କାର୍ଯ୍ୟକ୍ରମ ରହିଛି। ଏହାପରେ ଓଡ଼ିଶାର ସମସ୍ତ ଜିଲାରେ ଏହି ଟ୍ରଫି ଟୁର୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ହକିର ଅନ୍ତୁଡ଼ିଶାଳ କୁହାଯାଉଥିବା ସୁନ୍ଦରଗଡ଼ ଜିଲାର ୧୭ଟି ବ୍ଲକରେ ଏହି ଟ୍ରଫି ଭ୍ରମଣ କରିବ। ଟୁର୍‌ର ଶେଷ ଚରଣ ରାଉରକେଲାରେ ହେବାପରେ ଟ୍ରଫି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମକୁ ଫେରିବ। ସେଠାରେ ଜାନୁୟାରୀ ୨୯ରେ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରକାଶଯୋଗ୍ୟ, ପୂର୍ବରୁ ଭୁବନେଶ୍ୱରରେ ୨୦୧୮ରେ ହକି ବିଶ୍ୱକପ୍ ସଫଳତାର ସହ ସମ୍ପନ୍ନ ହୋଇଥିଲା।

## କୋଭିଡ୍ ଭୂତାଣୁ...

ଏକାଧିକ କରୋନା ଭୂତାଣୁ ଉପରେ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଗବେଷଣା ଚାଲିଥିଲା। ଏନ୍‌ଆଇଏ ହେଉଛି ଆମେରିକା ସରକାରଙ୍କ ଏକ ପ୍ରାଥମିକ ସଂସ୍ଥା ଯାହା ବାୟୋମେଡିକାଲ ଏବଂ ଜନସ୍ୱାସ୍ଥ୍ୟ ଗବେଷଣାରେ ସମ୍ପୃକ୍ତ। ଏହି ସଂସ୍ଥାର ଉହାନ ଲାବ୍ ସହ ଚୁକ୍ତିନାମା ହୋଇଥିଲା। ଅନ୍ୟ ପ୍ରଜାତିଙ୍କ ଉପରେ ଆକ୍ରମଣ ପାଇଁ ବାଦୁଡ଼ିରୁ କରୋନା ଭୂତାଣୁ ପ୍ରସ୍ତୁତ କରାଯାଇଥିଲା। ଏ ସମ୍ପର୍କରେ ଚାଇନା ପ୍ରଥମ ଦିନରୁ ଜାଣିଥିଲା ବୋଲି ହଫ୍ ଲେଖିଛନ୍ତି। ଏହି ବିପଜ୍ଜନକ ବାୟୋଟେକ୍‌ନୋଲୋଜି ଚାଇନାକୁ ହସ୍ତାନ୍ତର କରାଇବାରେ ଆମେରିକା ସରକାର ଦାୟୀ। ସେ ଯାହା ଦେଖିଛନ୍ତି, ଚାଇନାକୁ ଜୈବଅସ୍ତ୍ର ପ୍ରଯୁକ୍ତି ହସ୍ତାନ୍ତର କରାଯାଇଥିବା ହଫ୍ ଆଶଙ୍କା ବ୍ୟକ୍ତ କରିଛନ୍ତି।

## ଗୁଜରାଟରେ ଭାଜପା...

୧୯ ଜିଲାର ୮୯ ଆସନରେ ୬୩.୧୪% ଭୋଟ ଗ୍ରହଣ କରାଯାଇଥିଲା। ରବିବାର ୧୪ ଜିଲାର ୯୩ ଆସନରେ ଅନୁଷ୍ଠିତ ନିର୍ବାଚନରେ ୫୮.୬୮% ମତଦାନ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୭୮୮ ଓ ଦ୍ୱିତୀୟ ପର୍ଯ୍ୟାୟରେ ୮୩୩ ପ୍ରାର୍ଥୀ ମଇଦାନରେ ଥିଲେ। ଭାଜପା ଏବଂ ଏଏପି ସମସ୍ତ ଆସନରେ ଲଢ଼ିଥିବାବେଳେ କଂଗ୍ରେସ ୯୦ ଓ ଏହାର ସହଯୋଗୀ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ୨ଟି ଆସନରେ ପ୍ରାର୍ଥୀ ଦେଇଥିଲା। ସୋମବାର ମତଦାନ ଶେଷ ହେବା ପରେ ବିଭିନ୍ନ ସର୍ବେକ୍ଷଣ ସଂସ୍ଥା ବୁଥ୍‌ବାହୁଡ଼ା ଭୋଟରଙ୍କ ମତ ସଂଗ୍ରହ କରିଥିଲେ। ତଦନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ରାଜ୍ୟରେ ଭାଜପା ୧୧୭–୧୪୦ ଆସନ ଦଖଲ କରି ପୁଣି ସରକାର ଗଢ଼ିବ ବୋଲି ନ୍ୟୁଜ୍ ଏକ୍ସ ଆକଳନ କରିଛି। ନ୍ୟୁଜ୍ ଏକ୍ସ ମତରେ, ବିରୋଧୀ କଂଗ୍ରେସ ଏବଂ ଏନ୍‌ସିପିକୁ ୩୪ରୁ ୫୧ ଏବଂ ଏଏପିକୁ ୬–୧୩ ଆସନରେ ସଫଳତା ମିଳିପାରେ। ସେହିପରି ଟିଭି୯ ଗୁଜରାଟୀର ଅନୁମାନ ହେଲା ଭାଜପା ୧୨୫–୧୩୦, କଂଗ୍ରେସ+ଏନ୍‌ସିପି ୪୦–୫୦ ଏବଂ ଏଏପି ୩–୫ ଆସନ ଅକ୍ତିଆର କରିବ। ସେହିପର ଜନ୍ କୀ ବାତ୍ ଭାଜପାକୁ ୧୨୯, କଂଗ୍ରେସକୁ ୪୩ ଏବଂ ଏଏପିକୁ ୧୦ ଆସନ ଦେଇଛି। ଟିଭି୯ର ପୂର୍ବାନୁମାନ ହେଉଛି ଗୁଜରାଟରେ ଭାଜପା ୧୨୮, କଂଗ୍ରେସ ୪୫, ଏଏପି ୪ ଏବଂ ଅନ୍ୟ ଦଳର ପ୍ରାର୍ଥୀ ୫ ଆସନରେ ବିଜୟୀ ହେବେ। ପିଏମ୍‌ଏଆର୍‌କ୍ୟୁ ଅନୁସାରେ ଭାଜପା ୧୩୮, କଂଗ୍ରେସ ୩୬, ଏଏପି ୬ ଏବଂ ଅନ୍ୟମାନେ ୨ଟି ଆସନରେ ଜିତିବେ।

ଭାଜପା ଶାସିତ ହିମାଚଳ ପ୍ରଦେଶରେ ଗୈରିକ ଦଳ ଓ କଂଗ୍ରେସ ମଧ୍ୟରେ କଡ଼ା ମୁକାବିଲା ହୋଇଥିବା ଅନୁମାନ କରାଯାଉଛି। ନଭେମ୍ବର ୧୨ରେ ରାଜ୍ୟ ବିଧାନସଭାର ୬୮ ଆସନ ପାଇଁ ଅନୁଷ୍ଠିତ ନିର୍ବାଚନରେ ୬୬% ମତଦାନ ହୋଇଥିଲା। ହିମାଚଳରେ ସରକାର ଗଠନ ପାଇଁ କୁହୁକ ସଂଖ୍ୟା ହେଉଛି ୩୫। ଏହି ରାଜ୍ୟରେ ଭାଜପା ପୁନର୍ବାର ସରକାର ଗଢ଼ିବାକୁ ସବୁ ପ୍ରକାର ଉଦ୍ୟମ କରିଥିବାବେଳେ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁରଙ୍କ ହାତରୁ କ୍ଷମତା ଛଡ଼ାଇନେବାକୁ ବିରୋଧୀ କଂଗ୍ରେସ ଅଣ୍ଟା ଭିଡ଼ିଥିଲା। ଏହାସତ୍ତ୍ୱେ କଂଗ୍ରେସର ସରକାର ଗଠନ ସ୍ୱପ୍ନ ସାକାର ହୋଇ ନ ପାରେ। ଶାସକ ଦଳ ୩୨–୪୦ ଓ ବିରୋଧୀ କଂଗ୍ରେସ ୨୭–୩୪ ଆସନ ପାଇପାରେ ବୋଲି ନ୍ୟୁଜ୍ ଏକ୍ସ ଆକଳନ କରିଛି। ରିପବ୍ଲିକ୍ ଟିଭି–ପି ଏମ୍‌ଏଆର୍‌କ୍ୟୁର ଅନୁମାନ ହେଉଛି, ଭାଜପା ୩୪ରୁ ୩୯ ଆସନ ଦଖଲ କରି ପୁଣିଥରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବ। କଂଗ୍ରେସ ୨୮ରୁ ୩୩ ଆସନ ମଧ୍ୟରେ ସୀମିତ ରହିପାରେ ଏବଂ ଏଏପି କେବଳ ଖାତା ଖୋଲିପାରେ। ଟାଇମ୍ସ ନାଓ–ଇଟିଜି ମତରେ ଭାଜପା ୩୮ ଓ କଂଗ୍ରେସ ୨୮ ଆସନରେ ସଫଳତା ପାଇବ। ସ୍ୱାଧୀନ ଓ ଅନ୍ୟ ଦଳକୁ ୨ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିବ। ଆକ୍‌ସିସ୍–ମାଇଁ ଇଣ୍ଡିଆର ଆକଳନ ଅନୁସାରେ ଭାଜପା ୨୪–୩୪, କଂଗ୍ରେସ ୩୦–୪୦ ଓ ଅନ୍ୟ ଦଳକୁ ୪–୮ ଆସନରେ ସଫଳତା ମିଳିପାରେ। ବିଏଆର୍‌ସିର ହିସାବ ହେଉଛି ହିମାଚଳରେ ଭାଜପା ୩୫ରୁ ୪୦ ଆସନ ଦଖଲ କରି ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ପୁଣି ଉଭା ହେବ। କଂଗ୍ରେସ ୨୦–୨୫, ଏଏପି ୦–୩ ଓ ଅନ୍ୟମାନେ ୧ରୁ ୫ ଆସନରେ ସଫଳତା ପାଇପାରନ୍ତି। ଜନ୍ କୀ ବାତ୍‌ର ଭବିଷ୍ୟବାଣୀ ହେଲା ଭାଜପା ୩୭, କଂଗ୍ରେସ ୨୯ ଓ ଅନ୍ୟ ଦଳକୁ ୨ ଆସନ ମିଳିପାରେ।

ପ୍ରକାଶ ଯେ, ଓଡ଼ିଶାର ପଦ୍ମପୁର ସମେତ ରାଜସ୍ଥାନର ସର୍ଦ୍ଦାରସହର, ବିହାରର କୁରହାନି, ଉତ୍ତର ପ୍ରଦେଶର ରାମପୁର ଓ ଖଟୌଲି ବିଧାନସଭା ପାଇଁ ସୋମବାର ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେହିପରି ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ମୁଲାୟମ୍ ସିଂଙ୍କ ପରଲୋକ ପରେ ଯୁପିର ମୈନପୁରୀ ଲୋକ ସଭା ଆସନରେ ମଧ୍ୟ ମତଦାନ ହୋଇଛି। ଗୁଜରାଟ, ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ଏବଂ ଏହି ଉପନିର୍ବାଚନଗୁଡ଼ିକର ଫଳାଫଳ ଆସନ୍ତା ଗୁରୁବାର ଭୋଟ ଗଣତି ପରେ ପ୍ରକାଶ ପାଇବ।

## ବଙ୍ଗୋପସାଗରରେ ଭୂକମ୍ପ...

ତେବେ ଫଲ୍ଟ ଲାଇନ୍ ଥିବାରୁ ଏଥିରେ ସାମାନ୍ୟ ବିଚ୍ୟୁତି ଯୋଗୁ ଭୂକମ୍ପ ଅନୁଭୂତ ହେଉଥିବା ଆଇଆଇଟି ଭୁବନେଶ୍ୱରର ସ୍କୁଲ୍ ଅଫ୍ ଆର୍ଥ, ଓସନ ଆଣ୍ଡ କ୍ଲାଇମେଟ୍ ସାଇନ୍ସର ଆସୋସିଏଟ୍ ପ୍ରଫେସର ସନ୍ଦିପ୍ ପଟ୍ଟନାୟକ କହିଛନ୍ତି।



୧୨ ଦଫା ଦାବିରେ ଆଶା କର୍ମୀ ୟୁନିୟନ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ସୋମବାର ବିକ୍ଷୋଭ ପ୍ରଦର୍ଶନ। (ଫଟୋ: ମନୋରଞ୍ଜନ)

# ସଚିବାଳୟ ଘେରିଲେ ଆଶାକର୍ମୀ

**ଭୁବନେଶ୍ୱର,୫।୧୨(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ଉଦାସୀନତାର ପ୍ରତିବାଦ ସହ ବିଭିନ୍ନ ଦାବି ନେଇ ଆଶାକର୍ମୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆଶାକର୍ମୀ ୟୁନିଅନ ସଂଯୁକ୍ତ ମୋର୍ଚ୍ଚାର ଆହ୍ୱାନକ୍ରମେ ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ଓ ପଶ୍ଚିମ ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ହଜାର ହଜାର ଆଶାକର୍ମୀ ସୋମବାର ସଚିବାଳୟ ଘେରାଉ କରିଥିଲେ। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଗ୍ରାମାଞ୍ଚଳରେ ମା' ଓ ଶିଶୁର ବିକାଶ ସହିତ ନିରାପଦ ମାତୃତ୍ୱ ଓ ଅନ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟରେ ଆଶା କର୍ମୀମାନେ ନିୟୋଜିତ ଅଛନ୍ତି। ଓଡ଼ିଶା ଭଳି ଏକ ଅନଗ୍ରସର, ପାହାଡ଼ ପର୍ବତ ଘେରା ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଆଶାକର୍ମୀ କେବେ ହେଳା କରି ନ ଥିବାବେଳେ ସେମାନଙ୍କୁ ଆବଶ୍ୟକ ସୁବିଧାସୁଯୋଗ ପ୍ରଦାନରେ ରାଜ୍ୟ ସରକାର ଉଦାସୀନ ମନୋଭାବ ପୋଷଣ କରିଥିବା ସେମାନେ ଅଭିଯୋଗ କରିଥିଲେ। ଏଥିସହ ଆଶାକର୍ମୀଙ୍କୁ ୱାର୍କର ମାନ୍ୟତା, ସର୍ବନିମ୍ନ ପେନସନ୍, ସାମାଜିକ ନିରାପତ୍ତା, ସମସ୍ତ ପ୍ରୋତ୍ସାହନ ରାଶିକୁ ମିଶାଇ ମାସିକ ୨୧ ହଜାର ଟଙ୍କା ଭତ୍ତା ପ୍ରଦାନ, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ଓ ଅନ୍ୟାନ୍ୟ ଯୋଜନାର ଦେୟ ବା ପ୍ରିମିୟମ ଆଶାକର୍ମୀଙ୍କ ଜମାଖାତାରୁ ନ କାଟି ସରକାର ପ୍ରଦାନ କରିବା, ଅବସର ବୟସ ସୀମା ୬୫ ବର୍ଷକୁ ଓ ଅବସର ସହାୟତା ରାଶି ୫ ଲକ୍ଷ ଟଙ୍କାକୁ ବୃଦ୍ଧି, ଜନନୀ ସୁରକ୍ଷା ଯୋଜନାର ଅନୁଦାନ ବୃଦ୍ଧି ସହ ବେସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସନ୍ତାନ ଜନ୍ମହେଲେ ସହାୟତା ରାଶି ପ୍ରଦାନ, ୧୦ ବର୍ଷର ଅଭିଜ୍ଞତା ଥିବା ଆଶାକର୍ମୀଙ୍କୁ ଏଏନ୍‌ଏମ୍ ପଦୋନ୍ନତି, ୫ ବର୍ଷ ଅଭିଜ୍ଞତା ଥିବା ଆଶାକର୍ମୀଙ୍କ ନର୍ସିଂ ସ୍କୁଲ କଲେଜରେ ତାଲିମ ପାଇଁ ସ୍ଥାନ ସଂରକ୍ଷଣ ଓ ଅନ୍ୟାନ୍ୟ ଦାବିରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ତଥା ନିଖିଳ ଓଡ଼ିଶା ଆଶାକର୍ମୀ ସଂଘର ରାଜ୍ୟ ସଭାପତି ବିଜୟ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଏନ୍‌ଏଫ୍‌ଆଇଟିୟୁ ରାଜ୍ୟ ଆବାହକ ତଥା ପଶ୍ଚିମ ଓଡ଼ିଶା ଆଶାକର୍ମୀ ସଂଘ ସଭାପତି ପ୍ରଶାନ୍ତ ପାଢ଼ୀ, ନିଖିଳ ଓଡ଼ିଶା ଆଶାକର୍ମୀ ସଂଘର ରାଜ୍ୟ ସାଧାରଣ ସମ୍ପାଦିକା ନମିତା ସାହୁ, ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କ ଏକ ପ୍ରତିନିଧି ଦଳ ସ୍ୱାସ୍ଥ୍ୟ ଉପନିର୍ଦ୍ଦେଶକ ଅରୁଣ କୁମାର ବିଶ୍ୱାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବଜେଟ୍ ଅଧିବେଶନ ପୂର୍ବରୁ ଦାବି ପୂରଣ ନ ହେଲେ ଆଶାକର୍ମୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଧାନସଭା ଘେରିବାକୁ ବାଧ ହେବେ ବୋଲି ଆଶାକର୍ମୀ ୟୁନିୟନ୍ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଚେତାବନୀ ଦିଆଯାଇଛି।

# ୧୫ ଦିନରେ ଅଙ୍ଗନୱାଡି କର୍ମୀଙ୍କ ଆନ୍ଦୋଳନ

**ଭୁବନେଶ୍ୱର,୫।୧୨(ବ୍ୟୁରୋ)**

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡ଼ିଜ୍ ୱାର୍କର୍ସ ଆସୋସିଏଶନର ଆହ୍ୱାନକ୍ରମେ ୮ ଦଫା ଦାବି ନେଇ ଅଙ୍ଗନୱାଡ଼ି କର୍ମଚାରୀଙ୍କ ରାଜ୍ୟବ୍ୟାପୀ ଆନ୍ଦୋଳନ ୧୫ ଦିନରେ ପହଞ୍ଚିଛି। ସୋମବାର ଢେଙ୍କାନାଳ ଜିଲାର ଅଙ୍ଗନୱାଡି କର୍ମୀ, ମିନି ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ବିଭିନ୍ନ ବ୍ଲକରୁ ଆସି ବିଧାନସଭା ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କ ବିଭିନ୍ନ ସମସ୍ୟା ଉପରେ ସରକାର ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଢେଙ୍କାନାଳ ଜିଲା ସଭାନେତ୍ରୀ ପଙ୍କଜିନୀ ଦାଶ କହିଛନ୍ତି। ଯଦି ସରକାର ଅଙ୍ଗନୱାଡ଼ି କର୍ମୀଙ୍କ ପ୍ରତି ଉଦାସୀନ ରୁହନ୍ତି, ତେବେ ଭବିଷ୍ୟତରେ ଏହି ଆନ୍ଦୋଳନକୁ ବ୍ୟାପକ କରାଯାଇ ମହିଳା ଓ ଶିଶୁ ବିକାଶ ବିଭାଗକୁ ଏକ ପ୍ରକାର ଅଚଳ କରିଦିଆଯିବ ବୋଲି ରାଜ୍ୟ ସଭାନେତ୍ରୀ ସୁମିତ୍ରା ମହାପାତ୍ର, ସାଧାରଣ ସମ୍ପାଦିକା ଖୁନୁପମା ଶତପଥୀ, ଅଖିଳ ଭାରତୀୟ ସଂଗଠନ ସମ୍ପାଦିକା ଅଞ୍ଜଳି ପଟେଲ ପ୍ରମୁଖ ଚେତାବନୀ ଦେଇଛନ୍ତି।

ଅଙ୍ଗନୱାଡି କର୍ମୀଙ୍କ ଦାବି ମଧ୍ୟରେ ସରକାରୀ ମାନ୍ୟତା, ଆନ୍ଦୋଳନ ସମୟରେ ବହିଷ୍କୃତ ହୋଇଥିବା ୬ ଅଙ୍ଗନୱାଡି କର୍ମୀଙ୍କୁ ପୁନଃ ନିଯୁକ୍ତି, ସରକାରୀ କର୍ମଚାରୀ ମାନ୍ୟତା ନ ମିଳିବା ଯାଏ ଅଙ୍ଗନୱାଡି କର୍ମୀଙ୍କୁ ମାସିକ ବେତନ ୧୮ହଜାର ଟଙ୍କା ଏବଂ ସହାୟିକାଙ୍କୁ ୯ ହଜାର ଟଙ୍କା ସହ ଇପିଏଫ୍, ଇଏସ୍‌ଆଇସି ଓ ଗ୍ରାଚୁଇଟି ସୁବିଧା ପ୍ରଦାନ, ମିନି ଅଙ୍ଗନୱାଡି କର୍ମୀ ପଦବୀ ଉଚ୍ଛେଦ କରି ମୁଖ୍ୟ ଅଙ୍ଗନୱାଡ଼ି କର୍ମୀର ମାନ୍ୟତା, ଅବସରକାଳୀନ ସହାୟତା ରାଶି ୫ ଲକ୍ଷ ଟଙ୍କା ଓ ପେନ୍‌ସନ ମାସିକ ୫ ହଜାର ଟଙ୍କା ପ୍ରଦାନ, ୫ ଲକ୍ଷ ଟଙ୍କା ମୃତ୍ୟୁକାଳୀନ ସହାୟତା ଦେବା ସହିତ ମୃତକଙ୍କ ପରିବାରରୁ ଜଣକୁ ଚାକିରି, ଗ୍ରୀଷ୍ମ ଛୁଟି ପ୍ରଦାନ, ନୂତନ ଶିକ୍ଷାନୀତିରେ ଅଭିଜ୍ଞତା ଓ ଯୋଗ୍ୟତା ଆଧାରରେ ବୟସସୀମା ନ ରଖି ସମସ୍ତ ଅଙ୍ଗନୱାଡି କର୍ମଚାରୀଙ୍କୁ ପ୍ରି–ପ୍ରାଇମେରୀ ଶିକ୍ଷୟିତ୍ରୀର ମାନ୍ୟତା ଓ ଶତ ପ୍ରତିଶତ ସୁପର ଭାଇଜର ପଦବୀରେ ଅଙ୍ଗନୱାଡି କର୍ମୀଙ୍କୁ ପଦୋନ୍ନତି ଦେବା ଆଦି ଦାବି ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରାହୁ ଓ ଚନ୍ଦ୍ରଙ୍କ ସଂଯୋଗରେ ସାହାଯ୍ୟ ମାଗୁଥିବା ଲୋକଙ୍କଠାରୁ ଇଚ୍ଛା ପୂରଣ କରି ଆତ୍ମସନ୍ତୋଷ ଲାଭ କରିବେ। ସାହିତ୍ୟ, ସାମ୍ବାଦିକତା, ସଙ୍ଗଠନ ଓ ରାଜନୀତିରେ ସଫଳତା ହାସଲ କରିବେ। ସନ୍ତାନଙ୍କ ବୈବାହିକ କର୍ମ ପରିପ୍ରେକ୍ଷୀରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସୂଚନା ରହିଛି।

**ବୃଷ** ବକ୍ରୀ ମଙ୍ଗଳ ଦ୍ୱାରାଶିଷ୍ଟ ଯୋଗୁ ଆତ୍ମୀୟଙ୍କ ସାହାଯ୍ୟ ସହଯୋଗ ଲାଭ କରିବେ। ସହକର୍ମୀଙ୍କ ଅସହଯୋଗରୁ କେତେକ ଅପ୍ରୀତିକର ଆଶା ମନରେ ଦୁଃଖ ଦେଇପାରେ। ଆମଦାନୀ ବାଣିଜ୍ୟରେ ଉନ୍ନତି କରିବେ କିନ୍ତୁ ପରିବହନ ସମସ୍ୟା ବହୁଳ ହୋଇପାରେ। ପାରିବାରିକ କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହେବା ସୂଚନା ରହିଛି।

**ମିଥୁନ** ବୁଧ ନିଜ ରାଶିକୁ ଦେଖୁଥିବାରୁ ଆରମ୍ଭ କରିଥିବା କାର୍ଯ୍ୟ ହାସଲ ପାଇଁ ଚେଷ୍ଟିତ ହେବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବାରୁ ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି ଯାହାକି ପରିସ୍ଥିତିକୁ ସଜାଡ଼ିବାରେ ସାହାଯ୍ୟ କରିବ। ବ୍ୟବସାୟୀଙ୍କ ପାଇଁ ଦିନଟି ଭଲରେ କଟିବ ନାହିଁ।

**କର୍କଟ** ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ଓ ପାପଯୁକ୍ତ ଚନ୍ଦ୍ର କାରଣରୁ ବ୍ୟବହାରରେ ପରିବର୍ତ୍ତନ ଆଣିବା ନିତାନ୍ତ ଦରକାରୀ ମନେହେବ। ଅଜଣା ବ୍ୟକ୍ତିଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଦୂରଯାତ୍ରାରେ କାର୍ଯ୍ୟସିଦ୍ଧି ଘଟିବ ମାତ୍ର ହୁଏତ ସୁଯୋଗ ପାଇବା ସହଜ ହୋଇ ନ ପାରେ। ପାରିବାରିକ ଜୀବନରେ ଅସହିଷ୍ଣୁତା ଅଶାନ୍ତିର କାରଣ ହୋଇପାରେ।

**ସିଂହ** ରାଶି ସହ ତିନୋଟି ପାପଗ୍ରହର ସମ୍ବନ୍ଧ ହେତୁ ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଦେହ ଭଲ ରହିବ, କିନ୍ତୁ ମାନସିକ ସୁସ୍ଥତା ରହି ନ ପାରେ। ବନ୍ଧୁମାନଙ୍କୁ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଯେଉଁ ଜିନିଷଟିକୁ ପାଇବାକୁ ଆଶା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ।

**କନ୍ୟା** ଦ୍ୱିତୀୟସ୍ଥ କେତୁ ପ୍ରଭାବରୁ ସଙ୍କଟଜନକ ପରିସ୍ଥିତିରେ ପଡ଼ି କ'ଣ କରିବେ ଠିକ୍ କରି ନ ପାରିବେ ନାହିଁ। ବନ୍ଧୁଙ୍କ ଛଳନାତ୍ମକ କଥାକୁ ଠିକ୍ ଭାବେ ବୁଝିପାରିବେନି। ସାହିତ୍ୟ, ଚିତ୍ରକଳା, ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ସାମୟିକ ଭାବରେ ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ।

**ତୁଳା** ପାପଗ୍ରହଯୁକ୍ତ ସପ୍ତମଭାବ କାରଣରୁ ଯାତ୍ରା ସମୟରେ ବିଭ୍ରାନ୍ତିକର ଖବର ପାଇ ବିବ୍ରତ ହୋଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ। କଠିନଶ୍ରମଜନିତ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ କ'ଣ ହେବ ପ୍ରଶଂସା ପାଇବା କାଠିକର ପାଠହେବ।

**ବିଛା** ଗୁରୁଜନିତ ପ୍ରତିବନ୍ଧକ ଲାଗିରହିବା ହେତୁ ନୂଆ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ନ ହୋଇପାରେ। ଏହି ସମୟର ପରିସ୍ଥିତିରେ ହାତେ ମାପି ଚାଖଣ୍ଡେ ଚାଲିବା ଭଲ ହେବ। ଅର୍ଥ ସମ୍ବନ୍ଧିତ କାମରେ ଜଣେ ଜଣେ ବାଲ୍ୟବନ୍ଧୁ ସାହାଯ୍ୟ କରିବେ।

**ଧନୁ** ଆଶାନୁରୂପକ ସଫଳତା ହାସଲରେ ଜଣେ ରାଜନେତା ସାହାଯ୍ୟ କରିପାରନ୍ତି। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟକର ହେବ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ନ ରଖିଲେ ଅନୁତାପ କରିବାକୁ ପଡ଼ିପାରେ। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କରିବା ଭଲ ହେବ।

**ମକର** ଗ୍ରହମାନଙ୍କ ପ୍ରତିକୂଳତା କାରଣରୁ ମାନସିକ ସୁସ୍ଥତା ହରାଇପାରନ୍ତି। ଫାଇଲ୍ କାମ ଅଟକି ରହିଥିବା ସକାଶେ ଅନୁତାପ କରିବାକୁ ପଡ଼ିପାରେ। ଆଜିର ଯାତ୍ରାର ଲକ୍ଷ୍ୟ ପୂରଣ ହେବ ମାତ୍ର ଖର୍ଚ୍ଚ ପରିମାଣ ବୃଦ୍ଧିରୁ ଅଶାନ୍ତ ରହିପାରନ୍ତି। ଈର୍ଷା ଓ ଅସୂୟା ମନୋଭାବ ପୋଷଣକରି ଆତ୍ମୀୟସ୍ୱଜନ ଦୂରେଇଯାଇପାରନ୍ତି।

**କୁମ୍ଭ** ପୂର୍ବଭାଦ୍ରପଦ ନକ୍ଷତ୍ରର ଗତକାଲିର ଘଟଣାରେ ବିଶେଷ କିଛି ଅସୁବିଧା ହେବନାହିଁ। କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତିପୋଷଣ କଲେ ଅସୁବିଧାରେ ପଡ଼ିବେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିପାରନ୍ତି। ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନାହିଁ।

**ମୀନ** ଆଶା କରୁଥିବା ବନ୍ଧୁଙ୍କଠାରୁ ସାହାଯ୍ୟ ଓ ସହଯୋଗ ପାଇବା ଆଶା ରହିଛି। ଆଜିର ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଘରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବା ସୂଚନା ରହିଛି। ଆର୍ଥିକ ଅଭାବ ଓ ଅନଟନ କେତେକ କାମକୁ ସ୍ଥଗିତ ରଖିଦେଇପାରେ।

ଆଜି ଡିସେମ୍ବର ୬ ତାରିଖ,ଜୟୀ ରାଜଗୁରୁଙ୍କ ଶହୀଦ ଦିବସ, ଡ. ଆମ୍ବେଡ୍‌କରଙ୍କ ତିରୋଧାନ ଦିବସ, ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଜୟନ୍ତୀ, ମାର୍ଗଶିର ଶୁକ୍ଳ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ମଙ୍ଗଳବାର। ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ରାଶିନକ୍ଷତ୍ର: ସକାଳ ଘ.୦୮।୩୮ ପର୍ଯ୍ୟନ୍ତ ଦ୍ୱିଜା/ମେଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ, ଘ.୦୬।୧୧ ଗତେ, ଘ.୦୬।୫୫ ମଧ୍ୟେ, ଘ. ୦୮।୫୪ ଗତେ, ଘ.୧୧।୧୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୨୦ ଗତେ, ଘ.୦୩। ୪୧ ମଧ୍ୟେ ରାହୁକାଳ।

## ରାଜନଗରରେ ବାଲ୍ୟ ବିବାହ ଅଭିଯୋଗ

ରାଜନଗର, ୫।୧୨(ଡି.ଏନ.ଏ.)

ବାଲ୍ୟ ବିବାହ ବନ୍ଦ କରିବାକୁ ବିଭିନ୍ନ ସ୍ତରରେ ସଚେତନ କରାଯାଉଛି। ମାତ୍ର ରାଜନଗର ବ୍ଲକର ବଙ୍ଗୀୟ ଭାଷାଭାଷୀ ଅଞ୍ଚଳରେ ବାଲ୍ୟ ବିବାହ ବନ୍ଦ ହୋଇପାରୁନି। ଅଷ୍ଟମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀଙ୍କୁ ୨୨ ବର୍ଷର ଯୁବକ ବିବାହ କରିଛନ୍ତି। ନୋଟାରୀ ମାଧ୍ୟମରେ ଏହି ବିବାହ ହୋଇଥିବାବେଳେ କନିଆଙ୍କ ବୟସ ୧୯ ବର୍ଷ ଦର୍ଶାଯାଇଛି। ତେବେ ବାଲ୍ୟବିବାହ ହୋଇଥିବା ନେଇ ସୂଚନା ମିଳିବା ପରେ ଶିଶୁ ସୁରକ୍ଷା ପ୍ରୋଗ୍ରାମ ଅଧିକାରିଣୀ ସଂଯୁକ୍ତା ମିଶ୍ର, ଚାଇଲ୍ଡ ଲାଇନ୍‌ର ସ୍ମୃତିରେଖା ଚୌଧୁରୀ, ସ୍ୱାଗତିକା ସାହୁ, ଭାରପ୍ରାପ୍ତ ସିଡିପିଓ ସନ୍ଧ୍ୟାରାଣୀ ବେଉରିଆ ପ୍ରମୁଖ ବଙ୍ଗୀୟ ଅଧୁଷିତ ଅଞ୍ଚଳ କେରୁଆଁପାଳ ପଞ୍ଚାୟତର ଗିରିଆପାହିରେ ଯୁବକ ବନମାଳି ଜେନାଙ୍କ ଘରେ ପହଞ୍ଚିଥିଲେ। ବନମାଳି କନିଆଙ୍କୁ ଧରି କୋଲକାତା ପଳାଇ ଯାଇଥିବା ସେମାନେ ଜାଣିବାକୁ ପାଇଥିଲେ। ଘରେ କେବଳ ଯୁବକଙ୍କ ବୁଢି ମା' ଥିବାବେଳେ ଆଉ କେହି ନ ଥିଲେ। ଏଭଳିସ୍ଥଳେ ନାବାଳିକାଙ୍କ ପରିବାର ଲୋକେ ମଧ୍ୟ ଏହି ଟିମ୍‌କୁ ସହଯୋଗ କରି ନ ଥିଲେ। ଏ ସମ୍ପର୍କରେ ଭାରପ୍ରାପ୍ତ ସିଡିପିଓ ବେଉରିଆଙ୍କୁ ପଚାରିବାରୁ ଝିଅ ଓ ପୁଅ ଘର ଲୋକେ କେହି ଆମକୁ ସହଯୋଗ କଲେନି, ଆମେ ବିଦ୍ୟାଳୟରେ ପହଞ୍ଚି ଝିଅ ଅଷ୍ଟମ ଶ୍ରେଣୀରେ ପଢୁଥିବା ଜାଣିବାକୁ ପାଇଲୁ। ଏ ନେଇ କେବଳ ଇନକ୍ୱାରୀ ରିପୋର୍ଟ ପୋଲିସକୁ ଦେଇଛୁ ବୋଲି ବେଉରିଆ କହିଛନ୍ତି।

# ଜି୨୦ ସର୍ବଦଳୀୟ ବୈଠକରେ ନବୀନ

### ଲୋଗୋକୁ ନେଇ ଆପତ୍ତି ଉଠାଇଲେ ମମତା

ନୂଆଦିଲ୍ଲୀ,୫।୧୨

ଆସନ୍ତା ବର୍ଷ ହେବାକୁ ଥିବା ଜି୨୦ ସମିଟ୍ ଲାଗି ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରଣନୀତି ପ୍ରସ୍ତୁତି ସର୍ବଦଳୀୟ ବୈଠକରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇଛନ୍ତି। ଭାରତ ୨୦ ରାଷ୍ଟ୍ରସମୂହକୁ ନେଇ ଗଠିତ ଜି୨୦ର ଅଧ୍ୟକ୍ଷତା ଗ୍ରହଣ କରିଥିବାରୁ ଏହି ଅବସରରେ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି।

ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ରଣନୀତି ପ୍ରସ୍ତୁତି ବୈଠକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଜି୨୦ ଲୋଗୋକୁ ନେଇ ଆପତ୍ତି ଉଠାଇଛନ୍ତି। ଲୋଗୋରେ ଥିବା 'ପଦ୍ମ' ଭାଜପାର ନିର୍ବାଚନୀ ଚିହ୍ନ ହୋଇଥିବାରୁ ଏହାକୁ ହଟାଇ ଭିନ୍ନ ଏକ ଜାତୀୟ ପ୍ରତୀକ ରଖିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ବୈଠକରେ ଯୋଗଦେଇଥିବା ଅନ୍ୟ ମୁଖ୍ୟମନ୍ତ୍ରୀମାନେ ହେଲେ ପ୍ରେମ୍ ସିଂ ତମାଙ୍ଗ(ସିକିମ), ଏକନାଥ ଶିନ୍ଦେ (ମହାରାଷ୍ଟ୍ର), ଅରବିନ୍ଦ କେଜ୍‌ରିୱାଲ(ଦିଲ୍ଲୀ), ଜଗନମୋହନ ରେଡ୍ଡୀ(ଆନ୍ଧ୍ରପ୍ରଦେଶ), ଏମ୍.କେ. ଷ୍ଟାଲିନ(ତାମିଲନାଡୁ)। ସେହିପରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ.ଡି. ଦେବେଗୌଡ଼ା, ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା, ତେଲୁଗୁ ଦେଶମ ପାର୍ଟି ମୁଖ୍ୟ ଚନ୍ଦ୍ରାବାବୁ ନାଇଡୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଉପସ୍ଥିତ ଥିଲେ। ଚଳିତ ମାସରୁ ଭାରତ ଆନୁଷ୍ଠାନିକ ଭାବେ ଜି୨୦ର ଅଧ୍ୟକ୍ଷତା ଗ୍ରହଣ କରିଥିବାବେଳେ ବର୍ଷକ ମଧ୍ୟରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରସ୍ତୁତି ବୈଠକ କରିବାକୁ ଯୋଜନା ରହିଛି। ଆସନ୍ତାବର୍ଷ ସେପ୍ଟେମ୍ବର ୯ ଓ ୧୦ରେ ନୂଆଦିଲ୍ଲୀରେ ଜି୨୦ ରାଷ୍ଟ୍ରମୁଖ୍ୟ ଓ ପ୍ରତିନିଧିମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ। ଜି୨୦ ରାଷ୍ଟ୍ରଗୋଷ୍ଠୀରେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡ଼ା, ଚାଇନା, ଫ୍ରାନ୍ସ, ଜର୍ମାନୀ, ଭାରତ, ଇଣ୍ଡୋନେସିଆ, ଇଟାଲୀ, ଜାପାନ, କୋରିଆ, ମେକ୍ସିକୋ, ରୁଷିଆ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ତୁର୍କୀ, ବ୍ରିଟେନ, ଆମେରିକା ଏବଂ ୟୁରୋପୀୟ ସଂଘ ସଦସ୍ୟ ଅଛନ୍ତି।



ଜି୨୦ ସମିଟ୍ ଲାଗି ଆୟୋଜିତ ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆଲୋଚନା କରୁଛନ୍ତି।

# ୧୫ ଦିନ ମଧ୍ୟରେ ଡିଜିପି ଜବାବ ଦେବାକୁ ନିର୍ଦ୍ଦେଶ

### ମହିଳାଙ୍କ ପାଇଁ ଇ-ଏଫ୍‌ଆଇଆର୍ ପଞ୍ଜୀକରଣ ମାମଲା

ଜାନୁୟାରୀ ୧୭ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ,୫।୧୨

ମହିଳାଙ୍କ ସୁରକ୍ଷା ଓ ନିରାପତ୍ତା ଦୃଷ୍ଟିରୁ ମହିଳା ହିଂସା ସମ୍ପର୍କିତ ମାମଲାଗୁଡ଼ିକର ପଞ୍ଜୀକରଣ ପାଇଁ ରାଜ୍ୟରେ ଇ-ଏଫ୍‌ଆଇଆର୍ ବ୍ୟବସ୍ଥା ପ୍ରଚଳନ ପାଇଁ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ଏନେଇ ୧୫ ଦିନ ମଧ୍ୟରେ ଜବାବ ରଖିବାକୁ ସୋମବାର ହାଇକୋର୍ଟର ବିଚାରପତି ଏସ୍. କେ. ପାଣିଗ୍ରାହୀଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ଆବେଦନକାରୀ ଝରଣାବାଳା ପାତ୍ରଙ୍କ ପକ୍ଷରୁ ଆଗତ ଏକ ମାମଲାର ଶୁଣାଣି ବେଳେ କଟକ ସଦର ଥାନା ଆଇଆଇସି ରଶ୍ମିରଞ୍ଜନ ମହାପାତ୍ର ସୋମବାର ଭିଡିଓ କନ୍‌ଫରେନ୍ସ ଜରିଆରେ ହାଇକୋର୍ଟରେ ହାଜର ହୋଇଥିଲେ। ମହିଳାଙ୍କ ଉପରେ ବିଭିନ୍ନ ସମୟରେ ହେଉଥିବା ହିଂସାଜନିତ ମାମଲାର ପଞ୍ଜୀକରଣ ପାଇଁ ସେମାନେ ଥାନାକୁ ଆସି ଅନେକ ସମୟରେ ଅସୁବିଧାରେ ପଡ଼ିବା ସହ ନାନା ପ୍ରକାର ହଇରାଣ ହେଉଛନ୍ତି। ତେବେ ଇ-ଏଫ୍‌ଆଇଆର୍ ପଞ୍ଜୀକରଣ ମାଧ୍ୟମରେ ଏଭଳି ସମସ୍ୟାର ସମାଧାନ ହୋଇପାରିବ ବୋଲି ଅଦାଲତ ଆଶାପୋଷଣ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଏ. କେ. ମହାପାତ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡିଶନାଲ ଷ୍ଟାଣ୍ଡିଂ କାଉନସେଲ ଏସ୍. ଏନ୍. ଦାସ ମାମଲା ପରିଚାଳନା କରୁଛନ୍ତି।



# ଆଇଜିଆର୍ ପକ୍ଷରୁ ସତ୍ୟପାଠ ଦାଖଲ

### ହାଇକୋର୍ଟରେ ଓରେରା ମାମଲା

କଟକ ଅଫିସ,୫।୧୨

ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି (ଓରେରା) ମାମଲାରେ ଇନିସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେଶନ (ଆଇଜିଆର୍) ପକ୍ଷରୁ ଏକ ସତ୍ୟପାଠ ହାଇକୋର୍ଟରେ ସୋମବାର ଦାଖଲ ହୋଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍.ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀରମଣଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ନିମନ୍ତେ ଆସନ୍ତା ୭ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ସୂଚନାଯୋଗ୍ୟ, ଆପାର୍ଟମେଣ୍ଟ ଆସୋସିଏଶନ ଅଫ୍ ଆଲଟିଜ୍ ଗଠନ ଓ କମନ ଏରିଆ ଅଫ୍ ଲ୍ୟାଣ୍ଡକୁ ଆସୋସିଏଶନ ଅଫ ଆଲଟିଜ୍‌ଙ୍କ ନାମରେ ପଞ୍ଜୀକରଣ ପାଇଁ ଅନୁମତି ଦେବାକୁ ନେଇ ୨୦୧୯ରେ ବିମଳେନ୍ଦୁ ପ୍ରଧାନଙ୍କ ଦ୍ୱାରା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ରାଜ୍ୟରେ ରିୟଲ ଇଷ୍ଟେଟ ଓ ପ୍ରମୋଟରଙ୍କ ଦ୍ୱାରା ବ୍ୟବସାୟିକ

### ୭ରେ ପରବର୍ତ୍ତୀ ଶୁଣାଣି

ଉଦ୍ଦେଶ୍ୟରେ ଆପାର୍ଟମେଣ୍ଟ ନିର୍ମାଣ କରାଯାଉଛି। ହେଲେ ଆପାର୍ଟମେଣ୍ଟର ଫ୍ଲାଟ୍‌କୁ ଛାଡ଼ି ରହୁଥିବା କମନ୍ ଏରିଆ ବିଲଡରଙ୍କ ହାତରେ ରହୁଛି। ଫଳରେ ଆପାର୍ଟମେଣ୍ଟ ମାଲିକମାନେ ଉକ୍ତ ସ୍ଥାନକୁ ବିନିଯୋଗ କରିପାରୁନାହାନ୍ତି। ଆପାର୍ଟମେଣ୍ଟ ମାଲିକାନା ଆଇନ-୧୯୮୨କୁ କାର୍ଯ୍ୟକାରୀ କରି ମାଲିକ ଆସୋସିଏଶନ ପଞ୍ଜୀକରଣ ମଧ୍ୟ ହୋଇପାରୁନାହିଁ। ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ପ୍ରଣୟନ ହୋଇଥିବା ଓରେରା ଆଇନ ଏଥିପାଇଁ ବାଧକ ସାଜିଛି। ଉକ୍ତ ଆଇନ ପରିସରରେ ଆସୋସିଏଶନ ଗଠନ କରିବାକୁ ନିର୍ଦ୍ଦେଶ ଥିବାରୁ ତାହା ସମ୍ଭବ ହୋଇପାରୁନାହିଁ। ହାଇକୋର୍ଟରେ ଏହି ମାମଲାର ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ ଖୁବଶୀଘ୍ର ନୂଆ ନିୟମ ଆସିବାକୁ ପ୍ରକ୍ରିୟା ଚାଲୁ ରହିଥିବା ସତ୍ୟପାଠ ଜରିଆରେ ଦର୍ଶାଯାଇଛି।

# ଡ୍ରୋନ କିଣା ଅର୍ଥ ଅନୁମୋଦନ ପାଇଁ ଚିଠି ଲେଖାଯାଇଛି

### ଚିଲିକା, ଭିତରକନିକାର ଆର୍ଦ୍ରଭୂମି ସୁରକ୍ଷା ପ୍ରସଙ୍ଗ

ହାଇକୋର୍ଟରେ ପୁରୀ, କେନ୍ଦ୍ରାପଡ଼ା ଜିଲାପାଳଙ୍କ ସତ୍ୟପାଠ ଦାଖଲ

କଟକ ଅଫିସ, ୫।୧୨

ଚିଲିକା ଓ ଭିତରକନିକାର ଆର୍ଦ୍ରଭୂମି ସୁରକ୍ଷା ମାମଲାର ଶୁଣାଣି ବେଳେ ହାଇକୋର୍ଟରେ ସୋମବାର କେନ୍ଦ୍ରାପଡ଼ା ଏବଂ ପୁରୀ ଜିଲାପାଳ ସତ୍ୟପାଠ ଦାଖଲ କରିଛନ୍ତି। ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ଡ୍ରୋନ୍ କିଣିବାକୁ ଆବଶ୍ୟକ ଅର୍ଥରାଶି ଅନୁମୋଦନ ଲାଗି ରାଜସ୍ୱ ବିଭାଗ ସଚିବଙ୍କୁ ଚିଠି ଲେଖାଯାଇଥିବା ସତ୍ୟପାଠରେ ଉଲ୍ଲେଖ କରାଯାଇଛି। ଆସନ୍ତା ଜାନୁୟାରୀ ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଏବଂ ବିଚାରପତି ମୁରାହରି ଶ୍ରୀ ରମଣଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ।

ପ୍ରକାଶ ଯେ, ଚିଲିକା ଓ ଭିତରକନିକାର ଆର୍ଦ୍ରଭୂମି ସୁରକ୍ଷା ପ୍ରସଙ୍ଗରେ ଚିଙ୍ଗୁଡ଼ିଘେରି ଉଚ୍ଛେଦକୁ ମୁଖ୍ୟ ପ୍ରସଙ୍ଗ ଭାବେ ହାଇକୋର୍ଟ ଗ୍ରହଣ କରିଛନ୍ତି। ପୂର୍ବ ଶୁଣାଣି ବେଳେ ଆବେଦନକାରୀ ଡ୍ରୋନ ଦ୍ୱାରା ବେଆଇନ ଚିଙ୍ଗୁଡ଼ିଘେରି ଉପରେ ନଜର ରଖିହେବ ବୋଲି ହାଇକୋର୍ଟଙ୍କୁ ପ୍ରସ୍ତାବ ଦେଇଥିଲେ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପୁରୀ ଓ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ଆମିକସ୍ କ୍ୟୁରୀ ମୋହିତ ଅଗ୍ରୱାଲ ଏହି ମାମଲା ପରିଚାଳନା କରୁଛନ୍ତି।

ସୂଚନାଯୋଗ୍ୟ, ସମଗ୍ର ଦେଶରେ ରହିଥିବା ଆର୍ଦ୍ରଭୂମିଗୁଡ଼ିକର ସୁରକ୍ଷା ମାମଲାରେ ସୁପ୍ରିମକୋର୍ଟ ଶୁଣାଣି କରି ୧୫ଟି ରାଜ୍ୟର ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ମାମଲା ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅନୁସାରେ ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁ କରି ନିୟମିତ ଚିଙ୍ଗୁଡ଼ିଘେରି ଉଚ୍ଛେଦ ପାଇଁ ଜିଲା ପ୍ରଶାସନଗୁଡିକୁ ନିର୍ଦ୍ଦେଶ ଦେଉଛନ୍ତି। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଚିଙ୍ଗୁଡ଼ିଘେରି ଉଚ୍ଛେଦ ହେଉଥିଲା ବେଳେ ପୁଣି ସେଠାରେ ଚିଙ୍ଗୁଡ଼ିଘେରି ତିଆରି ହେଉଛି। ସେହିପରି ସ୍ଥାନୀୟ ପ୍ରଶାସନ ଚିଙ୍ଗୁଡ଼ିଘେରି ଅଧା ଭାଙ୍ଗି ଘେରି ଉଚ୍ଛେଦ ହେଉଥିବା ଅଦାଲତଙ୍କୁ ଦର୍ଶାଉଥିବାରୁ ହାଇକୋର୍ଟ ଏଥିରେ ପୂର୍ବରୁ ଅସନ୍ତୋଷ ପ୍ରକାଶ କରିଥିଲେ।

# 'ମୋତେ କହିବାକୁ ଦିଆଯାଉ, ସିବିଆଇ ତଦନ୍ତ ହେଉ'

ଭୁବନେଶ୍ୱର, ୫।୧୨ (ବ୍ୟୁରୋ)

'ମୋତେ ଆର୍ବିଟାରିଲି ଆରେଷ୍ଟ କରାଯାଇଛି। ମୋ ପରିବାରକୁ ନଜରବନ୍ଦୀ ରଖାଯାଇଥିଲା। ମୋ ସାଥିରେ କ'ଣ ହେଉଥିଲା ୬ଦିନ ପର୍ଯ୍ୟନ୍ତ ଜାଣିପାରି ନ ଥିଲି। ପାଟି, ଆଖି, ମୁହଁ ବନ୍ଦ କରି ମୋତେ କୋର୍ଟ ଫର୍‌ୱାର୍ଡ କରାଗଲା। ଶ୍ରଦ୍ଧାଞ୍ଜଳି ମୋ ଘର ପାଖରେ ରହୁଥିଲା। ଅକ୍ଷୟ ପରିଜାଙ୍କଠାରୁ କିଛି ବି ନେଇ ନାହିଁ। ଶ୍ରଦ୍ଧାଞ୍ଜଳିଙ୍କ ସମେତ ଅନ୍ୟ ସୋକଲ୍ଡ ପୀଡିତମାନେ କାହିଁକି ଲୁଚିଛନ୍ତି। ସେମାନେ ସାମ୍ନାକୁ ଆସନ୍ତୁ। ମୁଁ ଚାହୁଁଛି ସବୁ ଜିନିଷର ସିବିଆଇ ତଦନ୍ତ ହେଉ।' ଏହାଥିଲା ବହୁ ଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ମୁହଁରୁ ବାହାରିଥିବା କେଇପଦ କଥା। ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ହନିଟ୍ରାପ୍‌ରେ ଫସାଇ ବ୍ଲାକ୍‌ମେଲ କରି ଟଙ୍କା ମାଗିବା ମାମଲାରେ ଗିରଫ ଅର୍ଚ୍ଚନାଙ୍କୁ ସୋମବାର ଖୋର୍ଦ୍ଧା ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ରେ ତାଙ୍କୁ ଝାରପଡ଼ା ଜେଲରୁ କଡ଼ା ସୁରକ୍ଷା ସହ ଭ୍ୟାନରେ କୋର୍ଟକୁ ନିଆଯାଇଥିଲା। ସେ କୋର୍ଟକୁ ଯିବା ସମୟରେ ଓ ବାହାରିବା ପରେ ଗଣମାଧ୍ୟମ ଆଗରେ ଏଭଳି ପ୍ରତିକ୍ରିୟା ରଖି ପୋଲିସ ଉପରେ ପ୍ରବଳ ବର୍ଷିଥିଲେ। ଏପରିକି ଶୁଣାଣିବେଳେ ବିଚାରପତିଙ୍କ ସାମ୍ନାରେ ଅର୍ଚ୍ଚନା କାନ୍ଦି ପକାଇଥଲେ। ତାଙ୍କୁ କିଛି କହିବା ପାଇଁ ସୁଯୋଗ ଦିଆଯାଉ ବୋଲି ବିଚାରପତିଙ୍କୁ ସେ ଅନୁରୋଧ କରିଥିଲେ। ତେବେ ଯାହା କହିବାର ଅଛି ଓକିଲଙ୍କ ଦ୍ୱାରା କୁହ ବୋଲି ବିଚାରପତି କହିଥିଲେ। ଏବେ ପ୍ରଶ୍ନ ଉଠୁଛି ଯେ, ଅର୍ଚ୍ଚନା କ'ଣ କହିବାକୁ ଚାହୁଁଛନ୍ତି, ତାଙ୍କ ପାଟିକୁ କାହିଁକି ବନ୍ଦ କରାଯାଉଛି? ଚର୍ଚ୍ଚାରେ ଥିବା ସେହି କ୍ଷମତାଶାଳୀ ତଥା ପ୍ରଭାବଶାଳୀ ନେତା, ଅଧିକାରୀଙ୍କ ବିଷୟରେ ସେ କିଛି କହିବାକୁ ଚାହୁଁଥିଲେ କି? ଅର୍ଚ୍ଚନାଙ୍କ କଥାରୁ ପୋଲିସ ତାଙ୍କ ପାଟିକୁ ଚୁପ୍ ରଖିଥିବା ବାରିହୋଇପଡୁଥିଲେ ମଧ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସେସବୁ ଗୁମର ଖୋଲିବାକୁ ମଙ୍ଗଳବାରଠାରୁ ରିମାଣ୍ଡରେ ନେଉଛି। ଅର୍ଚ୍ଚନାଙ୍କୁ ୧୫ ଦିନ ରିମାଣ୍ଡରେ ନେବାକୁ ଇଡି ଆବେଦନ କରିଥିଲା। କୋର୍ଟ ୭ ଦିନ ପାଇଁ ଅନୁମତି ଦେଇଛନ୍ତି। ଆସନ୍ତା ୧୨ ତାରିଖ ଯାଏ ଇଡି ଅର୍ଚ୍ଚନାଙ୍କୁ ରିମାଣ୍ଡରେ ନେଇ ତାଙ୍କ କଳାସାମ୍ରାଜ୍ୟ ପଛର ବଡ଼ ଗୁମର ପାଇବାକୁ ଆଶା ରଖିଛି। ଏପରିକି ଇଡିର ଜେରାବେଳେ ପୋଲିସ ବିରୋଧରେ କିଛି ଗୋପନୀୟ ତଥ୍ୟ ସେ ଦେଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ଅର୍ଚ୍ଚନାଙ୍କୁ ଗିରଫ କରି ପୋଲିସ ଲୁଚାଣିଆ ଜେଲ ପଠାଇବା ସହ ଏନେଇ ପୋଲିସ କମିଶନର, ଡିସିପି, ଥାନାଧିକାରୀ ମୁହଁ ଖୋଲି ନ ଥିଲେ। ଘଟଣାକୁ ଗଣମାଧ୍ୟମ ପଦାକୁ ଆଣିବା ପରେ କମିଶନରେଟ ପୋଲିସ ସତ ମାନିବା ସହ ଲୋକଦେଖାଣିଆ ତତ୍ପରତା ପ୍ରକାଶ କରିଥିଲା। ଏପରିକି ଶୁଣାଣି ସମୟରେ ତାଙ୍କୁ କୋର୍ଟକୁ ନ ଆଣି ଭର୍ଚୁଆଲରେ ହାଜର କରାଗଲା। ସେ ବଡ଼ବଡ଼ିଆଙ୍କ ଗୁମର ଖୋଲିଦେବାର ଭୟ ଥିଲା। ପୋଲିସର କାର୍ଯ୍ୟକଳାପକୁ ନେଇ ଚର୍ଚ୍ଚା ହେବା ପରେ ଗତ ଅକ୍ଟୋବର ୨୬ରେ ତାଙ୍କୁ ପ୍ରଥମଥର କୋର୍ଟରେ ହାଜର କରାଯାଇଥିଲେ ମଧ୍ୟ ଯଥାସମ୍ଭବ ଗଣମାଧ୍ୟମଠାରୁ ଦୂରରେ ରଖାଯାଇଥିଲା।

- ବିଚାରପତିଙ୍କ ସାମ୍ନାରେ କାନ୍ଦିଲେ, ପୋଲିସ ବିରୋଧରେ କହିଲେ
- ୧୫ ଦିନିଆ ରିମାଣ୍ଡ ଅନୁମତି ମାଗିଥିଲା ଇଡି

### ଆଜିଠାରୁ ୭ଦିନିଆ ରିମାଣ୍ଡରେ ଅର୍ଚ୍ଚନା



କୋର୍ଟ ଯିବାବେଳେ ଅର୍ଚ୍ଚନା ନାଗ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ପ୍ରତିକ୍ରିୟା ରଖୁଛନ୍ତି।

## ବୁଧବାର ହାଜର ହେବେ ଜଗବନ୍ଧୁ, ଠିକାଦାର ପବିତ୍ରଙ୍କୁ ଜେରା

ଅପରପକ୍ଷରେ ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ମଧ୍ୟ ଏବେ ଝାରପଡ଼ା ଜେଲରେ ଦିନ କାଟୁଛନ୍ତି। ଜଗବନ୍ଧୁ ବୁଧବାର କୋର୍ଟରେ ହାଜର ହେବେ ବୋଲି ସୂଚନା ମିଳିଛି। ଏହି ସମୟରେ ତାଙ୍କୁ ରିମାଣ୍ଡରେ ଆଣିବାକୁ ଇଡି ପକ୍ଷରୁ ଆବେଦନ କରାଯିବ। ତେବେ ସୋମବାର ସତ୍ୟବିହାରସ୍ଥିତ ଅର୍ଚ୍ଚନାଙ୍କ ଆଲିସାନ୍ ଘରର ଠିକାଦାର ପବିତ୍ର ପାତ୍ରଙ୍କୁ ୧୩ ଘଣ୍ଟା ଜେରା କରାଯାଇଛି। ପବିତ୍ରଙ୍କୁ ହାଜର ପାଇଁ ଇଡି ପକ୍ଷରୁ ସମନ କରାଯାଇଥିଲା। ରାତିରେ ଇଡି କାର୍ଯ୍ୟାଳୟରୁ ବାହାରି ପବିତ୍ର ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ, ଅଧିକାରୀମାନେ ମୋତେ ଯାହା ପଚରିଲେ ସବୁ ପ୍ରଶ୍ନର ଉତ୍ତର ଦେଇଛି। ଏହି ମାମଲାରେ ଏପର୍ଯ୍ୟନ୍ତ ୭ରୁ ଅଧିକ ବ୍ୟକ୍ତିଙ୍କୁ ଇଡି ଜେରା କରି ତଥ୍ୟ ହାସଲ କରିଛି। ଆଗକୁ ନାଗ-ଚାନ୍ଦ ଦମ୍ପତିଙ୍କୁ ମୁହାଁମୁହିଁ ଜେରା କରିବାକୁ ଇଡି ଯୋଜନା କରିଛି। ଏହି ସମୟରେ ଶ୍ରଦ୍ଧାଞ୍ଜଳି ବେହେରା, ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ମଧ୍ୟ ଡକାଇ ସାମ୍ନାସାମ୍ନି ଜେରା କରିପାରେ। ତେବେ ଅର୍ଚ୍ଚନା ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତା ହୋଇଥିବା ବେଳେ ତାଙ୍କ ପାଖରେ ବହୁ ଗୁମର ତଥ୍ୟ ରହିଛି। ସେ ଜେରା ହେବା ପରେ ବହୁ ଗୁମର ଫିଟିପାରେ। ଅର୍ଚ୍ଚନାଙ୍କ ତଥ୍ୟକୁ ଆଧାର କରି ଇଡି ବହୁ ବଡ଼ବଡ଼ିଆଙ୍କୁ ଜେରା କରିବ ବୋଲି ସୂଚନା ମିଳିଛି। ତେବେ ଆଗାମୀ ଦିନରେ ଏହି ମାମଲା କେଉଁ ମୋଡ଼ ନେଉଛି ସେନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

# ୧୪ ଓଏଏସ୍ ଅଫିସରଙ୍କୁ ପଦୋନ୍ନତି

ଭୁବନେଶ୍ୱର,୫।୧୨(ବ୍ୟୁରୋ)

ରାଜ୍ୟ ସରକାର ୧୪ ଜଣ ଓଏଏସ୍ ଅଫିସରଙ୍କୁ ଓଏଏସ୍ (ସୁପରଟାଇମ୍ ସ୍କେଲ) ଲେଭଲ-୧୨କୁ ପଦୋନ୍ନତି ଦେଇଛନ୍ତି। ସୋମବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସେମାନେ ହେଲେ ମାଲକାନଗିରି ଆଇଟିଡିଏ ପିଏ ତ୍ରିନାଥ ମାଝି, ପୁରୀ ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରେଖା ଦାଶ, ନବରଙ୍ଗପୁର ଡେପୁଟି କଲେକ୍ଟର ମୌସୁମୀ ନାୟକ, ଚମ୍ପୁଆ ଉପଜିଲାପାଳ ସୁକାନ୍ତ ମାଝି, ଦେବଗଡ଼ ରିଆମାଳ ତହସିଲଦାର ବିମଳା ବିରୁଲି, ମୟୂରଭଞ୍ଜ ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ବାରିକ, ଓୟୁଏଟି ଏକ୍ସ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଶୁଭ୍ରବାଳା ବେହେରା, କରଞ୍ଜିଆ ଆଇଟିଡିଏ ପିଏ ଦେବଦତ୍ତ ମହାନ୍ତ, ରାଜ୍ୟ ନିର୍ବାଚନ କମିଶନ ଡେପୁଟି ସେକ୍ରେଟାରୀ ଆଜଦ୍‌ହିନ୍ଦ ପାଣିଗ୍ରାହୀ, ରାଜ୍ୟ ନିର୍ବାଚନ କମିଶନ ଲ' ଅଫିସର ମାଧୁରୀ ମିଶ୍ର, ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବିଡିଓ ଶ୍ୟାମସୁନ୍ଦର ଟୁଡୁ, କୋରାପୁଟ ଜିଲା ବୋରିଗୁମା ତହସିଲଦାର ସୁବାସ ଚନ୍ଦ୍ର ରଇତା, କନ୍ଧମାଳ ତୁମୁଡିବନ୍ଧ ବିଡିଓ ଲଳିତ ସୋରେନ ଏବଂ ବଲାଙ୍ଗୀର ଅଗଲପୁର ବିଡିଓ ଶଙ୍କର କେରକେଟା।

KT GLOBAL SCHOOL
Leading Residential School from Nursery - Grade 12
ADMISSIONS OPEN SESSION2023
Nursery - STD VIII (CBSE)
Bhubaneswar Odisha - 752057
9090 1111 77



ଯଦି ତୁମେ ଠିକ୍ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ– ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ। –ଶ୍ରୀମା



# କର୍ମର ଫଳ

କରୋନା ଭାଇରସ୍ ଯୋଗୁ ସମଗ୍ର ବିଶ୍ୱ ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ହନ୍ତସନ୍ତ ହୋଇଛି। ବିଭିନ୍ନ ରାଷ୍ଟ୍ରରେ ଅସଂଖ୍ୟ ଲୋକଙ୍କ ଜୀବନ ଯାଇଥିବା ବେଳେ ସବୁ ଅର୍ଥନୀତି ଦୁର୍ବଳ ହୋଇଥିବାରୁ ତାହା ଲୋକଙ୍କ ଜୀବିକା ଉପରେ ଘୋର ପ୍ରଭାବ ପକାଇଛି। ଅନ୍ତର୍ଜାତୀୟ ସ୍ତରରେ ଗତ କିଛି ମାସ ହେବ କୋଭିଡ୍ ପ୍ରାଦୁର୍ଭାବ କମିଥିବା ବେଳେ ଏହି ଭୂତାଣୁର ଜନ୍ମରାଷ୍ଟ୍ର କୁହାଯାଉଥିବା ଚାଇନାରେ ସ୍ଥିତି ସଙ୍ଗିନ ହୋଇଯାଇଛି। ଏବେ ସେଠାରେ ଦୈନିକ ସଂକ୍ରମଣ ୩୫ ହଜାର ଉପରେ ରହିବା ଓ ବିଭିନ୍ନ ସହରରେ ଲକ୍‌ଡାଉନ୍ ହେବା ଦ୍ୱାରା ସପ୍ତାହେ ହେବ ଚାଇନାରେ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ କୋଭିଡ୍ ନୀତିକୁ ସମାଲୋଚନା କରାଯାଇ ସବୁ ବର୍ଗର ବ୍ୟକ୍ତି ରାସ୍ତାକୁ ଓହ୍ଲାଇଛନ୍ତି। ବିଶେଷକରି ଛାତ୍ରମାନେ ଯେଭଳି ପ୍ରତିବାଦ କରିଥିବା ଦେଖାଯାଇଛି, ତାହା ୧୯୮୯ରେ ଟିଆନାନ୍‌ମ୍ୟାନ୍ ସ୍କୋୟାରରେ ହୋଇଥିବା ଛାତ୍ର ବିଦ୍ରୋହକୁ ଟପିଯାଇଛି। ଚାଇନା କୋଭିଡ୍‌କୁ ନେଇ ସଙ୍କଟ ଭିତରେ ଥିବାବେଳେ ୫ ଡିସେମ୍ବରରେ ଆମେରିକା ଖବରକାଗଜ ‘ନ୍ୟୁୟର୍କ ପୋଷ୍ଟ’ରେ ପ୍ରକାଶ ପାଇଥିବା ରିପୋର୍ଟ ବେଜିଂ ଉପରେ ପୂର୍ବରୁ ଲଗାଯାଇଥିବା ଅଭିଯୋଗକୁ ଏବେ ସ୍ପଷ୍ଟ କରିବାକୁ ଯାଉଛି। ଚାଇନାର ବିବାଦୀୟ ଉହାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିରେ କାର୍ଯ୍ୟ କରୁଥିବା ଆମେରିକୀୟ ଗବେଷକ ଆଣ୍ଡ୍ରୁ ହଫ୍‌ଙ୍କ ଦ୍ୱାରା ଲିଖିତ ପୁସ୍ତକ ‘ଦି ଟ୍ରୁଥ୍ ଏବାଉଟ୍ ଉହାନ୍’ରେ ବର୍ଣ୍ଣନା କରାଯାଇଛି ଯେ, କୋଭିଡ୍ ହେଉଛି ମନୁଷ୍ୟକୃତ। କରୋନା ଭୂତାଣୁ ସେହି ଉହାନ୍ ଗବେଷଣାଗାରରୁ ବାହାରକୁ ଆସିଥିଲା ବୋଲି ସେ କହିବା ସହିତ ପୂର୍ବରୁ ଆହୁରି ଅନେକ ଗବେଷକ ସମାନ ପ୍ରକାର ମତ ଦେଇଆସିଛନ୍ତି। ଉଲ୍ଲେଖଯୋଗ୍ୟ, ଦୁଇବର୍ଷ ତଳେ ବ୍ରିଟିଶ ଖବରକାଗଜ ‘ଦି ସନ୍’ରେ ପ୍ରକାଶିତ ରିପୋର୍ଟରେ କୁହାଯାଇଥିଲା ଯେ କରୋନା ଭାଇରସ୍ ଉହାନ୍‌ରୁ ବାହାରିଥିଲା। ଏଥିରେ ଆହୁରି ଦର୍ଶାଯାଇଥିଲା ଯେ ଚାଇନାର ଏହି ସରକାରୀ ସଂସ୍ଥାକୁ ଆମେରିକା ପାଣ୍ଠି ଯୋଗାଇ ସଂକ୍ରାମକ ରୋଗ ଉପରେ ଗବେଷଣା କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲା। ବର୍ତ୍ତମାନ ‘ନ୍ୟୁୟର୍କ ପୋଷ୍ଟ’ରେ କରୋନା ଭାଇରସ୍ ମନୁଷ୍ୟକୃତ ବୋଲି ରିପୋର୍ଟ ପ୍ରକାଶ ପାଇବା ପରେ ଚାଇନା ଉପରେ ସନ୍ଦେହ ବଢ଼ିଛି।

**ନିଜକୁ ଏକ ବଡ଼ ଶକ୍ତି ଭାବୁଥିବା ଚାଇନା କୋଭିଡ୍ ପରିଚାଳନାରେ ବିଫଳ ହୋଇଥିବାରୁ ଆଭ୍ୟନ୍ତରୀଣ ସ୍ଥିତି ତାକୁ ଅକଳରେ ପକାଇ ଦେଇଛି। ଓଡ଼ିଆରେ ଢଗ ଅଛି–‘ଯେ ପାଞ୍ଚେ ପରମନ୍ଦ, ତା’ ମନ୍ଦ ପାଞ୍ଚନ୍ତି ଗୋବିନ୍ଦ’। ଏହି ଦୃଷ୍ଟିପଟରୁ ଦେଖିଲେ ଚାଇନା ତା’ କର୍ମର ଫଳ ଭୋଗୁଛି।**

ଏହି ଭୂତାଣୁ ସହିତ କରାଯାଇଥିବା ଗବେଷଣାରୁ ଜଣାପଡ଼େ ଯେ ଚାଇନା ନେତୃତ୍ୱ ପାରମ୍ପରିକ ଯୁଦ୍ଧ ଅପେକ୍ଷା ଜୈବିକ ଅସ୍ତ୍ର ଦ୍ୱାରା ଶତ୍ରୁ ରାଷ୍ଟ୍ରର ବେଶି କ୍ଷତି କରାଯାଇପାରେ ବୋଲି ବିଶ୍ୱାସ କରେ। ଚାଇନା ଭଳି ଦେଶ ଅନ୍ତର୍ଜାତୀୟ ସ୍ତରରେ ଆଧିପତ୍ୟ ବିସ୍ତାର କରିବା ଲାଗି ଭାଇରସ୍‌କୁ ମାଧ୍ୟମ କରୁଥିବା ବିଷୟରେ ଆଲୋଚନା ହୋଇଥାଏ। ଉହାନ୍‌ରୁ କରୋନା ଭୂତାଣୁ ବାହାରିଥିବା ବିଷୟକୁ ଚାଇନା ବାରମ୍ବାର ଖଣ୍ଡନ କରିଆସିଛି। ହେଲେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବାରମ୍ବାର କହିଥିଲେ ଯେ, ଚାଇନା ଜାଣିଶୁଣି ଏଭଳି ଭାଇରସ୍‌କୁ ଜନ୍ମ ଦେଇଥିଲା। ଏବେ ଯେତେବେଳେ ଚାଇନା ଅଧିବାସୀ ଏହି ଭୂତାଣୁ କବଳରେ ପଡ଼ିଛନ୍ତି, ସେମାନେ ଶାସକ ଜିନ୍‌ପିଙ୍ଗଙ୍କୁ ବିରୋଧ କରୁଛନ୍ତି। ବେଜିଂର କଠୋର କୋଭିଡ୍ ନୀତି ଯୋଗୁ ସେଠାକାର ଲୋକଙ୍କ ଜୀବନ ଯାଉଥିବା ବେଳେ ଅନେକେ ଜୀବିକା ହରାଇଲେଣି। ଠିକ୍ ଭାବେ ଟିକା ଦିଆଯାଇପାରି ନ ଥିବାରୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଥିସହିତ ଚାଇନା ପ୍ରସ୍ତୁତ ଟିକା ସଫଳ ହୋଇନାହିଁ ବୋଲି ବଢୁଥିବା ସଂକ୍ରମଣରୁ ପ୍ରମାଣ ମିଳୁଛି। ନିଜକୁ ଏକ ବଡ଼ ଶକ୍ତି ଭାବୁଥିବା ଚାଇନା କୋଭିଡ୍ ପରିଚାଳନାରେ ବିଫଳ ହୋଇଥିବାରୁ ଆଭ୍ୟନ୍ତରୀଣ ସ୍ଥିତି ତାକୁ ଅକଳରେ ପକାଇ ଦେଇଛି। ଓଡ଼ିଆରେ ଢଗ ଅଛି–‘ଯେ ପାଞ୍ଚେ ପରମନ୍ଦ, ତା’ ମନ୍ଦ ପାଞ୍ଚନ୍ତି ଗୋବିନ୍ଦ’। ଏହି ଦୃଷ୍ଟିପଟରୁ ଦେଖିଲେ ଚାଇନା ତା’ କର୍ମର ଫଳ ଭୋଗୁଛି।

## ଚିରନ୍ତନୀ

ଦେଖରେ ବନ, ଦେଖରେ ଗିରି
ତୁମରି କବି କି ହତଶିରୀ
ଭୁବନ ତାକୁ ଦୂରକୁ ଠେଲି
ଯାତନାଦାଗ ଦେଇଛି ଚିରି। –(କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | 4 | 1 | | | | |
| 9 | | 5 | | | | 4 | 3 | 7 |
| | | | | | | | | |
| | | 1 | | | 3 | | | |
| | 5 | 3 | 8 | 7 | | | | |
| | | | | | 1 | | 6 | |
| | | | | 2 | | 8 | | |
| 3 | 9 | | | 8 | 7 | | | 2 |
| | | | | | | | 7 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 6 | 9 | 2 | 4 | 7 | 8 | 5 |
| 4 | 7 | 5 | 1 | 3 | 8 | 6 | 2 | 9 |
| 8 | 2 | 9 | 6 | 7 | 5 | 1 | 4 | 3 |
| 6 | 4 | 8 | 7 | 1 | 9 | 5 | 3 | 2 |
| 9 | 3 | 7 | 5 | 4 | 2 | 8 | 1 | 6 |
| 2 | 5 | 1 | 3 | 8 | 6 | 9 | 7 | 4 |
| 1 | 9 | 4 | 2 | 6 | 7 | 3 | 5 | 8 |
| 7 | 6 | 2 | 8 | 5 | 3 | 4 | 9 | 1 |
| 5 | 8 | 3 | 4 | 9 | 1 | 2 | 6 | 7 |

ଗତକାଲିର ଉତ୍ତର

# ସାମାଜିକ ବାସନ୍ଦ ସମାଜ ପାଇଁ କଳଙ୍କ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ନିକଟରେ ଗଞ୍ଜାମ ଜିଲା ଆସିକା ବ୍ଲକ୍ ଅନ୍ତର୍ଗତ ହରିଡ଼ାପଦର ଗ୍ରାମରେ ପ୍ରାୟ ଦୁଇଶହ ଦଳିତ ପରିବାରକୁ ଗାଁର ସଂଖ୍ୟାଗରିଷ୍ଠ ସବର୍ଣ୍ଣ ଲୋକେ ସାମାଜିକ ବାସନ୍ଦ କରିବା ଅଭିଯୋଗ ହୋଇଛି। ବାସନ୍ଦର ଶିକାର ଦଳିତ ଲୋକଙ୍କୁ ଗାଁ ରାସ୍ତାରେ ବାହାଘର ଶୋଭାଯାତ୍ରା ନେବା, ଦୋକାନ ବଜାରରୁ ଜିନିଷପତ୍ର କିଣିବା, ପୋଖରୀକୁ ଗାଧୋଇବାକୁ ଯିବା ଓ ମନ୍ଦିରକୁ ଯିବା ଏପରିକି ସେମାନଙ୍କ ପିଲାମାନେ ଅଙ୍ଗନୱାଡ଼ି ଓ ସ୍କୁଲକୁ ଯିବାକୁ ମନା କରାଯାଇଥିବା ଜଣାପଡ଼ିଛି। ଜାତିଗତ କାରଣରୁ ଗଞ୍ଜାମ ଜିଲାର କମାଗଡ଼ଠାରେ ଦଳିତଙ୍କ ଘରପୋଡ଼ି ଓ ବାସନ୍ଦ କରାଯାଇଥିବା ବେଳେ ବାଲିଛାଇର ୫୦ ଦଳିତ ପରିବାରକୁ ୧୪ ବର୍ଷ ହେଲା ଗାଁରୁ ତଡ଼ି ଦିଆଯାଇଛି। ଗୁଣିଆ ସନ୍ଦେହରେ ତାରସିଂ ଥାନା ଅନ୍ତର୍ଗତ ବଡ଼ଖଣ୍ଡା ଗାଁରେ ହୋଇଥିବା ନିଷ୍ପତ୍ତି ପ୍ରକାରେ ତିନି ଲକ୍ଷ ଟଙ୍କା ଜରିମାନା ଦେବାକୁ ଅକ୍ଷମତା ପ୍ରକାଶ କରିବାରୁ ଗାଁର ତିନୋଟି ପରିବାରକୁ ନିକଟରେ ବାସନ୍ଦ କରାଯାଇଛି। ସେହିପରି କୋରାପୁଟ ଜିଲା ଜୟପୁର ବ୍ଲକ୍ ଅନ୍ତର୍ଗତ ବୈରାଗୀମଠ ଗ୍ରାମର ଜଣେ ଆଦିବାସୀ ବ୍ୟକ୍ତି ଅନ୍ୟ ଜାତିର ବ୍ୟକ୍ତିଙ୍କ ଘରେ ଖାଇଥିବାରୁ ତା’ ପରିବାରକୁ ଗାଁ ଲୋକେ ସାମାଜିକ ବାସନ୍ଦ କରିଥିଲେ। ନିକଟରେ ତାଙ୍କର ମାଆଙ୍କ ମୃତ୍ୟୁ ପରେ ଗାଁ ଲୋକେ ତାଙ୍କୁ ସହଯୋଗ ନ କରିବାରୁ ସେ ଏକାକୀ ମାଆଙ୍କ ଶବକୁ ଘୋଷାଡ଼ି ଘୋଷାଡ଼ି ଶ୍ମଶାନକୁ ନେଇ ଅନ୍ତିମ ସତ୍କାର କରିବାକୁ ବାଧ୍ୟ ହୋଇଥିଲେ। ଅତୀତରେ ପୁରୀ ଜିଲାର ବିଭିନ୍ନ ଗ୍ରାମରେ ବିବାହ ସମୟରେ ବରର ଗୋଡ଼ ଧୋଇବା ପରି ଅପମାନଜନକ ପରମ୍ପରାକୁ ନ ମାନିବାରୁ ବାରିକ ସମ୍ପ୍ରଦାୟର ଲୋକଙ୍କୁ ସବର୍ଣ୍ଣ ଲୋକଙ୍କ ଦ୍ୱାରା ସାମାଜିକ ବାସନ୍ଦର ଶିକାର ହେବାକୁ ପଡ଼ିଛି।

ମାଲକାନଗିରି ଜିଲାର ବିଭିନ୍ନ ଗ୍ରାମରେ ବଙ୍ଗଳା ଭାଷୀ ଲୋକଙ୍କ ମଧ୍ୟରେ ଏକ ବଡ଼ ଭାଗ ମତୁଆ ସମ୍ପ୍ରଦାୟର ଲୋକେ ରହୁଛନ୍ତି। ସମାଜ ସଂସ୍କାରକ ହରିଚାନ୍ଦ ଠାକୁରଙ୍କ ଅନୁଗାମୀ ଭାବେ ପରିଚିତ ଏହି ଲୋକମାନେ ଜାତିଗତ ବିଦ୍ୱେଷ ଓ ବ୍ରାହ୍ମଣବାଦୀ ରୀତିନୀତିରୁ ଦୂରରେ ରହି ସେମାନଙ୍କ ବିବାହ, ମୃତ୍ୟୁ ପରେ ଶୁଦ୍ଧିକ୍ରିୟା ବ୍ରାହ୍ମଣ ବା ପୁରୋହିତଙ୍କ ବଦଳରେ ନିଜର ଗୁରୁଙ୍କ ପରାମର୍ଶରେ କରିଥା’ନ୍ତି। କିନ୍ତୁ ପରିତାପର ବିଷୟ, ସେଭଳି ସଂସ୍କାରମୂଳକ କାର୍ଯ୍ୟ କରୁଥିବା ଲୋକଙ୍କୁ ଅନ୍ୟ ଉଚ୍ଚ ଜାତିର ଲୋକଙ୍କ ଦ୍ୱାରା ସାମାଜିକ ବାସନ୍ଦ ଓ ନିର୍ଯାତନାର ଶିକାର ହେବାକୁ ପଡୁଛି।

ଗୁଣି ଗାରେଡ଼ିଜନିତ ଅନ୍ଧବିଶ୍ୱାସଠାରୁ ଆରମ୍ଭ କରି ଆନ୍ତଃଜାତି ବିବାହ, ବ୍ରାହ୍ମଣବାଦୀ ଧାର୍ମିକ ରୀତିନୀତିକୁ ନ ମାନିବା, ଅନ୍ୟ ଧର୍ମକୁ ଧର୍ମାନ୍ତରିତ ହେବା ଏପରିକି ରାଜନୈତିକ ବିବାଦ କାରଣରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଲୋକେ ସାମାଜିକ ବାସନ୍ଦର ଶିକାର ହେଉଛନ୍ତି। ଯେଉଁମାନେ ଜାତି ବା କୁଳରୁ ବାସନ୍ଦ ହେଉଛନ୍ତି, ସେମାନଙ୍କ କ୍ଷେତ୍ରରେ ନିଜର ପୁଅ ଝିଅଙ୍କ ବାହାଘର ନିଜ ଜାତିରେ କରିବା ସମ୍ଭବ ହେଉନି। ସେମାନଙ୍କ କୌଣସି ସାମାଜିକ ଉତ୍ସବ ଏପରିକି ମୃତ୍ୟୁ ହେଲେ ନିଜର ଜ୍ଞାତି କୁଟୁମ୍ବମାନେ ଭୟରେ ଯୋଗଦେବା ସମ୍ଭବ ହୋଇନଥାଏ। ଯେଉଁମାନେ ବାସନ୍ଦ ନିଷ୍ପତ୍ତି ବିରୋଧରେ ଯାଇ ପୀଡ଼ିତ ବ୍ୟକ୍ତି ବା ପରିବାର ସହ ସମ୍ପର୍କ ରଖୁଛନ୍ତି ବା ସେମାନଙ୍କ ବିଭିନ୍ନ କାର୍ଯ୍ୟରେ ଯୋଗ ଦେଉଛନ୍ତି, ସେମାନଙ୍କୁ ମଧ୍ୟ ଜରିମାନା ଦେବାକୁ ପଡୁଛି ଅଥବା ବାସନ୍ଦର ଶିକାର ହେବାକୁ ପଡୁଛି।



ଗ୍ରାମାଞ୍ଚଳରେ ସାମାଜିକ ସମ୍ପର୍କ ଓ ନିର୍ଭରଶୀଳତା ଅଧିକ ନିବିଡ଼ ରହିଥିବାରୁ ସାମାଜିକ ବାସନ୍ଦ ନିଷ୍ପତ୍ତି ଜଣେ ବ୍ୟକ୍ତି ବା ସମୂହ ପାଇଁ ଭୟାବହ ହୋଇଥାଏ। ବାସନ୍ଦ କାରଣରୁ ବ୍ୟକ୍ତିଟି ଗାଁର ସଂଖ୍ୟାଗରିଷ୍ଠ ଲୋକଙ୍କ ଦ୍ୱାରା ଉଭୟ ସାମାଜିକ ଓ ଅର୍ଥନୈତିକ ଭାବେ ଆକ୍ରମଣର ଶିକାର ହୋଇ ଭୟଙ୍କର କ୍ଷତିଗ୍ରସ୍ତ ହୋଇଥାଏ। ସମାଜରେ ତା’ର ସ୍ଥିତି ହଠାତ୍ ନିମ୍ନଗାମୀ ହେବା ଯୋଗୁ ସେ ନିଜର ନାଗରିକ ଅଧିକାର ହରାଇବା ସହ ପ୍ରତି ମୁହୂର୍ତ୍ତରେ ଆତଙ୍କଭରା ଜୀବନ ଜିଇବାକୁ ବାଧ୍ୟ ହୋଇଥାଏ। ଯଦିଓ କିଛି କ୍ଷେତ୍ରରେ ପୀଡ଼ିତ ଲୋକେ ଆଇନର ଆଶ୍ରୟ ନେଇ ପ୍ରଶାସନ ଓ ପୋଲିସର ଦ୍ୱାରସ୍ଥ ହେଉଛନ୍ତି, କିନ୍ତୁ ବିଭିନ୍ନ କାରଣରୁ ସେମାନଙ୍କୁ ନ୍ୟାୟ ମିଳି ନ ଥାଏ। ଅଧିକାଂଶ ଘଟଣାରେ ପୋଲିସ, ପ୍ରଶାସନ ଓ ରାଜନୈତିକ ନେତାମାନେ ପୀଡ଼ିତର ପକ୍ଷ ନେବା ପରିବର୍ତ୍ତେ ସାମାଜିକ ବାସନ୍ଦ କରିଥିବା ଲୋକଙ୍କୁ ପ୍ରତ୍ୟକ୍ଷରେ ନ ହେଲେ ବି ପରୋକ୍ଷରେ ସମର୍ଥନ କରିଥା’ନ୍ତି। ଫଳରେ ପୀଡ଼ିତ ଚୁପ୍‌ଚାପ୍ ବାସନ୍ଦଜନିତ ଅନ୍ୟାୟ ଓ ନିର୍ଯାତନାକୁ ସହିବାକୁ ବାଧ୍ୟ ହୋଇଥାଏ।

ଆମ ଦେଶରେ ସାମାଜିକ ବାସନ୍ଦ କଥା ବହୁତ ପୁରୁଣା। ଅତୀତରେ ସମାଜରେ ଆଇନକାନୁନ କିମ୍ବା ସମ୍ବିଧାନ ତଥା ଗଣତାନ୍ତ୍ରିକ ବ୍ୟବସ୍ଥା ନ ଥିବା ବେଳେ ସମାଜର ତଳସ୍ତରରେ ନ୍ୟାୟ ବିଚାର କରିବାକୁ ଲୋକେ ଗାଁରେ ଏଭଳି ସଭାର ଆୟୋଜନ କରୁଥିଲେ। କିନ୍ତୁ ଦେଶରେ ସମ୍ବିଧାନ ଓ ଆଇନର ବ୍ୟବସ୍ଥା ଲାଗୁ ହେବା ପରେ ବି ଏଭଳି ବ୍ୟବସ୍ଥା ଆଜି ଅବ୍ୟାହତ ରହିବା ଲଜ୍ଜାଜନକ। ଗାଁମାନଙ୍କ ପରି ନିଜର ଜାତିର ଲୋକଙ୍କୁ ଶୃଙ୍ଖଳିତ ଏବଂ ନିୟନ୍ତ୍ରିତ କରିବା ନାଁରେ ବିଭିନ୍ନ ଜାତିର କୁଳ ସଙ୍ଗଠନ ସବୁ ରହିଛି। ଜାତି, ଧର୍ମ, ଗୋତ୍ର ଆଦି ଆଧାରରେ ନୀତି ନିୟମ କରି ନ୍ୟାୟ ବିଚାର କରୁଥିବା ଏହି ଗାଁ ସଭା ଓ କୁଳ ସମାଜଗୁଡ଼ିକ ମୁଖ୍ୟତଃ ଏକ ପଶ୍ଚାଦ୍‌ପଦ ସାମନ୍ତବାଦୀ ବିଚାରକୁ ପ୍ରତିନିଧିତ୍ୱ କରିବା ସହ ଦେଶର ସମ୍ବିଧାନ ଓ ନାଗରିକ ଅଧିକାରର ପରିପନ୍ଥୀ। ଦେଶର ଆଇନ ଅଦାଲତ ବାହାରେ ଏମାନେ ସମାନ୍ତରାଳ ଭାବେ ଏଭଳି ନ୍ୟାୟ ବିଚାର କରି ଦଣ୍ଡବିଧାନ କରିବା ଏବଂ ଅଗଣତାନ୍ତ୍ରିକ ଭାବେ ସାଧାରଣ ଜନତାଙ୍କ ଉପରେ ନିଜର ନିଷ୍ପତ୍ତିକୁ ଲଦିଦେବା ନିଶ୍ଚିତ ଭାବେ ଉଦ୍‌ବେଗଜନକ। ସେମାନଙ୍କ ନିଷ୍ପତ୍ତିଗୁଡ଼ିକ ପ୍ରାୟତଃ ଅଗଣତାନ୍ତ୍ରିକ, ରୂଢ଼ିବାଦୀ, ଜାତିବାଦୀ ଏବଂ ମହିଳା ବିରୋଧୀ ହୋଇଥାଏ। ତେବେ ଦୁଃଖର କଥା, ସମାଜରେ ସାମାଜିକ ବାସନ୍ଦ ପରି ଏକ ଘୃଣ୍ୟ ବ୍ୟବସ୍ଥା ଖୋଲାଖୋଲି ଭାବେ ଚାଲିଥିବା ବେଳେ ତାକୁ ରୋକିବା ପାଇଁ କୌଣସି ଆଇନଗତ ବ୍ୟବସ୍ଥା ନାହିଁ। ୨୦୧୬ରେ ମହାରାଷ୍ଟ୍ର ସରକାର ସାମାଜିକ ବାସନ୍ଦକୁ ଅପରାଧ ଘୋଷଣା କରି ସ୍ୱତନ୍ତ୍ର ଆଇନ କରିଥିବା ବେଳେ ଆମ ରାଜ୍ୟରେ କିନ୍ତୁ ଏଯାଏଁ କୌଣସି ଆଇନ ପ୍ରଣୟନ ହୋଇ ନାହିଁ ଏବଂ ଏଭଳି ଅପରାଧୀଙ୍କ ବିରୋଧରେ ମଧ୍ୟ ଦଣ୍ଡବିଧାନର କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ଅତିବେଶିରେ କୌଣସି ସାମାଜିକ ବାସନ୍ଦ ଘଟଣାରେ ସ୍ଥାନୀୟ ପ୍ରଶାସନ ସିଆର୍‌ପିସିର ଧାରା ୧୦୭ ପ୍ରକାରେ ଉଭୟ ପକ୍ଷକୁ ଡାକି କେବଳ ଶାନ୍ତିରକ୍ଷାର ଏକ ଅସ୍ଥାୟୀ ଉଦ୍ୟମ କରିଥାଏ। ଏପରିକି ସାମାଜିକ ବାସନ୍ଦ କରିଥିବା ଲୋକଙ୍କ ବିରୋଧରେ ପ୍ରଭାବଶାଳୀ ସିଆର୍‌ପିସିର ଧାରା ୧୦୮ ପ୍ରକାରେ ଆଇନଗତ ପ୍ରକ୍ରିୟା ଗ୍ରହଣ କରିବାକୁ ବି ପ୍ରସ୍ତୁତ ନଥାଏ। ତେବେ ସ୍ୱତନ୍ତ୍ର ଆଇନ ନ ଥିବାରୁ ସାମାଜିକ ବାସନ୍ଦ କରୁଥିବା ଅପରାଧୀମାନେ ଦଣ୍ଡ ପାଉନଥିବା ବେଳେ ପୀଡ଼ିତ ବ୍ୟକ୍ତି ବା ତା’ପରିବାର ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥାଏ। ଏପରିକି ବାସନ୍ଦ ଯୋଗୁ ଆର୍ଥିକ ଭାବେ କ୍ଷତିଗ୍ରସ୍ତ ହେଉଥିଲେ ବି ସେମାନେ ସରକାରଙ୍କଠାରୁ କୌଣସି କ୍ଷତିପୂରଣ ବା ଥଇଥାନ ସୁବିଧା ପାଇବା ସମ୍ଭବ ହୋଇନଥାଏ। ଅତଏବ ସାମାଜିକ ବାସନ୍ଦ ପରି ଅମାନବୀୟ ଅପରାଧକୁ ରୋକିବାକୁ ହେଲେ ସମାଜରେ ସଚେତନତା ସୃଷ୍ଟି କରିବା ସହିତ ଏଥିପାଇଁ ଏକ ସଶକ୍ତ ଆଇନ ପ୍ରଣୟନ କରି ଏଭଳି କାର୍ଯ୍ୟକୁ ଏକ ଧର୍ତ୍ତବ୍ୟ ଅପରାଧ ବୋଲି ଘୋଷଣା କରିବା ଅତ୍ୟନ୍ତ ଜରୁରୀ।

ମୋ: ୯୪୩୭୧୬୬୩୯୧

# ଭାରତରେ ବାର୍ଦ୍ଧକ୍ୟ ସମସ୍ୟା



ଇଂ. ମାୟାଧର ସ୍ୱାଇଁ

ଭାରତରେ ହାରାହାରି ଆୟୁଷ କ୍ରମଶଃ ବୃଦ୍ଧି ପାଉଛି। ଦେଶରେ ସ୍ୱାସ୍ଥ୍ୟସେବାର ଉନ୍ନତି ହେଉଛି ଏହାର ପ୍ରମୁଖ କାରଣ। ବର୍ତ୍ତମାନ ଜଣେ ଭାରତୀୟଙ୍କ ହାରାହାରି ଆୟୁଷ ହେଉଛି ୬୯.୮ ବର୍ଷ। ଅବଶ୍ୟ ଏହା ଅନ୍ୟ କେତେକ ଜନବହୁଳ ରାଷ୍ଟ୍ରଠାରୁ କମ୍। ବିଶ୍ୱ ବ୍ୟାଙ୍କ ଆକଳନ ଅନୁଯାୟୀ ୫ କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୨୯ ଦେଶ ମଧ୍ୟରେ ୨୦୨୦ରେ ଭାରତ ହାରାହାରି ଆୟୁଷରେ ୨୧ ସ୍ଥାନରେ ଥିଲା। ଜାପାନ ଏଥିରେ ଶୀର୍ଷ ସ୍ଥାନରେ ଥିଲା ଏବଂ ଜଣେ ଜାପାନ ଅଧିବାସୀଙ୍କର ହାରାହାରି ଆୟୁଷ ହେଉଛି ୮୪.୬ ବର୍ଷ। ଏହା ପଛକୁ ୮୩.୪ ବର୍ଷରେ ଦ୍ୱିତୀୟ ସ୍ଥାନରେ ଦକ୍ଷିଣ କୋରିଆ ଅଛି।

ତଥାପି ଉଭୟ ପୁରୁଷ ଓ ମହିଳାମାନଙ୍କ କ୍ଷେତ୍ରରେ ଭାରତରେ ହାରାହାରି ଆୟୁଷ ପ୍ରତିବର୍ଷ ବଢୁଛି। ସରକାରୀ ତଥ୍ୟ ଅନୁଯାୟୀ ୧୯୭୦–୭୫ ଏବଂ ୨୦୧୪–୧୮ ମଧ୍ୟରେ ପୁରୁଷମାନଙ୍କର ହାରାହାରି ଆୟୁଷ ୫୧ ବର୍ଷରୁ ୬୮ ବର୍ଷକୁ ବୃଦ୍ଧି ପାଇଛି ଏବଂ ଏହି ସମୟରେ ମହିଳାମାନଙ୍କର ହାରାହାରି ଆୟୁଷ ୪୯ ବର୍ଷରୁ ୭୧ ବର୍ଷକୁ ବଢ଼ିଛି। ଭାରତରେ ହାରାହାରି ଭାବେ ମହିଳାମାନେ ପୁରୁଷମାନଙ୍କଠାରୁ ଅଧିକ ବର୍ଷ ବଞ୍ଚିଥାଆନ୍ତି। ୧୯୯୧–୯୫ଠାରୁ ଏହି ଧାରା ରହି ଆସିଛି। ଅନ୍ୟ ଏକ ପରିସଂଖ୍ୟାନ ହେଉଛି ଯେ, ଭାରତର ସହରାଞ୍ଚଳରେ ବାସ କରୁଥିବା ଲୋକମାନଙ୍କର ହାରାହାରି ଆୟୁଷ ୭୩ ବର୍ଷ ହୋଇଥିବା ବେଳେ ଗ୍ରାମାଞ୍ଚଳ ପାଇଁ ୬୮ ବର୍ଷ। ବୋଧହୁଏ ସହରରେ ଉତ୍ତମ ସ୍ୱାସ୍ଥ୍ୟସେବା ହେଉଛି ଏହାର କାରଣ।

ହାରାହାରି ଆୟୁଷ ବୃଦ୍ଧି ସହିତ ଭାରତରେ ଜନ୍ମହାର ହ୍ରାସ ପାଉଛି। ଫଳରେ ଦେଶରେ ବୟସ୍କ (୬୦ ବର୍ଷରୁ ଅଧିକ) ମାନଙ୍କର ପ୍ରତିଶତ ବଢୁଛି। ୨୦୧୧ରେ ଭାରତରେ ବୟସ୍କ ନାଗରିକମାନଙ୍କର ସଂଖ୍ୟା ୧୦୪ ନିୟୁତ ଥିଲା ଏବଂ ଏହା ମୋଟ ଜନସଂଖ୍ୟାର ପ୍ରାୟ ୧୦ ପ୍ରତିଶତ ଥିଲା। ସରକାରୀ ଆକଳନ ଅନୁଯାୟୀ ୨୦୩୧ ସୁଦ୍ଧା ସେମାନଙ୍କର ସଂଖ୍ୟା ୧୯୪ ନିୟୁତ ହୋଇଯାଇଥିବ ଏବଂ ଏହା ମୋଟ ଜନସଂଖ୍ୟାର ୧୩.୧ ପ୍ରତିଶତ ହେବ। ପୁନଶ୍ଚ ୨୦୬୧ ବେଳକୁ ଭାରତରେ ବୟସ୍କମାନଙ୍କର ସଂଖ୍ୟା ୪୪୧ ନିୟୁତ ହେବା ଅନୁମାନ କରାଯାଉଛି ଏବଂ ସେତେବେଳେ ମୋଟ ଲୋକସଂଖ୍ୟାର ଏକ ଚତୁର୍ଥାଂଶ ବୟସ୍କ ହେବେ।

ବୟସ୍କ ନାଗରିକମାନଙ୍କର ପ୍ରତିଶତ ବୃଦ୍ଧି ପାଇଲେ ଦେଶରେ ଜିଡିପି (ମୋଟ ଘରୋଇ ଉତ୍ପାଦ) ପ୍ରଭାବିତ ହେବ। କାରଣ ଅଧିକାଂଶ ବୟସ୍କ ବ୍ୟକ୍ତି ରୋଜଗାରକ୍ଷମ ହୋଇ ନ ଥାଆନ୍ତି। ଏଥିଯୋଗୁ ବୟସ୍କମାନେ ଆର୍ଥିକ ଭାବେ ଅନ୍ୟମାନଙ୍କ ଉପରେ ନିର୍ଭର ହୋଇଥାଆନ୍ତି। ଅବଶ୍ୟ କେତେଜଣ ବୟସ୍କ ବ୍ୟକ୍ତି ଚାକିରି କରୁଛନ୍ତି। ମାତ୍ର ସେମାନଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଉଛି। ଉଦାହରଣ ସ୍ୱରୂପ, ୨୦୧୧–୧୨ରେ ୬୦ରୁ ୬୪ ବର୍ଷର ବ୍ୟକ୍ତିଙ୍କ ମଧ୍ୟରୁ ୪୯.୩ ପ୍ରତିଶତ ଚାକିରି କରିଥିବା ବେଳେ ୨୦୧୮–୧୯ ମସିହାରେ ଏହା ୪୦.୯ ପ୍ରତିଶତକୁ ଖସି ଆସିଥିଲା। ସେହିପରି ୬୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହା ୨୮.୯ ପ୍ରତିଶତରୁ ୨୧.୨ ପ୍ରତିଶତକୁ ହ୍ରାସ ପାଇଛି।



ଏହାର ଅର୍ଥ ହେଉଛି ସେମାନଙ୍କୁ ବିକଳ୍ପ ରୋଜଗାର ଉତ୍ସ ଉପରେ ନିର୍ଭର କରିବାକୁ ପଡ଼ିବ। ଏକ ବିକଳ୍ପ ଉତ୍ସ ହେଉଛି ସାମାଜିକ ନିରାପତ୍ତା, ଯାହା ପେନ୍‌ସନ ଆକାରରେ ମିଳିଥାଏ। ମାତ୍ର ଚାକିରିଆମାନଙ୍କୁ ମିଳୁଥିବା ପେନ୍‌ସନ ପରିମାଣ ଯଥେଷ୍ଟ ହେଉଥିବା ବେଳେ ଅଣ–ଚାକିରିଆମାନଙ୍କୁ ସରକାର ପ୍ରଦାନ କରୁଥିବା ବାର୍ଦ୍ଧକ୍ୟ ଭତ୍ତା ନାମକୁମାତ୍ର। ଅଧିକାଂଶ ଭାରତୀୟ ରୋଜଗାରକ୍ଷମ ଥିବା ଅବସ୍ଥାରେ ବୃଦ୍ଧାବସ୍ଥା ପାଇଁ ଅର୍ଥ ସଞ୍ଚୟ ପାଇଁ ଚିନ୍ତା କରି ନ ଥାଆନ୍ତି। ୨୦୧୬ରେ କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଦେଶର ମାତ୍ର ୧୩ ପ୍ରତିଶତ ଲୋକ ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିଥାଆନ୍ତି।

ଦେଶର ବୟସ୍କ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ଅନ୍ୟ ଏକ ସମସ୍ୟା। ବୟସ ବୃଦ୍ଧି ସହିତ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଦୁର୍ବଳ ହୋଇଯାଏ ଏବଂ ଶରୀରର ରୋଗ ପ୍ରତିଷେଧକ ଶକ୍ତି କମ୍ ହୋଇଯାଏ। ଏଣୁ ଦେଶରେ ଅଧିକ ସ୍ୱାସ୍ଥ୍ୟସେବାର ବ୍ୟବସ୍ଥା କରିବାକୁ ପଡ଼ିବ। ଅଧିକାଂଶ ବୟସ୍କ ବ୍ୟକ୍ତି ଉଚ୍ଚ ରକ୍ତଚାପ ଓ ରକ୍ତ ଶର୍କରା ରୋଗରେ ପୀଡ଼ିତ ଏବଂ ଏଥିପାଇଁ ସେମାନଙ୍କୁ ନିୟମିତ ଔଷଧ ନେବାକୁ ପଡ଼ିଥାଏ। ଅର୍ଦ୍ଧାଧିକ ବୟସ୍କ ବ୍ୟକ୍ତି ସେମାନଙ୍କର ପିଲାମାନଙ୍କ ସହିତ ରହିଥା’ନ୍ତି। ଏଣୁ ସେମାନଙ୍କର ଯତ୍ନ ନେବା ପାଇଁ ପିଲାମାନଙ୍କର ଦାୟିତ୍ୱ ବଢ଼ିଯାଏ। ପୁନଶ୍ଚ ଆଜିକାଲି ଅଧିକାଂଶ ଲୋକଙ୍କର ଏକ କିମ୍ବା ଦୁଇ ସନ୍ତାନ ଏବଂ ସେମାନେ ଘରଠାରୁ ଦୂରରେ କାର୍ଯ୍ୟ କରୁଥିବାରୁ ପିତାମାତାଙ୍କର ଯତ୍ନ ନେବାରେ ଅସୁବିଧା ହୋଇଥାଏ। କେବଳ ଟଙ୍କା ପଠାଇଦେଲେ ସେମାନଙ୍କର ଯତ୍ନ ଠିକ୍ ଭାବେ ହେବ ନାହିଁ। ଦେଖାଯାଇଛି ଯେ, ଅନେକ ସନ୍ତାନ ବହୁ ଦିନ ଧରି ପିତାମାତାଙ୍କୁ ଦେଖାକରିବାକୁ ଆସୁ ନ ଥିବାରୁ ଏହା ସେମାନଙ୍କୁ ମାନସିକ ଭାବରେ ଅଶାନ୍ତି ଦେଉଛି। ଆଜିକାଲି ଏହା ଅନେକ ମାତ୍ରାରେ ଦେଖାଦେଉଛି। ସେଥିପାଇଁ ଅବଶ୍ୟ ବୃଦ୍ଧାଶ୍ରମ ସଂଖ୍ୟା ଦେଶରେ ବୃଦ୍ଧି ପାଇଛି। ସରକାରୀ ଓ ବେସରକାରୀ ସ୍ତରରେ ଏହା ସ୍ଥାପିତ ହୋଇ ବୃଦ୍ଧାବୃଦ୍ଧଙ୍କର ସେବା ଓ ଯତ୍ନ ନିଆଯାଉଛି। ଏହା ସେମାନଙ୍କୁ ଆଶ୍ରୟ ଦେବା ସହ ଖାଦ୍ୟ ଓ ଚିକିତ୍ସା ସୁବିଧା ଦେଉଥିଲେ ମଧ୍ୟ ସେମାନେ ମାନସିକ ସ୍ତରରେ ଶାନ୍ତି ପାଇପାରୁ ନାହାନ୍ତି।

୨୦୨୧ରେ ସମଗ୍ର ଭାରତରେ ୧୦.୧ ପ୍ରତିଶତ ବରିଷ୍ଠ ନାଗରିକ ଥିବା ବେଳେ ରାଜ୍ୟଗୁଡ଼ିକରେ ଅନେକ ପାର୍ଥକ୍ୟ ଦେଖାଯାଏ। ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଏହି ପ୍ରତିଶତ ହେଉଛି ଅଧିକ। କେରଳରେ ସର୍ବାଧିକ ୧୬.୫% ବରିଷ୍ଠ ନାଗରିକ ଥିବା ବେଳେ ତାମିଲନାଡୁରେ ୧୩.୬%, ହିମାଚଳ ପ୍ରଦେଶରେ ୧୩.୧%, ଆନ୍ଧ୍ରରେ ୧୨.୪%, କର୍ଣ୍ଣାଟକରେ ୧୧.୫% ଏବଂ ଓଡ଼ିଶାରେ ୧୧.୮% ବୟସ୍କ ବ୍ୟକ୍ତି ଅଛନ୍ତି। ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ସରକାର ବରିଷ୍ଠ ନାଗରିକମାନଙ୍କ ପାଇଁ ଅନେକ ସୁବିଧା ପ୍ରଦାନ କରୁଛନ୍ତି। ରେଳ ଓ ବସ୍ ଯାତ୍ରାରେ ରିହାତି ଓ ଆୟକରରେ ରିହାତି ସହିତ ସ୍ୱାସ୍ଥ୍ୟସେବା ପାଇଁ ସ୍ୱାସ୍ଥ୍ୟବୀମା, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଆଦି କାର୍ଯ୍ୟ କରୁଛି। ସର୍ବୋପରି ସେମାନଙ୍କୁ ସମ୍ମାନର ସହ ରଖିବା ହେଉଛି ଦେଶର ସମସ୍ତ ନାଗରିକଙ୍କର କର୍ତ୍ତବ୍ୟ।

ଲକ୍ଷ୍ମୀବିହାର, ଭୁବନେଶ୍ୱର
ମୋ:୯୪୩୮୬୯୩୭୨୪

## ଏଇ ଭାରତରେ

ପରିବେଶ ଉପଯୋଗୀ କାଫେର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ମୁମ୍ବାଇରେ। ଏହାର ନାମ ଯୋଗୀସତ୍ତ୍ୱ କାଫେ। ରବିନା ଚୌରାନି ଏହାର ମାଲିକ। ଏଠାରେ ଶତ ପ୍ରତିଶତ ଉଦ୍ଭିଜ ତଥା ଶୁଦ୍ଧ ଶାକାହାରୀ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ରବିନା ଜଣେ ପୂର୍ବତନ ଚଳଚ୍ଚିତ୍ର ନାୟିକା। ୨୦୦୨ରେ ସେ ଦିଲ୍ ହାଏ ତୁମାରା କିମ୍ବା ବାଙ୍ଗ୍ ବାଙ୍ଗ୍ ସିନେମାରେ ଅଭିନୟ କରିଥିଲେ। ୨୦୧୪ରେ ମେରୁଦଣ୍ଡ ଆଘାତଜନିତ ସମସ୍ୟା ଯୋଗୁ ତାଙ୍କ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଶାକାହାରୀ ଉଦ୍ଭିଜ ଖାଦ୍ୟ ଉପରେ ସେ ଆଡ୍‌ଭାନ୍ସଡ ଡିପ୍ଲୋମା କରିବା ପରେ ୨୦୨୧ରେ ବାନ୍ଦ୍ରାରେ ଏହି କାଫେ ଖୋଲିଥିଲେ। ବଡ଼ କଥା ହେଉଛି, କାଫେରୁ ଯାହା ତରଳ/ ଓଦା ବର୍ଜ୍ୟ ବାହାରୁଛି ତାହାକୁ ସେ ଖତ କରୁଛନ୍ତି ଓ ଶୁଖିଲା ବର୍ଜ୍ୟ ଯଥା ପରିବାଚୋପା ଆଦିକୁ ବୁଲା ଗୋରୁଙ୍କୁ ଖାଇବାକୁ ଦେଉଛନ୍ତି। ସମସ୍ତ କାର୍ଟୁନ ଓ ବକ୍ସଗୁଡ଼ିକୁ ସେ ରିସାଇକେଲ ସଂସ୍ଥା ଫାଇଭ୍–ସାଇକେଲକୁ ଦେଉଛନ୍ତି। କାଫେରେ ଆଦୌ ପ୍ଲାଷ୍ଟିକ ବ୍ୟବହାର କରାଯାଉନାହିଁ। କେବଳ ଜୈବିକ ଫଳ, ପରିବା ଓ ଡ୍ରାଏ ଫ୍ରୁଟ୍ସରୁ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ରବିନା ଏସବୁ ମହାରାଷ୍ଟ୍ରର କୃଷକମାନଙ୍କଠାରୁ ସଂଗ୍ରହ କରୁଛନ୍ତି। ଉକ୍ତ କାଫେରେ ଭାରତ ବ୍ୟତୀତ ଶୁଦ୍ଧ ଶାକାହାରୀ ମେକ୍ସିକୋ, ଲେବାନନ୍ ଏବଂ ଭିଏତ୍‌ନାମ ବ୍ୟଞ୍ଜନ ମଧ୍ୟ ପରଷାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୬ ଡିସେମ୍ବର ୧୯୯୭

- ତେଲ ବିନିମୟରେ ଖାଦ୍ୟ ଓ ଔଷଧ କ୍ରୟ ପାଇଁ ନିରାପତ୍ତା ପରିଷଦ ପକ୍ଷରୁ ଇରାକକୁ ଅନୁମତି ପ୍ରଦାନ।
- ଦଳୀୟ ନେତୃବର୍ଗଙ୍କ ‘ମେରି ରାୟ’ ଶାସନର ପ୍ରତିବାଦ ଜଣାଇ କଂଗ୍ରେସ ଦଳର ବରିଷ୍ଠ ନେତା ତଥା ପୂର୍ବତନ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏସ୍. ବାଙ୍ଗରପ୍ପାଙ୍କ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା।
- ବିଜେପି ବିଧାୟକ ଦଳର ମୁଖ୍ୟ ସଚେତକ ଭାବେ ମାଲକାନଗିରି ବିଧାୟକ ଅରବିନ୍ଦ ଢାଲି ନିର୍ବାଚିତ।

## ପାଠକ ଶ୍ରେଷ୍ଠ ବିଚାରକ

### ଉଚ୍ଚ ଶିକ୍ଷିତଙ୍କ ମାନସିକତା

ମହାଶୟ,

ଆଜିର ଶିଶୁ କାଲି ଦେଶର ଭବିଷ୍ୟତ। ବିଶେଷକରି ଉଚ୍ଚଶିକ୍ଷିତ ପିଲାମାନେ ନିଜର ବୌଦ୍ଧିକ ବିକାଶ ବଳରେ ଦେଶର କର୍ଣ୍ଣଧାର ସାଜିଥାନ୍ତି। ଦୁର୍ନୀତି ବିନାଶ ନିମନ୍ତେ ଉଚ୍ଚ ଶିକ୍ଷା ଦୀକ୍ଷାବଳରେ ସେମାନେ ଦୃଢ଼ ପଦକ୍ଷେପ ନେଇ ଦେଶର ଆର୍ଥିକ ସ୍ଥିତିରେ ସୁଧାର ଆଣିବାରେ ସହାୟକ ହେବେ ବୋଲି ଆଶା କରାଯାଏ। ହେଲେ ଦେଶବାସୀଙ୍କ ଆଶା ଏବେ ହତାଶାରେ ପରିଣତ ହେବାକୁ ବସିଲାଣି। ଦୁଃଖର ବିଷୟ ଯେ, ଦେଶର ଉଚ୍ଚ ପଦବୀରେ ସ୍ଥାନିତ ହୋଇ କେତେଜଣ କର୍ମଚାରୀ ଓ ଅଧିକାରୀ ଅଧିକ ଧନ ଲାଭ ଆଶା ପୋଷଣ କରୁଥିବା ନଜରକୁ ଆସୁଛି। ଯଦିଓ ସେମାନଙ୍କ ଯୋଗ୍ୟତା ଓ ଦାୟିତ୍ୱକୁ ଲକ୍ଷ୍ୟ କରି ପାରିଶ୍ରମିକ ଯଥାଯଥ ଭାବରେ ପ୍ରଦାନ କରାଯାଉଛି, ତଥାପି ସେମାନେ ସେଥିରେ ସନ୍ତୁଷ୍ଟ ହୋଇପାରୁନାହାନ୍ତି। ଅବଶ୍ୟ ସେମାନେ ଉଚ୍ଚଶିକ୍ଷା ଲାଭ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇଥିବାରୁ ସେମାନଙ୍କୁ ବେତନ ସହ ଅନ୍ୟାନ୍ୟ ସୁବିଧା ସରକାରଙ୍କ ତରଫରୁ ପ୍ରଦାନ କରାଯାଇଥାଏ। ଏଠାରେ ଗୋଟିଏ କଥା ମନକୁ ଆସେ ଶିକ୍ଷା ପାଇଁ ବାପାମାଆ କରିଥିବା ଖର୍ଚ୍ଚକୁ ସେମାନେ ଉପାର୍ଜନ କରି ଶୁଝିବାକୁ ପ୍ରୟାସ କରିଥାଇପାରନ୍ତି। ତେବେ ସେମାନେ ଯେଉଁ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିଲେ ତାହା ତ ସର୍ବସାଧାରଣଙ୍କର ଅନୁଷ୍ଠାନ। ସର୍ବସାଧାରଣଙ୍କ ଧନରେ ଶିକ୍ଷା ଉପକରଣ ଯୋଗାଇଦେବା ସହ ଶିକ୍ଷକମାନଙ୍କୁ ମାସିକ ବେତନ ଇତ୍ୟାଦି ମଧ୍ୟ ଦିଆଯାଉଥିଲା। ସେମାନେ ଏହି ଉଚ୍ଚ ଶିକ୍ଷିତମାନଙ୍କଠାରୁ କି ସେବା ପାଉଛନ୍ତି। ଏମାନେ କେଉଁ ଢଙ୍ଗରେ ମାଧବମାନଙ୍କର ସେବା କରୁଛନ୍ତି ତାହା ବିଚାର୍ଯ୍ୟ। ଉକ୍ତ ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷିତ ସନ୍ତାନସନ୍ତତିମାନଙ୍କୁ ଅନୁରୋଧ ସେମାନେ ସଚେତନ ହୁଅନ୍ତୁ ଏବଂ ଦେଶବାସୀଙ୍କୁ ନିଷ୍ଠାପର ସେବା ଯୋଗାଇ ଦେଶର ମଙ୍ଗଳ କରନ୍ତୁ।

–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


ଭାରତ ଯୋଡ଼ୋ ଯାତ୍ରା ଅବସରରେ ରାଜସ୍ଥାନର ଝଲୱାରରେ ସୋମବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ।

# ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି ମୋଦି: କଂଗ୍ରେସ

## ନିର୍ବାଚନ ବେଳେ ରୋଡ୍ ଶୋ'

**ନୂଆଦିଲ୍ଲୀ,୫।୧୨(ପି.ଟି.):** ଗୁଜରାଟ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ଭୋଟ ଦେବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୋଡ୍ ଶୋ' କରି ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରିଥିବା କଂଗ୍ରେସ ଅଭିଯୋଗ କରିଛି। ନିର୍ବାଚନ କମିଶନ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭୟ କରୁଛି ଏବଂ ଚାପରେ ରହିଛି ବୋଲି ବିରୋଧୀ ଦଳ ଅଭିଯୋଗ ଆଣିଛି। ନିର୍ବାଚନ କମିଶନ ନିଷ୍କ୍ରିୟ ହୋଇଯାଇଥିବା କିଛି ସପ୍ତାହ ହେଲା ଦେଖିବାକୁ ମିଳିଛି ବୋଲି କଂଗ୍ରେସ ଗଣମାଧ୍ୟମ ଓ ପ୍ରକାଶନ ମୁଖ୍ୟ ପଓ୍ୱନ ଖେରା କହିଛନ୍ତି। ନିର୍ବାଚନ କମିଶନଙ୍କୁ କଂଗ୍ରେସ ବିଭିନ୍ନ ସ୍ତରରେ ଅଭିଯୋଗ କରିଛି। ପ୍ରତି ଦୁଇ କିମ୍ବା ତିନି ଦିନରେ ଆମେ ଗୁଜରାଟ ଏବଂ ଦିଲ୍ଲୀରେ ଅଭିଯୋଗ କରିଥିଲେ ହେଁ ନିର୍ବାଚନ କମିଶନ ଚାପରେ ଥାଇ ଜାଣିଶୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଆଶଙ୍କା କରୁଛି ବୋଲି ଖେରା କହିଛନ୍ତି। ଏଥିପାଇଁ କଂଗ୍ରେସ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଚାର କରୁଥିବା ସେ ସୂଚନା ଦେଇଛନ୍ତି। ଅନ୍ୟ ସାଧାରଣ ଜନତାଙ୍କ ଭଳି ପ୍ରଧାନମନ୍ତ୍ରୀଙ୍କ ଭୋଟ୍‌ର ମୂଲ୍ୟ ସମାନ। ସେ ଭୋଟ ଦେବାକୁ ଯିବା ବେଳେ ଅଢ଼େଇ ଘଣ୍ଟା ଧରି ରୋଡ୍ ଶୋ' କରିବାର ମାନେ କ'ଣ ବୋଲି କଂଗ୍ରେସ ନେତା ପ୍ରଶ୍ନ କରିଛନ୍ତି। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ହେଉଥିଲେ ହେଁ ନିର୍ବାଚନ କମିଶନ ଏହା ଦେଖି ନ ପାରିବା ପଛର ବାଧ୍ୟବାଧକତା କ'ଣ ବୋଲି ସେ ଜାଣିବାକୁ ଚାହିଁଛନ୍ତି।




# ଅହମ୍ମଦାବାଦରେ ଭୋଟ ଦେଲେ ମୋଦି, ଶାହା

## ଗୁଜରାଟରେ ୫୮% ମତଦାନ

**ଗାନ୍ଧୀନଗର,୫।୧୨**

ଦ୍ୱିତୀୟ ପର୍ଯ୍ୟାୟରେ ଗୁଜରାଟ ବିଧାନସଭାର ୯୩ ଆସନ ଲାଗି ମତଦାନ ସୋମବାର କଡ଼ା ସୁରକ୍ଷା ମଧ୍ୟରେ ସମ୍ପନ୍ନ ହୋଇଛି। ପ୍ରାୟ ୫୮ ପ୍ରତିଶତ ଭୋଟିଂ ହୋଇଥିବା ସୂଚନା ମିଳିଛି। ଏହି ପର୍ଯ୍ୟାୟରେ ୬୧ଟି ଦଳରୁ ୮୩୩ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଥିବାବେଳେ ମୁଖ୍ୟତଃ ଭାଜପା, କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି ମଧ୍ୟରେ ଲଢ଼େଇ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଅହମଦାବାଦରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ଭୋଟରମାନେ ଉତ୍ସାହ ଉଦ୍ଦୀପନାର ସହ ଗଣତନ୍ତ୍ରର ଉତ୍ସବ ପାଳନ କରୁଥିବାରୁ ମୋଦି ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ନିର୍ବାଚନ ଶାନ୍ତିପୂର୍ଣ୍ଣ ହୋଇଥିବାରୁ ସେ ଭାରତର ନିର୍ବାଚନ କମିଶନଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ଅହମଦାବାଦର ରାନିପ ଅନ୍ତର୍ଗତ ନିଶାନ ପବ୍ଲିକ୍ ସ୍କୁଲ୍‌ରେ ଭୋଟ ଦେବା ପରେ ଜନସାଧାରଣ ରେକର୍ଡ ସଂଖ୍ୟାରେ ଆସି ମତାଧିକାର ସାବ୍ୟସ୍ତ କରିବାକୁ ନିବେଦନ କରିଥିଲେ। ସେହିପରି ଅମିତ୍ ଶାହା ମଧ୍ୟ ନୂଆ ଭୋଟରମାନଙ୍କୁ ବହୁସଂଖ୍ୟାରେ ମତଦାନ କରିବାକୁ ଆହ୍ୱାନ ଦେଇଥିଲେ। ଶାହାଙ୍କ ସହ ତାଙ୍କ ପୁଅ ତଥା ବିସିସିଆଇ ସମ୍ପାଦକ ଜୟ ଶାହା ଅହମଦାବାଦର ନାରନପୁରା ଅନ୍ତର୍ଗତ ଏଏମ୍‌ସି ସବ୍‌ଜୋନାଲ ଅଫିସ୍‌ରେ ଭୋଟ ଦେଇଥିଲେ। ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦୀବେନ୍ ପଟେଲ, ହାର୍ଦ୍ଦିକ ପଟେଲ, ଗୁଜରାଟ କଂଗ୍ରେସ ସଭାପତି ଜଗଦୀଶ ଠାକୁର ପ୍ରମୁଖ ସୋମବାର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ଗୁରୁବାର ଭୋଟ ଗଣତି ପରେ ଫଳାଫଳ ପ୍ରକାଶ ପାଇବ।

## ପଦ୍ମପୁର ଉପନିର୍ବାଚନ

# ସବୁ ଉତ୍ତର ୮ରେ

**ପଦ୍ମପୁରରୁ ସୁନିତ୍ ମିଶ୍ର**

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ପାଇଁ ସୋମବାର ମତଦାନ ଶେଷ ହୋଇଛି। ଗଲା ୧୦ଦିନ ଧରି ରାଜ୍ୟ ରାଜନୀତିର ଯେଉଁ ମୁଖ୍ୟ ଆଲୋଚନା ଥିଲା, ପଦ୍ମପୁର ଆସନ କାହା ହାତକୁ ଯିବ, ତାହା ଏବେ ଇଭିଏମ୍ ବାକ୍ସରେ ଆବଦ୍ଧ ହୋଇ ରହିଛି। ଏଥିରେ ୮୦ରୁ ଊର୍ଦ୍ଧ୍ୱ ପ୍ରତିଶତ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ଭୋଟ ହାରକୁ ଦେଖିଲେ ନିଶ୍ଚିତ ଭାବେ ସମସ୍ତଙ୍କୁ ଏହା ଉତ୍ସାହିତ କରିଛି। ଏହାସତ୍ତ୍ୱେ ନା ଶାସକ ବିଜେଡି ନା ଭାଜପା କେତେ ଭୋଟ୍ ବ୍ୟବଧାନରେ ବିଜୟୀ ହେବେ, ସେ କଥା କହିବାକୁ ସାହସ ଜୁଟାଇ ପାରୁନାହାନ୍ତି। ତେବେ ପ୍ରତିଦ୍ୱନ୍ଦ୍ୱିତା ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ ହେବ ବୋଲି ଚର୍ଚ୍ଚା ହେଉଛି। ସ୍ଥାନୀୟ ଭୋଟର କେଉଁଠାରେ ମଧ୍ୟ ଏକପାଖିଆ ସମର୍ଥନ ଦେଲା ଭଳି ଜଣାପଡୁନାହିଁ। ଭୋଟରଙ୍କ ମୁହଁରେ ଗୋଟିଏ କଥା, ଭଲ ପ୍ରାର୍ଥୀ ଦେଖି ମତସାବ୍ୟସ୍ତ କରିଛନ୍ତି। ଭୋଟରଙ୍କ ଏହି କଥାକୁ ଯେଉଁମାନେ ପରଖୁଛନ୍ତି ସେମାନଙ୍କ କହିବା କଥା, ସେମାନଙ୍କ ଏଭଳି ଇଙ୍ଗିତ ବୋଧହୁଏ ବିରୋଧୀ ପ୍ରାର୍ଥୀଙ୍କୁ ସୁହାଇପାରେ। ହେଲେ ଶାସକଦଳ ନେତା ଏଠାରେ ଯେଉଁଭଳି ନିର୍ବାଚନ ପରିଚାଳନା କରିଛନ୍ତି ଏବଂ ଯେତିକି ଭାବେ କଳ ଓ ବଳ ଲଗାଇଛନ୍ତି, ଯଦି ତାହା ଭୋଟ୍‌ରେ ରୂପାନ୍ତର ହୁଏ, ତେବେ ତାହା ଅନ୍ୟ ଦିଗ ଆଡ଼କୁ ନେଇଯିବ।

ତେବେ ଭୋଟ୍ ପ୍ରତିଶତକୁ ଦେଖିଲେ ଭୋଟରମାନେ ଯେ କେବଳ ଉତ୍ସାହିତ ତାହା ନୁହେଁ, ସେମାନେ କେତେ ସଚେତନ ସେ କଥା ମଧ୍ୟ ସ୍ପଷ୍ଟ ସୂଚନା ଦେଉଛି। ତେଣୁ ଏଠାକାର ଭୋଟର କାହାକୁ ଏହି ଆସନ ପାଇଁ ଚୟନ କରିବେ, ସେମାନେ ଭଲ ଭାବେ ନିଷ୍ପତ୍ତି ନେଇଛନ୍ତି। ତଥାପି ପଦ୍ମପୁରର ବିଭିନ୍ନ ସ୍ଥାନରେ ଭୋଟିଂ କିଭଳି ଚାଲିଛି, ତାର ଖବର ସଂଗ୍ରହ ଲାଗି ଧରିତ୍ରୀ ପକ୍ଷରୁ ଆମେ ଚର୍ଦାପାଲି ପଞ୍ଚାୟତଠାରେ ପହଞ୍ଚିଥିଲୁ। ଏହି ପଞ୍ଚାୟତ ଅନ୍ତର୍ଗତ ୧୫୨ ନମ୍ବର ବୁଥ୍ ଦାୟିତ୍ୱରେ ଥିବା ବିଏଲଓଙ୍କଠାରୁ ଯାହା ଶୁଣିବାକୁ ପାଇଲୁ, ତାହା ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟ କରିବ। ଏହି ପଞ୍ଚାୟତ ଛତିଶଗଡ଼ ସୀମାକୁ ଲାଗିଛି ଏବଂ ଏହା ଏକ ସମ୍ବେଦନଶୀଳ ବୁଥ୍। ତେଣୁ ଏଠାରେ ଭୋଟିଂ ଲାଗି ଆସୁଥିବା ମତଦାତାମାନଙ୍କୁ କିଭଳି ଅଣାଯାଉଛି ବୋଲି ପଚାରିବାରୁ ସେ କହିଥିଲେ ଯେ, ସବ୍‌କଲେକ୍ଟର ଏବଂ ବିଡ଼ିଓଙ୍କ ଜରିଆରେ ଗାଡ଼ି ବ୍ୟବସ୍ଥା କରାଯାଇଛି। ଉକ୍ତ ଗାଡ଼ି ଜରିଆରେ ମତଦାତାମାନଙ୍କୁ ଆଣିବାର ବ୍ୟବସ୍ଥା ହୋଇଛି, ଯାହାକି ସ୍ଥାନୀୟ ସରପଞ୍ଚଙ୍କ ଦାୟିତ୍ୱରେ ଛଡ଼ାଯାଇଥିବା ସେ କହିଥିଲେ। ତେବେ ସରକାରଙ୍କ ଦାୟିତ୍ୱ କିଭଳି ଜଣେ ଜନପ୍ରତିନିଧିଙ୍କ ହାତରେ ଛାଡ଼ି ଦିଆଯାଇଛି, ସେ କଥାକୁ ଗୁରୁତ୍ୱର ସହ ବିଚାରକୁ ନେବା ଲାଗି ନିକଟରେ ଛିଡା ହୋଇଥିବା ଜଣେ ଯୁବକ ଧୀରେ କହିଥିଲେ, ଏହି ଚର୍ଦାପାଲି ପଞ୍ଚାୟତ ପାଇକମାଳ ବ୍ଲକ ଅନ୍ତର୍ଗତ ୩ ନମ୍ବର ଜିଲା ପରିଷଦ ଜୋନ ଅଧୀନରେ ଆସୁଛି। ଏହି ଜୋନ୍ ଦାୟିତ୍ୱରେ ଶାସକ ଦଳର ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ରହିଥିବାବେଳେ ଚର୍ଦାପାଲି ପଞ୍ଚାୟତ ଦାୟିତ୍ୱରେ ବିଜେଡ଼ି ନେତା ଜନ୍ମେଜୟ ଲେଙ୍କା ଥିଲେ। ନିର୍ବାଚନ ସମୟରେ ଏହି ନେତାମାନଙ୍କ ନେତୃତ୍ୱରେ ଚର୍ଦାପାଲି ସରପଞ୍ଚ, ସମିତିସଭ୍ୟ ଏବଂ ନାଏବ ସରପଞ୍ଚ ବିଜେଡିରେ ସାମିଲ ହୋଇଥିଲେ ବୋଲି ଜଣାପଡ଼ିଛି।

ଅନ୍ୟପଟେ ୨ଦିନ ଧରି ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ବୁଲିବାବେଳେ କିଛି ନୂଆ ଘଟଣା ଦେଖିବାକୁ ମିଳିଥିଲା। ପଦ୍ମପୁରକୁ ଜିଲା ଘୋଷଣା ଦାବି ନେଇ ଭେଡଁରିଆ ଛକଠାରେ ବସିଥିବା ଆନ୍ଦୋଳନକାରୀ ସେଠାରେ ଆଉ ନ ଥିଲେ। ସେହିପରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ଭିତରେ ବିଭିନ୍ନ ଚାଷୀ ସଙ୍ଗଠନ ଯେଉଁ ଧାରଣା ଦେଇଥିଲେ, ସେମାନଙ୍କ ପ୍ରତିନିଧିମାନଙ୍କୁ ମଧ୍ୟ ସେଠାରେ ଦେଖିବାକୁ ମିଳି ନ ଥିଲା। ତେବେ ଲୋକମାନଙ୍କ ନିକଟରେ ୫ଦିନ ପୂର୍ବରୁ ଯେଉଁସବୁ ପ୍ରସଙ୍ଗକୁ ନେଇ ରାଜନୀତି ଚାଲିଥିଲା, ତାହା ମଧ୍ୟ ବସ୍ତୁତଃ ଆଉ ପ୍ରସଙ୍ଗ ହୋଇ ରହି ନଥିବା ଜଣାପଡୁଥିଲା। ସ୍ଥାନୀୟ କିଛି ଜଣାଶୁଣା ଲୋକଙ୍କ କହିବା କଥା, ବିଜେଡ଼ିର ପ୍ରତିନିଧିମାନେ ସରକାରଙ୍କ ବିରୋଧରେ ଚାଲିଥିବା ଏହିସବୁ ଆନ୍ଦୋଳନ ଏବଂ ଆନ୍ଦୋଳନକାରୀଙ୍କୁ ବୁଝାଇବାରେ ବୋଧହୁଏ ସକ୍ଷମ ହୋଇଛନ୍ତି। ନଚେତ୍ ଏସବୁ ଆନ୍ଦୋଳନର ମଙ୍ଗ ଧରିଥିବା ନେତାମାନଙ୍କ ସହ ଭିତିରି ବୁଝାମଣା ସଫଳ ହୋଇଥିବା କୁହାଯାଇପାରେ। ତେବେ ଏସବୁ ବାଦ୍ ସମସ୍ତ ଭୋଟର ଭଲ ପ୍ରାର୍ଥୀ ଦେଖି ଯିଏବି ତାଙ୍କ ସୁଖଦୁଃଖରେ ଠିଆ ହେବ, ତାଙ୍କୁ ଭୋଟ୍ ଦେବେ ବୋଲି କହିଥିଲେ। ତେଣୁ ଏଠାରେ ପ୍ରସଙ୍ଗ ନା ଅର୍ଥ କେଉଁଟି କାମ କରିବ, ତାହା ଆସନ୍ତା ୮ତାରିଖରେ ହେବାକୁ ଥିବା ଗଣତିରୁ ଜଣାପଡ଼ିବ। ଭୋଟରଙ୍କ ମୁହଁରୁ ବାହାରୁଥିବା ଏଭଳି କଥା ବିରୋଧୀ ପ୍ରାର୍ଥୀଙ୍କୁ ଭିତିରି ସମର୍ଥନ କରୁଛନ୍ତି ବୋଲି ବୁଝାଯାଇପାରେ। ଅର୍ଥାତ୍ ଯେଉଁ ଆନ୍ଦୋଳନକାରୀଙ୍କ ସହ ବୁଝାମଣା ସରିଛି ବୋଲି କୁହାଯାଉଛି, ବୋଧହୁଏ ସାଧାରଣ ଭୋଟର ସେମାନଙ୍କ ସହିତ ନ ଥାଇପାରନ୍ତି ବୋଲି ଭୋଟରଙ୍କ ମୁହଁରୁ ବାହାରୁଥିବା କଥା ଇଙ୍ଗିତ କରୁଛି। ଏଭଳି କେତେକ ଘଟଣା ସତ୍ତ୍ୱେ ସବୁ ଶ୍ରେଣୀର ଭୋଟର ବିପୁଳ ମାତ୍ରାରେ ମତଦାନ ସାବ୍ୟସ୍ତ କରିଛନ୍ତି। ପୂର୍ବରୁ ରାଜ୍ୟରେ ଅନୁଷ୍ଠିତ ହୋଇଥିବା ଧାମନଗର ଉପନିର୍ବାଚନ ଭୋଟିଂ ସମୟରେ ଯେପରି ଅଧିକାଂଶ ସ୍ଥାନରୁ ହିଂସା, ବୁଥ୍ ରିଗିଂ ଏବଂ ଟଙ୍କାବଣ୍ଟାର ଅଭିଯୋଗ ଆସୁଥିଲା, ସେଭଳି ଦୃଶ୍ୟ ପଦ୍ମପୁରରେ ଦେଖିବାକୁ ମିଳିନାହିଁ। ତେବେ ବିଜେଡ଼ିର ଯେଉଁ ନେତାମାନେ ପଦ୍ମପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଦାୟିତ୍ୱରେ ରହିଥିଲେ, ସେମାନଙ୍କ ପ୍ରାର୍ଥୀ ବିଜୟୀ ହେବା ନେଇ ଏବେଠାରୁ ଅଙ୍କକଷା ଆରମ୍ଭ କରିଦେଇଛନ୍ତି। କିଛି ଦାୟିତ୍ୱରେ ଥିବା ନେତାଙ୍କ ହିସାବ କହୁଛି, ବରିହା ସମାଜର ପୋଲିଂ ହୋଇଥିବା ୫୦ହଜାର ଭୋଟ୍‌ରୁ ପ୍ରାୟ ୪୦ହଜାର ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହାଙ୍କ ସପକ୍ଷରେ ଯିବ। ସେହିପରି କୁଲତା ସମାଜର ଅଧିକାଂଶ ଭୋଟ୍ ଭାଜପା ସପକ୍ଷରେ ଯିବ। ଏହି ୨ ସମାଜର ଭୋଟ୍ ବ୍ୟବଧାନ ଦେଖିଲେ ବର୍ଷା ସିଂ ବରିହା ୨୦ହଜାର ଭୋଟ୍‌ରେ ତାଙ୍କର ଲିଡ୍ ଆରମ୍ଭ କରିବେ ବୋଲି ବିଜେଡି ନେତାମାନେ ଆକଳନ କରୁଛନ୍ତି। ହେଲେ କେଉଁ ସମାଜ ବା ଜାତିର ଭୋଟ୍ କାହା ସପକ୍ଷରେ କେତେ ପଡିଛି, ତାର ଆକଳନ ଲଗାଇ ପାରିନାହାନ୍ତି।

# ଫାରୁକ୍ ଅବଦୁଲ୍ଲା ଏନ୍‌ସି ଅଧ୍ୟକ୍ଷ ପୁନଃ ନିର୍ବାଚିତ

**ଶ୍ରୀନଗର, ୫।୧୨**

ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଲୋକ ସଭା ସଦସ୍ୟ ଡ. ଫାରୁକ୍ ଅବଦୁଲ୍ଲା ସୋମବାର ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଭାବେ ନିର୍ଦ୍ୱନ୍ଦ୍ୱରେ ପୁନଃ ନିର୍ବାଚିତ ହୋଇଛନ୍ତି। ଶ୍ରୀନଗରର ନଓ୍ୱା-ଇ-ସୁଭା କମ୍ପ୍ଲେକ୍ସରେ ଥିବା ଦଳୀୟ କାର୍ଯ୍ୟାଳୟରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଫାରୁକ୍ ଏନ୍‌ସି ଅଧ୍ୟକ୍ଷ ପୁନଃ ନିର୍ବାଚିତ ହୋଇଥିବା ଦଳ ମୁଖପାତ୍ର ଇମ୍ରାନ୍ ନବୀ କହିଛନ୍ତି। ଗତ ମାସରେ ଫାରୁକ୍ ଦଳ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ଅନ୍ୟ କେହି ଦଳର ନେତୃତ୍ୱ ନେବା ସେ ଚାହାନ୍ତି ବୋଲି ସେତେବେଳେ କହିଥିଲେ।

# ମତାଧିକାର ସାବ୍ୟସ୍ତ କଲେ ପ୍ରାର୍ଥୀ


ମତଦାନ ପାଇଁ ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ବୁଥ୍ ନଂ-୨୧୩ ଆଗରେ ଧାଡ଼ିରେ ଛିଡ଼ା ହୋଇଛନ୍ତି।


ମତଦାନ କରି ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ବୁଥ୍ ନଂ-୧୨୮ରୁ ବାହାରୁଛନ୍ତି।


କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ବୁଥ୍ ନଂ-୧୦୨ରେ ମତଦାନ କରି ବାହାରୁଛନ୍ତି।

**ବରଗଡ଼ ଅଫିସ୍/ପଦ୍ମପୁର/ପାଇକମାଳ,୫।୧୨**

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ଲାଗି ସୋମବାର ଭୋଟ୍‌ଗ୍ରହଣ ହୋଇଛି। ଏହିକ୍ରମରେ ନିର୍ବାଚନ ମଣ୍ଡଳୀର ଭୋଟରମାନେ ମତଦାନ କରିଥିଲେ। ମତଦାନ ବେଳେ ଭୋଟରଙ୍କ ସମେତ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀମାନେ ଉତ୍ସାହିତ ଥିବା ପରିଲକ୍ଷିତ ହୋଇଥିଲା। ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସର ପ୍ରାର୍ଥୀମାନେ ନିଜ ଭୋଟ ଗ୍ରହଣ କେନ୍ଦ୍ରରେ ମତାଧିକାର ସାବ୍ୟସ୍ତ କରିଥିଲେ।

ବିଜେଡ଼ି ପ୍ରାର୍ଥିନୀ ବର୍ଷା ସିଂ ବରିହା ପଦ୍ମପୁର ରଜାପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭୋଟ ଗ୍ରହଣ କେନ୍ଦ୍ର (ବୁଥ୍ ନଂ-୨୧୩)କୁ ଆସି ମତଦାନ କରିଥିଲେ। ସେ ଘରେ ତାଙ୍କ ବାପା ପୂର୍ବତନ ବିଧାୟକ ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହାଙ୍କ ପ୍ରତିଛବି ତଳେ ମୁଣ୍ଡିଆ ମାରି ଭୋଟ୍ ଗ୍ରହଣ କେନ୍ଦ୍ରକୁ ଆସିଥିଲେ। ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ସପରିବାର ନୃସିଂହନାଥ ମହାପ୍ରଭୁଙ୍କ ଦର୍ଶନ କରିଥିଲେ ଏବଂ ଏହାପରେ ସପରିବାର ପାଇକମାଳ ଛକ ସ୍ଥିତ ସରକାରୀ ପ୍ରକଳ୍ପ ବାଳିକା ପ୍ରାଥମିକ ବିଦ୍ୟାଳୟରେ ଭୋଟ ଗ୍ରହଣ କେନ୍ଦ୍ର (ବୁଥ୍ ନଂ-୧୨୮)କୁ ଆସି ମତାଧିକାର ସାବ୍ୟସ୍ତ କରିଥିଲେ।

ସେହିପରି କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ ପାଇକମାଳ ବ୍ଲକ ଅନ୍ତର୍ଗତ ମାଣ୍ଡୋସିଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭୋଟ୍ ଗ୍ରହଣ କେନ୍ଦ୍ର (ବୁଥ୍ ନଂ-୧୦୨)କୁ ଆସି ମତଦାନ କରିଥିଲେ। ମତଦାନ ପରେ ପ୍ରାର୍ଥୀମାନେ ବିଭିନ୍ନ ଭୋଟ ଗ୍ରହଣ କେନ୍ଦ୍ର ବୁଲିଥିବା ଦେଖିବାକୁ ମିଳିଥିଲା। ଉକ୍ତ ୩ ପ୍ରାର୍ଥୀ ବିଜୟୀ ହେବା ପାଇଁ ଆଶାବାଦୀ ଥିବା କହିଛନ୍ତି। ଆସନ୍ତା ୮ତାରିଖରେ ଭୋଟ୍ ଗଣତି ପରେ ଉପନିର୍ବାଚନରେ ଭୋଟରମାନେ କାହାକୁ ସେମାନଙ୍କ ବିଧାୟକ ବାଛିଛନ୍ତି ତାହା ସ୍ପଷ୍ଟ ହେବ।

# ଭାଜପା ନେତା ଟଙ୍କା ବାଣ୍ଟୁଥିଲେ: ବିଜେଡି

**ଭୁବନେଶ୍ୱର,୫।୧୨(ବ୍ୟୁରୋ)**

ପଦ୍ମପୁର ଉପନିର୍ବାଚନରେ ଭାରତୀୟ ଜନତା ପାର୍ଟି (ଭାଜପା)ର ପରାଜୟ ନିଶ୍ଚିତ ଜାଣି ଦଳୀୟ ନେତାମାନେ ହତାଶ ହୋଇ ପଡ଼ିଛନ୍ତି। ସୋମବାର ଉପନିର୍ବାଚନ ପାଇଁ ମତଦାନ ଚାଲିଥିବା ବେଳେ ଭାଜପା ନେତାମାନେ ଭୋଟରଙ୍କୁ ଟଙ୍କା ବାଣ୍ଟିବା ବେଳେ ଧରାପଡ଼ିଛନ୍ତି। ଏନେଇ ବିଜେଡି ପକ୍ଷରୁ ୬ଟି ପିଟିଶନ୍ ମାଧ୍ୟମରେ ଭୁବନେଶ୍ୱରସ୍ଥିତ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ), ପଦ୍ମପୁରସ୍ଥିତ ନିର୍ବାଚନ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଯିବା ସହ ପ୍ରମାଣ ସ୍ୱରୂପ ଭିଡିଓ କ୍ଲିପ୍ ଓ ଫଟୋ ଦାଖଲ କରାଯାଇଛି। ଟଙ୍କା ବାଣ୍ଟୁଥିବା ବେଳେ ଧରାପଡ଼ିଥିବା ଭାଜପା ନେତାମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ବିଜେଡି ପକ୍ଷରୁ ଦାବି କରାଯାଇଛି।

ବିଜେଡି ପକ୍ଷରୁ କରାଯାଇଥିବା ଅଭିଯୋଗ ଅନୁଯାୟୀ, କଳାହାଣ୍ଡି ଜିଲା ଭାଜପା ସାଧାରଣ ସମ୍ପାଦକ ତଥା କୃଷକ ମୋର୍ଚ୍ଚା ନେତା ସୁଧୀର ପାଟଯୋଶୀ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବା ଲାଗି ପାଇକମାଳ ବ୍ଲକ୍ କେଛୋଦାଦର ପଞ୍ଚାୟତ ଛେଲିଆମାଲ ଗାଁରେ ଭୋଟରଙ୍କୁ ଟଙ୍କା ବାଣ୍ଟୁଥିବା ବେଳେ ଧରା ପଡ଼ିଥିଲେ। ଅନ୍ୟପକ୍ଷରେ ପଦ୍ମପୁର ଏନ୍ଏସି ୧୨ ନମ୍ବର ୱାର୍ଡ଼ରେ ମତଦାନ ଚାଲିଥିବା ବେଳେ ଭାଜପା କାଉନ୍‌ସିଲର ଚିନ୍ମୟ ପଣ୍ଡା ଧାଡ଼ିରେ ଥିବା କିଛି ମହିଳା ଭୋଟରଙ୍କୁ ଟଙ୍କା ଦେଉଥିବା ଖବର ମିଳିଥିଲା। ଏ ବିଷୟ ଜାଣିବା ପରେ ସମ୍ପୃକ୍ତ ମହିଳାଙ୍କ ସମ୍ପର୍କୀୟମାନେ ସେଠାରେ ପହଞ୍ଚି କାଉନ୍‌ସିଲର ପଣ୍ଡାଙ୍କୁ ପଚରାଉଚରା କରିବାରୁ ସେ ଅପ୍ରସ୍ତୁତ ହୋଇ ପଡ଼ିଥିଲେ। ଏହାକୁ ନେଇ ସେଠାରେ ଚାପା ଉତ୍ତେଜନା ଦେଖାଦେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପଣ୍ଡାଙ୍କୁ ଗାଡ଼ିରେ ବସାଇ ନେଇଯାଇଥିଲା। ଏ ବିଷୟରେ ମଧ୍ୟ ବିଜେଡି ପକ୍ଷରୁ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ପଣ୍ଡାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଅନ୍ୟପକ୍ଷରେ ଆଦର୍ଶ ନିର୍ବାଚନ ଆଚରଣ ବିଧି ଅନୁଯାୟୀ ୩ ତାରିଖ ଅପରାହ୍ନ ୪ଟାରୁ ନିର୍ବାଚନମଣ୍ଡଳୀ ବାହାର ନେତାମାନଙ୍କୁ ପଦ୍ମପୁର ଛାଡ଼ିବା ପାଇଁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ରହିଥିଲେ ହେଁ ମତଦାନ ଚାଲିଥିବା ବେଳେ ବଲାଙ୍ଗୀର ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି ପାଟଣାଗଡ଼ ଓ କଣ୍ଟାବାଞ୍ଜିର କେତେକ ଦଳୀୟ ନେତାଙ୍କୁ ନେଇ ପଦ୍ମପୁର ବ୍ଲକ ଦହିତା, ବୁଡେନ ଓ ଦହିଗାଁ ପଞ୍ଚାୟତରେ ଭାଜପା ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା।

bob World | बैंक ऑफ़ बड़ौदा Bank of Baroda | Azadi Ka Amrit Mahotsav

**କ୍ଷେତ୍ରୀୟ କାର୍ଯ୍ୟାଳୟ, ପାଟନା ଜୋନ୍, ୫ମ ମହଲା, ଆନନ୍ଦ ବିହାର, ୱେଷ୍ଟ ବୋରିଂ କେନାଲ ରୋଡ୍, ପାଟନା-୮୦୦୦୦୧**

**ଟେଣ୍ଡର ବିଜ୍ଞପ୍ତି**

ବ୍ୟାଙ୍କ ଅଫ୍ ବରୋଦା, କ୍ଷେତ୍ରୀୟ କାର୍ଯ୍ୟାଳୟ, ପାଟନା ବିହାର, ଓଡ଼ିଶା ଏବଂ ଝାଡ଼ଖଣ୍ଡ ରାଜ୍ୟ ପାଇଁ ଏୟାର କଣ୍ଡିସନ୍‌ଡ ସ୍ମଲ୍ କ୍ୟାଶ୍ ଭ୍ୟାନ୍ସ ଯୋଗାଣ ଲାଗି ଖ୍ୟାତନାମା କମ୍ପାନୀଗୁଡ଼ିକଠାରୁ ଦୁଇ ବିଡ୍ ପ୍ରଣାଳୀରେ ଜଉମୁଦଦିଆ ଟେଣ୍ଡର ଆହ୍ୱାନ କରୁଛି । ଜଉମୁଦଦିଆ ଟେଣ୍ଡର କ୍ଷେତ୍ରୀୟ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ବରୋଦା, କ୍ଷେତ୍ରୀୟ କାର୍ଯ୍ୟାଳୟ, ପାଟନା-୮୦୦୦୦୧ଙ୍କ ଠିକଣାରେ ତା୨୮।୧୨।୨୦୨୨ରିଖ ଅପରାହ୍ନ ୫ ଘଟିକା କିମ୍ବା ତାହା ପୂର୍ବ ସୁଦ୍ଧା ପହଞ୍ଚିବା ଆବଶ୍ୟକ । (ଅପରାହ୍ନ ୫ ଘଟିକା ପରେ ପହଞ୍ଚିଥିବା ବିଡ୍‌ଗୁଡ଼ିକୁ ବ୍ୟାଙ୍କ ଗ୍ରହଣ କରିବ ନାହିଁ) ।
ବିବରଣୀ ପାଇଁ, ଦୟାକରି ନମୁନା ଟେଣ୍ଡର ଡାଉନଲୋଡ୍ କରିବା ଲାଗି ଆମର ୱେବ୍‌ସାଇଟ୍ **www.bankofbaroda.com**ର ଟେଣ୍ଡର ସେକ୍ସନରେ ଲଗ୍ ଅନ୍ କରନ୍ତୁ । ଶୁଦ୍ଧିପତ୍ର, ଯଦି ଥାଏ, କେବଳ ବ୍ୟାଙ୍କ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ ।
କୌଣସି କାରଣ ନ ଦର୍ଶାଇ ଯେକୌଣସି ଅଫରକୁ ଗ୍ରହଣ କିମ୍ବା ନାକଚ କରିବାର ଅଧିକାର ବ୍ୟାଙ୍କ ନିକଟରେ ସଂରକ୍ଷିତ ।

**କ୍ଷେତ୍ରୀୟ ପ୍ରବନ୍ଧକ**

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୩୭-୨୨ ତାରିଖ: ୦୨।୧୨।୨୦୨୨**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ୦୨ (ଦୁଇ) ବର୍ଷ ଅବଧି ପାଇଁ **https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି । **ବର୍ଗ:** ପାର୍ସଲ । **କାଟାଲଗ୍ ନଂ.:** ଲିଜ୍-କେଜିପି-୩୭-୨୨ । **ନିଲାମ ତାରିଖ:** ୧୬।୧୨।୨୦୨୨ । **ନିଲାମ ଆରମ୍ଭ ସମୟ:** ୧୨.୦୦ ଘଟିକା । **ନିଲାମ ସମାପ୍ତିର ସମୟ:** ୧୨.୫୦ ଘଟିକା । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
**(PR-866)** **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର**

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହ ସେବା କରୁ

**KHADI & VIILLAGE INDUSTRIES COMMISSION**
**STATE OFFICE, BHUBANESWAR**
**No. OSO/Hiring of Vehicle/HK/2022-23 Date:02.12.2022**

**TENDER NOTICE FOR HIRING OF TAXIS/CARS**

Sealed tenders are invited from reputed Tour and Travel Agencies located in Bhubaneswar (Odisha) for hiring Air Conditioned/Non-Air Conditioned Taxis/Cars for official use of **State Office, Khadi & Village Industries Commission, Ministry of MSME, Govt. of India, J-16, Bhimpur, Gandamunda, Khandagiri, Bhubaneswar - 30 (Tel.: 0674-2351161, 2351131)** for one year.
The bid may be submitted in a sealed cover superscribed as **"BID FOR HIRING OF TAXIS/CARS SERVICES"** by Speed Post to the undersigned at the above mentioned address. The important dates of tender are mentioned below.

a) Date of issue of Tender document : 5th December, 2022
b) Last date and time for submission of tender document : 26th December, 2022 (Upto 2.00 P.M.)
c) Date and time for opening of
(i) Technical Bid document : 26th Decmber, 2022 (at 3.00 P.M.)
(ii) Financial Bid document : 26th Decmber, 2022 (at 5.00 P.M.)

For the detail tender Notice please visit KVIC website i.e. **www.kvic.org.in/Tender**. It can also be obtained from this office on any working day between **10.00 A.M. to 5.00 P.M.** (except Saturday, Sunday, Public Holidays & Lunch hours **(1.30 P.M. to 2.00 P.M.)**) at the above mentioned address by paying Demand Draft for **Rs.1,000/- (Rupees one thousand only)** drawn in favour of Director, KVIC, Bhubaneswar.

**State Director**

**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ**କୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ ।

| ସାତପାଟଣା ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ କାର୍ତ୍ତିକ ଚରଣ ସ୍ୱାଇଁ,** ପିତା: ଶ୍ରୀ ଧ୍ରୁବ ଚରଣ ସ୍ୱାଇଁ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଶୈଳବାଳା ସ୍ୱାଇଁ,** ସ୍ୱାମୀ: ଶ୍ରୀ କାର୍ତ୍ତିକ ଚରଣ ସ୍ୱାଇଁ, ଉଭୟଙ୍କ ବାସସ୍ଥାନ ଠିକଣା- କଉଡ଼ା, ଖମାର ସାହି, ଜିଲ୍ଲା: ନୟାଗଡ଼-୭୫୨୦୮୪ | ୩୧.୦୩.୨୦୨୧ ସୁଦ୍ଧା ଟ.୫,୩୬,୫୧୬.୧୯ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୪.୦୩.୨୦୨୨ / ୦୩.୧୨.୨୦୨୨ | **ଶ୍ରୀମତୀ ଶୈଳବାଳା ସ୍ୱାଇଁ,** ସ୍ୱାମୀ: ଶ୍ରୀ କାର୍ତ୍ତିକ ଚରଣ ସ୍ୱାଇଁଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୬୮/ ୧୦୪୯ ଏବଂ ୧୬୮/୧୧୩୭, ଖାତା ନଂ.: |

୨୩୦/୨୮୩, କ୍ଷେତ୍ର: ଏକର୦.୨୬ଡିସିମିଲି, ବିକ୍ରୟ ଦଲିଲ ନଂ.: ୧୧୪୫ ଏବଂ ୧୧୪୭, କିସମ: ଘରବାରୀ, ଗ୍ରାମ: ହରିଡାବାରି, ତାଲୁକ: ଦଶପଲ୍ଲା, ଏସ୍‌ଆର୍‌ଓ: ଦଶପଲ୍ଲା, ଜିଲ୍ଲା: ନୟାଗଡ଼, ଏହାର ଚାରିପାର୍ଶ୍ୱରେ ଉତ୍ତର: ଲକ୍ଷ୍ମଣ ସାହୁ, ପୂର୍ବ: ମୋରମ ରାସ୍ତା, ଦକ୍ଷିଣ: ଲକ୍ଷ୍ମଣ ସାହୁ, ପଶ୍ଚିମ: ସନ୍ତୋଷ କୁମାର ସାହୁ

**ସ୍ଥାନ: ଭୁବନେଶ୍ୱର, ତାରିଖ : ୦୫.୧୨.୨୦୨୨** **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**





ସୂର୍ଯ୍ୟମନ୍ଦିର ପାଦଦେଶ ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିଥିବା କୋଣାର୍କ ଉତ୍ସବର ସୋମବାର ଶେଷ ସନ୍ଧ୍ୟାରେ ଶିଳ୍ପୀମାନେ ଓଡ଼ିଶୀ ଓ କୁଚିପୁଡ଼ି ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ-ଜ୍ୟୋତିରାଜ ମହାନ୍ତି)

# ସରିଲା କୋଣାର୍କ, ବାଲୁକା କଳା ଉତ୍ସବ

କୋଣାର୍କ,୫।୧୨(ଡି.ଏନ୍.ଏ.)

## ଓଡ଼ିଶୀ, କୁଚିପୁଡ଼ି ନୃତ୍ୟରେ ଦର୍ଶକ ବିମୋହିତ

କୋଣାର୍କ ସୂର୍ଯ୍ୟମନ୍ଦିରର ପାଦଦେଶ ମୁକ୍ତାକାଶ ରଙ୍ଗମଞ୍ଚରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଡିସେମ୍ବର ୧୦ାରୁ ଆରମ୍ଭ ହୋଇଥିବା କଳା ଓ ସଂସ୍କୃତିର ମହାକୁମ୍ଭ ୩୩ତମ କୋଣାର୍କ ଉତ୍ସବ ସୋମବାର ସରିଛି। କୋଣାର୍କ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାର ଅତିଥି ଭାବେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧକ୍ଷ ଲେନିନ ମହାନ୍ତି, ଇଷ୍ଟ କୋଷ୍ଟ ରେଲୱେର ମୁଖ୍ୟ ସୁରକ୍ଷା ଅଧିକାରୀ ପିବିଏସ ସାନ୍ଥାରାଓ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ତଥା ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ଅରୁଣା ମହାନ୍ତି ଏବଂ ପର୍ଯ୍ୟଟନ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଶେଷ ସନ୍ଧ୍ୟାରେ ଓଡ଼ିଶୀ ଓ କୁଚିପୁଡ଼ି ନୃତ୍ୟର ମହାମିଳନ ପର୍ବର ମହାର୍ଘ ଉପସ୍ଥାପନରେ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଚରଣରେ ନୃତ୍ୟ ନୈବେଦ୍ୟ ଅନୁଷ୍ଠାନର ଗୁରୁ ପ୍ରଭାତ କୁମାର ସ୍ୱାଇଁ ଓ ସାଥୀ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଶୈଳୀରେ ସୂର୍ଯ୍ୟ ବନ୍ଦନା ପରିବେଷିତ ହୋଇଥିଲା। ଏହି ନୃତ୍ୟ ଗୁରୁ ନିତ୍ୟାନନ୍ଦ ମିଶ୍ରଙ୍କ ଦ୍ୱାରା ରଚିତ ହୋଇଥିବା ବେଳେ ସଙ୍ଗୀତ ସଂଯୋଜନା ଗୁରୁ ସୁକାନ୍ତ କୁମାର କୁଣ୍ଡୁ ଏବଂ ଏହାର ବାଦ୍ୟ ସଂଯୋଜନା କରିଥିଲେ ଗୁରୁ ବିଜୟ କୁମାର ବାରିକ। ନୃତ୍ୟ ନୈବେଦ୍ୟ ଅନୁଷ୍ଠାନର ଶିଳ୍ପୀମାନଙ୍କ ପରବର୍ତ୍ତୀ ପ୍ରସ୍ତୁତି ଥିଲା ପଲ୍ଲବୀ, ଯାହା ରାଗ ବକୁଳଭୈରବୀ ଓ ତାଳ ଏକତାଳି ଉପରେ ପର୍ଯ୍ୟବସିତ ଥିଲା। ପରେ ଅନୁଷ୍ଠାନର ଅନ୍ତିମ ପ୍ରସ୍ତୁତି ଥିଲା ସଦାରିପୁ। ଶାସ୍ତ୍ର ମତରେ ନିଜ ଭିତରେ ଥିବା ଶତ୍ରୁ ଯଥା କାମ, କ୍ରୋଧ, ଲୋଭ ଓ ମୋହକୁ ପରାସ୍ତ କରିବା ହେଉଛି ପରିତ୍ରାଣ ପ୍ରାପ୍ତିର ମାର୍ଗ। ଯାହା ରାଗ ରାଗ ମାଳିକା ଓ ତାଳ ତାଳମାଳିକା ଉପରେ ଆଧାରିତ। ଏହି ଅନ୍ତିମ ପ୍ରସ୍ତୁତିରେ ସଙ୍ଗୀତ ସଂଯୋଜନା ଗୁରୁ ମାତୃ ପ୍ରସାଦ ଦାସ ଓ ବାଦ୍ୟ ସଂଯୋଜନା କରିଥିଲେ ଗୁରୁ ଧନେଶ୍ୱର ସାଇଁ।

ଉଦ୍‌ଯାପନୀ ସନ୍ଧ୍ୟାର ଦ୍ୱିତୀୟ କାର୍ଯ୍ୟକ୍ରମ ଥିଲା କୁଚିପୁଡ଼ି ଶାସ୍ତ୍ରୀୟ ନୃତ୍ୟ। ଏହି କାର୍ଯ୍ୟକ୍ରମକୁ ପରିବେଷଣ ଶିବାମୋହନମ ଅନୁଷ୍ଠାନର ଗୁରୁ ଜୟକିଶୋର ମୋସାଲିକାନ୍ତି ଓ ସାଥୀ କଳାକାର ବୃନ୍ଦ। ଏହି ଅନୁଷ୍ଠାନର ପ୍ରଥମ ପ୍ରସ୍ତୁତିରେ ତରଙ୍ଗମ ଯାହା କୁଚିପୁଡ଼ି ସଙ୍ଗୀତରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ତରଙ୍ଗମ ହେଉଛି ଶ୍ରୀ ନାରାୟଣ ତେରଥାଙ୍କ ଦ୍ୱାରା ଶ୍ରୀକୃଷ୍ଣ ଲୀଳା ତରଙ୍ଗିନୀଙ୍କ ଅଧ୍ୟାୟରୁ ନିଆଯାଇଥିବା ଏକ ଶବ୍ଦ। ଏହି ନୃତ୍ୟକୁ ଶିଳ୍ପୀମାନେ ପିତ୍ତଳ ଥାଳି ଉପରେ ଠିଆ ହୋଇ ବାଦ୍ୟ ସହିତ ତାଳରେ ନୃତ୍ୟ ପରିବେଷଣ କରିଥାନ୍ତି। ଉଦ୍‌ଯାପନୀ ସନ୍ଧ୍ୟାର ଅନ୍ତିମ ଚରଣରେ କୁଚିପୁଡ଼ି ନୃତ୍ୟ ଶୈଳୀରେ ପରିବେଷିତ ହୋଇଥିଲା। ଯାହା ଦକ୍ଷିଣ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଏକ ଶୁଦ୍ଧ ନୃତ୍ୟର ଗତିବିଧିକୁ ନେଇ ପର୍ଯ୍ୟବସିତ ହୋଇଥାଏ। ଥିଲାନା ହେଉଛି ଏଭଳି ଏକ ନୃତ୍ୟର ଉଦାହରଣ, ଯାହା ରାଗ କଲ୍ୟାଣୀ ଓ ଆଦିତାଳ ଉପରେ ଆଧାରିତ ଥିଲା। ଓଡ଼ିଶୀ ଓ କୁଚିପୁଡ଼ି ନୃତ୍ୟର ତାଳେ ତାଳେ ଦର୍ଶକ ସମ୍ପୂର୍ଣ୍ଣ ଭାବେ ବିମୋହିତ ହୋଇପଡ଼ିଥିଲେ।

## ବାଲୁକା କଳାରେ ଆଦିବାସୀ ସଂସ୍କୃତି, ବିଶ୍ୱ ଶାନ୍ତି

ଚନ୍ଦ୍ରଭାଗାସ୍ଥିତ ବେଳାଭୂମି କୂଳରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଚାଲିଥିବା ଅନ୍ତର୍ଜାତୀୟ ବାଲୁକା କଳା ପ୍ରଦର୍ଶନର ସୋମବାର ଥିଲା ଅନ୍ତିମ ଦିବସ। ଚନ୍ଦ୍ରଭାଗା ବେଳାଭୂମି କୂଳରେ ବାଲୁକା ଶିଳ୍ପୀମାନେ ବାଲିରେ ଆଦିବାସୀ ସଂସ୍କୃତି ଓ ବିଶ୍ୱ ଶାନ୍ତି ଉପରେ ନିଜ ନିଜର କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଏହି ବାଲୁକା କଳା ପ୍ରଦର୍ଶନ ଦେଖିବାକୁ ଚନ୍ଦ୍ରଭାଗା ବେଳାଭୂମି କୂଳରେ ପର୍ଯ୍ୟଟକଙ୍କ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ସେହିଭଳି ହେଲିପ୍ୟାଡ ପଡ଼ିଆରେ ଚାଲିଥିବା ମିନାବଜାରରେ ମଧ୍ୟ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାକୁ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ଓ ଡ. ନାଜିଆ ଆଲମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ସୁବୋଧ ରଥ, ଡ. ସଙ୍ଗୀତା ଗୋସାଇଁ, ପୁରୀ ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ଓ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀଙ୍କ ସମେତ ପର୍ଯ୍ୟଟନ ବିଭାଗର ପଦାଧିକାରୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ।




# ରାଧାକୃଷ୍ଣଙ୍କୁ ଲାଗି ହେଲା ୮୨୧ ପ୍ରକାର ବ୍ୟଞ୍ଜନ

ପୁରୀ ଅଫିସ, ୫।୧୨

## ଉତ୍ସବରେ ଯୋଗଦେଲେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ

ଶ୍ରୀଗୌରବିହାର ଆଶ୍ରମ (ମାତା ମଠ)ରେ ସୋମବାର ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀରାଧାକୃଷ୍ଣ ଏବଂ ଶ୍ରୀଚୈତନ୍ୟଙ୍କ ନିକଟରେ ୮୦୧ ପ୍ରକାର ବ୍ୟଞ୍ଜନ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଭୋରୁ ସମସ୍ତ ଦେବନୀତି ସମାପ୍ତ ପରେ ମଧ୍ୟାହ୍ନରେ ଶ୍ରୀରାଧାକୃଷ୍ଣ ଏବଂ ଶ୍ରୀଚୈତନଙ୍କୁ ନୈବେଦ୍ୟ ଅର୍ପଣ କରାଯାଇଥିଲା। ମଠର ମହନ୍ତ ସୁବଳ ଚରଣ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ଆୟୋଜିତ ହୋଇଥିଲା।

ସୂଚନା ଅନୁଯାୟୀ, ୨୦୧୭ ମସିହାରେ ୬୧୧, ୨୦୧୮ରେ ୬୩୫ ଓ ୨୦୧୯ରେ ୬୭୫ ଏବଂ ୨୦୨୦ରେ କରୋନା କଟକଣା ମଧ୍ୟରେ ୧୫୧ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ ହୋଇଥିଲା। ସେହିପରି ଗତବର୍ଷ ୭୦୧ ଏବଂ ଚଳିତ ବର୍ଷ ୮୨୧ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଛି। ୮୨୧ ପ୍ରକାର ବ୍ୟଞ୍ଜନ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ପ୍ରକାରର ଅନ୍ନ, ଡାଲି, ତରକାରୀ, ୫୦ ପ୍ରକାର ଭଜା, ୨୫ ପ୍ରକାର ଶାଗ, ୨୩୩ ପ୍ରକାର ଚଟଣି, ବିଭିନ୍ନ ପ୍ରକାର ଖିରି, ମିଠା, କଚୋଡ଼ି ପ୍ରଭୃତି ରହିଥିଲା। ପୂର୍ବରାତି ୧୨ଟା ପରେ ବ୍ୟଞ୍ଜନ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ସେବକମାନେ ଚୁଲିରେ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ଏଥିରେ ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ଆସି ସହଯୋଗ କରିଥିଲେ। ଜନଶ୍ରୁତି ରହିଛି ଯେ, ଦ୍ୱାପର ଯୁଗରେ ଯଶୋଦା ତାଙ୍କ ପୁଅ କାହ୍ନା ବା କୃଷ୍ଣଙ୍କ ଦେହ ଝଡ଼ିଯାଇଛି ବୋଲି ଦେଖିଲେ। ସେ ଭାବିଲେ କାହ୍ନା ନ ଖାଇ ନ ପିଇ ଏମିତି ହୋଇଗଲେଣି। ତେଣୁ ସେ ନିଜେ ରୋଷେଇ ଘରକୁ ଯାଇ ନାନାଦି ପ୍ରକାର ସୁସ୍ୱାଦୁ ତଥା ପୁଷ୍ଟିକର ବ୍ୟଞ୍ଜନ ପ୍ରସ୍ତୁତ କରି ଉକ୍ତ ତିଥିରେ ତାଙ୍କୁ ପରଷି ଦେଇଥିଲେ। ସେହିପରି ଚୈତନ୍ୟ ମହାପ୍ରଭୁ ବାଲ୍ୟକାଳରେ ତାଙ୍କ ମା' ଶଚିଦେବୀଙ୍କଠାରୁ ଏହି ଦିନ ବହୁବିଧ ବ୍ୟଞ୍ଜନ ଖାଇଥିବାର ଜନଶ୍ରୁତି ରହିଛି। ଉତ୍ସବରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଠାକୁର ଦର୍ଶନ କରିବା ସହ ପ୍ରସାଦ ପାଇଥିଲେ। ମନ୍ତ୍ରୀ ପାତ୍ର କହିଥିଲେ, ସେ ପ୍ରଥମ ଥର ପାଇଁ ଜାଣିବାକୁ ପାଇଲେ ଯେ, ଏତେ ପ୍ରକାର ବ୍ୟଞ୍ଜନ ଠାକୁରଙ୍କ ପାଖରେ ଲାଗିହେଉଛି। ଏହା ବିଶ୍ୱରେ ବିରଳ। ଠାକୁରଙ୍କୁ ସମର୍ପିତ ଭାବେ ଏପରି ବ୍ୟବସ୍ଥା କରାଯାଇଛି। ଭାବରୁ ଭକ୍ତି ଓ ଭକ୍ତିରୁ ଶକ୍ତି ଆସିଥାଏ।

# ମାଟିର ଜୈବିକ ଗୁଣ କମିଯିବାରୁ ଉର୍ବରତା କମିଛି



ବିଶ୍ୱ ମୃତ୍ତିକା ଦିବସରେ ଅତିଥିମାନେ ଜଣେ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରୁଛନ୍ତି।

## ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ

ଭୁବନେଶ୍ୱର, ୫।୧୨(ବ୍ୟୁରୋ)

ମାଟି ପ୍ରକୃତିର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ମଣିଷ ତଥା ପୂରା ଜୀବଜଗତ ଓ ଉଦ୍ଭିଦ ଜଗତ ନିମନ୍ତେ ମୃତ୍ତିକା ସୁରକ୍ଷାର ଏକାନ୍ତ ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ମୃତ୍ତିକାର ସ୍ୱାସ୍ଥ୍ୟଗତ ପରିଚାଳନା ଆଜିର ଆହ୍ୱାନ ବୋଲି କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି। ସୋମବାର ବିଭାଗ ପକ୍ଷରୁ କୃଷିଭବନଠାରେ ରାଜ୍ୟସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ କାର୍ଯ୍ୟକ୍ରମରେ ସଚିବ ପାଢ଼ୀ ଅଧ୍ୟକ୍ଷତା କରି କହିଥିଲେ, ମାଟିର ଜୈବିକ ଗୁଣାବଳୀ କମିଯିବାରୁ ଉର୍ବରତା ମଧ୍ୟ ହ୍ରାସ ପାଇଛି। ମୃତ୍ତିକା ସଂରକ୍ଷଣ ସହିତ ଜୈବିକ କୃଷି ଓ ଫସଲର ବିବିଧକରଣ ମାଧ୍ୟମରେ ଖାଦ୍ୟ ନିରାପତ୍ତା ସହିତ ପରିବେଶ ସୁରକ୍ଷା କରାଯାଇପାରିବ। ମାଟିର ଉର୍ବରତାର ଠିକ ନିରୂପଣ, ମାଟିର କିସମ ଓ ଗୁଣ ନିର୍ଣ୍ଣୟ ଏବଂ ସମସ୍ୟାବହୁଳ ମାଟିର ସଂଶୋଧନ ନିମନ୍ତେ ବିଭାଗ ପକ୍ଷରୁ ବିନାମୂଲ୍ୟରେ ମୃତ୍ତିକା ପରୀକ୍ଷା କରାଯାଉଛି। ମୃତ୍ତିକା ପରୀକ୍ଷା କରି ଅନୁମୋଦିତ ସାର, କମ୍ପୋଷ୍ଟ ଖତ ଓ ଜୈବସାରର ଠିକ୍ ମାତ୍ରାରେ ପ୍ରୟୋଗ କଲେ ଫସଲ ଅମଳ ଆଶାନୁରୂପ ବୃଦ୍ଧି ପାଇବ ବୋଲି ସେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଓୟୁଏଟି କୁଳପତି ପ୍ରଭାତ କୁମାର ରାଉଳ ଯୋଗଦେଇ ଜଳବାୟୁର ବ୍ୟାପକ ପରିବର୍ତ୍ତନ ଯୋଗୁ ମୃତ୍ତିକା ଓ ଜଳ ସଂରକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଭାଗର ସ୍ୱତନ୍ତ୍ର ସଚିବ ସଞ୍ଜୀବ କୁମାର ଚଢା କହିଥିଲେ, ରାସାୟନିକ ସାର ସହିତ ଜୈବିକ ସାରର ଉପଯୁକ୍ତ ସମ୍ମିଶ୍ରଣ ମୃତ୍ତିକା ସ୍ୱାସ୍ଥ୍ୟ ପାଇଁ ହିତକର। କାର୍ଯ୍ୟକ୍ରମ ପ୍ରାରମ୍ଭରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ବ୍ୟବହାର ସମ୍ପର୍କରେ ଆଲୋକପାତ କରିଥିଲେ। ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଏବଂ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ୧୫ ଜଣ ଅଗ୍ରଣୀ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। ପୂର୍ବରୁ ଜିଲାସ୍ତରରେ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୫ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବୈଷୟିକ ଅଧିବେଶନରେ ମୃତ୍ତିକା ସ୍ୱାସ୍ଥ୍ୟର ବିଭିନ୍ନ ଦିଗ ସମ୍ପର୍କରେ ବିଶେଷଜ୍ଞ ଓ ବିଭାଗୀୟ ଅଧିକାରୀମାନେ ବିସ୍ତୃତ ଆଲୋଚନା କରିଥିଲେ। ସହକାରୀ ନିର୍ଦ୍ଦେଶକ ନଗେନ୍ଦ୍ର କୁମାର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା ଓ ଅତିରିକ୍ତ ନିର୍ଦ୍ଦେଶକ ଅଂଶୁମାନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। କୃଷିଭବନଠାରେ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସ୍ମୃତି



@ ମିକି



@ ରୋଜି



@ ସୁପ୍ରଭା



@ ସୁମିତ୍



@ ହିଂମାଶୁ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ପୁରୀସ୍ଥିତ ଶ୍ରୀଗୌରବିହାର ଆଶ୍ରମ (ମାତା ମଠ)ରେ ସୋମବାର ଶ୍ରୀରାଧାକୃଷ୍ଣ ଏବଂ ଶ୍ରୀଚୈତନଙ୍କୁ ୮୨୧ ପ୍ରକାର ନୈବେଦ୍ୟ ଅର୍ପଣ କରାଯାଇଛି।




ସ୍ଥାୟୀ ନିଯୁକ୍ତି ସହ ୭ ଦଫା ଦାବି ନେଇ ଅନୁସୂଚିତ ଜନଜାତି ଓ ଜାତି ରୋଷେୟା ସେବାୟତ ମହାସଂଘ ପକ୍ଷରୁ ପିଏମ୍‌ଜିରେ ସୋମବାର ବିକ୍ଷୋଭ ପ୍ରଦର୍ଶନ।

## ଶିଳ୍ପାଞ୍ଚଳ ନିକଟରୁ ୧୧ ଫୁଟର ଅଜଗର ଉଦ୍ଧାର

ବାରଙ୍ଗ,(ଡି.ଏନ୍.ଏ.)- ବାରଙ୍ଗ ଥାନା ଅନ୍ତର୍ଗତ ରାମଦାସପୁର ଶିଳ୍ପାଞ୍ଚଳରୁ ୧୧ ଫୁଟର ଅଜଗର ସାପ ଉଦ୍ଧାର ହୋଇଛି। ପ୍ରକାଶ ଯେ, ସୋମବାର ସକାଳେ ଏକ ଘରୋଇ ପାଇପ୍ କମ୍ପାନୀ ଶ୍ରମିକମାନେ କାର୍ଯ୍ୟରତ ଥିଲେ। ଶ୍ରମିକମାନେ ଅଜଗରଟିକୁ ଦେଖି ଭୟଭୀତ ହୋଇପଡିଥିଲେ। ଖବରପାଇ ସ୍ନେକ ହେଲ୍ପଲାଇନର ଜଣେ ସଦସ୍ୟ ଆସି ଅଜଗରଟିକୁ ଉଦ୍ଧାର କରିଥିଲେ। ପରେ ସାପଟିକୁ ବାଙ୍କୀ ଗୟଳବାଙ୍କ ନିକଟସ୍ଥ ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ଛଡ଼ାଯାଇଥିବା ଜଣାପଡିଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶହୀଦ ଜୟୀ ରାଜଗୁରୁଙ୍କ ୨୧୬ତମ ଶ୍ରାଦ୍ଧୋତ୍ସବ,ଏଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ସ୍ୱତନ୍ତ୍ର ହସ୍ତତନ୍ତ୍ର ମେଳା, ଏକାମ୍ର ହାଟ, ପୂର୍ବାହ୍ନ ୧୧ଟା।
- ଭାରତୀୟ ମଜଦୁର ସଂଘ ସଂଲଗ୍ନ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ୍ ପକ୍ଷରୁ ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତିଙ୍କ ଜନ୍ମବାର୍ଷିକୀ, ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ସନ୍ଧ୍ୟା ୬ଟା ୩୦।

# ପ୍ରେମିକା ଘରେ ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା

■ବନ୍ଦ ଘରୁ ମିଳିଲା ଝୁଲନ୍ତା ମୃତଦେହ

■ପ୍ରେମକୁ ସ୍ୱୀକୃତି ନ ମିଳିବାରୁ ଚରମ ପଦକ୍ଷେପ

ଭୁବନେଶ୍ୱର, ୫।୧୨ (ବ୍ୟୁରୋ)

ପ୍ରେମିକା ଘରୁ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ମିଳିଛି। ରାଜଧାନୀ ଭୁବନେଶ୍ୱରର ସାଲିଆ ସାହିରେ ରବିବାର ଏଭଳି ଘଟଣା ସାମ୍ନାକୁ ଆସିଛି। ମୃତକ ଦ୍ୱୟ ହେଲେ ଗଞ୍ଜାମ ଜିଲା କେ. ନୂଆଗାଁ ଥାନା ଅନ୍ତର୍ଗତ ନାରାୟଣପୁର ଗ୍ରାମର ଚିତ୍ରସେନ ଗୌଡ଼ (୨୦) ଏବଂ ଭୁବନେଶ୍ୱର ଶ୍ରୀରାମନଗର ସାଲିଆ ସାହିରେ ରହୁଥିବା ଦିଗପହଣ୍ଡି ଅଞ୍ଚଳର ପି. ବର୍ଷା ରେଡ୍ଡୀ (୧୬)। ଖବର ପାଇ ନୟାପଲ୍ଲୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘରର କାନ୍ଥ ଭାଙ୍ଗି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୦୯/୨୨) ରୁଜୁ କରି ପରିବାର ଲୋକଙ୍କୁ ପଚରାଉଚରା କରିବା ସହ ତଦନ୍ତ ଚଳାଇଛି। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ଘଟଣା ବୋଲି ପୋଲିସ କହିଛି। ଉଭୟଙ୍କ ପ୍ରେମକୁ ପାରିବାରିକ ସ୍ୱୀକୃତି ନ ମିଳିବାରୁ ଦୁହେଁ ଏଭଳି ଚରମ ପଦକ୍ଷେପ ନେଇଥିବା ଶୁଣିବାକୁ ମିଳୁଛି।

ସୂଚନାନୁଯାୟୀ, ଚିତ୍ରସେନ୍ ବିଜୟୱାଡ଼ାରେ କାମ କରନ୍ତି। ସେ ରବିବାର ସନ୍ଧ୍ୟାରେ ଭୁବନେଶ୍ୱରର ସାଲିଆସାହିରେ ରହୁଥିବା ତାଙ୍କ ପ୍ରେମିକା ବର୍ଷାଙ୍କୁ ଭେଟିବାକୁ ଆସିଥିଲେ। ଏହି ସମୟରେ ବର୍ଷାଙ୍କ ବାପା ମାଧବ ଓ ତାଙ୍କ ମାଆ କାମକୁ ଯାଇଥିଲେ। ବର୍ଷା ଏକାକୀ ଘରେ ଥିଲେ। ତାଙ୍କୁ ଚିତ୍ରସେନ ଭେଟି କଥାବାର୍ତ୍ତା ହୋଇଥିଲେ। ତେବେ ଏହି ସମୟରେ କୌଣସି କାରଣକୁ ନେଇ ବର୍ଷା ଏକ ରଶି ଏବଂ ଚିତ୍ରସେନ ତାଙ୍କ ପ୍ରେମିକାଙ୍କ ଓଢଣି ଦ୍ୱାରା ଲୁହାପାଇପରେ ଝୁଲି ପଡ଼ିଥିଲେ। କାମରୁ ଫେରି ବର୍ଷାଙ୍କ ମା, ବାପା ଘରକୁ ଆସି କବାଟ ବାଡ଼େଇଥିଲେ। ହେଲେ ଭିତର ପଟୁ କବାଟ ବନ୍ଦ ଥିଲା। ସେମାନେ ଝିଅକୁ ଯେତେ ଡାକିଥିଲେ ବି କୌଣସି ଉତ୍ତର ମିଳି ନ ଥିଲା। ତେଣୁ ସେମାନେ ଝରକା ପଟେ ଦେଖିଥିଲେ। ଘର ଭିତରେ ବର୍ଷା ଓ ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଏନେଇ ସେମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି କବାଟ ଖୋଲିପାରି ନ ଥିଲା। ତେଣୁ କବାଟ ଭାଙ୍ଗିବାକୁ ଚେଷ୍ଟା କରିଥିଲା। ସ୍ଥାନୀୟ କର୍ପୋରେଟର ଓ ଭଦ୍ରଲୋକଙ୍କ ଉପସ୍ଥିତିରେ ଘରର କାନ୍ଥକୁ ଭଙ୍ଗାଯାଇଥିଲା। ଏହାପରେ ପୋଲିସ ଘରେ ପଶି ମୃତଦେହ ଜବତ କରିଥିଲା।

## ଚିତା ବିରାଡ଼ି ଛାଲ ଜବତ, ଶିକାରୀ ଗିରଫ

ଭୁବନେଶ୍ୱର,୫।୧୨(ବ୍ୟୁରୋ)



ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ହଜ ଗ୍ରାମ ନିକଟରେ ରବିବାର ବିଳମ୍ବିତ ରାତିରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଚଢ଼ାଉ କରି ଏକ ଚିତା ବିରାଡ଼ି ଛାଲ ଜବତ କରିଛି। ଏଥିସହ ଛାଲ ରଖିଥିବା ଶିକାରୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ଉମେଶ ରଥ (୪୩)। ଏସ୍‌ଟିଏଫ୍ ଏକ ମାମଲା (ନଂ.୩୦/୨୦୨୨) ରୁଜୁ କରି ଅଭିଯୁକ୍ତ ଉମେଶଙ୍କୁ ସୋମବାର ଖୋର୍ଦ୍ଧା ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଧିକ ଯାଞ୍ଚ ଓ ପରୀକ୍ଷା ପାଇଁ ଉତ୍ତରାଖଣ୍ଡ ଡେରାଡୁନ୍‌ସ୍ଥିତ ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଆଇଆଇ) କୁ ପଠାଇଯାଇଛି।

ସୂଚନାଯୋଗ୍ୟ, ଅଭିଯୁକ୍ତ ଉମେଶ ଏହି ଚିତା ବିରାଡ଼ିକୁ କିଛିଦିନ ତଳେ ହତ୍ୟା କରିଥିବା ଏସ୍‌ଟିଏଫ୍ ସୂଚନା ପାଇଛି। ଏନେଇ ଏସ୍‌ଟିଏଫ୍ ଅଧିକ ତଦନ୍ତ କରୁଛି।

## ନକଲି ସିଗାରେଟ କମ୍ପାନୀ ସିଲ୍

ଯାଁଳା,୫।୧୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଅଲକର ମୌଜାରେ ଥିବା ଏକ ନକଲି ସିଗାରେଟ କମ୍ପାନୀକୁ ସୋମବାର ପୋଲିସ ସିଲ୍ କରିଛି। କମ୍ପାନୀର ମାଲିକଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରିବା ସହ ଲୋଗୋ ଏବଂ ୮ପେଟି ସିଗାରେଟ ଜବତ କରିଛି। ତେବେ ଜବତ ସିଗାରେଟର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ। ଗତ ଦେଢ଼ ବର୍ଷ ହେବ ଭିନିସା ଟବାକୋ ପ୍ରାଇଭେଟ୍ ଲିମିଟେଡ ନାମରେ ଉକ୍ତ ସିଗାରେଟ କମ୍ପାନୀ ଚାଲୁଥିଲା। ଏଚ୍‌ଟେନ ନାମକ ଏକ ବିହାର ସିଗାରେଟ କମ୍ପାନୀର ନକଲି ଲୋଗୋ ଲଗାଇ ସିଗାରେଟ ତିଆରି ହେଉଥିଲା। ସୋମବାର ଉକ୍ତ କମ୍ପାନୀର ଲିଗାଲ ଆଡଭାଇଜର ଏବଂ କୋଲକାତାର ତଦନ୍ତକାରୀ ସଂସ୍ଥା ଆସି ଇନ୍‌ଫୋଭ୍ୟାଲି ପୋଲିସ ସହାୟତାରେ ଭିନିସା ସିଗାରେଟ କମ୍ପାନୀ ଉପରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଭିନିସାର ୟୁନିକ ଟେନ ସିଗାରେଟ ତିଆରି କରିବା ପାଇଁ କାଗଜପତ୍ର ଥିବାବେଳେ ଏଚ୍‌ଟେନ କାଗଜପତ୍ର ମାଲିକ ଦେଖାଇ ପାରି ନ ଥିଲେ।

# ରାଜ୍ୟପାଳଙ୍କ ଦ୍ୱାରା 'ହରିବୋଲିଆ' ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର,୫।୧୨(ବ୍ୟୁରୋ)

ଲେଖିକା ତଥା ଶିକ୍ଷାବିତ୍ ଝରଣା ପଟ୍ଟନାୟକଙ୍କ ରଚିତ ଉପନ୍ୟାସ 'ହରିବୋଲିଆ' ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ରାଜଭବନରେ ଆୟୋଜିତ ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ଖବରଦାତା ପ୍ରଦୋଷ ପଟ୍ଟନାୟକ, କବି ରକ୍ଷକ ନାୟକ ଓ ଜ୍ୟୋତିପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟପାଳ ସୃଜନଶୀଳ ପ୍ରତିଭାଙ୍କୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। 'ଅପୂର୍ବା' ପ୍ରକାଶନୀ ସଂସ୍ଥା ଦ୍ୱାରା ଏହି ଉପନ୍ୟାସ ପ୍ରକାଶିତ ହୋଇଛି। ଲେଖିକା ପଟ୍ଟନାୟକଙ୍କ ଅନେକ କବିତା, ଗଳ୍ପ, ସଂକଳନ ଓ ଉପନ୍ୟାସ ପୂର୍ବରୁ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଛି।

## ପ୍ରତ୍ୟେକ ୱାର୍ଡ଼ରେ ନିର୍ମାଣ ହେବ ମାଂସ ମାର୍କେଟ

**ଜୟଦେବ ବିହାର ଓ ରାଜପଥରେ ବନ୍ଦ ହେବ ଆମିଷ ବ୍ୟବସାୟ**

ଭୁବନେଶ୍ୱର, ୫।୧୨ (ବ୍ୟୁରୋ)

ରାଜଧାନୀ ରାସ୍ତା କଡ଼ରେ ବ୍ୟବସାୟ କରୁଥିବା ମାଂସ ବ୍ୟବସାୟୀଙ୍କୁ ବାରମ୍ବାର ଉଚ୍ଛେଦ କରାଯିବା ଦ୍ୱାରା ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହେବା ସହ ଆର୍ଥିକ କ୍ଷତି ସହୁଛନ୍ତି। ତେଣୁ ଘାଟିକିଆ ମାଂସ ମାର୍କେଟ ଭଳି ପ୍ରତି ୱାର୍ଡରେ ମାସଂ ମାର୍କେଟ ନିର୍ମାଣ ହେବ ବୋଲି ମେୟର ସୁଲୋଚନା ଦାସ ପ୍ରତିଶ୍ରୁତି ଦେଇଛନ୍ତି। ସୋମବାର ବିଏମ୍‌ସି ଓ ଭୁବନେଶ୍ୱର ନନ୍‌ଭେଜ୍ ଟ୍ରେଡର୍ସ ଫେଡ଼େରେଶନର ୩୦ ପ୍ରତିନିଧିଙ୍କ ସହ ବିଏମ୍‌ସି ସଭାଗୃହରେ ଏକ ବୈଠକ ବସିଥିଲା। ଏଥିରେ ବିଏମ୍‌ସି ଅଞ୍ଚଳରେ ମାଂସ ବିକ୍ରି କରୁଥିବା ୩୫୦ରୁ ଅଧିକ ବ୍ୟବସାୟୀଙ୍କ ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ନେଇ ଆଲୋଚନା କରାଯାଇଥିଲା। ତେବେ ଯେ ପର୍ଯ୍ୟନ୍ତ ମାଂସ ମାର୍କେଟ ନିର୍ମାଣ ହୋଇନାହିଁ ସେ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାକୁ ଛାଡି ଭିତରକୁ ପର୍ଦ୍ଦା ପକାଇ ବ୍ୟବସାୟ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଆସନ୍ତା ଦୁଇ ବର୍ଷ ମଧ୍ୟରେ ସବୁ ୱାର୍ଡ଼ରେ ମାର୍କେଟ ନିର୍ମାଣ ପାଇଁ ପ୍ରତ୍ୟେକ ୨ମାସରେ ଥରେ ମାଂସ ବ୍ୟବସାୟୀଙ୍କ ସହ ମେୟର ଆଲୋଚନା କରିବେ। ସେହିଭଳି ଜୟଦେବ ବିହାର ଓ ଅନ୍ୟ ଜାତୀୟ ରାଜପଥ ଉପରେ କୌଣସି ଆମିଷ ବ୍ୟବସାୟ ହେବନାହିଁ। ବିଏମ୍‌ସି ଅଞ୍ଚଳରେ ନୂଆ ମାଂସ ଦୋକାନ ହେଲେ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ ବିଏମ୍‌ସି କାର୍ଯ୍ୟାନୁଷ୍ଠାନ ନେବ। ସମସ୍ତ ବ୍ୟବସାୟୀଙ୍କ ୱାର୍ଡ଼ ଅନୁଯାୟୀ ତାଲିକା ତିଆରି କରି ବିଏମ୍‌ସିରେ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

## 'ବନ୍ଦେ ଉତ୍କଳ ଜନନୀ ରାଜ୍ୟ ସଙ୍ଗୀତ ଇତିହାସ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୫।୧୨(ବ୍ୟୁରୋ)

୨୦୨୦ ଜୁନ୍ ୭ରେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତକୁ ରାଜ୍ୟ ସଙ୍ଗୀତ ମାନ୍ୟତା ମିଳିଥିଲା। ଏହା ପୂର୍ବରୁ ୧୯୯୪ ଡିସେମ୍ବର ୨୧ରୁ ବିଧାନସଭାରେ ମର୍ଯ୍ୟାଦାର ସହିତ ପ୍ରଥମେ ଗାନ କରାଯାଇଥିଲା। ତେବେ ୧୯୯୪ରୁ ୨୦୨୦ ମସିହା ପର୍ଯ୍ୟନ୍ତ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତକୁ ରାଜ୍ୟ ସଙ୍ଗୀତ ମାନ୍ୟତା ପାଇଁ ବହୁ ସଂଗ୍ରାମ କରାଯାଇଥିଲା। ଏହି ସଂଗ୍ରାମ ଚାଲିଥିବାବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସୂଚନା ଅଧିକାର ଆଇନ ଓ ଅନ୍ୟ ମାଧ୍ୟମରେ ସଂଗ୍ରହ କରାଯାଇଥିଲା। ଏହି ସମସ୍ତ ତଥ୍ୟକୁ ନେଇ 'ବନ୍ଦେ ଉତ୍କଳ ଜନନୀ ରାଜ୍ୟ ସଙ୍ଗୀତର ଇତିହାସ' ନାମରେ ଏକ ପୁସ୍ତକ ପ୍ରସ୍ତୁତ କରାଯାଇଛି। ସୋମବାର ଏହାକୁ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଉନ୍ମୋଚନ କରିବା ପରେ ପ୍ରଥମ ତିନି ଖଣ୍ଡ ପୁସ୍ତକ ଗାନ୍ଧୀବାଦୀ ନେତା, ଲେଖକ ତଥା ସ୍ତମ୍ଭକାର ପଦ୍ମ ଚରଣ ନାୟକ, ପୂର୍ବତନ ମନ୍ତ୍ରୀ ତଥା ଲେଖକ ପଞ୍ଚାନନ କାନୁନ୍‌ଗୋ ଓ ବନ୍ଦେ ଉତ୍କଳ ଜନନୀର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦାୟାଦ ଗୁରୁ କଲ୍ୟାଣ ମହାପାତ୍ରଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପୁସ୍ତକର ଲେଖକ ତଥା ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମାଙ୍କ ସହିତ ମାନସ ରଞ୍ଜନ ସାମଲ ଓ କ୍ଷେତ୍ରବାସୀ ନାୟକ ଉପସ୍ଥିତ ଥିଲେ।

## ଟ୍ରେନ୍‌ରୁ ପଡ଼ି ଯୁବକ ଗୁରୁତର

ଭୁବନେଶ୍ୱର,୫।୧୨(ବ୍ୟୁରୋ) : ଭୁବନେଶ୍ୱର ରେଲୱେ ଷ୍ଟେଶନ ବ୍ରିଜ୍ ନିକଟରେ ଟ୍ରେନ୍‌ରୁ ପଡି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଝାଡଖଣ୍ଡର ମନୋଜ ମହାଲି। ତାଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। ଯୁବକଙ୍କ ଗୋଡର ଦୁଇ ପାଦ ନଷ୍ଟ ହୋଇଯାଇଛି। ସେ କିପରି ତଳକୁ ଖସି ପଡିଲେ ତାହାର ତଦନ୍ତ ଚଳାଇଛି ରେଳପଥ ପୋଲିସ। ସେ ଟ୍ରେନ୍ ଦ୍ୱାରରେ ବସିଥିବା ଅବସ୍ଥାରେ ତଳକୁ ଖସିପଡ଼ିଥିବା ଅନୁମାନ କରାଯାଉଛି। ରେଳ ଧାରଣରେ ରକ୍ତାକ୍ତ ଅବସ୍ଥାରେ ପଡିରହିଥିବା କେତେଜଣ ଲୋକେ ଦେଖିଥିଲେ।

# ବାଲି ବୋଝେଇ ହାଇୱା ଜବତ ବେଳେ ତହସିଲଦାରଙ୍କୁ ଠେଲାପେଲା

ବାଲିପାଟଣା,୫।୧୨(ଡି.ଏନ୍.ଏ.)

ଏକ ବାଲି ବୋଝେଇ ହାଇୱାକୁ ଜବତ ବେଳେ ଦୁଇ ଜଣ ବ୍ୟକ୍ତି ବାଲିପାଟଣା ତହସିଲ କାର୍ଯ୍ୟାଳୟର କେତେଜଣ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ତହସିଲଦାରଙ୍କୁ ଠେଲାପେଲା କରିଛନ୍ତି। ସୋମବାର ଏନେଇ ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ ଲିଖିତ ଭାବେ ଜିଲାପାଳଙ୍କୁ ଜଣାଇଛନ୍ତି। ସୂଚନା ମୁତାବକ, ଭୋର ୫ଟାରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ସୂଚନା ପାଇ ତହସିଲଦାର ତ୍ରିପାଠୀ କେତେଜଣ କର୍ମଚାରୀଙ୍କ ସହ ବାଲିପାଟଣା ହାଟ ଠାରେ ପହଞ୍ଚିଥିଲେ। ଏକ ବାଲି ବୋଝେଇ ହାଇୱା (ଓଡି ୦୨ ଜେଡ ୮୪୯୮)ର କାଗଜପତ୍ର ଯାଞ୍ଚ କରିଥିଲେ। ଗାଡ଼ିର କାଗଜପତ୍ର ଠିକ୍ ନ ଥିବାରୁ ସିଜ୍ କରିବା ବେଳେ ଡ୍ରାଇଭର ଗାଡ଼ି ନେଇ ପଳାଇଥିଲେ। ଫଳରେ ତହସିଲଦାର ହାଇୱାର ପିଛା କରିଥିଲେ। ନୂଆଗାଁ–ବେଙ୍ଗବତୀ ରାସ୍ତାରେ ହାଇୱାକୁ ଅଟକାଇଥିବା ବେଳେ ହଠାତ୍ ଦୁଇ ଜଣ ବ୍ୟକ୍ତି ପହଞ୍ଚି କର୍ମଚାରୀଙ୍କୁ ଗାଳିଗୁଲଜ କରବା ସହ ତହସିଲଦାରଙ୍କୁ ଠେଲାପେଲା କରିଥିଲେ। ଏନେଇ ତହସିଲଦାର ଘଟଣା ସମ୍ପର୍କରେ ଜିଲାପାଳଙ୍କୁ ଜଣାଇଥିଲେ। ଅନ୍ୟପଟେ ହାଇୱା ଚାଳକ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ହସିଲଦାରଙ୍କ ସମେତ ଅତିରିକ୍ତ ତହସିଲଦାର, ଆର୍‌ଆଇ, ସୁପରଭାଇଜର ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

OFFICE OF THE
COLLECTOR & DISTRICT MAGISTRATE, KHORDHA
(SOCIAL SECURITY SECTION)
Notice No. 6373/Dated. 02.12.2022

Notice

No. gg-22:- Applications are invited in prescribed format from intending and eligible NGOs to run a 30 bedded Drug De-addiction Centre and Physiotherapy Unit at Integrated Infrastructure Complex, Khudupur, Jatni under Khordha district. The last date for receipt of application is 15.12.2022 by 5.00 P.M. The details of the applications along with Guideline for setting up of 30 Bedded Drug De-addiction Centre and Physiotherapy Unit may be downloaded from the website www.khordha.nic.in

By Order of Collector,
Sd./- Collector & District Magistrate, Khordha
OIPR-46001/11/0030/2223

# ସିୱାଇଏସ୍‌ଡିରେ ଖୋଲିଲା 'ଜନ ସୂଚନା ଏବଂ ସହାୟତାକେନ୍ଦ୍ର'

■ସରକାରୀ ଯୋଜନା ଏବଂ ଅଧିକାର ସମ୍ପର୍କରେ ଦେବ ସୂଚନା

■କେନ୍ଦୁଝର ଓ କୋରାପୁଟ ଜିଲାରେ ଖୋଲିବ କେନ୍ଦ୍ର

ଭୁବନେଶ୍ୱର, ୫।୧୨ (ବ୍ୟୁରୋ)

ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ଅବସରରେ ସୋମବାର ସିୱାଇଏସ୍‌ଡ଼ି ପରିସରରେ ପାଠାଗାର ଏବଂ ଜନ ସୂଚନା ଏବଂ ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ଡ. ଦାସ ଫାଉଣ୍ଡେଶନର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଡ. ଏସ୍.କେ. ଦାସ ଯୋଗଦେଇ କହିଲେ, ସମସ୍ତ ପ୍ରକାର ଦାରିଦ୍ର୍ୟ ଦୂରିକରଣ ଯୋଜନା ସତ୍ତ୍ୱେ ନିତି ଆୟୋଗ ରିପୋର୍ଟ ଅନୁଯାୟୀ ଓଡ଼ିଶା ଦାରିଦ୍ର୍ୟ ହାରରେ ଦେଶରେ ୯ମ ସ୍ଥାନରେ ରହିଛି। ନାଗରିକମାନେ ସେମାନଙ୍କ ଅଧିକାର ସମୂହ ସମ୍ପର୍କରେ ସଚେତନ ନ ରହିବା ଏହାର ଅନ୍ୟ ଏକ କାରଣ। ତେଣୁ ଏହି କେନ୍ଦ୍ର ମାଧ୍ୟମରେ ସମସ୍ତ ସରକାରୀ ନୀତି, ଯୋଜନା ଓ କାର୍ଯ୍ୟକ୍ରମ ରୂପାୟନ, ନିର୍ଦ୍ଦେଶାବଳୀ, ତାଲିମ ପ୍ରଣାଳୀ ଓ ସାମଗ୍ରୀ, ବଜେଟ ଆନାଲିସିସ୍, ବିକାଶମୂଳକ ରିପୋର୍ଟ ଏବଂ ଅନ୍ୟ ବିଷୟବସ୍ତୁ ସମ୍ପର୍କରେ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ଓ ତାଲିମ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ସଚିବ ମଧୁସୂଦନ ଦାସ ଓ ସିୱାଇଏସ୍‌ଡ଼ି ସହପ୍ରତିଷ୍ଠାତା ଜଗଦାନନ୍ଦ କହିଲେ, କେନ୍ଦୁଝର ଜିଲାର କପୁଣ୍ଡି ଓ ସାହାରାପଡ଼ା ଓ କୋରାପୁଟ ଜିଲା ବୈପାରୀଗୁଡ଼ା ବ୍ଲକ୍‌ର ମୁଣ୍ଡାଗୁଡ଼ାରେ ଏହି କେନ୍ଦ୍ର ଖୋଲାଯିବ। ସିୱାଇଏସ୍‌ଡ଼ି ଓ ଡ. ଦାସ ଫାଉଣ୍ଡେଶନ ପକ୍ଷରୁ ଅନ୍ୟ ଜିଲା ଓ ପ୍ରବାସରେ ମଧ୍ୟ କେନ୍ଦ୍ର ଆରମ୍ଭ କରାଯିବ ବୋଲି ସେ ଘୋଷଣା କରିଥିଲେ।

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNABEDA
E-mail:serwsbd2003@yahoo.com
No.O-1381: e-Procurement Notice for bridge works

1. Name of the Work: Construction of bridges as per Annexure (2 Nos)
2. Class of Contractor: "A" & Special Class of (Odisha PWD) or relevant class of other licensing authority.
3. Estimated Cost: Varies from Rs.395.04 lakhs to Rs.790.61 Lakhs (Approximately)
4. Details projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-34/2022-23 | 09.12.2022 at 11.00 A.M. | 29.12.2022 upto 5.30 PM | 28.12.2022 upto 2.00 PM | 30.12.2022 at 11.00 AM | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.

OIPR-25182/11/0042/2223 Sd./- Chief Construction Engineer, Rural Works Circle, Sunabeda

# 'ମୁକ୍ତା' ଯୋଜନାରେ ବଦଳିବ ସହରର ଚିତ୍ର

■ପ୍ରତି ପ୍ରକଳ୍ପ ପାଇଁ ସର୍ବାଧିକ ୨୦ ଲକ୍ଷ ବଜେଟ୍

■ଡିସେମ୍ବର ୧୫ ସୁଦ୍ଧା ପ୍ରସ୍ତାବ ଦେବେ କର୍ପୋରେଟର

ଭୁବନେଶ୍ୱର, ୫।୧୨ (ବ୍ୟୁରୋ)



ବୈଠକରେ ମେୟର ସୁଲୋଚନା ଦାସ ଓ ଅନ୍ୟ ଅଧିକାରୀଙ୍କ ସହ କର୍ପୋରେଟରମାନେ।

ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ 'ମୁକ୍ତା' ଯୋଜନାରେ ବଦଳିବ ସହରର ଚିତ୍ର। ମୁକ୍ତାକାଶ ଜିମ୍ ସହିତ ପିଲାଙ୍କ ପାଇଁ ପାର୍କ, କମ୍ୟୁନିଟି ସେଣ୍ଟର ଠାରୁ ଆରମ୍ଭ କରି ପୋଖରୀ ମରାମତି, ରାସ୍ତା, ସୌନ୍ଦର୍ଯ୍ୟକରଣ ଆଦି କରାଯିବ। ଏନେଇ ସୋମବାର ବିଏମ୍‌ସି କାର୍ଯ୍ୟାଳୟରେ ମେୟର ସୁଲୋଚନା ଦାସଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଡିସେମ୍ବର ୧୫ ସୁଦ୍ଧା ନିଜ ନିଜ ୱାର୍ଡରେ କେଉଁ କେଉଁ ଉନ୍ନୟନମୂଳକ କାର୍ଯ୍ୟ କରାଯିବ ସେ ନେଇ ପ୍ରସ୍ତାବ ଦେବା ସହ ଜାଗା ମଧ୍ୟ ଚିହ୍ନଟ କରାଇବା ପାଇଁ କର୍ପୋରେଟରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ପ୍ରକଳ୍ପ ପାଇଁ ସର୍ବାଧିକ ୨୦ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ଦିଆଯିବ। ସେମାନେ ସଂସ୍ଥା ବା କଣ୍ଟ୍ରାକ୍ଟରକୁ ଉକ୍ତ ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ଦେବେ। ୨୦୨୩–୨୪ରେ ବେଳକୁ ମୁକ୍ତା ମାଧ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହେବ। କମିଟି ଗଠନ କରାଯାଇ କାମ ତାଲିକା ପ୍ରସ୍ତୁତ ହେବ। ଏଥିରେ ସମ୍ପୃକ୍ତ ୱାର୍ଡର କର୍ପୋରେଟର ଚେୟାରମ୍ୟାନ୍ ରହିବେ। ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ ଅଫିସର, କମ୍ୟୁନିଟି ଅର୍ଗାନାଜାଇର (ସିଓ), ଜେଇ, ୩ଟି ମିଶନ୍‌ଶକ୍ତିର ସଭାପତି କିମ୍ବା ସେକ୍ରେଟାରୀ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ୱାର୍ଡରେ ଥିବା ବସ୍ତିର ସଭାପତି ବା ସମ୍ପାଦକ, ସ୍ୱଚ୍ଛସାଥୀ ପ୍ରମୁଖ କମିଟିର ସଦସ୍ୟ ଭାବେ ରହିବେ। ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ, ୱାର୍କ କମିଟି ଚେୟାରମ୍ୟାନ ଅମରେଶ ଜେନା, ସିଟି ଇଂଜିନିୟର ଅରୁଣ ମହାନ୍ତି, ଏବଂ ସମସ୍ତ ୱାର୍ଡର କର୍ପୋରେଟର ଉପସ୍ଥିତ ଥିଲେ।

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION, AT/P.O. Kamakhyanagar
Dist: Dhenkanal, Odisha, PIN-759018 Ph:06769-270771
No.A-819: Email ID - eerlbcdivision@gmail.com
e-PROCUREMENT NOTICE No. RLBCD-P1-03/2022-23

| | | |
|---|---|---|
| 1 | Category of Work | "Civil Construction Works". |
| 2 | Total No. of Works | 05 (Five) Nos. |
| 3 | Estimated Cost | Varies from Rs.13.40 Lakhs to Rs.5.73 Lakhs |
| 4 | Period of Completion | 30 Days to 45 Days |
| 5 | Class of Contractor | "D" & "C" or equivalent grade/class |
| 6 | Cost of Bid Document / Mode of Payment | Varies Rs. 6.000/- to Rs.4,000/- (Non-Refundable) / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | No Bid Security/ Earnest Money Deposit (EMD) has to be deposited and all participating bidder shall submit "Bid Security Declaration". |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents Online Bidding. | **07.12.2022 from 10.00 Hours to 19.12.2022 upto 17.00 Hours.** |
| | (iii).Date, time & venue of Bid Opening (Online) | **On 21.12.2022 at 11.00 Hours** in the O/o the Superintending Engineer, Rengali Left Bank Canal Division, Kamakhyanagar(through online). |
| | (iv) Date, time & venue of transparent lottery for finalization of bids, if required | On 27.12.2022 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar. |

"Further details can be seen from the Government of Odisha website https://tendersodisha.gov.in.

Sd./- Superintending Engineer
R.L.B. Canal Division
Kamakhyanagar
OIPR-32298/11/0003/2223

File No.ZP-28011/3/2022-ORMAS SEC-ZP-ZILLA PARISHAD
ORMAS
(Odisha Rural Development and Marketing Society)
Panchayati Raj and Drinking Water Department
Tel:06724-231752, Fax:06724-231752 (URL:www.ormas.org),
E-mail:dsmsjagatsinghpur@gmail.com
ORMAS, JAGATSINGHPUR
A District unit of ORMAS
Office of the Zilla Parishad,
Jagatsinghpur,Sanra, Nalibar-754104
Order No.282/ Date:03.12.2022
TENDER CALL NOTICE

**No.CAD-4015:** Sealed tenders are inviting from reputed Firms/ Agency/ Organisation for procurement of different works like Tantage and Allied works, Still Photography & Videography and Printing works towards organisation of Zilla Mahotsav "Kallola-2023 & Pallishree Mela to be held on 15th to 21st Jan, 2023 at Nabakrushna Choudhury Stadium, Jagatsinghpur.

The tender paper alongwith the details specification and eligibility criteria of the above works will be available in the office of ORMAS, Jagatsinghpur, C/o- ZP, Jagatsinghpur from 3rd to 13th Dec, 2022 by 12.30 PM or tender paper can be downloaded from www.ormas.org. The sealed tenders will be opened in the Office Chamber of CDO-cum-EO, ZP, Jagatsinghpur on the same date (Date:13.12.22) at 5.00 PM in the presence of the Bidders or their authorised representative.

The undersigned reserves the right to accept or reject any or all the tenders without assigning any reason thereof.

Sd./- Collector & DM
Jagatsinghpur
OIPR-19004/11/0008/2223

**୮ରେ ପତ୍ରିକା ଚଳଚ୍ଚିତ୍ର ଜଗତର ବାର୍ଷିକୋତ୍ସବ**

କଟକ ଅଫିସ: ମାସିକ ଚଳଚ୍ଚିତ୍ର ପତ୍ରିକା 'ଚଳଚ୍ଚିତ୍ର ଜଗତ'ର ୪୭ତମ ବାର୍ଷିକ ଉତ୍ସବ ଓ ଚଳଚ୍ଚିତ୍ର ପ୍ରତିଭା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଆସନ୍ତା ୮ ତାରିଖରେ ପୁରୀସ୍ଥିତ ପୌରସଦନରେ ଅନୁଷ୍ଠିତ ହେବ। ଉକ୍ତ ଉତ୍ସବରେ ଚଳଚ୍ଚିତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପ୍ରଦର୍ଶନ କରିଥିବା ୨୫ଜଣ କଳାକାରଙ୍କୁ ଚଳଚ୍ଚିତ୍ର ଜଗତ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ଏଥିସହ କୃଷି, ଶିକ୍ଷା, ସମାଜସେବା, ବିଜ୍ଞାନ, କଳା, ଭାସ୍କର୍ଯ୍ୟ, ଚିକିତ୍ସା, ସାହିତ୍ୟ ଆଦି କ୍ଷେତ୍ରର ୧୦ ଜଣଙ୍କୁ ସ୍ୱତନ୍ତ୍ର ସମ୍ମାନ ଦିଆଯିବ। ଏ ସମ୍ପର୍କରେ ପତ୍ରିକାର ସମ୍ପାଦକ ଆଦିକନ୍ଦ ରାଉତ ସୋମବାର ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଲୁଟେରା ଗିରଫ, ଗହଣା ଜବତ

କଟକ ଅଫିସ,୫।୧୨: ମଙ୍ଗଳାବାଗ ପୋଲିସ ଏକ ଲୁଟ୍ ମାମଲାର ତଦନ୍ତ କରି ଲୁଟେରା ଯୁବକଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହ ଚୋରା ସୁନାଗହଣାକୁ ପୋଲିସ ଜବତ କରିଛି। ସେ ହେଲେ ଢେଙ୍କାନାଳ ଜିଲା ଗଁଦିଆ ଥାନା ଅନ୍ତର୍ଗତ ମାଧପୁରର ରାଜେଶ ବାରିକ୍ (୨୨)। ସେ ମାଛୁଆବଜାରରେ ରହୁଥିଲେ। ଅଭିଯୋଗ ଅନୁସାରେ, ଗତ ୩ ତାରିଖ ସନ୍ଧ୍ୟାରେ ବଣିଆସାହିର ମାନସୀ ପୃଷ୍ଟି (୩୦) ନୂଆପାଟଣାରୁ ନିଜ ଘର ବଣିଆ ସାହିକୁ ଫେରୁଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ତାଙ୍କ ସୁନାଫୁଲକୁ ଝିଙ୍କି ନେଇ ଚମ୍ପଟ ମାରିଥିଲେ। ମାନସୀ ରାସ୍ତାରେ ପଡ଼ିଯାଇ ସାମାନ୍ୟ ଆହତ ହୋଇଥିଲେ। ସେ ଏ ସମ୍ପର୍କରେ ମଙ୍ଗଳାବାଗ ଥାନାରେ ଏକ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ରାଜେଶଙ୍କୁ ଧରିବାରେ ସଫଳ ହୋଇଥିଲା। ଏଥିସହ ରାଜେଶଠାରୁ ୭ ଗ୍ରାମର କାନଫୁଲ ପୋଲିସ ଜବତ କରିଛି। ରାଜେଶ ନାମରେ ପୂର୍ବରୁ ମଙ୍ଗଳାବାଗ ଥାନାରେ ୨ଟି ମାମଲା ରହିଛି।

### ୧୫ଦିନରେ ଅଙ୍ଗନୱାଡ଼ି କର୍ମୀ, ସହାୟିକାଙ୍କ ଧାରଣା

ମଙ୍ଗୁଳି/ଜଗତପୁର,୫।୧୨(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳର ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କ ପକ୍ଷରୁ ୮ଦଫା ଦାବି ନେଇ ବ୍ଲକ କାର୍ଯ୍ୟାଳୟ ଆଗରେ ବସିଥିବା ଧାରଣାକୁ ୧୫ଦିନରେ ପହଞ୍ଚିଛି। ଭାରତୀୟ ମଜଦୁର ସଙ୍ଘ ଆହ୍ୱାନକ୍ରମେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ସମ୍ପାଦିକା ଜଜ୍ଜ୍ୱନା ଦାଶଙ୍କ ନେତୃତ୍ୱରେ ଶତାଧିକ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ବ୍ଲକ ସମୁଖ ଧାରଣାରେ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ଖୁବ୍ ଗର୍ଜିଛନ୍ତି। କେନ୍ଦ୍ର ସରକାର ଆମକୁ ୬ଟି ଯୋଜନାରେ କାମର ଦାୟିତ୍ୱ ଦେଇଥିବାବେଳେ ରାଜ୍ୟ ସରକାର ଜନ୍ମରୁ ମୃତ୍ୟୁ ଯାଏଁ ପାଖା ପାଖି ୬୦ଟି ଯୋଜନାରେ କାମ ଲଗାଉଛନ୍ତି। ଯେ ପର୍ଯ୍ୟନ୍ତ ଆମକୁ ରାଜ୍ୟ ସରକାର ନ୍ୟାୟ ନ ଦେଇଛନ୍ତି ସେ ପର୍ଯ୍ୟ୍ୟନ୍ତ ଧାରଣା ଜାରି ରହିବ ବୋଲି ଟାଙ୍ଗୀ-ଚୌଦ୍ୱାର ବ୍ଲକ ସମ୍ପାଦିକା ଜଜ୍ଜ୍ୱନା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଭାପତି ମନୋରମା ସ୍ୱାଇଁ, ଜିଲ୍ଲା ସଭାପତି ପ୍ରମିଳା ଦାସ ଓ ସମ୍ପାଦିକା ପୁଷ୍ପଲତା ମହାନ୍ତି, ସରୋଜନୀ ଖୁଣ୍ଟିଆ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଏବଂ ସହାୟିକ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଧାରଣାକାରୀଙ୍କୁ ଉତ୍ସାହିତ କରିଛନ୍ତ ।

### କଂଗ୍ରେସ କମିଟି କର୍ମୀ ସମ୍ମିଳନୀ

ସାଲେପୁର,୫।୧୨(ଡି.ଏନ୍.ଏ.): ଚନ୍ଦ୍ରାଦେଇପୁର କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ତ୍ରିନାଥ ପଡ଼ିଆଠାରେ ସୋମବାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ରାଜା ଭୂୟାଁଙ୍କ ତତ୍ତ୍ୱାବଧାନରେ ଚନ୍ଦ୍ରାଦେଇପୁର କଂଗ୍ରେସ କମିଟି ସଭାପତି ଲୋକନାଥ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କଟକ ଜିଲା ମାଇନର୍ କମ୍ୟୁନିଟି ସେଲ୍ ସଭାପତି ଆକୁବ୍ ଖାଁ ଯୋଗ ଦେଇଥିଲେ। କଂଗ୍ରେସ ସଂଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବାକୁ କହିଥିଲେ। ଏଥିରେ ବିଜ୍ଞାନ ଭୂୟାଁ, ପ୍ରତାପଚନ୍ଦ୍ର ଭୂୟାଁ, ବଦ୍ରିନାରାୟଣ ସିଂ, ଚିତ୍ତରଞ୍ଜନ ରାଉତରାୟ, ପ୍ରାଣକୃଷ୍ଣ ସିଂ, କୈଳାସ ଚନ୍ଦ୍ର ସେଠୀ, ରଘୁଆ ପାତ୍ର, ସନ୍ତୋଷ ବାରିକ ପ୍ରମୁଖ ଯୋଗଦେଇଥିଲେ । କମିଟି ପକ୍ଷରୁ କଂଗ୍ରେସ ନେତା ଆକୁବ୍ ଖାଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗାଁରେ ପଡୁଛି ଗୁଳି, ଲୋକେ ଆତଙ୍କିତ


ସୁବାସିନୀ ରାଉତଙ୍କ ହାତରେ ବାଜିଥିବା ଗୁଳି ।


ଗୁଳିବାଜି ଘର ଆଜବେଷ୍ଟସ୍ କଣା ହୋଇଯାଇଛି ।

ଆଠଗଡ,୫।୧୨(ସ୍ୱ.ପ୍ର.)

ଆଠଗଡ଼ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ନୂଆଶାସନ ଗ୍ରାମରେ ଆଠମାସ ହେବ ଗୁଳି ପଡୁଛି । ଏନେଇ ଗାଁ ଲୋକେ ଭୟଭୀତ ହୋଇଯାଇଛନ୍ତି। ପ୍ରତ୍ୟେକ ଦିନ ଗୁଳି ଗ୍ରାମର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି। ଏହି ଗୁଳି ବାଜି ସାଧାରଣ ଲୋକେ ଆହତ ହେଉଥିବା ବେଳେ ଆଉ କାହାର ଘର ଆଜବେଷ୍ଟସ୍ ଭାଙ୍ଗୁଛି। ବହୁ ସମୟରେ ଗୁଳି ବାଜି ଗୃହପାଳିତ ପ୍ରାଣୀ ଆହତ ହେଉଛନ୍ତି। ପ୍ରାୟ ୨ ମାସ ପୂର୍ବେ ଗୋଟିଏ ଗୁଳି ଗ୍ରାମର ଜଣେ ମହିଳାଙ୍କ ହାତରେ ବାଜିବାରୁ ସେ ଆହତ ହୋଇଥିଲେ। ସେ ହେଲେ ସୁଭାଷିନୀ ରାଉତ। ଅସ୍ତ୍ରୋପଚାର କରାଯାଇ ତାଙ୍କ ହାତରୁ ଗୁଳି କଢ଼ାଯାଇଥିଲା। ଗୁଳି ଗ୍ରାମର ପୂର୍ବପଟୁ ମାଡ଼ ହେଉଛି ବୋଲି ଗ୍ରାମବାସୀ କହିଛନ୍ତି। ମାତ୍ର କିଏ ଓ କେଉଁଠାରୁ ଏହାକୁ ଫୁଟାଉଛି ତାହା ଜଣାପଡୁନାହିଁ ବୋଲି ଗ୍ରାମର ସରୋଜ ପଣ୍ଡା,ଅଜୟ କୁମାର ସାହୁ, ରତିକାନ୍ତ ସାହୁ ପ୍ରମୁଖ କହିଛନ୍ତି। ନିକଟସ୍ଥ ଗ୍ରାମର କେତେଜଣ ଲୋକଙ୍କ କହିବାନୁଯାୟୀ, ମହାନଦୀର ଉତ୍ତର କୂଳ ପଶ୍ଚିମ ଦିଗରେ ନୂଆଶାସନ ଗ୍ରାମ ରହିଛି। ଏହି ଗ୍ରାମର ପୂର୍ବଦିଗରେ ମହାନଦୀର ଦକ୍ଷିଣ ତଟରେ ବାଙ୍କୀ ବ୍ଲକ ସାନ ମୁଣ୍ଡଳୀ-ନରାଜ ରାସ୍ତା ନିକଟ ଛୋଟ ପର୍ବତରେ ଓଡିଶା ପୋଲିସ, ସିଆଇଏସ୍ଏଫ ପକ୍ଷରୁ ଗୁଳିଚାଳନା ଅଭ୍ୟାସ ଓ ତାଲିମ ପ୍ରଦାନ କରାଯାଇଥାଏ। ତାଲିମ ପାଇଁ ବ୍ୟବହୃତ ଉଚ୍ଚ କ୍ଷମତାପନ୍ନ ଏକେ-୪୭ ବନ୍ଧୁକରୁ ନିର୍ଗତ ଗୁଳି ଛୋଟ ପାହାଡ ଓ ମହାନଦୀ ପାର ହୋଇ ଗ୍ରାମରେ ପଡୁଥିବା ଆଶଙ୍କା କରାଯାଉଛି। ଅଭ୍ୟାସ ସ୍ଥାନରୁ ଗ୍ରାମର ଦୂରତା ପ୍ରାୟ ୫ କିଲୋମିଟର ଦୂର ହୋଇଥିବାରୁ ଏତେ ଦୂରରୁ ଗୁଳି କିପରି ଆସୁଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**୫ କିଲୋମିଟର ଦୂରରେ ଓଡ଼ିଶା ପୋଲିସ, ସିଆଇଏସ୍ଏଫ୍ ପକ୍ଷରୁ ତାଲିମ ଦିଆଯାଉଛି**

ଏ ସଂକ୍ରାନ୍ତରେ ଖୁଣ୍ଟୁଣୀ ଥାନାରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଜନସାଧାରଣଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ଥିବାରୁ ଏନେଇ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ ବୋଲି ଚୌଦ୍ୱାରା ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା କହିଛନ୍ତି। ଏପ୍ରସଙ୍ଗରେ ଆଠଗଡ ତହସିଲଦାର ପ୍ରିୟବ୍ରତ ଦାସ କହିଛନ୍ତି, ଏନେଇ ଗ୍ରାମବାସୀଙ୍କ ତରଫରୁ କୌଣସି ଅଭିଯୋଗ ହୋଇନାହିଁ। ତେବେ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ପ୍ରଶାସନ ତରଫରୁ ତୁରନ୍ତ ପଦକ୍ଷେପ ନିଆଯିବ।

# ୧.୬୨ କୋଟି ଟଙ୍କା ଦୁର୍ନୀତିର ତଦନ୍ତ ଭାର ଭିଜିଲାନ୍ସକୁ ଦିଅ

**କଂଗ୍ରେସର ଖବରଦାତା ସମ୍ମିଳନୀ**

ରଘୁନାଥପୁର, ୫।୧୨(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ଆମ ଗାଁ ଆମ ବିକାଶ ଯୋଜନାରେ ହୋଇଥିବା ୧.୬୨ କୋଟି ଟଙ୍କା ଦୁର୍ନୀତିର ତଦନ୍ତ ଭାର ଭିଜିଲାନ୍ସ ବିଭାଗକୁ ହସ୍ତାନ୍ତର କରିବାକୁ କଂଗ୍ରେସ ପକ୍ଷରୁ ସୋମବାର ଦାବି କାରାଯାଇଛି। ଏନେଇ ଅପରାହ୍ନରେ ରଘୁନାଥପୁର ମଦନମୋହନ ମଠ ପରିସରରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକ ଯୋଗଦେଇ କହିଥିଲେ, ଶନିବାର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମିୟଚାନ୍ଦ ମଲ୍ଲିକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏହାର ପ୍ରଚ୍ଛଦ ପଟରେ ରହିଥିବା ମୁଖ୍ୟ କାର୍ପଟଦାରଙ୍କୁ ତଦନ୍ତ ପରିସରଭୁକ୍ତ କରି ଦୁର୍ନୀତିର ପର୍ଦ୍ଦାଫାଶ କରିଯାଉ। ଏଥିସହ ଅନ୍ୟ ଅଭିଯୁକ୍ତ ବିଡିଓ ଓ ୨କନିଷ୍ଠ ଯନ୍ତ୍ରୀଙ୍କୁ ତୁରନ୍ତ ଗିରଫ କରି ଜେଲ ପଠାଇବା ପାଇଁ ସେ ଦାବି କରିଛନ୍ତି। ତଦନ୍ତର ଠିକ ଦିଗରେ କରା ନ ଗଲେ କିମ୍ବା ଭିଜିଲାନ୍ସ ବିଭାଗକୁ ହସ୍ତାନ୍ତର ନ କଲେ କଂଗ୍ରେସ ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ଦାସ ଓ ଉପସଭାପତି ଆର୍ତ୍ତତ୍ରାଣ ପଣ୍ଡା, ଜିଲା ଉପସଭାପତି ସର୍ବେଶ୍ୱର ପଣ୍ଡା,ସାଧାରଣ ସମ୍ପାଦକ ମନୋରଞ୍ଜନ ଜେନା, ସାମାଜିକ କର୍ମୀ ସରିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦୁର୍ନୀତିକୁ ନେଇ କଂଗ୍ରେସ ପକ୍ଷରୁ ଗତ ଅକ୍ଟୋବର ୩୧ରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ଜଡ଼ିତ ଥିବା ସରକାରୀ କର୍ମଚାରୀ ଓ ସ୍ଥାନୀୟ ବିଜେଡି ନେତାଙ୍କୁ ଗିରଫ କରିବା ପାଇଁ କଂଗ୍ରେସ ପକ୍ଷରୁ ସେତେବେଳେ ଦାବି କରାଯାଇଥିଲା।




# ମହାପ୍ରଭୁଙ୍କ ସଂସ୍କୃତି ଜଗତର ସଂସ୍କୃତି


ଶ୍ରୀଜଗନ୍ନାଥ ପଞ୍ଚତନ୍ତ୍ର କାର୍ଯ୍ୟକ୍ରମର ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

**ଷଷ୍ଠବାର୍ଷିକ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ଉଦ୍‌ଯାପିତ**

କଟକ ଅଫିସ,୫।୧୨:

ଶ୍ରୀଜଗନ୍ନାଥ ଭକ୍ତ ସମାଜ ଆନୁକୂଲ୍ୟରେ ନୂଆବଜାର ପୋତାପୋଖରୀସ୍ଥିତ ଖେଳପଡ଼ିଆରେ ଚାଲିଥିବା ଶ୍ରୀଜଗନ୍ନାଥ ପଞ୍ଚରାତ୍ର କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ବାବା ସତ୍ୟାନନ୍ଦ ଦାସ ମହାରାଜ ପ୍ରବଚନ ମାଧ୍ୟମରେ ଭଗବାନ ବ୍ୟାସଦେବକୃତ ସ୍କନ୍ଦ ପୁରାଣ ମଧ୍ୟରେ ଥିବା ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ମହାପ୍ରଭୁଙ୍କ ସଂସ୍କୃତି ଜଗତର ସଂସ୍କୃତି ବୋଲି ସେ କହିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ. କିଶନଲାଲ ଅଗ୍ରୱାଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ସମ୍ମାନିତ ଅତିଥି ଭାବେ ମେୟର ସୁବାସ ସିଂ, ବିଧାୟକ ସୌଭିକ ବିଶ୍ୱାଳ, ଆରଡିସି ସୁରେଶ କୁମାର ଦଳାଇ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝି, ବୈକୁଣ୍ଠ ବାର୍ତ୍ତାବହ ସମିତି ସଭାପତି ଦେବୀପ୍ରସାଦ ଧଳ, ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ଓ ବହୁ ସାଧୁସନ୍ଥ ଯୋଗଦେଇଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷ ଇଂ ପୂର୍ଣ୍ଣଚନ୍ଦ୍ର ସାହୁ, ସମ୍ପାଦକ ସମୀର ମହାନ୍ତି, କୋଷାଧ୍ୟକ୍ଷ ବୈକୁଣ୍ଠ ବିହାରୀ ମୁଦୁଲିଙ୍କ ସମେତ କର୍ମକର୍ତ୍ତାଗଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପାତିମାଙ୍କଡ଼ ଆକ୍ରମଣରେ ୩ ଆହତ, ଲୋକେ ଅତିଷ୍ଠ

ସାଲେପୁର,୫।୧୨(ଡି.ଏନ୍.ଏ.)

ସାଲେପୁର ବ୍ଲକ ରୋଧପୁର ଗ୍ରାମରେ କିଛିଦିନ ହେବ ପାତି ମାଙ୍କଡ଼ଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ପାତି ମାଙ୍କଡ଼ଙ୍କ ଆକ୍ରମଣରେ ୩/୪ଜଣ ଆହତ ହୋଇଥିବା ଜଣାଯାଇଛି। ଏଥିରେ ଜନସାଧାରଣ ଅତିଷ୍ଠ ହୋଇ ମାଙ୍କଡ଼ ଦଳକୁ ଜଙ୍ଗଲରେ ଛାଡ଼ିବାକୁ ଗ୍ରାମବାସୀ ପ୍ରଶାସନ ପାଖରେ ଦାବି କରିଛନ୍ତି।

ସୂଚନା ମୁତାବକ, ୨/୩ ମାସ ହେବ ୧୦ରୁ ଊର୍ଦ୍ଧ୍ୱ ପାତିମାଙ୍କଡ଼ ଦଳଗତ ଭାବେ ବିଭିନ୍ନ ସ୍ଥାନରେ ଘୂରି ବୁଲୁଛନ୍ତି। ସାଲେପୁର ପୁରୁଣା ବସ୍‌ଷ୍ଟାଣ୍ଡରେ କିଛି ଦିନ ପରିବା ବ୍ୟବସାୟୀଙ୍କୁ ହଇରାଣ ହରକତ କରିଥିଲେ। ଏବେ ମାଙ୍କଡ଼ ଦଳ ହୋଇ ରୋଧପୁର ଗ୍ରାମର ମୁସଲମାନ୍ ସାହିରେ ଥିବା ବାଉଁଶ ବଣରେ ରହୁଛନ୍ତି। ସେହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକଙ୍କୁ ସେମାନେ ଆକ୍ରମଣ କରୁଛନ୍ତି। ଫଳରେ ସେହି ଅଞ୍ଚଳର ୩/୪ ଲୋକ ଆହତ ହୋଇଛନ୍ତି। ଏହାଛଡା ମାଙ୍କଡ଼ ଦଳ ପରିବା ବିଲରେ ପରିବା ଖାଇବା ସହ ଘର ଝରକା ପଟେ ପଶି ସମସ୍ତ ଆସବାବପତ୍ର ଭଙ୍ଗାରୁଜା କରି ନଷ୍ଟ କରିଦେଉଥିବା ଦେଖିବାକୁ ମିଳିଛି।

# କାର୍ଯ୍ୟାନୁଷ୍ଠାନ ଦାବି କଲେ ଯୁବକଂଗ୍ରେସ ସଭାପତି

**ମହିଳା ଅପହରଣ ଘଟଣା**

ବାଙ୍କୀ,୫।୧୨(ସ୍ୱ.ପ୍ର.)

୫ଦିନ ତଳେ ଉମପଡ଼ାରୁ ଜଣେ ମହିଳାଙ୍କୁ ଅପହରଣ କରାଯାଇଥିଲା । ହେଲେ ସେହି ମହିଳାଙ୍କ ଆଜି ପର୍ଯ୍ୟନ୍ତ କୌଣସି ସୁରାକ ମିଳିପାରୁ ନାହିଁ । ପରିବାରର ସେ ଏକମାତ୍ର ରୋଜଗାରିଆ ଝିଅର ହୋଇଥିବାରୁ ଅସହାୟ ହୋଇ ପଡିଛନ୍ତି ତାଙ୍କ ପରିବାର । ଏନେଇ ଆଜି ଓ ପ୍ରଦେଶ ଯୁବକଂଗ୍ରେସ ସଭାପତି ଡ.ସ୍ମୃତିରଞ୍ଜନ ଲେଙ୍କା ବାଙ୍କୀ ବିଧାନ ସଭା ଯୁବକଂଗ୍ରେସ ପ୍ରତିନିଧି ଦଳଙ୍କ ସହ ବାଙ୍କୀ ଥାନା ଅଧିକାରୀ ସୌମେନ୍ଦ୍ର କୁମାର ତ୍ରିପାଠୀଙ୍କୁ ସାକ୍ଷାତ କରିଛନ୍ତି । ନିଖୋଜ ମହିଳାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ସେ ଥାନା ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ ଥାନା ଅଧିକାରୀ କହିଛନ୍ତି, ସେ ଏହି ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଜାରି ରଖିଛନ୍ତି । ଖୁବ୍‌ଶୀଘ୍ର ପ୍ରକୃତ ଘଟଣା ସମ୍ମୁଖକୁ ଆସିବ । ସୂଚନାଯୋଗ୍ୟ, ଗତ ୧ତାରିଖ ସନ୍ଧ୍ୟାରେ ସମ୍ପୃକ୍ତ ମହିଳା ସବୁଦିନ ପରି ଗୋଡିସାହିସ୍ଥିତ ଏକ ମସଲା କମ୍ପାନୀରୁ କାମ ସାରି ଘରକୁ ଫେରୁଥିଲେ । ଏହି ସମୟରେ ସେ ସହ ନିଜ ଭାଇଙ୍କ ସହିତ ଫୋନ୍‌ରେ କଥା ହେଉଥିଲେ । ଏହି ସମୟରେ କେହି ତାଙ୍କ ପଛରୁ ଆସି ତାଙ୍କୁ ଜୋରଜବରଦସ୍ତ ଉଠାଇ ନେଇ ଯାଇଥିବା ଅଭିଯୋଗ ହୋଇଛି ।

# କୃଷି ଋଣ ଦୁର୍ନୀତି, ତଦନ୍ତ ପାଇଁ ସ୍ମାରକପତ୍ର

ବାଙ୍କୀ,୫।୧୨(ସ୍ୱ.ପ୍ର.)


ଆନନ୍ଦପୁର ସେବା ସମବାୟ ସମିତି ପକ୍ଷରୁ ଏ.ଆର.ସି.ଏସ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ସରଣ୍ଡା ଅଞ୍ଚଳ ଆନନ୍ଦପୁର ସେବା ସମବାୟ ସମିତିର ସଭ୍ୟମାନଙ୍କ ଋଣ ଅର୍ଥ ପ୍ରଦାନରେ ଦୁର୍ନୀତି ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କିଷାନ କ୍ରେଡିଟ କାର୍ଡର ପାସ ବହି ଏବଂ ଋଣ ପାସ ବହି ଦୀର୍ଘ ଦିନ ଧରି ସଭ୍ୟମାନଙ୍କୁ ଆନନ୍ଦପୁର ସମିତିର କର୍ମକର୍ତ୍ତା ପ୍ରଦାନ କରି ନ ଥିଲେ । କିନ୍ତୁ ରବିବାର ସମିତିର ସମ୍ପାଦକ ଶରତ ଚନ୍ଦ୍ର ନାୟକ ଓ କର୍ମଚାରୀ ଧ୍ରୁବ ଚରଣ ନାୟକ ୮୭ଜଣ ସଭ୍ୟଙ୍କ ପାସ ବହି ଓ ଋଣ ପାସ ବହି ପ୍ରଦାନ କରିଛନ୍ତି । ଚାଷୀମାନେ ସେହି ବହିରୁ ଦେଖିବାକୁ ପାଇଲେ ଲକ୍ଷାଧିକ ଟଙ୍କା ପକାଯାଇ ଆତ୍ମସାତ୍ କରାଯାଇଛି । ପ୍ରକୃତରେ ଚାଷୀମାନେ ଏତେଗୁଡିଏ ଟଙ୍କା ଋଣ ନେଇ ନାହାଁନ୍ତି । ଚାଷୀମାନଙ୍କୁ ବ୍ଲାଙ୍କ୍ ଚେକ୍ ଦେଇ ସେମାନଙ୍କଠାରୁ ଦସ୍ତଖତ କରି ସବୁ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ କରାଯାଇଛି । ପୁନଶ୍ଚ ଆହୁରି ୨୫୦ଜଣ ସଭ୍ୟଙ୍କୁ ଏ ପର୍ଯ୍ୟନ୍ତ ସମିତି ପାସ ବହି ଓ ଋଣ ପାସ ବହି ପ୍ରଦାନ କରାଯାଇଛି । ତୁରନ୍ତ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୋମବାର ଆନନ୍ଦପୁର ସେବାସମବାୟ ସମିତିର ସଭ୍ୟ ନୀଳମଣି ନାୟକ, ମନୋଜ କୁମାର ମଲ୍ଲିକ, ପ୍ରଦୀପ ବେଉରା, ସଂଗ୍ରାମ କେଶରୀ ଦାସ, କାହ୍ନୁଚରଣ ବେହେରା, କନକ ହାତୀ, ଧ୍ରୁବ ଚରଣ ସାହୁଙ୍କ ସମେତ ବହୁ ଚାଷୀ ବାଙ୍କୀ ସମବାୟ ସର୍କଲ ଏ.ଆର.ସି.ଏସ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଭାଗୀୟ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରର ନକଲ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ , ଉପଜିଲାପାଳ ଓ ବାଙ୍କୀ ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।


**OFFICE OF THE COLLECTOR & DISTRICT MAGISTRATE, KHORDHA**
**(SOCIAL SECURITY SECTION)**
Notice No. 6373/Dated. 02.12.2022

**Notice**

No. gg-22:- Applications are invited in prescribed format from intending and eligible NGOs to run a 30 bedded Drug De-addiction Centre and Physiotherapy Unit at Integrated Infrastructure Complex, Khudupur, Jatni under Khordha district. The last date for receipt of application is 15.12.2022 by 5.00 P.M. The details of the applications along with Guideline for setting up of 30 Bedded Drug De-addiction Centre and Physiotherapy Unit may be downloaded from the website **www.khordha.nic.in**

By Order of Collector,
Sd./- Collector & District Magistrate, Khordha
OIPR-46001/11/0030/2223



GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNABEDA**
E-mail:serwsbd2003@yahoo.com
No.O-1381: **e-Procurement Notice for bridge works**
1. Name of the Work: Construction of bridges as per Annexure (2 Nos)
2. Class of Contractor: "A" & Special Class of (Odisha PWD) or relevant class of other licensing authority.
3. Estimated Cost: Varies from Rs.395.04 lakhs to Rs.790.61 Lakhs (Approximately)
4. Details projects as per Annexure attached:


| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-34/2022-23 | 09.12.2022 at 11.00 A.M. | 29.12.2022 upto 5.30 PM | 28.12.2022 upto 2.00 PM | 30.12.2022 at 11.00 AM | To be intimated separately |


5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.
OIPR-25182/11/0042/2223 Sd./- Chief Construction Engineer, Rural Works Circle, Sunabeda



GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE SUPERINTENDING ENGINEER**
RENGALI LEFT BANK CANAL DIVISION, AT/P.O. Kamakhyanagar
Dist: Dhenkanal, Odisha, PIN-759018 Ph:06769-270771
No.A-819: Email ID - eerlbcdivision@gmail.com
**e-PROCUREMENT NOTICE No. RLBCD-P1-03/2022-23**


| | | |
|---|---|---|
| 1 | Category of Work | "Civil Construction Works". |
| 2 | Total No. of Works | 05 (Five) Nos. |
| 3 | Estimated Cost | Varies from Rs.13.40 Lakhs to Rs.5.73 Lakhs |
| 4 | Period of Completion | 30 Days to 45 Days |
| 5 | Class of Contractor | "D" & "C" or equivalent grade/class |
| 6 | Cost of Bid Document / Mode of Payment | Varies Rs. 6.000/- to Rs.4,000/- (Non-Refundable) / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | No Bid Security/ Earnest Money Deposit (EMD) has to be deposited and all participating bidder shall submit "Bid Security Declaration". |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents Online Bidding. | **07.12.2022 from 10.00 Hours to 19.12.2022 upto 17.00 Hours.** |
| | (iii).Date, time & venue of Bid Opening (Online) | **On 21.12.2022 at 11.00 Hours** in the O/o the Superintending Engineer, Rengali Left Bank Canal Division, Kamakhyanagar(through online). |
| | (iv) Date, time & venue of transparent lottery for finalization of bids, if required | On 27.12.2022 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar. |


**"Further details can be seen from the Government of Odisha website https://tendersodisha.gov.in.**
Sd./- Superintending Engineer
R.L.B. Canal Division
Kamakhyanagar
OIPR-32298/11/0003/2223



File No.ZP-28011/3/2022-ORMAS SEC-ZP-ZILLA PARISHAD
**ORMAS**
(Odisha Rural Development and Marketing Society)
Panchayati Raj and Drinking Water Department
Tel:06724-231752, Fax:06724-231752 (URL:www.ormas.org),
E-mail:dsmsjagatsinghpur@gmail.com
**ORMAS, JAGATSINGHPUR**
**A District unit of ORMAS**
**Office of the Zilla Parishad,**
**Jagatsinghpur,Sanra, Nalibar-754104**
Order No.282/ Date:03.12.2022
**TENDER CALL NOTICE**
**No.CAD-4015:** Sealed tenders are inviting from reputed Firms/ Agency/ Organisation for procurement of different works like Tantage and Allied works, Still Photography & Videography and Printing works towards organisation of Zilla Mahotsav "Kallola-2023 & Pallishree Mela to be held on 15th to 21st Jan, 2023 at Nabakrushna Choudhury Stadium, Jagatsinghpur.
The tender paper alongwith the details specification and eligibility criteria of the above works will be available in the office of ORMAS, Jagatsinghpur, C/o- ZP, Jagatsinghpur from 3rd to 13th Dec, 2022 by 12.30 PM or tender paper can be downloaded from www.ormas.org. The sealed tenders will be opened in the Office Chamber of CDO-cum-EO, ZP, Jagatsinghpur on the same date (Date:13.12.22) at 5.00 PM in the presence of the Bidders or their authorised representative.
The undersigned reserves the right to accept or reject any or all the tenders without assigning any reason thereof.
Sd./- Collector & DM
Jagatsinghpur
OIPR-19004/11/0008/2223

## ସଂକ୍ଷେପରେ

### ଡିଭାଇଡରରେ ପିଟି ହୋଇ ଛାତ୍ର ମୃତ

**ଭୁବନେଶ୍ୱର,୫।୧୨ (ବ୍ୟୁରୋ) :** ଡିଭାଇଡରରେ ପିଟି ହୋଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । ଭୁବନେଶ୍ୱର ଏୟାରପୋର୍ଟ ଥାନା ଅଞ୍ଚଳରେ ଘଟିଛି ଏଭଳି ଅଘଟଣ। ମୃତକ ଜଣଙ୍କ ହେଲେ ନୟାଗଡ ଜିଲା ଖଣ୍ଡପଡା ଥାନା ଅଞ୍ଚଳର ପ୍ରିଂୟାଂଶିଶ ମିଶ୍ର । ଆହାତ ଯୁବକ ହେଲେ ରିତୁସି ପରିଡା ବୋଲି ଜଣାପଡିଛି । ସେ ଏଠାରେ ରହି ଆଇଟିଆର କଲେଜରେ ପାଠ ପଢୁଥିଲେ । ସୂଚନାନୁସାରେ ପ୍ରିଂୟାଂଶିଶି ଓ ରିତୁସି ଗୋଟିଏ ଗାଡିରେ ସୋମବାର ସକାଳ ୯ ଟା ରେ ଗଣ୍ଡମୁଣ୍ଡାରୁ ପୋଖରିପୁଟ ଆଡକୁ ଯାଉଥିବା ବେଳେ ଏକ କୁକୁର ସାମ୍ନାକୁ ଆସିବାକୁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଡିଭାଇଡରକୁ ପିଟିଥିଲେ । ଫଳରେ ରକ୍ତଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣ କରିଥିଲେ । ଅନ୍ୟପଟେ ଆହତ ବ୍ୟକ୍ତି ଜଣଙ୍କ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହେଉଥିବା ଜଣାପଡିଛି ।

### ରାଜଧାନୀରେ ଜଳିଗଲା ଏଟିଏମ୍

**ଭୁବନେଶ୍ୱର,୫।୧୨(ବ୍ୟୁରୋ) :** ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଓସ୍କାର ସିଟିରେ ଥିବା ଏସ୍‌ବିଆଇ ଏଟିଏମ୍ ଜଳିଯାଇଛି। ଫଳରେ ଅଗ୍ନିକାଣ୍ଡ ଯୋଗୁ ଧୂଆଁ ବାହାରିବା ସହ ଘର ପୂରା ଜଳିଯାଇ କଳା ଦାଗ ହୋଇଯାଇଥିଲା। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନ ଥିବାବେଳେ ଶର୍ଟସର୍କିଟ ଯୋଗୁ ଘଟିଥିବା ଅନୁମାନ କରାଯାଉଛି। ଖବର ପାଇ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଟିଏମର ଉଭୟ ପାର୍ଶ୍ୱରେ ଥିବା ଦୋକାନର କ୍ଷୟକ୍ଷତି ହୋଇ ନ ଥିବାବେଳେ ବକ୍ସରେ ଥିବା ଟଙ୍କା ସୁରକ୍ଷିତ ରହିଛି। ସୂଚନା ମୁତାବକ, ସୋମବାର ସକାଳୁ ଏଟିଏମ ଭିତରୁ ପ୍ରଚୁର ମାତ୍ରାରେ ଧୂଆଁ ବାହାରିଥିଲା। ଏହା ଦେଖି ସ୍ଥାନୀୟ ଲୋକ ତୁରନ୍ତ ଅଗ୍ନିଶମ ବାହାନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ଅଧ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ପୋଲିସ ଏବଂ ବ୍ୟାଙ୍କ କର୍ତ୍ତୃପକ୍ଷ ପହଞ୍ଚି ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ଯାଞ୍ଚ କରିଥିଲେ।

### ୧୪ ପ୍ରକଳ୍ପ ମନୋନୀତ

**ବାରଙ୍ଗ,୫।୧୨(ଡି.ଏନ୍.ଏ.):** ଭୁବନେଶ୍ୱର ବ୍ଲକ ଆନୁକୂଲ୍ୟରେ ଦାରୁଠେଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ବ୍ଲକସ୍ତରୀୟ ଗଣିତ, ବିଜ୍ଞାନ ଓ ପରିବେଶ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୩୮ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ମେଳାରେ ମୋଟ ୧୩୪ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ୬ଟି ଗଣିତ ସମ୍ପର୍କିତ, ୯୦ଟି ବିଜ୍ଞାନ ଓ ୩୮ଟି ପରିବେଶ ସମ୍ପର୍କିତ ଥିଲା। ସେଥିମଧ୍ୟରୁ ଜୁନିୟରରୁ ୭ଟି ଓ ସିନିୟରରୁ ୭ଟି ପ୍ରକଳ୍ପକୁ ମନୋନୀତ କରାଯାଇ ପୁରସ୍କାର ଦିଆଯାଇଥିଲା। ଭୁବନେଶ୍ୱର ଶିକ୍ଷା ଅଧିକାରିଣୀ ଡ. ପ୍ରଜ୍ଞା ପରମିତା ଜେନା ଯୋଗଦେଇ ମେଳା ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଜଟଣୀ ବିଧାୟକ ସୁରେଶ ରାଉତରାୟ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସ୍ଥାନୀୟ ଲୋକପ୍ରତିନିଧିମାନଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟିର କମକର୍ତ୍ତା ଓ ଶିକ୍ଷା ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ।

# ଗୀତି କବିତା ଓଡ଼ିଆ ସାହିତ୍ୟର ପ୍ରାଣ ସ୍ପନ୍ଦନ




ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ।

■ କୋଣାର୍କ ସାହିତ୍ୟ ଆସର ଓ ଚିତ୍ରକଳା ପ୍ରଦର୍ଶନୀ

■ ୧୦ ସାରସ୍ୱତ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

**କୋଣାର୍କ,୫।୧୨(ଡି.ଏନ୍.ଏ.)**

ଗୀତି କବିତା ଓଡ଼ିଆ ସାହିତ୍ୟର ପ୍ରାରମ୍ଭରୁ ଅଛି ଏବଂ ଆଗକୁ ରହିଥିବ ମଧ୍ୟ । ଗୀତି କବିତା ସ୍ୱର-ତାଳ-ଲୟଯୁକ୍ତ ସାଂଗୀତିକତା ନୁହେଁ, ଏହା ଜନଜୀବନର ଅନ୍ତଃସ୍ୱର । ଓଡ଼ିଆ ସାହିତ୍ୟର ଅଭିନ୍ନ ଅଙ୍ଗ ରୂପେବିଦିତ ଗୀତି କବିତାର ବର୍ତ୍ତମାନ ଓ ଭବିଷ୍ୟତ ଉଜ୍ଜ୍ୱଳ ଏବଂ ଏହା ଓଡ଼ିଆ ସାହିତ୍ୟର ପ୍ରାଣସ୍ପନ୍ଦନ ବୋଲି 'ସଂପ୍ରତି ଓଡ଼ିଆ ସାହିତ୍ୟରେ ଗୀତି କବିତାର ସ୍ଥିତି' ଶୀର୍ଷକ ଆଲୋଚନାଚକ୍ରରେ ଭାଗନେଇ ବିଶିଷ୍ଟ ସାହିତ୍ୟିକମାନେ ମତବ୍ୟକ୍ତ କରିଛନ୍ତି। କୋଣାର୍କ ଉତ୍ସବ-୨୦୨୨ ଅବସରରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ କୋଣାର୍କ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଅଷ୍ଟମ କୋଣାର୍କ ସାହିତ୍ୟ ଆସର ଓ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି । କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କବୟିତ୍ରୀ ଡ. ମନୋରମା ବିଶ୍ୱାଳ ମହାପାତ୍ର ମୁଖ୍ୟ ଅତିଥି, ପ୍ରାବନ୍ଧିକ କ୍ଷୀରୋଦ ରାୟ ମହାପାତ୍ର ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ରୂପେ ବ୍ୟଙ୍ଗକବି ସତ୍ୟାନାଶ, ଶ୍ରୀମାନ ସର୍ଗିଳା, ଚିତ୍ରଶିଳ୍ପୀ ଚିନ୍ତାମଣି ବିଶ୍ୱାଳ, ଶିକ୍ଷାବିତ ଡ. ସନ୍ତୋଷ କୁମାର ମିତ୍ର, ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ, ପୂର୍ବତନନ ପ୍ରାଧାପକ ଗୋପୀନାଥ କର ଓ ଅଧାପକ ଡ.ମୃତ୍ୟୁଞ୍ଜୟ ରଥ ଯୋଗଦେଇ ଓଡ଼ିଆ ସାହିତ୍ୟରେ ଗୀତି କବିତାର ସ୍ଥିତି ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ।

ଏହି ଅବସରରେ ବ୍ୟଙ୍ଗକବି ରତ୍ନାକର ବେହେରା (ସର୍ବଗିଳା)ଙ୍କ ରଚିତ ପୁସ୍ତକ 'ଭଦ୍ର ଖେଚଡ' ଶିଶୁ ପତ୍ରିକା। ନରସେନାର ଚଳିତ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ଡ. ମନୋରମା ବିଶ୍ୱାଳ ମହାପାତ୍ରଙ୍କୁ କୋଣାର୍କ ସାହିତ୍ୟ ସମ୍ମାନ, ବ୍ୟଙ୍ଗକବି ସତ୍ୟାନାଶଙ୍କୁ ବ୍ୟଙ୍ଗରାଜ ସମ୍ମାନ, ମୃତ୍ୟୁଞ୍ଜୟ ରଥଙ୍କୁ କୋଣାର୍କ ଉତ୍ସବ ସମ୍ମାନ, ଚିନ୍ତାମଣି ବିଶ୍ୱାଳଙ୍କୁ କୋଣାର୍କ କଳା ସମ୍ମାନ, ସମାଜସେବୀ ଉମେଶ ସ୍ୱାଇଁଙ୍କୁ କୋଣାର୍କ ସେବା ସମ୍ମାନ, ସଙ୍ଗୀତ ନିର୍ଦ୍ଦେଶକ ରାଜକିଶୋର ଗୋଛାୟତଙ୍କୁ ଅର୍କସ୍ୱର ସମ୍ମାନ, କବୟିତ୍ରୀ ସୁଜାତା ସିହ୍ନାଙ୍କୁ ମା' ରୁକ୍ମିଣୀ ଦେବୀ ସ୍ମୃତି ସମ୍ମାନ, ଭୁବନେଶ୍ୱରସ୍ଥିତ ଇଫ୍‌କୋ କାର୍ଯ୍ୟାଳୟକୁ ଓଡ଼ିଆ ରାଜଭାଷା ସମ୍ମାନ, ସନ୍ତୋଷ କୁମାର ଦାଶଙ୍କୁ ସାମ୍ବାଦିକ ସଂଗ୍ରାମ ସ୍ମୃତି ସମ୍ମାନ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକଙ୍କୁ କୃତୀ ଶିକ୍ଷକ ସମ୍ମାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । କୋଣାର୍କ ଏନଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ଓ ପୁରୀ ଜିଲା ଯାଦବମହାସଂଘ ସଭାପତି ଗୋପାଳ ଚନ୍ଦ୍ର ବେହେରା ଉପସ୍ଥିତ ରହି ସାରସ୍ୱତ ପ୍ରତିଭାଙ୍କୁ ସମ୍ମାନୀତ କରିଥିଲେ। ଇଫକୋର ରାଜ୍ୟ ବିପଣନ ପ୍ରବନ୍ଧକ ସୌରଭ କୁମାର ଚାଟାର୍ଜୀ ଉତ୍ସବରେ ଉପସ୍ଥିତ ରହି ମାନପତ୍ର ଗ୍ରହଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଆୟୋଜିତ ବ୍ୟଙ୍ଗ କବିତା ଆସରରେ କି ସତ୍ୟାନାଶ, ବ୍ରଜ ସୁବୁଦ୍ଧି, ସର୍ବଗିଳା, ଡ. ଦେବାଶିଷ ମହାପାତ୍ର, ପ୍ରିୟବ୍ରତ ପଣ୍ଡା ଓ ପ୍ରତାପ କୁମାର ବେହେରା ବ୍ୟଙ୍ଗ କବିତା ଆବୃତ୍ତି କରିଥିଲେ। ଏହାପରେ ଆସରରେ ସମେତ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ । ମଞ୍ଚରେର ସଂଯୋଜନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ, କି ଉମାକାନ୍ତ ମହାପାତ୍ର, କବୟିତ୍ରୀ ଅର୍ଚ୍ଚନା ଆଚାର୍ଯ୍ୟ, ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ଖଟୋଇ, ଡ. ସୁଚିତ୍ରା ରଥ ଓ ଶ୍ୟାମପ୍ରକାଶ ସେନାପତି । କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ସାହିତ୍ୟ ଉତ୍ସବର ଆଭିମୁଖ୍ୟ ସ୍ପଷ୍ଟ କରିଥିବାବେଳେ ଶିକ୍ଷୟିତ୍ରୀ ମନୋରମା ମିଶ୍ର, ରାମକୃଷ୍ଣ ମହାନ୍ତି, ରବୀନ୍ଦ୍ର ପ୍ରଧାନ, ନିରଞ୍ଜନ ତ୍ରିପାଠୀ, ପ୍ରଦୀପ ପ୍ରଧାନ, ଯୋଗାଚାର୍ଯ୍ୟ ବାମଦେବ ଆଲୁକ, ସାମ୍ବାଦିକ ଅଜିତ ମଲ୍ଲିକ, ଧନଞ୍ଜୟ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଚିତ୍ରଶିଳ୍ପୀ ବର୍ଣ୍ଣାଳୀ ଶତପଥୀଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ପ୍ରଦର୍ଶନୀ ସମସ୍ତଙ୍କୁ ଆକୃଷ୍ଟ କରିଥିଲା ।

# ପ୍ରେମିକା ଘରେ ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର, ୫।୧୨(ବ୍ୟୁରୋ)**

■ ବନ୍ଦ ଘରୁ ମିଳିଲା ଝୁଲନ୍ତା ମୃତଦେହ

■ ପ୍ରେମକୁ ସ୍ୱୀକୃତି ନ ମିଳିବାରୁ ଚରମ ପଦକ୍ଷେପ

ପ୍ରେମିକା ଘରୁ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ମିଳିଛି। ରାଜଧାନୀ ଭୁବନେଶ୍ୱରର ସାଲିଆ ସାହିରେ ରବିବାର ଏଭଳି ଘଟଣା ସାମ୍ନାକୁ ଆସିଛି। ମୃତକ ଦ୍ୱୟ ହେଲେ ଗଞ୍ଜାମ ଜିଲା କେ. ନୂଆଗାଁ ଥାନା ଅନ୍ତର୍ଗତ ନାରାୟଣପୁର ଗ୍ରାମର ଚିତ୍ରସେନ ଗୌଡ଼ (୨୦) ଏବଂ ଭୁବନେଶ୍ୱର ଶ୍ରୀରାମନଗର ସାଲିଆ ସାହିରେ ରହୁଥିବା ଦିଗପହଣ୍ଡି ଅଞ୍ଚଳର ପି. ବର୍ଷା ରେଡ୍ଡୀ (୧୬)। ଖବର ପାଇ ନୟାପଲ୍ଲୀ ପୋଲିସ ପହଞ୍ଚି ଘରର କାନ୍ଥ ଭାଙ୍ଗି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୦୯/୨୨) ରୁଜୁ କରି ତଦନ୍ତ ଚଳାଇଛି। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ଘଟଣା ବୋଲି ପୋଲିସ କହିଛି। ଉଭୟଙ୍କ ପ୍ରେମକୁ ପାରିବାରିକ ସ୍ୱୀକୃତି ନ ମିଳିବାରୁ ଦୁହେଁ ଏଭଳି ଚରମ ପଦକ୍ଷେପ ନେଇଥିବା ଶୁଣିବାକୁ ମିଳୁଛି। ସୂଚନାନୁଯାୟୀ, ଚିତ୍ରସେନ୍ ବିଜୟୱାଡ଼ାରେ କାମ କରନ୍ତି। ସେ ରବିବାର ସନ୍ଧ୍ୟାରେ ଭୁବନେଶ୍ୱରର ସାଲିଆସାହିରେ ରହୁଥିବା ତାଙ୍କ ପ୍ରେମିକା ବର୍ଷାଙ୍କୁ ଭେଟିବାକୁ ଆସିଥିଲେ। ଏହି ସମୟରେ ବର୍ଷାଙ୍କ ବାପା ମାଧବ ଓ ତାଙ୍କ ମାଆ କାମକୁ ଯାଇଥିଲେ। ବର୍ଷା ଏକାକୀ ଘରେ ଥିଲେ। ତାଙ୍କୁ ଚିତ୍ରସେନ ଭେଟି କଥାବାର୍ତ୍ତା ହୋଇଥିଲେ। ତେବେ ଏହି ସମୟରେ କୌଣସି କାରଣକୁ ନେଇ ବର୍ଷା ଏକ ରଶି ଏବଂ ଚିତ୍ରସେନ ତାଙ୍କ ପ୍ରେମିକାଙ୍କ ଓଢଣି ଦ୍ୱାରା ଲୁହାପାଇପରେ ଝୁଲି ପଡ଼ିଥିଲେ। କାମରୁ ଫେରି ବର୍ଷାଙ୍କ ମା, ବାପା ଘରକୁ ଆସି କବାଟ ବାଡ଼େଇଥିଲେ। ହେଲେ ଭିତର ପଟୁ କବାଟ ବନ୍ଦ ଥିଲା। ସେମାନେ ଝିଅକୁ ଯେତେ ଡାକିଥିଲେ ବି କୌଣସି ଉତ୍ତର ମିଳି ନ ଥିଲା। ଘର ଭିତରେ ବର୍ଷା ଓ ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ।

# ଡକାୟତି ଯୋଜନା ପଣ୍ଡ: ୪ ଗିରଫ

**ପୁରୀ ଅଫିସ ୫।୧୨**

ଡକାୟତି ପାଇଁ ଯୋଜନା କରୁଥିବା ବେଳେ ବାସେଲିସାହି ଥାନା ପୋଲିସ ୪ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଦେବୀଘାଟ ଖରାଖାଇ ମନ୍ଦିର ଅଞ୍ଚଳର ରୁଦ୍ର ପ୍ରସାଦ ରାଉତ, ଲୋକନାଥ ସାଗର ଭୋଇ, ବୁଲା ଦାଶ ଏବଂ ରଞ୍ଜନ ବେହେରା। ଏମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଦୁଇଟି ଲୁହାରଡ, ଗୋଟିଏ ଲାଠି, ଗୋଟିଏ ଜୀବନ୍ତ ବୋମା, ଗୋଟିଏ ଟର୍ଚ୍ଚ ଲାଇଟ, ବୋମା ତିଆରି ସାମଗ୍ରୀ ଏବଂ ୭ଟି ବିୟର ବୋତଲ ଜବତ କରାଯାଇଛି। ପୋଲିସ ଏ ନେଇ ଏକ ମାମଲା (ନଂ. ୩୧୩/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ କେତେଜଣ ଦୁର୍ବୃତ୍ତ ଓଁକାରେଶ୍ୱର ମନ୍ଦିର ନିକଟ ଜଙ୍ଗଲରେ ଏକାଠି ହୋଇ ରାଜପଥରେ ଯାଉଥିବା ଯାତ୍ରୀବାହୀ ଗାଡ଼ିଗୁଡ଼ିକଠାରୁ ଲୁଟ କରିବା ପାଇଁ ଯୋଜନା କରୁଥିବା ପୋଲିସ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲା।

# ଚିତା ବିରାଡ଼ି ଛାଲ ଜବତ, ଶିକାରୀ ଗିରଫ

**ଭୁବନେଶ୍ୱର,୫।୧୨(ବ୍ୟୁରୋ)**

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ହଜ ଗ୍ରାମ ନିକଟରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ଉ କରି ଏକ ଚିତା ବିରାଡ଼ି ଛାଲ ଜବତ କରିଛି। ଏଥିସହ ଛାଲ ରଖିଥିବା ଶିକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ଉମେଶ ରଥ (୪୩)।

ଏ ସଂକ୍ରାନ୍ତରେ ଏସ୍‌ଟିଏଫ୍ ଏକ ମାମଲା (ନଂ.୩୦/୨୦୨୨) ରୁଜୁ କରି ଅଭିଯୁକ୍ତ ଉମେଶଙ୍କୁ ସୋମବାର ଖୋର୍ଦ୍ଧା ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁଚ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଅଧିକ ଯାଞ୍ଚ ଓ ପରୀକ୍ଷା ପାଇଁ ଉତ୍ତରାଖଣ୍ଡ ଡେରାଡୁନ୍‌ସ୍ଥିତ ୱାଇଲ୍ଡଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଆଇଆଇ) କୁ ପଠାଇଯାଇଛି। ତେବେ ଏହି ଚିତା ବିରାଡ଼ି ଛାଲ ପ୍ରଥମ ଥର ଜବତ ହୋଇଥିବା ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଉମେଶ ଚିତା ବିରାଡ଼ି ଛାଲ ରଖି ତାହାକୁ ବିକ୍ରି ପାଇଁ ଗ୍ରାହକ ଖୋଜୁଥିଲେ। ଏନେଇ ଏସ୍‌ଟିଏଫ୍ ସୂଚନା ପାଇଥିଲା। ଉମେଶଙ୍କୁ ଧରିବାକୁ ଏସ୍‌ଟିଏଫ୍ ପକ୍ଷରୁ ସ୍ଥାନୀୟ ବନବିଭାଗକୁ ସୂଚନା ଦିଆଯାଇଥିଲା। ଉମେଶ ରବିବାର ବିଳମ୍ବିତ ରାତିରେ ଉକ୍ତ ଛାଲକୁ ନେଇ ଆସୁଥିବା ବେଳେ ପୂର୍ବପ୍ରସ୍ତୁତି ଅନୁଯାୟୀ ମିଳିତ ଟିମ୍ ତାଙ୍କୁ କାବୁ କରିଥିଲା। ତେବେ ଏହି ଚିତା ବିରାଡ଼ିକୁ ଉମେଶ କିଛିଦିନ ତଳେ ହତ୍ୟା କରିଥିବା ଏସ୍‌ଟିଏଫ୍ ସୂଚନା ପାଇଛି। ଏହି ମାମଲାରେ ଏସ୍‌ଟିଏଫ୍ ଅଧିକ ତଦନ୍ତ ଚଳାଇଛି।



ଜବତ ଚିତାବିରାଡ଼ି ଛାଲ।

## ପରୀକ୍ଷା ପାଇଁ 'ଡବ୍ଲ୍ୟୁଆଇଆଇ' ଗଲା ଛାଲ

# ଆନ୍ଦୋଳନକୁ ଓହ୍ଲାଇଲେ କଳା, କ୍ରୀଡ଼ା ଶିକ୍ଷକ

**ଭୁବନେଶ୍ୱର, ୫।୧୨ (ବ୍ୟୁରୋ)**

## ଆଲୋଚନା ବିଫଳ

ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକରେ ନିଯୁକ୍ତିପ୍ରାପ୍ତ ପାର୍ଟ ଟାଇମ୍ କଳା ଓ କ୍ରୀଡ଼ା ଶିକ୍ଷକମାନେ ନିୟମିତ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ ସୋମବାର ମାଷ୍ଟରକ୍ୟାଣ୍ଟିନ ଛକରୁ ବାଜା ବଜାଇ, ହାତରେ ଖେଳ ଉପକରଣ ଧରି ବିଧାନସଭା ଅଭିମୁଖେ ଶୋଭାଯାତ୍ରାରେ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅପରପକ୍ଷେ ସରକାରଙ୍କ ଡାକରା ପାଇ ଏକ ୭ ଜଣିଆ ପ୍ରତିନିଧି ମଣ୍ଡଳୀ ସଚିବାଳୟ ଯାଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ତାହା ବିଫଳ ହୋଇଥିବା ସୂଚନା ମିଳିଛି। ପୂର୍ବଭଳି କେବଳ ପ୍ରତିଶ୍ରୁତି ଦିଆଯିବାରୁ ପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି, କଳା ଓ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ, ଦେଶ ବିଦେଶରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ମାତ୍ର କଳା ଓ କ୍ରୀଡ଼ାକୁ ବିକାଶଭିମୁଖୀ କରିବା ପାଇଁ ପ୍ରଚେଷ୍ଟାରତ ପାର୍ଟ ଟାଇମ କଳା ଓ କ୍ରୀଡ଼ା ଶିକ୍ଷକଙ୍କୁ ନିୟମିତ କରାଯାଉ ନାହିଁ। ପୂର୍ବରୁ ଏନେଇ ବହୁବାର ଦାବି କରାଯାଇଥିଲେ ବି କେବଳ ପ୍ରତିଶ୍ରୁତି ଦେଇ ସରକାର ଭଣ୍ଡାଇ ଦେଉଛନ୍ତି। ତେଣୁ ଏଥର ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲିବ ବୋଲି ମହାସଂଘର ଆବାହକ ଧର୍ମେନ୍ଦ୍ର ପଣ୍ଡା, ଦେବବ୍ରତ ପଟ୍ଟନାୟକ, ସଦସ୍ୟ ବସନ୍ତ ସଣ୍ଡ, ଶଙ୍କର ପ୍ରସାଦ ମହାପାତ୍ର ପ୍ରମୁଖ କହିଛନ୍ତି।


**OFFICE OF THE COLLECTOR & DISTRICT MAGISTRATE, KHORDHA**

**(SOCIAL SECURITY SECTION)**

Notice No. 6373/Dated. 02.12.2022

**Notice**

No. gg-22:- Applications are invited in prescribed format from intending and eligible NGOs to run a 30 bedded Drug De-addiction Centre and Physiotherapy Unit at Integrated Infrastructure Complex, Khudupur, Jatni under Khordha district. The last date for receipt of application is 15.12.2022 by 5.00 P.M. The details of the applications along with Guideline for setting up of 30 Bedded Drug De-addiction Centre and Physiotherapy Unit may be downloaded from the website **www.khordha.nic.in**

By Order of Collector,
Sd./- Collector & District Magistrate, Khordha
OIPR-46001/11/0030/2223



GOVERNMENT OF ODISHA

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNABEDA**

E-mail:serwsbd2003@yahoo.com

No.O-1381: **e-Procurement Notice for bridge works**

1. Name of the Work: Construction of bridges as per Annexure (2 Nos)
2. Class of Contractor: "A" & Special Class of (Odisha PWD) or relevant class of other licensing authority.
3. Estimated Cost: Varies from Rs.395.04 lakhs to Rs.790.61 Lakhs (Approximately)
4. Details projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-34/2022-23 | 09.12.2022 at 11.00 A.M. | 29.12.2022 upto 5.30 PM | 28.12.2022 upto 2.00 PM | 30.12.2022 at 11.00 AM | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.

OIPR-25182/11/0042/2223 Sd./- Chief Construction Engineer, Rural Works Circle, Sunabeda


# ଛୋଟ ଛୋଟ ସୁଖ ଜୀବନକୁ ସରସ ସୁନ୍ଦର କରିଥାଏ

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମେଳା

**ପିପିଲି,୫।୧୨(ଡି.ଏନ୍.ଏ.)**



ପିପିଲି ନିକଟବର୍ତ୍ତୀ ସଡ଼ାଙ୍ଗୋଇ ଗ୍ରାମରେ ଭାରତୀପୁର ଷ୍ଟେଟ୍‌ବ୍ୟାଙ୍କ ଶାଖା ପକ୍ଷରୁ ରବିବାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଆଞ୍ଚଳିକ ବ୍ୟବସାୟ ଅନୁଷ୍ଠାନର ମୁଖ୍ୟ ପତିତପାବନ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଶାଖାର ମୁଖ୍ୟ ପରିଚାଳକ ହେମନ୍ତ ସାହା, ଶାଖା ପରିଚାଳକ ଶଙ୍କର୍ଷଣ ଦାଶ ଯୋଗ ଦେଇଥିଲେ। ମହିଳା ସଶକ୍ତୀକରଣ ଏବଂ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଅଟଳ ପେନସନ୍ ଯୋଜନା ବିଷୟରେ ଅତିଥିମାନେ ସାରଗର୍ଭକ ଭାଷଣ ଦେଇଥିଲେ। ଆଜିର ସଞ୍ଚୟ ଯେ କାଲିର ଭବିଷ୍ୟତ, ଗୋଟି ଗୋଟି ଜଳବିନ୍ଦୁ ମିଶି ଯେମିତି ସମୁଦ୍ର ହୁଏ, ସେମିତି ଛୋଟ ଛୋଟ ସୁଖ ହିଁ ଜୀବନକୁ ସରସ ସୁନ୍ଦର କରିପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ମେଳାରେ ୨୦ଟି ଏସ୍‌ଏଚ୍‌ଜି ଗୋଷ୍ଠୀରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ବ୍ୟାଙ୍କ ମିତ୍ର ସୌଦାମିନୀ ମିଶ୍ର, ମମତା ପରିଡ଼ା, ପ୍ରମିଳା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ମୁଖ୍ୟ ପରିଡ଼ା ଧନ୍ୟବାଦ ଦେଇଥିଲେ।


GOVERNMENT OF ODISHA
DEPARTMENT OF WATER RESOURCES

**OFFICE OF THE SUPERINTENDING ENGINEER**

RENGALI LEFT BANK CANAL DIVISION, AT/P.O. Kamakhyanagar
Dist: Dhenkanal, Odisha, PIN-759018 Ph:06769-270771

No.A-819: Email ID - eerlbcdivision@gmail.com

**e-PROCUREMENT NOTICE No. RLBCD-P₁-03/2022-23**

| | | |
|---|---|---|
| 1 | Category of Work | "Civil Construction Works". |
| 2 | Total No. of Works | 05 (Five) Nos. |
| 3 | Estimated Cost | Varies from Rs.13.40 Lakhs to Rs.5.73 Lakhs |
| 4 | Period of Completion | 30 Days to 45 Days |
| 5 | Class of Contractor | "D" & "C" or equivalent grade/class |
| 6 | Cost of Bid Document / Mode of Payment | Varies Rs. 6.000/- to Rs.4,000/- (Non-Refundable) / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | No Bid Security/ Earnest Money Deposit (EMD) has to be deposited and all participating bidder shall submit "Bid Security Declaration". |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents Online Bidding. | **07.12.2022 from 10.00 Hours to 19.12.2022 upto 17.00 Hours.** |
| | (iii).Date, time & venue of Bid Opening (Online) | **On 21.12.2022 at 11.00 Hours** in the O/o the Superintending Engineer, Rengali Left Bank Canal Division, Kamakhyanagar(through online). |
| | (iv) Date, time & venue of transparent lottery for finalization of bids, if required | On 27.12.2022 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar. |

**"Further details can be seen from the Government of Odisha website https://tendersodisha.gov.in.**

Sd./- Superintending Engineer
R.L.B. Canal Division
Kamakhyanagar

OIPR-32298/11/0003/2223



File No.ZP-28011/3/2022-ORMAS SEC-ZP-ZILLA PARISHAD

**ORMAS**

(Odisha Rural Development and Marketing Society)
Panchayati Raj and Drinking Water Department
Tel:06724-231752, Fax:06724-231752 (URL:www.ormas.org),
E-mail:dsmsjagatsinghpur@gmail.com

**ORMAS, JAGATSINGHPUR**
**A District unit of ORMAS**
**Office of the Zilla Parishad,**
**Jagatsinghpur,Sanra, Nalibar-754104**

Order No.282/ Date:03.12.2022

**TENDER CALL NOTICE**

**No.CAD-4015:** Sealed tenders are inviting from reputed Firms/ Agency/ Organisation for procurement of different works like Tantage and Allied works, Still Photography & Videography and Printing works towards organisation of Zilla Mahotsav "Kallola-2023 & Pallishree Mela to be held on 15th to 21st Jan, 2023 at Nabakrushna Choudhury Stadium, Jagatsinghpur.

The tender paper alongwith the details specification and eligibility criteria of the above works will be available in the office of ORMAS, Jagatsinghpur, C/o- ZP, Jagatsinghpur from 3rd to 13th Dec, 2022 by 12.30 PM or tender paper can be downloaded from www.ormas.org. The sealed tenders will be opened in the Office Chamber of CDO-cum-EO, ZP, Jagatsinghpur on the same date (Date:13.12.22) at 5.00 PM in the presence of the Bidders or their authorised representative.

The undersigned reserves the right to accept or reject any or all the tenders without assigning any reason thereof.

Sd./- Collector & DM
Jagatsinghpur

OIPR-19004/11/0008/2223

## ସଂକ୍ଷେପରେ

### ବିଜ୍ଞାନ ମେଳା: ୪ ପ୍ରକଳ୍ପ ବ୍ଲକସ୍ତରକୁ ମନୋନୀତ

ସାକ୍ଷୀଗୋପାଳ,୫।୧୨(ସ୍ୱ.ପ୍ର./ଡି.ଏନ୍.ଏ.) ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଭୀମପୁର ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନ ଦାସ ବିଦ୍ୟାଧରପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସୋମବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିରଞ୍ଚି ନାରାୟଣ ନନ୍ଦ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଅବସରପ୍ରାପ୍ତ ଶିକ୍ଷକ ବନମାଳୀ ରଥ, ମୁଖ୍ୟବକ୍ତା ଶିକ୍ଷାବିତ୍ ଦେବୀ ପ୍ରସାଦ ଦାସ ଓ ସମ୍ମାନିତ ଅତିଥି ଦାସ ବିଦ୍ୟାଧରପୁର ପଞ୍ଚାୟତ ସରପଞ୍ଚ ଝରଣାବାଳା ସ୍ୱାଇଁ, ସମିତି ସଭ୍ୟା ଶକୁନ୍ତଳା ପ୍ରଧାନ, ମୂଳ ଅଳସା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜିତେନ୍ଦ୍ର ମିଶ୍ର ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସରୋଜ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରେ ପ୍ରଧାନ ଶିକ୍ଷକ ପ୍ରଭାକର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହକାରୀ ଶିକ୍ଷକ କବି ପ୍ରଧାନ ବିବରଣୀ ପାଠ କରିଥିଲେ। ମେଳାରେ ୧୫ଜଣ ଛାତ୍ରୀଛାତ୍ର ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବରିଷ୍ଠ ଓ କନିଷ୍ଠ ବିଭାଗରୁ ୪ ଗୋଟି ପ୍ରକଳ୍ପ ବ୍ଲକସ୍ତରୀୟ ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଛି। କୃତୀ କୁନି ବିଜ୍ଞାନୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଅନିମା ମିଶ୍ର ବିଜ୍ଞାନମେଳା ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ବିରଞ୍ଚି ନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ।

### ୫ ମୃତ ବିଦେଶୀ ପକ୍ଷୀ ସହ ଡଙ୍ଗା ଜବତ: ଶିକାରୀ ଗିରଫ




ଖୋର୍ଦ୍ଧା ଅଫିସ/ଟାଙ୍ଗୀ, ୫।୧୨ (ଡି.ଏନ୍.ଏ.): ଶୀତ ବଢ଼ିବା ସହ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ମଧ୍ୟ ଚିଲିକାରେ ବଢ଼ିବାରେ ଲାଗିଛି। ପ୍ରତିବର୍ଷ ପକ୍ଷୀଙ୍କ ସୁରକ୍ଷା ପାଇଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ସତ୍ତ୍ୱେ ଏଥିରେ କୌଣସି ଫରକ ପଡୁନାହିଁ। ଖାଦ୍ୟ ଅନ୍ୱେଷଣରେ ତଟବର୍ତ୍ତୀ ଅଞ୍ଚଳକୁ ଆସୁଥିବା ବିଦେଶୀ ପକ୍ଷୀ ଶିକାରୀଙ୍କ ଫାଶରେ ପଡି ମୃତ୍ୟୁବରଣ କରୁଛନ୍ତି। ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ କାଲୁପଡ଼ା ଘାଟ ଚିଲିକା କୂଳରେ ପାଟ୍ରୋଲିଂ ବେଳେ ସୋମବାର ବିଭାଗୀୟ କର୍ମଚାରୀ ଏକ ଡଙ୍ଗା ସହ ୫ ମୃତ ବିଦେଶୀ ପକ୍ଷୀ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତି ନେଇ ଜଣେ ଶିକାରୀଙ୍କୁ ଗିରଫ କରାଯାଇଛି। ସେ ହେଲେ ଟାଙ୍ଗୀ ଥାନା ଅଧୀନ ଜରିପଡ଼ା ଜଟିଆପାଟଣା ଗ୍ରାମର ଚୈତନ୍ୟ ପ୍ରଧାନ(୪୬)। ଦୁଇଟି ଲାର୍ଜ ହୁଇଷ୍ଟିଲଙ୍ଗ ଡକ, ଗୋଟିଏ ଲେଖାଏ ପରପଲ ମୋରହେନ, କମନ ମୋରହେନ ଓ ଫିଜାଣ୍ଟ ଟେଲଡ ଜାକନା ମୃତ ପକ୍ଷୀ ଜବତ ହୋଇଛି। ଏହି ଚଢ଼ାଉରେ ଫରେଷ୍ଟର ସବିତା ପ୍ରଧାନ, ଫରେଷ୍ଟଗାର୍ଡ ଶିବ ପ୍ରସାଦ ପଲାଇ ଓ ଗୀତାଞ୍ଜଳି ପ୍ରଧାନ ସାମିଲ ଥିଲେ। ଏକ ମାମଲା ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲଣ କରାଯାଇଛି ବୋଲି ରେଞ୍ଜର ଚୂଡ଼ାମଣି ମୁର୍ମୁ କହିଛନ୍ତି।

# ଗୀତିକବିତା ଓଡ଼ିଆ ସାହିତ୍ୟର ପ୍ରାଣ ସ୍ପନ୍ଦନ




କୋଣାର୍କ ସାହିତ୍ୟ ଆସରରେ ମଞ୍ଚାସୀନ ଅତିଥିମାନେ।

**■କୋଣାର୍କ ସାହିତ୍ୟ ଆସର ଓ ଚିତ୍ରକଳା ପ୍ରଦର୍ଶନୀ**
**■୧୦ ସାରସ୍ୱତ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା**

କୋଣାର୍କ,୫।୧୨(ଡି.ଏନ୍.ଏ.)

ଗୀତି କବିତା ଓଡ଼ିଆ ସାହିତ୍ୟର ପ୍ରାରମ୍ଭରୁ ଅଛି ଏବଂ ଆଗକୁ ରହିଥିବ ମଧ୍ୟ । ଗୀତି କବିତା ସ୍ୱର-ତାଳ-ଲୟଯୁକ୍ତ ସାଂଗୀତିକତା ନୁହେଁ, ଏହା ଜନଜୀବନର ଅନ୍ତଃସ୍ୱର । ଓଡ଼ିଆ ସାହିତ୍ୟର ଅଭିନ୍ନ ଅଙ୍ଗ ରୂପେ ବିଦିତ ଗୀତି କବିତାର ବର୍ତ୍ତମାନ ଓ ଭବିଷ୍ୟତ ଉଜ୍ଜ୍ୱଳ ଏବଂ ଏହା ଓଡ଼ିଆ ସାହିତ୍ୟର ପ୍ରାଣସ୍ପନ୍ଦନ ବୋଲି 'ସଂପ୍ରତି ଓଡ଼ିଆ ସାହିତ୍ୟରେ ଗୀତି କବିତାର ସ୍ଥିତି' ଶୀର୍ଷକ ଆଲୋଚନାଚକ୍ରରେ ଭାଗନେଇ ବିଶିଷ୍ଟ ସାହିତ୍ୟିକମାନେ ମତବ୍ୟକ୍ତ କରିଛନ୍ତି। କୋଣାର୍କ ଉତ୍ସବ-୨୦୨୨ ଅବସରରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ କୋଣାର୍କ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଅଷ୍ଟମ କୋଣାର୍କ ସାହିତ୍ୟ ଆସର ଓ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି । କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କବୟିତ୍ରୀ ଡ. ମନୋରମା ବିଶ୍ୱାଳ ମହାପାତ୍ର ମୁଖ୍ୟ ଅତିଥି, ପ୍ରାବନ୍ଧିକ କ୍ଷୀରୋଦ ରାୟ ମହାପାତ୍ର ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ରୂପେ ବ୍ୟଙ୍ଗକବି ସତ୍ୟାନାଶ, ଶ୍ରୀମାନ ସର୍ବଗିଳା, ଚିତ୍ରଶିଳ୍ପୀ ଚିନ୍ତାମଣି ବିଶ୍ୱାଳ, ଶିକ୍ଷାବିତ ଡ. ସନ୍ତୋଷ କୁମାର ମିତ୍ର, ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ, ପୂର୍ବତନନ ପ୍ରାଧ୍ୟାପକ ଗୋପୀନାଥ କର ଓ ଅଧ୍ୟାପକ ଡ.ମୃତ୍ୟୁଞ୍ଜୟ ରଥ ଯୋଗଦେଇ ଓଡ଼ିଆ ସାହିତ୍ୟରେ ଗୀତି କବିତାର ସ୍ଥିତି ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ।

ଏହି ଅବସରରେ ବ୍ୟଙ୍ଗକବି ରତ୍ନାକର ବେହେରା (ସର୍ବଗିଳା)ଙ୍କ ରଚିତ ପୁସ୍ତକ 'ଭଦ୍ର ଖେଚଡ' ଶିଶୁ ପତ୍ରିକା। ନରସେନାର ଚଳିତ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ଡ. ମନୋରମା ବିଶ୍ୱାଳ ମହାପାତ୍ରଙ୍କୁ କୋଣାର୍କ ସାହିତ୍ୟ ସମ୍ମାନ, ବ୍ୟଙ୍ଗକବି ସତ୍ୟାନାଶଙ୍କୁ ବ୍ୟଙ୍ଗରାଜ ସମ୍ମାନ, ମୃତ୍ୟୁଞ୍ଜୟ ରଥଙ୍କୁ କୋଣାର୍କ ଉତ୍ସବ ସମ୍ମାନ, ଚିନ୍ତାମଣି ବିଶ୍ୱାଳଙ୍କୁ କୋଣାର୍କ କଳା ସମ୍ମାନ, ସମାଜସେବୀ ଉମେଶ ସ୍ୱାଇଁଙ୍କୁ କୋଣାର୍କ ସେବା ସମ୍ମାନ, ସଙ୍ଗୀତ ନିର୍ଦ୍ଦେଶକ ରାଜକିଶୋର ଗୋଚ୍ଛାୟତଙ୍କୁ ଅର୍କସ୍ୱର ସମ୍ମାନ, କବୟିତ୍ରୀ ସୁଜାତା ସିହ୍ନାଙ୍କୁ ମା' ରୁକ୍ମିଣୀ ଦେବୀ ସ୍ମୃତି ସମ୍ମାନ, ଭୁବନେଶ୍ୱରସ୍ଥିତ ଇଫ୍କୋ କାର୍ଯ୍ୟାଳୟକୁ ଓଡ଼ିଆ ରାଜଭାଷା ସମ୍ମାନ, ସନ୍ତୋଷ କୁମାର ଦାଶଙ୍କୁ ସାମ୍ବାଦିକ ସଂଗ୍ରାମ ସ୍ମୃତି ସମ୍ମାନ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକଙ୍କୁ କୃତୀ ଶିକ୍ଷକ ସମ୍ମାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । କୋଣାର୍କ ଏନଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ଓ ପୁରୀ ଜିଲା ଯାଦବମହାସଂଘ ସଭାପତି ଗୋପାଳ ଚନ୍ଦ୍ର ବେହେରା ଉପସ୍ଥିତ ରହି ସାରସ୍ୱତ ପ୍ରତିଭାଙ୍କୁ ସମ୍ମାନୀତ କରିଥିଲେ। ଇଫକୋର ରାଜ୍ୟ ବିପଣନ ପ୍ରବନ୍ଧକ ସୌରଭ କୁମାର ଚାଟାର୍ଜୀ ଉତ୍ସବରେ ଉପସ୍ଥିତ ରହି ମାନପତ୍ର ଗ୍ରହଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଆୟୋଜିତ ବ୍ୟଙ୍ଗ କବିତା ଆସରରେ କବି ସତ୍ୟାନାଶ, ବ୍ରଜ ସୁବୁଦ୍ଧି, ସର୍ବଗିଳା, ଡ. ଦେବାଶିଷ ମହାପାତ୍ର, ପ୍ରିୟବ୍ରତ ପଣ୍ଡା ଓ ପ୍ରତାପ କୁମାର ବେହେରା ବ୍ୟଙ୍ଗ କବିତା ଆବୃତ୍ତି କରିଥିଲେ। ଏହାପରେ ଆସରରେ ସମେତ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ । ମଞ୍ଚରେ ସଂଯୋଜନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ, କବି ଉମାକାନ୍ତ ମହାପାତ୍ର, କବୟିତ୍ରୀ ଅର୍ଚ୍ଚନା ଆଚାର୍ଯ୍ୟ, ଶିକ୍ଷାବିତ ପ୍ରକାଶ ଚନ୍ଦ୍ର ଖଟୋଇ, ଡ. ସୁଚିତ୍ରା ରଥ ଓ ଶ୍ୟାମପ୍ରକାଶ ସେନାପତି । କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ସାହିତ୍ୟ ଉତ୍ସବର ଆଭିମୁଖ୍ୟ ସ୍ପଷ୍ଟ କରିଥିବାବେଳେ ଶିକ୍ଷୟିତ୍ରୀ ମନୋରମା ମିଶ୍ର, ରାମକୃଷ୍ଣ ମହାନ୍ତି, ରବୀନ୍ଦ୍ର ପ୍ରଧାନ, ନିରଞ୍ଜନ ତ୍ରିପାଠୀ, ପ୍ରଦୀପ ପ୍ରଧାନ, ଯୋଗାଚାର୍ଯ୍ୟ ବାମଦେବ ଆଲୁକ, ସାମ୍ବାଦିକ ଅଜିତ ମଲ୍ଲିକ, ଧନଞ୍ଜୟ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଚିତ୍ରଶିଳ୍ପୀ ବର୍ଣ୍ଣାଳୀ ଶତପଥୀଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା ପ୍ରଦର୍ଶନୀ ସମସ୍ତଙ୍କୁ ଆକୃଷ୍ଟ କରିଥିଲା ।

# ଗୋମାଂସ ବୋଝେଇ ୩ କଣ୍ଟେନର ଜବତ

## କୋଲକାତାରୁ ଚେନ୍ନାଇ ହେଉଥିଲା ଚାଲାଣ

ଖୋର୍ଦ୍ଧା ଅଫିସ,୫।୧୨

କୋଲକାତାରୁ ଚେନ୍ନାଇକୁ ଗୋମାଂସ ଚାଲାଣ ବେଳେ ସୋମବାର ଖୋର୍ଦ୍ଧା ଗୋସୁରକ୍ଷା ସମିତି କର୍ମକର୍ତ୍ତାମାନେ ଗଡ଼ଖୋର୍ଦ୍ଧା ଛକ ନିକଟରୁ ଗୋମାଂସ ଭର୍ତ୍ତି ୩ଟି କଣ୍ଟେନରକୁ ଜବତ କରି ପୋଲିସ ଜିମା ଦେଇଛନ୍ତି। ତେବେ ୨ଟି କଣ୍ଟେନର ଖସି ପଳାଇଥିଲା। ଜବତ କଣ୍ଟେନରରେ ଶହେ ଟନରୁ ଊର୍ଦ୍ଧ୍ୱ ଗୋମାଂସ ରହିଥିବା ଜଣାପଡ଼ିଛି। ଗୋସୁରକ୍ଷା ସମିତି କର୍ମକର୍ତ୍ତାଙ୍କ ଅଭିଯୋଗକ୍ରମେ ଖୋର୍ଦ୍ଧା ଟାଉନ ଥାନା ପୋଲିସ ଏକ ମାମଲା ରୁଜୁକରି କଣ୍ଟେନର ଡ୍ରାଇଭର ଓ ହେଲ୍ପରଙ୍କ ସମେତ ୬ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅନ୍ୟପଟେ କଣ୍ଟେନର ଆଗରେ ମିଲ୍କ ପ୍ରଡକ୍ଟ ଲେଖାହୋଇଥିବା ବେଳେ ପେଟି ଭିତରେ ବରଫ କୁଣ୍ଡା ଦିଆଯାଇ ଗୋମାଂସ ଚାଲଣ ହେଉଥିବା ଧରାପଡିଥିବା ଡ୍ରାଇଭରମାନେ ଗଣମାଧ୍ୟମ ଆଗରେ କହିଛନ୍ତି।

ସୂଚନା ମୁତାବକ, କୋଲାକାତାରୁ କଣ୍ଟେନରରେ ଗୋମାଂସ ଭର୍ତ୍ତି ହୋଇ ଚେନ୍ନାଇ ଅଭିମୁଖେ ଯାଉଥିଲା। କୌଣସି ସୂତ୍ରରୁ ସୂଚନାପାଇ ଖୋର୍ଦ୍ଧା ଗୋସୁରକ୍ଷା ସମିତି ଆବାହକ ରାଧାମୋହନ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଭୁବନେଶ୍ୱର ଖଣ୍ଡଗିରି ଛକରୁ ବାଟମଙ୍ଗଳା ପର୍ଯ୍ୟନ୍ତ ବିଭିନ୍ନ ଛକରେ ଜଗି ରହିଥିଲେ। ଖଣ୍ଡିଗିରି ଛକରେ କର୍ମକର୍ତ୍ତାମାନେ କଣ୍ଟେନରଗୁଡ଼ିକୁ ସନ୍ଦେହରେ ଅଟକାଇବା ବେଳେ ୨ଟି କଣ୍ଟେନର ଦ୍ରୁତ ଗତିରେ ଖସି ପଳାଇଥିଲା। ଅନ୍ୟ ୩ଟି କଣ୍ଟେନର ୩ଟି କଣ୍ଟେନର (ଟିଏନ ୯୩ବି୪୭୯୯, ଟିଏନ ୮୮ଏ ୮୭୯୩, ଟିଏନ ୯୩ଡି ୯୫୯୯)କୁ ପିଛା କରି ଗଡଖୋର୍ଦ୍ଧା ଛକରେ ଅଟକାଇଥିଲେ। ପଚରାଉଚୁରା ବେଳେ ପ୍ରଥମେ ମାଛ ଚାଲାଣ ହେଉଥିବା ଏବଂ ସେମାନେ ଗୋମାଂସ ଚାଲାଣ ସମ୍ପର୍କରେ କିଛି ଜାଣି ନ ଥିବା କହୁଥିବା ବେଳେ ପରବର୍ତ୍ତୀ ସମୟରେ ସ୍ୱୀକାର କରିଥିଲେ। ଖବରପାଇ ଶିଳ୍ପାଞ୍ଚଳ ଫାଣ୍ଡି ଓ ଟାଉନ ପୋଲିସ ପହଞ୍ଚି ଗୋମାଂସ ବୋଝଇ କଣ୍ଟେନରକୁ ଜବତ କରିଥିବା ବେଳେ ୬ ଜଣଙ୍କୁ ଥାନାକୁ ଆଣିଥିଲା। ଘଟଣାର ତଦନ୍ତ ଜାରି ରହିଛି ବୋଲି ଖୋର୍ଦ୍ଧା ସଦର ଏସ୍‌ଡିପିଓ ଦିଲୀପ ଦାସ କହିଛନ୍ତି।

# ଗଡ଼ବେଗୁନିଆପଡ଼ା ବିଦ୍ୟାଳୟରେ ବିଜ୍ଞାନମେଳା

**ଡେଲାଙ୍ଗ,୫।୧୨(ଡି.ଏନ୍.ଏ.):** ଗଡ଼ବେଗୁନିଆପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ୨୫ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ପ୍ରଥମ ସ୍ଥାନରେ ଛାତ୍ରୀ ଅଙ୍କିତା ପାତ୍ର, ଦ୍ୱିତୀୟ ଛାତ୍ର ସଞ୍ଜୟ ପରିଡା ଓ ତୃତୀୟ ସ୍ଥାନ ସୌମ୍ୟଜିତ ସାହୁ ଅକ୍ତିଆର କରିଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କଳିଙ୍ଗ କେଶରୀ ମହାପାତ୍ର, ବିଚାରକ ଭାବେ ବ୍ଲକ ବିଜ୍ଞାନ ସଂସଦ ସମ୍ପାଦକ ଉମେଶ ଚନ୍ଦ୍ର ଦାଶ, ସହ ସମ୍ପାଦକ ପବିତ୍ର ମୋହନ ଜେନା, କୋଷାଧ୍ୟକ୍ଷ ସୁରେନ୍ଦ୍ର ନାୟକ, ସିଆର୍‌ସିସି ଦୟାନିଧି ମାର୍ଥା, ବସନ୍ତ ସେଠୀ, ଶିକ୍ଷକ ଅଭିମନ୍ୟୁ ସିଂହ, ଦିନେଶ ବେହେରା, ଶରତ ଚନ୍ଦ୍ର ସିଂହ, ସୁଚିତ୍ରା ପରିଡା, ପରିଚାଳନା କମିଟି ସଭାପତି ମାନସ ରଞ୍ଜନ ନରେନ୍ଦ୍ର, ସରପଞ୍ଚ ପ୍ରତିମା ପାତ୍ର, ଶାନ୍ତି କମିଟି ସଭାପତି ପ୍ରକାଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଡକାୟତି ଯୋଜନା ପଣ୍ଡ: ୪ ଗିରଫ

ପୁରୀ ଅଫିସ ୫।୧୨

ଏକ ବଡଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛି ବାସେଳିସାହି ଥାନା ପୋଲିସ। ଡକାୟତି ପାଇଁ ଯୋଜନା କରୁଥିବା ଅଭିଯୋଗରେ ବାସେଳିସାହି ଥାନା ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ୪ ଅଭିଯୁକ୍ତ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଦେବୀଘାଟ ଖରାଖାଇ ମନ୍ଦିର ଅଞ୍ଚଳର ରୁଦ୍ର ପ୍ରସାଦ ରାଉତ, ବାସେଳି ସାହି ଥାନା ଅନ୍ତର୍ଗତ ଲୋକନାଥ ରୋଡ୍ ହାତୀଶାଳର ସାଗର ଭୋଇ, ଥାନାପତି ଲେନ୍‌ର ବୁଲା ଦାଶ ଏବଂ ଗୋଖାସାହିର ରଞ୍ଜନ ବେହେରା। ଏମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଦୁଇଟି ଲୁହାରଡ, ଗୋଟିଏ ଲାଠି, ଗୋଟିଏ ଜୀବନ୍ତ ବୋମା, ଗୋଟିଏ ଟର୍ଚ୍ଚ ଲାଇଟ, ବୋମା ତିଆରି ସାମଗ୍ରୀ ଏବଂ ୭ଟି ବିୟର ବୋତଲ ଜବତ କରାଯାଇଛି। ପୋଲିସ ଏ ନେଇ ଏକ ମାମଲା (ନଂ. ୩୧୩/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ କେତେଜଣ ଦୁର୍ବୃତ୍ତ ଓଁକାରେଶ୍ୱର ମନ୍ଦିର ନିକଟ ଜଙ୍ଗଲରେ ଏକାଠି ହୋଇ ରାତିରେ ୩୧୬ ନମ୍ବର ଜାତୀୟ ରାଜପଥରେ ଯାଉଥିବା ଯାତ୍ରୀବାହୀ ଗାଡ଼ିଗୁଡ଼ିକଠାରୁ ଲୁଟ କରିବା ପାଇଁ ଯୋଜନା କରୁଥିବା ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ପରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲା।

## ଜୀବନ୍ତ ବୋମା, ମାରଣାସ୍ତ୍ର ଜବତ




ଗିରଫ ୪ ଅଭିଯୁକ୍ତ ଏବଂ ଜବତ ମାରଣାସ୍ତ୍ର।

## ବାଇକ୍‌କୁ ପିଟିଲା କାର୍

# ମା'ବାପାଙ୍କ ସହ ୭ବର୍ଷର ଶିଶୁ ଗୁରୁତର

ପିପିଲି,୫।୧୨(ସ୍ୱ.ପ୍ର.)

ଗୋଟେ ବାଇକ୍‌କୁ କାର୍ ପଛପଟୁ ଧକ୍କା ଦେବାରୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ପିପିଲି ହସ୍ପିଟାଲକୁ ପଠାଯାଇଥିବାବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ଟି ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଞ୍ଚଳର ସଂକୀର୍ତ୍ତନ ନାୟକ (୩୯), ସ୍ତ୍ରୀ ସନ୍ତୋଷିନୀ ସାହୁ (୩୭) ଏବଂ ୭ବର୍ଷର ଝିଅ ଜଗା ଦର୍ଶନ ପାଇଁ ସୋମବାର ବାଇକ୍ ଯୋଗେ ପୁରୀ ଅଭିମୁଖେ ଯାଉଥିଲେ। ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାଉଥିବା ଏକ କାର୍ ସିଉଳାଠାରେ କୌଣସି କାରଣରୁ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇ ଆସି ବାଇକ୍ ପଛରେ ମାଡ଼ ହୋଇଥିଲା। ଫଳରେ




ବାଇକ୍‌ରେ ଥିବା ମା'ବାପା ଏବଂ ଝିଅ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ତୁରନ୍ତ ପିପିଲି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ସେମାନଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ କୌଶଲ୍ୟାଗଙ୍ଗ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ଛୋଟ ଛୋଟ ସୁଖ ଜୀବନକୁ ସରସ ସୁନ୍ଦର କରିଥାଏ

## ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମେଳା

ପିପିଲି,୫।୧୨(ଡି.ଏନ୍.ଏ.)

ପିପିଲି ନିକଟବର୍ତ୍ତୀ ସଡ଼ାଙ୍ଗୋଇ ଗ୍ରାମରେ ଭାରତୀପୁର ଷ୍ଟେଟ୍‌ବ୍ୟାଙ୍କ ଶାଖା ପକ୍ଷରୁ ରବିବାର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଆଞ୍ଚଳିକ ବ୍ୟବସାୟ ଅନୁଷ୍ଠାନର ମୁଖ୍ୟ ପତିତପାବନ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଶାଖାର ମୁଖ୍ୟ ପରିଚାଳକ ହେମନ୍ତ ସାହା, ଶାଖା ପରିଚାଳକ ଶଙ୍କର୍ଷଣ ଦାଶ ଯୋଗ ଦେଇଥିଲେ। ମହିଳା ସଶକ୍ତୀକରଣ ଏବଂ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଅଟଳ ପେନସନ୍ ଯୋଜନା ବିଷୟରେ ଅତିଥିମାନେ ସାରଗର୍ଭକ ଭାଷଣ ଦେଇଥିଲେ। ଆଜିର ସଞ୍ଚୟ ଯେ କାଲିର ଭବିଷ୍ୟତ, ଗୋଟି ଗୋଟି ଜଳବିନ୍ଦୁ ମିଶି ଯେମିତି ସମୁଦ୍ର ହୁଏ, ସେମିତି ଛୋଟ ଛୋଟ ସୁଖ ହିଁ ଜୀବନକୁ ସରସ ସୁନ୍ଦର କରିପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ମେଳାରେ ୨୦ଟି ଏସ୍ଏଚ୍‌ଜି ଗୋଷ୍ଠୀରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ବ୍ୟାଙ୍କ ମିତ୍ର ସୌଦାମିନୀ ମିଶ୍ର, ମମତା ପରିଡ଼ା, ପ୍ରମିଳା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ମୁଖ୍ୟ ପରିଡ଼ା ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ମହିଳାମାନେ।


**OFFICE OF THE COLLECTOR & DISTRICT MAGISTRATE, KHORDHA**
**(SOCIAL SECURITY SECTION)**
Notice No. 6373/Dated. 02.12.2022

**Notice**

No. gg-22:- Applications are invited in prescribed format from intending and eligible NGOs to run a 30 bedded Drug De-addiction Centre and Physiotherapy Unit at Integrated Infrastructure Complex, Khudupur, Jatni under Khordha district. The last date for receipt of application is 15.12.2022 by 5.00 P.M. The details of the applications along with Guideline for setting up of 30 Bedded Drug De-addiction Centre and Physiotherapy Unit may be downloaded from the website **www.khordha.nic.in**

By Order of Collector,
Sd./- Collector & District Magistrate, Khordha
OIPR-46001/11/0030/2223

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNABEDA**
E-mail:serwsbd2003@yahoo.com
**No.O-1381:** **e-Procurement Notice for bridge works**
1. Name of the Work: Construction of bridges as per Annexure (2 Nos)
2. Class of Contractor: "A" & Special Class of (Odisha PWD) or relevant class of other licensing authority.
3. Estimated Cost: Varies from Rs.395.04 lakhs to Rs.790.61 Lakhs (Approximately)
4. Details projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-34/2022-23 | 09.12.2022 at 11.00 A.M. | 29.12.2022 upto 5.30 PM | 28.12.2022 upto 2.00 PM | 30.12.2022 at 11.00 AM | To be intimated separately |

5. The details of works can be seen from the website https://www.tendersodisha.gov.in.
6. Any Corrigendum/Addendum will be displayed in the above e-tender website.
**OIPR-25182/11/0042/2223** **Sd./- Chief Construction Engineer, Rural Works Circle, Sunabeda**

GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE SUPERINTENDING ENGINEER**
RENGALI LEFT BANK CANAL DIVISION, AT/P.O. Kamakhyanagar
Dist: Dhenkanal, Odisha, PIN-759018 Ph:06769-270771
No.A-819: Email ID - eerlbcdivision@gmail.com
**e-PROCUREMENT NOTICE No. RLBCD-P1-03/2022-23**

| | | |
|---|---|---|
| 1 | Category of Work | "Civil Construction Works". |
| 2 | Total No. of Works | 05 (Five) Nos. |
| 3 | Estimated Cost | Varies from Rs.13.40 Lakhs to Rs.5.73 Lakhs |
| 4 | Period of Completion | 30 Days to 45 Days |
| 5 | Class of Contractor | "D" & "C" or equivalent grade/class |
| 6 | Cost of Bid Document / Mode of Payment | Varies Rs. 6.000/- to Rs.4,000/- (Non-Refundable) / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | No Bid Security/ Earnest Money Deposit (EMD) has to be deposited and all participating bidder shall submit "Bid Security Declaration". |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents Online Bidding. | **07.12.2022 from 10.00 Hours to 19.12.2022 upto 17.00 Hours.** |
| | (iii).Date, time & venue of Bid Opening (Online) | **On 21.12.2022 at 11.00 Hours** in the O/o the Superintending Engineer, Rengali Left Bank Canal Division, Kamakhyanagar(through online). |
| | (iv) Date, time & venue of transparent lottery for finalization of bids, if required | On 27.12.2022 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar. |

**"Further details can be seen from the Government of Odisha website https://tendersodisha.gov.in.**
Sd./- Superintending Engineer
R.L.B. Canal Division
Kamakhyanagar
OIPR-32298/11/0003/2223

File No.ZP-28011/3/2022-ORMAS SEC-ZP-ZILLA PARISHAD
**ORMAS**
(Odisha Rural Development and Marketing Society)
Panchayati Raj and Drinking Water Department
Tel:06724-231752, Fax:06724-231752 (URL:www.ormas.org),
E-mail:dsmsjagatsinghpur@gmail.com
**ORMAS, JAGATSINGHPUR**
**A District unit of ORMAS**
**Office of the Zilla Parishad,**
**Jagatsinghpur,Sanra, Nalibar-754104**
Order No.282/ Date:03.12.2022
**TENDER CALL NOTICE**

**No.CAD-4015:** Sealed tenders are inviting from reputed Firms/ Agency/ Organisation for procurement of different works like Tantage and Allied works, Still Photography & Videography and Printing works towards organisation of Zilla Mahotsav "Kallola-2023 & Pallishree Mela to be held on 15th to 21st Jan, 2023 at Nabakrushna Choudhury Stadium, Jagatsinghpur.

The tender paper alongwith the details specification and eligibility criteria of the above works will be available in the office of ORMAS, Jagatsinghpur, C/o- ZP, Jagatsinghpur from 3rd to 13th Dec, 2022 by 12.30 PM or tender paper can be downloaded from www.ormas.org. The sealed tenders will be opened in the Office Chamber of CDO-cum-EO, ZP, Jagatsinghpur on the same date (Date:13.12.22) at 5.00 PM in the presence of the Bidders or their authorised representative.

The undersigned reserves the right to accept or reject any or all the tenders without assigning any reason thereof.

Sd./- Collector & DM
Jagatsinghpur
OIPR-19004/11/0008/2223

## 'ଗୋବ୍ଲିନ୍ ମୋଡ୍' ଅକ୍ସଫୋର୍ଡ ୱାର୍ଡ ଅଫ୍ ଦି ଇୟର

ଲଣ୍ଡନ: ଅନ୍‌ଲାଇନ ଭୋଟିଂ ଜରିଆରେ 'ଗୋବ୍ଲିନ୍ ମୋଡ୍'କୁ ୱାର୍ଡ ଅଫ୍ ଦି ଇୟର ଭାବେ ଚୟନ କରାଯାଇଥିବା ଅକ୍ସଫୋର୍ଡ ଡିକ୍ସନାରି ପକ୍ଷରୁ ସୋମବାର କୁହାଯାଇଛି। ଗୋବ୍ଲିନ୍ ମୋଡ୍ ଏକ ପ୍ରକାର ଆଚରଣ ଯାହା ଅକ୍ଷମଣୀୟ ଭାବେ ବିଷୟାସକ୍ତ, ଅଳସୁଆ, ବେପରୁଆ, ଲୋଭି ଏବଂ ବିଶେଷ କରି ସାମାଜିକ ନିୟମ କିମ୍ବା ଆଶା ଆକାଂକ୍ଷାକୁ ପ୍ରତ୍ୟାଖ୍ୟାନ କରିବା। ପ୍ରଥମେ ୨୦୦୯ରେ ଏହି ଶବ୍ଦ ଟୁଇଟରରେ ଦେଖିବାକୁ ମିଳିଥିଲା। ମହାମାରୀଜନିତ ଲକ୍‌ଡାଉନରୁ ବିଶ୍ୱବାସୀ ଅନିଶ୍ଚିତତାର ସମ୍ମୁଖୀନ ହେଉଥିବାବେଳେ ୨୦୨୨ରେ ଗୋବ୍ଲିନ୍ ମୋଡ୍ ଶବ୍ଦ ଲୋକପ୍ରିୟତା ହାସଲ କରିଥିଲା।

## ସଂକ୍ଷେପରେ

### ଶୀତ ଅଧିବେଶନ ପାଇଁ ଆଜି ସର୍ବଦଳୀୟ ବୈଠକ

ନୂଆଦିଲ୍ଲୀ,୫।୧୨: ପାର୍ଲାମେଣ୍ଟର ଶୀତ ଅଧିବେଶନ ୭ ତାରିଖରୁ ଆରମ୍ଭ ହେବାକୁ ଥିବାବେଳେ କେନ୍ଦ୍ର ସରକାର ମଙ୍ଗଳବାର ସର୍ବଦଳୀୟ ବୈଠକ ଡାକିଛନ୍ତି। ଏହି ବୈଠକରେ ଅଧିବେଶନ କାର୍ଯ୍ୟସୂଚୀ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ। ଏହା ବ୍ୟତୀତ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ମଙ୍ଗଳବାର ସନ୍ଧ୍ୟାରେ ବିଜ୍‌ନେସ୍ ଆଡଭାଇଜରି କମିଟି ବୈଠକରେ ଅଧକ୍ଷତା କରିବେ। ଅଧିବେଶନ ପୂର୍ବରୁ ସର୍ବଦଳୀୟ ବୈଠକ ଡାକିବା ପରିବର୍ତ୍ତେ ବାଚସ୍ପତି ପ୍ରଥମ ଥର ପାଇଁ ବିଜ୍‌ନେସ୍ ଆଡଭାଇଜରି କମିଟି ବୈଠକ ଡାକିଛନ୍ତି। ଶୀତ ଅଧିବେଶନରେ ୧୬ଟି ନୂଆ ବିଲ୍ ଆଣିବା ଲାଗି ସରକାର ଗତ ସପ୍ତାହରେ ତାଲିକାଭୁକ୍ତ କରିଥିଲେ। ସର୍ବଦଳୀୟ ବୈଠକ ଲାଗି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ବିଭିନ୍ନ ଦଳର ଗୃହ ନେତାଙ୍କୁ ଆମନ୍ତ୍ରଣ କରିଛନ୍ତି। ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇପାରନ୍ତି।

### ବିଦ୍ୟୁତ୍ କାଟ୍: ମେଡିକାଲରେ ଆଖିବୁଜିଲେ ୪ ଶିଶୁ

ରାୟପୁର,୫।୧୨: ଛତିଶଗଡ଼ର ସୁର୍‌ଗୁଜାସ୍ଥିତ ଅମ୍ବିକାପୁର ସରକାରୀ ମେଡିକାଲ କଲେଜରେ ଶନିବାର ବିଳମ୍ବିତ ରାତିରେ ବିଜୁଳି ଚାଲିଯିବାରୁ ଭେଣ୍ଟିଲେଟର ଏବଂ ଅକ୍ସିଜେନ୍ ସପୋର୍ଟ ସିଷ୍ଟମ୍ ଅଚଳ ହୋଇଯାଇଥିଲା। ଫଳରେ ମେଡିକାଲର ସ୍ୱତନ୍ତ୍ର ନ୍ୟୁବର୍ନ କେୟାର ୟୁନିଟ୍‌ରେ ଚିକିତ୍ସିତ ହେଉଥିବା ୪ ନବଜାତ ଶିଶୁଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ବୟସ ୨ରୁ ୩୬ ଦିନ ମଧ୍ୟରେ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଟି.ଏସ୍. ସିଂଦେଓ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ସିଂଦେଓ ମେଡିକାଲ କଲେଜରେ ପହଞ୍ଚି ମୃତ୍ୟୁର କାରଣ ସମ୍ପର୍କରେ ଜାଣିବା ପାଇଁ ଡାକ୍ତରଙ୍କ ସହ କଥା ହୋଇଛନ୍ତି। ବିଦ୍ୟୁତ୍ ସରବରାହରେ ବ୍ୟାଘାତ ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ନେପାଳରେ ସରକାର ଗଠନ ପାଇଁ ଶାସକ ମେଣ୍ଟର ବୈଠକ

କାଠମାଣ୍ଡୁ,୫।୧୨: ନେପାଳରେ ୫ ଦଳକୁ ନେଇ ଗଠିତ ଶାସକ ମେଣ୍ଟ ପୁନର୍ବାର କ୍ଷମତା ଦଖଲ ଦିଗରେ ଅଗ୍ରସର ହୋଇଛି। ନଭେମ୍ବର ୨୦ରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ସଫଳତା ମିଳିବା ପରେ ନୂଆ ସରକାର ଗଠନ ପାଇଁ ପ୍ରଧାନମନ୍ତ୍ରୀ ଶେର ବାହାଦୁର ଦେଉବାଙ୍କ ସରକାରୀ ବାସଭବନରେ ମେଣ୍ଟ ନେତାମାନଙ୍କ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ନେପାଳୀ କଂଗ୍ରେସ (ଏନ୍‌ସି) ମୁଖ୍ୟ ଦେଉବା, ବରିଷ୍ଠ ନେତା ରାମଚନ୍ଦ୍ର ପଉଡେଲ, ଉପାଧ୍ୟକ୍ଷ ପୂର୍ଣ୍ଣ ବାହାଦୁର ଖଡ୍‌କା, ସିପିଏନ୍ (ମାଓଇଷ୍ଟ ସେଣ୍ଟର) ଅଧ୍ୟକ୍ଷ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ', ସିନିୟର ଭାଇସ୍-ଚେୟାରମ୍ୟାନ୍ ନାରାୟଣ କାଜି ଶ୍ରେଷ୍ଠ, ସିପିଏନ୍ (ୟୁନିଫାଏଡ୍ ସୋସିଆଲିଷ୍ଟ) ଅଧ୍ୟକ୍ଷ ମାଧବ ନେପାଳ ଏବଂ ରାଷ୍ଟ୍ରୀୟ ଜନମୋର୍ଚ୍ଚା ଉପାଧ୍ୟକ୍ଷ ଦୁର୍ଗା ପଉଡେଲ ଉପସ୍ଥିତ ଥିଲେ। ୧୬୫ ଆସନ ବିଶିଷ୍ଟ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସର ୯୦ ଆସନ ଶାସକ ମେଣ୍ଟ ଦଖଲ କରିଛି। ତେଣୁ ଦେଶବାସୀ ସେମାନଙ୍କ ଉପରେ ପୁନର୍ବାର ଆସ୍ଥା ପ୍ରକଟ କରିଥିବା ମିଳିତ ବୈଠକରେ ଆଲୋଚନା ହୋଇଛି। ବୈଠକ ପରେ ଏକ ମିଳିତ ବିବୃତି ଜାରି କରାଯାଇଛି। ଦେଶ ଆଗରେ ଥିବା ସବୁ ପ୍ରକାର ଆହ୍ୱାନକୁ ସାମ୍ନା କରିବା ପାଇଁ ମେଣ୍ଟ ପ୍ରସ୍ତୁତ ଥିବା ଏଥିରେ କୁହାଯାଇଛି। ବୈଠକରେ ମୁଖ୍ୟତଃ କ୍ଷମତା ଭାଗବଣ୍ଟା ଓ ସରକାର ଗଠନ ସମ୍ପର୍କରେ ଆଲୋଚନା ହୋଇଥିବା ବରିଷ୍ଠ ଏନ୍‌ସି ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ପ୍ରକାଶ ମାନ୍ ସିଂ ସୂଚନା ଦେଇଛନ୍ତି।

### ଚାଇନାରେ ବଢୁଛି ବାୟୁ ପ୍ରଦୂଷଣ

ବେଜିଂ, ୫।୧୨

ପ୍ରଦୂଷିତ ବାୟୁରେ ଥିବା କ୍ଷୁଦ୍ର କଣିକା ଚାଇନାରେ ଗର୍ଭସ୍ଥ ଶିଶୁଙ୍କ ମୃତ୍ୟୁର ପ୍ରମୁଖ କାରଣ ପାଲଟିଛି। ସାଇଣ୍ଟିଫିକ୍ ଜର୍ନାଲ ନେଚର କମ୍ୟୁନିକେଶନରେ ପ୍ରକାଶିତ ଅଧ୍ୟୟନ ରିପୋର୍ଟ ଅନୁସାରେ, ବାୟୁ ପ୍ରଦୂଷଣ କାରଣରୁ ଚାଇନାରେ ପ୍ରତିବର୍ଷ ୬୪,୦୦୦ ଗର୍ଭସ୍ଥ ଶିଶୁଙ୍କ ପ୍ରାଣହାନି ଘଟୁଛି। ଦୂଷିତ ବାୟୁରେ ଉପସ୍ଥିତ କ୍ଷୁଦ୍ର କଣିକାର ଆକାର ୨.୫ ମାଇକ୍ରୋନ୍‌ରୁ କମ୍। ଏହି କ୍ଷୁଦ୍ର କଣିକା ପ୍ଲାସେଣ୍ଟା ମଧ୍ୟ ଦେଇ ଗର୍ଭବତୀ ମହିଳାଙ୍କ ଗର୍ଭାଶୟରେ ପ୍ରବେଶ କରିବା ଦ୍ୱାରା ଶିଶୁର ଶ୍ୱାସକ୍ରିୟାରେ ଅସୁବିଧା ହୋଇଥାଏ। ଏ



ଜର୍ମାନୀର ବର୍ଲିନସ୍ଥିତ ଚାଇନା ଦୂତାବାସ ଆଗରେ ବେଜିଂର କୋଭିଡ୍-୧୯ କଟକଣା ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ।


ମସ୍କୋର କ୍ରାସ୍‌ନୋଗୋରସ୍କସ୍ଥିତ ସ୍ପୋର୍ଟ୍ସ ଆଣ୍ଡ ପାଟ୍ରିଓଟିକ୍ କ୍ଲବ୍‌ରେ ଜଣେ ଯୁବତୀ ପ୍ରାରମ୍ଭିକ ସାମରିକ ପ୍ରଶିକ୍ଷଣ ନେଉଛନ୍ତି।

# ବଳପୂର୍ବକ ଧର୍ମାନ୍ତରୀକରଣ ସମ୍ବିଧାନ ବିରୋଧୀ

ନୂଆଦିଲ୍ଲୀ,୫।୧୨



ବଳପୂର୍ବକ ଧର୍ମାନ୍ତରୀକରଣ ଏକ ଗମ୍ଭୀର ପ୍ରସଙ୍ଗ ଏବଂ ଏହା ସମ୍ବିଧାନ ବିରୋଧୀ ବୋଲି ସୋମବାର ସୁପ୍ରିମକୋର୍ଟ କହିଛନ୍ତି। ଭୟ ଦେଖାଇ, ଧମକ ଦେଇ, କିମ୍ବା ଉପହାର ଏବଂ ଆର୍ଥିକ ଫାଇଦାର ପ୍ରଲୋଭନ ଦେଖାଇ କରାଯାଉଥିବା ପ୍ରତାରଣାପୂର୍ଣ୍ଣ ଧର୍ମ ପରିବର୍ତ୍ତନ ରୋକିବା ଦିଗରେ କଠୋର ପଦକ୍ଷେପ ନେବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟ ସର୍ବୋଚ୍ଚ ଅଦାଲତରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏହାର ଶୁଣାଣି ବେଳେ ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଏଭଳି ଧର୍ମ ପରିବର୍ତ୍ତନ ସମ୍ପର୍କରେ ରାଜ୍ୟଗୁଡ଼ିକରୁ ତଥ୍ୟ ସଂଗ୍ରହ କରାଯାଉଛି ବୋଲି କେନ୍ଦ୍ର ସରକାର ଜବାବ ରଖିଥିଲେ। ସବିଶେଷ ତଥ୍ୟ ଉପସ୍ଥାପନ ନିମନ୍ତେ କେନ୍ଦ୍ର ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତଙ୍କୁ ସପ୍ତାହେ ସମୟ ମାଗିଥିଲେ।

ପିଟିଶନର ଶୁଣାଣି ଯୋଗ୍ୟତାକୁ ନେଇ ଜଣେ ଆଇନଜୀବୀ ପ୍ରଶ୍ନ କରିବାରୁ ବେଶୀ ଚାଲାକି ଦେଖାଅ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ଆମେ ଏକ ସମାଧାନରେ ପହଞ୍ଚିବାକୁ ଏବଂ ସବୁ କିଛିକୁ ଠିକ୍ ବାଟରେ ନେବା ଲାଗି ଏଠି ବସିଛୁ। ଯଦି ପରୋପକାରର ଉଦ୍ଦେଶ୍ୟ ଭଲ ହୋଇଥାଏ, ତେବେ ସ୍ୱାଗତଯୋଗ୍ୟ। ପରୋପକାରର ଉଦ୍ଦେଶ୍ୟ ଧର୍ମାନ୍ତରୀକରଣ ହେବା ଉଚିତ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି। ଏହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି କରା ନଯାଉ, କାରଣ ଏହା ଅତି ଗମ୍ଭୀର ପ୍ରସଙ୍ଗ ଏବଂ ସମ୍ବିଧାନ ବିରୋଧୀ। ଭାରତରେ ରହିବାକୁ ହେଲେ ଏହାର ସଂସ୍କୃତି ଅନୁଯାୟୀ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୨ରେ ହେବ।

## 'ଇତିହାସ ପୁନଃ ଲିଖନ ପାଇଁ ବସିନାହୁଁ'

ତାଜମହଲର ଭୁଲ୍ ତଥ୍ୟ ହଟାଇବା ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୫।୧୨(ପି.ଟି.)

ବିଶ୍ୱପ୍ରସିଦ୍ଧ କୀର୍ତ୍ତିରାଜି ତାଜମହଲ ନିର୍ମାଣକୁ ନେଇ ଇତିହାସରେ ଭୁଲ୍ ତଥ୍ୟ ରହିଥିବା ଅଭିଯୋଗ ହୋଇଛି। ଏହି ଭୁଲ୍ ହଟାଇବା ସହ ଉକ୍ତ କୀର୍ତ୍ତିରାଜିର ବୟସ ନିର୍ଦ୍ଧାରଣ ପାଇଁ ହୋଇଥିବା ଅବେଦନର ବିଚାର କରିବାକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଏ ସମ୍ପର୍କରେ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ନିକଟରେ ଆବେଦନ କରିବାକୁ ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ ଆବେଦନକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଜନସ୍ୱାର୍ଥ ମାମଲା ଅର୍ଥ ନୁହେଁ ମାମଲା ସହ ଆଦୌ ସମ୍ପୃକ୍ତ ନ ଥିବା ବିଷୟରେ ପ୍ରଶ୍ନ କରିବା। ଆମେ ଏଠାରେ ଇତିହାସର ପୁନଃ ଲିଖନ ପାଇଁ ବସିନାହୁଁ। ଇତିହାସକୁ ଜାରି ରହିବାକୁ ଦିଆଯାଉ ବୋଲି ଖଣ୍ଡପୀଠ କହିଥିଲେ।

ଇତିହାସ ବହି ଏବଂ ପାଠ୍ୟପୁସ୍ତକରେ ତାଜମହଲ ନିର୍ମାଣକୁ ନେଇ ଭୁଲ ଐତିହାସିକ ତଥ୍ୟ ରହିଥିବା ଅଭିଯୋଗ ଆଣି ଏହାକୁ ହଟାଇଦେବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ଦେବା ନିମନ୍ତେ ସୁର୍‌ଜିତ ସିଂ ଯାଦବ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ତାଜମହଲର ବୟସ ସମ୍ପର୍କରେ ତଦନ୍ତ କରିବା ଲାଗି ଏଏସ୍‌ଆଇକୁ ନିର୍ଦ୍ଦେଶ ଦେବାକୁ ମଧ୍ୟ ପିଟିଶନରେ ଅନୁରୋଧ କରାଯାଇଥିଲା। ମୋଗଲ ସମ୍ରାଟ ଶାହାଜାହାନ ତାଙ୍କ ସ୍ତ୍ରୀ ମମତାଜ ମହଲଙ୍କ ସ୍ମୃତିରେ ଏହି ଶୌଧ ନିର୍ମାଣ କରିବା ପୂର୍ବରୁ ସେଠାରେ ବିଶାଳ ଶୌଧ ରହିଥିଲା ବୋଲି ଆବେଦନକାରୀ ତାଙ୍କ ଗବେଷଣାରୁ ଜାଣିବାକୁ ପାଇଥିବା କହିଥିଲେ।



## ଠାକୁର ଅନୁକୂଳଚନ୍ଦ୍ରଙ୍କୁ ପରମାତ୍ମା ଘୋଷଣା ଆବେଦନ ଖାରଜ

ନୂଆଦିଲ୍ଲୀ,୫।୧୨(ଆଇଏଏନ୍‌ଏସ୍)



ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ 'ପରମାତ୍ମା' ଘୋଷଣା କରିବା ଲାଗି ଦାଏର ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଏଥିସହିତ ଆବେଦନକାରୀଙ୍କ ଉପରେ ସର୍ବୋଚ୍ଚ ଅଦାଲତ ୧ ଲକ୍ଷ ଟଙ୍କା ଜରିମାନା ଲଗାଇଛନ୍ତି। ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହୋଇଥିବାରୁ ପ୍ରତ୍ୟେକଙ୍କୁ ସେମାନଙ୍କ ଧର୍ମ ପାଳନ କରିବାର ପୂର୍ଣ୍ଣ ଅଧିକାର ରହିଛି ବୋଲି ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ କହିଛନ୍ତି। ଆବେଦନକାରୀ ତାଙ୍କ ପିଟିଶନରେ ବିଶ୍ୱ ହିନ୍ଦୁ ପରିଷଦ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଭାରତୀୟ ଜନତା ପାର୍ଟି (ଭାଜପା), ଅଲ୍ ଇଣ୍ଡିଆ ମୁସ୍‌ଲିମ୍ ପର୍ସନାଲ ଲ' ବୋର୍ଡ, ନ୍ୟାଶନାଲ ଖ୍ରୀଷ୍ଟିଆନ କାଉନ୍‌ସିଲ, ରାମକ୍ରିଷ୍ଣ ମଠ, ଗୁରୁଦ୍ୱାରା ବଙ୍ଗଳା ସାହିବ, ଶ୍ରୀପାଲାନପୁରୀ ସ୍ଥାନକ୍ୱାସି ଜୈନ ଆସୋସିଏଶନ, ବୁଦ୍ଧିଷ୍ଟ ସୋସାଇଟି ଅଫ୍ ଇଣ୍ଡିଆ ଆଦିଙ୍କୁ ପକ୍ଷ କରିଥିଲେ। ସମସ୍ତେ ଗୋଟିଏ ଧର୍ମ ପାଳନ କରନ୍ତୁ ବୋଲି ତୁମେ କହିପାରିବ ନାହିଁ ବୋଲି ଖଣ୍ଡପୀଠ ଆବେଦନକାରୀ ଉପେନ୍ଦ୍ର ନାଥ ଦଳାଇଙ୍କୁ କହିଥିଲେ। ଏହା ପ୍ରଚାରଧର୍ମୀ ମାମଲା କହି ଖଣ୍ଡପୀଠ ଖାରଜ କରିଦେବା ସହ ତୁମେ ଚାହିଁଲେ ଅନୁକୂଳଚନ୍ଦ୍ରଙ୍କୁ ପରମାତ୍ମା ବିବେଚନା କରିପାର, କିନ୍ତୁ ଅନ୍ୟ ଉପରେ ଲଦିଦେଇପାରିବ ନାହିଁ ବୋଲି କହିଥିଲେ।

## ଭାରତ-ଜର୍ମାନୀ ଗତିଶୀଳତା ଚୁକ୍ତି ସ୍ୱାକ୍ଷର

ନୂଆଦିଲ୍ଲୀ,୫।୧୨


ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଜର୍ମାନୀ ପ୍ରତିପକ୍ଷ ଆନାଲେନା ବଏରବକ୍।

ଭାରତ ଏବଂ ଜର୍ମାନୀ ମଧ୍ୟରେ ସୋମବାର ଗତିଶୀଳତା ସହଯୋଗିତା ଚୁକ୍ତି ସ୍ୱାକ୍ଷର ହୋଇଛି। ଏଥିସହିତ ୟୁକ୍ରେନ୍ ଯୁଦ୍ଧ, ଆଫଗାନିସ୍ତାନ ସ୍ଥିତି ଏବଂ ପାକିସ୍ତାନରୁ ସୀମାପାର ଆତଙ୍କବାଦ ଆଦି ପ୍ରମୁଖ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ ଉପରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ତାଙ୍କ ଜର୍ମାନୀ ପ୍ରତିପକ୍ଷ ଆନାଲେନା ବଏରବକ୍ ଆଲୋଚନା କରିଥିଲେ। ମୋବିଲିଟି ଚୁକ୍ତିନାମା ବଳରେ ଦୁଇ ଦେଶର ଲୋକେ ପରସ୍ପର ଦେଶକୁ ସହଜରେ ଯାଇ ଅଧ୍ୟୟନ, ଗବେଷଣା ଓ କାର୍ଯ୍ୟ କରିପାରିବେ। ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିର ଏହା ଏକ ବଳିଷ୍ଠ ସଙ୍କେତ ବୋଲି ଜୟଶଙ୍କର କହିଛନ୍ତି। ରୁଷିଆରୁ ଭାରତ ଅଶୋଧିତ ତୈଳ ଆମଦାନି କରିବାକୁ ଜୟଶଙ୍କର ଦୃଢ଼ ସମର୍ଥନ କରିଥିଲେ। ଏହା ମୁଖ୍ୟତଃ ବଜାର ଶକ୍ତି ଦ୍ୱାରା ପରିଚାଳିତ ବୋଲି ସେ କହିଥିଲେ। ଶକ୍ତି, ବାଣିଜ୍ୟ, ପ୍ରତିରକ୍ଷା, ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ଆଦି କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଉଦ୍ଦେଶ୍ୟରେ ଜର୍ମାନ ବହିର୍ବ୍ୟାପାର ମନ୍ତ୍ରୀ ୨ ଦିନିଆ ଭାରତ ଗସ୍ତରେ ଆସିଛନ୍ତି।

## ୟୁକ୍ରେନ୍ ଉପରେ ୭୦ ମିଶାଇଲ ମାଡ଼

ମସ୍କୋ,୫।୧୨:

ରୁଷୀୟ ତୈଳକୁ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ବ୍ୟାରେଲ ପିଛା ୬୦ ଡଲାରରେ ସୀମିତ ରଖି ମସ୍କୋକୁ ଆର୍ଥିକ ଝଟକା ଦେଇଛନ୍ତି। ଏହି ପଦକ୍ଷେପକୁ ନେଇ କ୍ଷୁବ୍ଧ ରୁଷିଆର ସାମରିକ ବଳ ସୋମବାର ୟୁକ୍ରେନ୍ ଉପରେ ଘନଘନ ମିଶାଇଲ୍ ମାଡ଼ କରିଛି। ରୁଷିଆ ପକ୍ଷରୁ ଦେଶର ବିଭିନ୍ନ ସ୍ଥାନରେ ୭୦ କ୍ଷେପଣାସ୍ତ୍ର ଜରିଆରେ ଟାର୍ଗେଟ୍ କରାଯାଇଥିବାବେଳେ ତହିଁରୁ ୬୦ଟିକୁ ୟୁକ୍ରେନୀୟ ସୈନ୍ୟ ଖସାଇ ଦେଇଥିବା ଦାବି କରିଛନ୍ତି। ତେବେ ଜାପୋରିଝିଆସ୍ଥିତ ଆଣବିକ ଶକ୍ତିକେନ୍ଦ୍ରରେ ହୋଇଥିବା ମିଶାଇଲ ଆକ୍ରମଣରେ ୨ ଜଣ ନିହତ ହୋଇଛନ୍ତି। ଏହି ଆକ୍ରମଣକୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଆଉ ଏକ ବର୍ବରତା ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ ନିନ୍ଦା କରାଯାଇଛି। ଇତିମଧ୍ୟରେ ଜାତିସଂଘ ମାନବ ଅଧିକାର ଉଚ୍ଚାୟୁକ୍ତ ଭୋଲ୍‌କର ଟର୍କ କିଭ୍ ଗସ୍ତ କରି ଯୁଦ୍ଧ ଶେଷ ପାଇଁ ମସ୍କୋକୁ ପରାମର୍ଶ ଦେଇଛନ୍ତି।

### କ୍ରିମିଆ ବ୍ରିଜ୍‌ରେ ଗାଡ଼ି ଚଳାଇଲେ ପୁଟିନ୍

ସେପଟେ ପୁଟିନ୍ ରୁଷିଆ ସହ କ୍ରିମିଆ ଉପଦ୍ୱୀପକୁ ସଂଯୋଗ କରୁଥିବା ବ୍ରିଜ୍‌ରେ ଗାଡ଼ି ଚଳାଇଛନ୍ତି। ଗତ ଅକ୍ଟୋବରରେ ହୋଇଥିବା ଆକ୍ରମଣରେ ଏହି ବ୍ରିଜ୍‌ର କିଛି ଅଂଶ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ଏହାକୁ ଯୁଦ୍ଧକାଳୀନଭିତ୍ତିରେ ମରାମତି କରିବା ପରେ ବାହାଦୁରି ମାରିବା ପାଇଁ ପୁଟିନ୍ ବ୍ରିଜ୍ ଉପରେ ନିଜେ ଡ୍ରାଇଭିଂ କରିଥିବା କୁହାଯାଉଛି। ପ୍ରକାଶ ଯେ, ୨୦୧୪ରେ ରୁଷିଆ କ୍ରିମିଆକୁ ଦଖଲ କରିବା ପରେ ପୁଟିନ୍‌ଙ୍କ ନିର୍ଦ୍ଦେଶକ୍ରମେ ୧୨ ମାଇଲ୍ ବିଶିଷ୍ଟ ଏହି ବ୍ରିଜ୍ ନିର୍ମାଣ କରାଯାଇଥିଲା।

## ବର୍ଷକୁ ୬୪,୦୦୦ ଗର୍ଭସ୍ଥ ଶିଶୁଙ୍କ ମୃତ୍ୟୁ



କାରଣରୁ ସେମାନଙ୍କ ମୃତ୍ୟୁ ଘଟୁଥିବା ଷ୍ଟଡି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ତେବେ ଗର୍ଭସ୍ଥ ଶିଶୁଙ୍କ ମୃତ୍ୟୁ ଘଟୁଥିବା ଦେଶଗୁଡ଼ିକ ମଧ୍ୟରେ ଚାଇନା ଚତୁର୍ଥ ସ୍ଥାନରେ ରହିଥିବାବେଳେ ଭାରତ, ପାକିସ୍ତାନ ଏବଂ ନାଇଜେରିଆ ଆଗରେ ଅଛନ୍ତି। ଚାଇନା ବ୍ୟତୀତ ବିଶ୍ୱର ଅନ୍ୟ ଦେଶଗୁଡ଼ିକରେ ୯୮% ଗର୍ଭସ୍ଥ ଶିଶୁଙ୍କ ମୃତ୍ୟୁ ଘଟୁଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ୨୦୧୫ରେ ପ୍ରକାଶିତ ରିପୋର୍ଟ ମୁତାବକ ଲାଟିନ୍ ଆମେରିକା, ଏସିଆ ଏବଂ ଆଫ୍ରିକାରେ ୪୦% ଗର୍ଭସ୍ଥ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଦେଶରେ ବାୟୁ ପ୍ରଦୂଷଣ ମାତ୍ରାକୁ କମାଇବା ପାଇଁ ସରକାର ୧୦ ବର୍ଷ ଧରି ଯୋଜନା ପ୍ରସ୍ତୁତ କରୁଛନ୍ତି। ବିଶ୍ୱର ୧୩୭ ଦେଶରେ ବାୟୁ ପ୍ରଦୂଷଣ କମିଥିବା ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଗତ ୨ ବର୍ଷ ତୁଳନାରେ ଚାଇନାରେ ଗର୍ଭସ୍ଥ ଶିଶୁଙ୍କ ମୃତ୍ୟୁ ୧୧% ବୃଦ୍ଧି ଘଟିଛି। ତେବେ ଦେଶରେ ଗର୍ଭସ୍ଥ ଶିଶୁଙ୍କ ମୃତ୍ୟୁକୁ ରୋକିବା ଲାଗି ଏୟାର୍ ପଲ୍ୟୁଶନ୍ ରୋକାଯିବା ଦିଗରେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଚାଇନା ପେକିଂ ୟୁନିଭର୍ସିଟିର ଗବେଷକ ଜୁଇ ଟାଓ କହିଛନ୍ତି।

## ସିଙ୍ଗାପୁରରେ ଲାଲୁଙ୍କ କିଡ୍‌ନୀ ଅସ୍ତ୍ରୋପଚାର

ପାଟନା,୫।୧୨

ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବଙ୍କ କିଡ୍‌ନୀ ଅସ୍ତ୍ରୋପଚାର ସୋମବାର ସିଙ୍ଗାପୁରରେ ସଫଳତାର ସହ ସମ୍ପନ୍ନ ହୋଇଛି। ତାଙ୍କ ପୁଅ ତଥା ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଏନେଇ ସୂଚନା ଦେଇଛନ୍ତି। ୭୪ ବର୍ଷୀୟ ଲାଲୁ ଏବଂ ତାଙ୍କୁ କିଡ୍‌ନୀ ଦେଇଥିବା ବଡ଼ ଝିଅ ରୋହିଣୀ ଆଚାର୍ଯ୍ୟ ଉଭୟ ଅସ୍ତ୍ରୋପଚାର ପରେ ସୁସ୍ଥ ଥିବା ତେଜସ୍ୱୀ କହିଛନ୍ତି। ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିବା ସମସ୍ତଙ୍କୁ ତେଜସ୍ୱୀ କୃତଜ୍ଞତା ଜଣାଇବା ସହ ହସ୍ପିଟାଲରୁ ବାପାଙ୍କର ଏକ ଭିଡିଓ ଶେୟାର କରିଛନ୍ତି।


ଅସ୍ତ୍ରୋପଚାର ପରେ ବଡ଼ଝିଅ ରୋହିଣୀ ଆଚାର୍ଯ୍ୟଙ୍କ ସହ ଆର୍‌ଜେଡି ଅଧକ୍ଷ ଲାଲୁ ପ୍ରସାଦ ଯାଦବ।

## ଶେୟାର ବଜାରରେ ଭିନ୍ନ ଫଳାଫଳ

ନୂଆଦିଲ୍ଲୀ: ଗତ କିଛି ଦିନ ହେବ ଷ୍ଟକ୍ ବଜାରର ଫଳାଫଳ ନିବେଶକଙ୍କୁ ଉତ୍ସାହିତ କରୁଥିଲା। ହେଲେ ବିଗତ ୨ଟି କାର୍ଯ୍ୟ ଦିବସ ନିବେଶକଙ୍କୁ ଆଶଙ୍କା ମଧ୍ୟରେ ରଖିଛି। ଏପରିକି ସୋମବାରର ଶେୟାର ବଜାର କାରବାର ଆଶା ଓ ଆଶଙ୍କା ମଧ୍ୟରେ ଶେଷ ହୋଇଛି। ଏପରିକି ଚଳିତ ସପ୍ତାହର ୧ମ କାର୍ଯ୍ୟଦିବସର ଫଳାଫଳ ଭିନ୍ନ ରହିଛି। ସୋମବାର ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୩୪(୩୩.୯୦) ପଏଣ୍ଟ ହ୍ରାସ ପାଇ ୬୨,୮୩୫ (୬୨,୮୩୪.୬୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ୫(୪.୯୫) ପଏଣ୍ଟ ବୃଦ୍ଧି ଘଟି ୧୮,୭୦୧ (୧୮,୭୦୧.୦୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# 'ଅଫ୍ ରୋଡିଂ ଏକ୍ସପେରିଏନ୍ସ ୱିଥ୍ ଗ୍ରାଣ୍ଡ ଭିଟାରା'

## ଜ୍ୟୋତି ନେକ୍ସା ପକ୍ଷରୁ ୧ମ ଅଫ୍ ରୋଡିଂ କାର୍ଯ୍ୟକ୍ରମ

ଭୁବନେଶ୍ୱର,୫।୧୨

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମାରୁତି ସୁଜୁକିର ସହଯୋଗୀ 'ନେକ୍ସା'ର ବହୁ ପ୍ରତୀକ୍ଷିତ ପ୍ରିମିୟମ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଗ୍ରାଣ୍ଡ ଭିଟାରା' ନିକଟରେ ସର୍ବଭାରତୀୟ ସ୍ତରରେ ଉନ୍ମୋଚିତ ହୋଇଯାଇଥିଲା। ଏପରିକି ନେକ୍ସାର ସ୍ୱୀକୃତିପ୍ରାପ୍ତ ଡିଲର ଜ୍ୟୋତି ନେକ୍ସା ପକ୍ଷରୁ ପ୍ରଥମ ଥର ପାଇଁ ଏକ ୩ ଦିନିଆ 'ଅଫ ରୋଡିଂ ଡ୍ରାଇଭ ପ୍ରୋଗ୍ରାମ'ର ଆୟୋଜନ କରାଯାଇଛି। ବିଶେଷ କରି ସମ୍ଭାବ୍ୟ କ୍ରେତା ଏବଂ ଅଫ-ରୋଡିଂ ପ୍ରତି ଆଗ୍ରହୀ ଥିବା ବ୍ୟକ୍ତିବିଶେଷଙ୍କ ନିମନ୍ତେ ଜ୍ୟୋତି ନେକ୍ସା ପକ୍ଷରୁ ସୋମବାରଠାରୁ 'ଅଫ୍ ରୋଡିଂ ଏକ୍ସପେରିଏନ୍ସ ୱିଥ୍ ଗ୍ରାଣ୍ଡ୍ ଭିଟାରା'ର ଶୁଭାରମ୍ଭ କରାଯାଇଛି। ଏହି ସୁବିଧା ବା ୧ମ ଅଫ ରୋଡିଂ କାର୍ଯ୍ୟକ୍ରମ ଚଳିତ ବର୍ଷ ୭ ଡିସେମ୍ବର ପର୍ଯ୍ୟନ୍ତ ଜାରି ରହିବ। ସେହିଭଳି ଗ୍ରାଣ୍ଡ୍ ଭିଟାରାର ମୁଖ୍ୟ ଦିଗଗୁଡିକ ଏବଂ ବୈଶିଷ୍ଟ୍ୟଗୁଡିକୁ ମନ ମଧ୍ୟରେ ରଖି ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଥିବା ଏକ ଅଫ୍-ରୋଡିଂ ଟ୍ରାକ୍ରେ ଉକ୍ତ ଅଫ୍ରୋଡିଂ ଅନୁଭୂତିକୁ କାର୍ଯ୍ୟକାରୀ କରାଯାଉଛି। ଫଳରେ ଏହାର ଗ୍ରାହକମାନେ ସ୍ୱତନ୍ତ୍ର ଭାବେ ନିର୍ମିତ ଅଫ୍-ରୋଡ ଟ୍ରାକ୍ ଏବଂ ପାର୍ବତ୍ୟାଞ୍ଚଳରେ ଉପରକୁ ଚଢିବା, ପର୍ବତ ଗଡାଣି, ଆକ୍ସିଲରେଶନ, ବ୍ରେକିଂ, ରମ୍ବଲର୍ସ, ଆକ୍ସିଲ ଟ୍ୱିଷ୍ଟର, ଆର୍ଟିକୁଲେଶନ ଏବଂ ଟିଲ୍ଟ ଆଙ୍ଗଲ ଆଦି ରାସ୍ତାରେ ଥିବା ବହୁବିଧ ପ୍ରତିବନ୍ଧକ ମଧ୍ୟରେ ଗାଡିଚାଳନାକୁ ଉପଭୋଗ କରିପାରିବେ ବା କରୁଛନ୍ତି। ଏହି ଧରଣର ଅଫ୍-ରୋଡିଂ ଅନୁଭୂତି ଉତ୍ସାହୀ ବ୍ୟକ୍ତିବିଶେଷଙ୍କୁ ଗ୍ରାଣ୍ଡ୍ ଭିଟାରାର ଉନ୍ନତ ପ୍ରଯୁକ୍ତି ସାମର୍ଥ୍ୟ ସମ୍ପର୍କରେ ଅବଗତ ପାଇଁ ତାଲିମପ୍ରାପ୍ତ ବ୍ୟକ୍ତିବିଶେଷଙ୍କ ତଦାରଖରେ ଗ୍ରାଣ୍ଡ୍ ଭିଟାରା ଚଳାଇବାର ଏକ ଅନନ୍ୟ ଅନୁଭବ ପ୍ରଦାନ କରୁଛି। ଏ ସମ୍ପର୍କରେ ଜ୍ୟୋତି ଗ୍ରୁପର ଏମଡି ଦିବ୍ୟଜ୍ୟୋତି ପଟ୍ଟନାୟକ କହିଛନ୍ତି, ଆମର ଗ୍ରାହକମାନଙ୍କ ପାଇଁ ଏଭଳି ଏକ ଅଭିନବ କାର୍ଯ୍ୟକ୍ରମ ଖାଲି ଓଡ଼ିଶା ନୁହେଁ ସାରା ଭାରତରେ ଡିଲର ପଏଣ୍ଟଗୁଡିକ ମଧ୍ୟରେ ପ୍ରଥମ ବୋଲି ସେ ମତପ୍ରକାଶ କରିଛନ୍ତି। ଏପରିକି ଏହି ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟରେ ଗ୍ରାହକ ସେମାନଙ୍କର ପ୍ରକୃତ ସାମର୍ଥ୍ୟର ଅନୁଭବ ନେବା ସହ ଗ୍ରାଣ୍ଡ ଭିଟାରା ବିଷୟରେ ମଧ୍ୟ ଅଧିକରୁ ଅଧିକ ଜାଣିବାକୁ ଆଗ୍ରହ ପ୍ରକାଶ କରିବେ, ଏହାଠାରୁ ଆଉ ଅଧିକ ଭଲ କିଛି ଉପାୟ ହୋଇ ନ ପାରେ ବୋଲି ସେ କହିଛନ୍ତି। ଏଭଳି ଏକ ଅଫ-ରୋଡିଂ ଅନୁଭୂତି ଗ୍ରାଣ୍ଡ୍ ଭିଟାରାର ମାତ୍ରାଧିକ ସାମର୍ଥ୍ୟ ଓ ଗତିଶୀଳତା ପ୍ରଦର୍ଶନ କରିବା ନିମନ୍ତେ ଆମକୁ ଏକ ସୁଯୋଗ ଦେଉଛି, ଯାହା ସର୍ବାଧିକ କଷ୍ଟକର ଭୌଗୋଳିକ ପରିବେଶରେ ମଧ୍ୟ ପ୍ରଦର୍ଶନ କରିବାକୁ ଡିଜାଇନ ଓ ନିର୍ମାଣ କରାଯାଇଛି। ଗ୍ରାଣ୍ଡ୍ ଭିଟାରାର ସଫଳତାକୁ ନେଇ ଆମେ ଅତ୍ୟନ୍ତ ଆନନ୍ଦିତ ରହିଛୁ। ମୁଁ ଆମର ସମସ୍ତ ପୃଷ୍ଠପୋଷକ ଏବଂ ଅଫ-ରୋଡିଂ ଆଗ୍ରହୀ ବ୍ୟକ୍ତିବିଶେଷଙ୍କୁ ଏହି ଗାଡିଚାଳନା ଅନୁଭୂତି କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ଧନ୍ୟବାଦ ଜଣାଉଛି ବୋଲି ଦିବ୍ୟଜ୍ୟୋତି ମତ ପ୍ରକାଶ କରିଥିଲେ।



୩ ଦିନିଆ ଅଫ୍ ରୋଡିଂ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅବସରରେ ଆୟୋଜିତ ସ୍ୱତନ୍ତ୍ର ଟେଷ୍ଟ ଡ୍ରାଇଭିଂ କାର୍ଯ୍ୟକ୍ରମରେ ଅଭିଜ୍ଞ ଡ୍ରାଇଭର ରଣକୌଶଳ ପ୍ରଦର୍ଶନ କରୁଛନ୍ତି।

# ୫ ଲକ୍ଷ କୋଟି ଟଙ୍କା ଟପିଲା ଏସ୍‌ବିଆଇ ପିବିଏ

ନୂଆଦିଲ୍ଲୀ,୫।୧୨

ଚଳିତ ବର୍ଷ ନଭେମ୍ବର ଶେଷ ସୁଦ୍ଧା ଷ୍ଟେଟ୍ ବ୍ୟାଙ୍କ୍ ଅଫ ଇଣ୍ଡିଆ (ଏସ୍‌ବିଆଇ)ର ପର୍ସନାଲ୍ ବ୍ୟାଙ୍କିଂ ଆଡଭାନ୍ସ (ପିବିଏ) ୫ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଥିବା ଜଣାପଡିଛି। ଏପରିକି ବ୍ୟାଙ୍କ୍ ମାତ୍ର ୧୨ ମାସ ମଧ୍ୟରେ ଏକ ଲକ୍ଷ କୋଟି ଟଙ୍କା (ଏକ ଟ୍ରିଲିଅନ୍ ଟଙ୍କା)ର ଅଭିବୃଦ୍ଧି ହାସଲ କରିପାରିଛି। ବ୍ୟାଙ୍କର ଏହି ସଫଳତା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି। ସେହିଭଳି ୨୦୧୫ ଜାନୁୟାରୀରେ ଏସ୍‌ବିଆଇର ପିବିଏ ପ୍ରଥମ ଥର ୧ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଥିଲା ଏବଂ ୨୦୧୮ ଜାନୁୟାରୀରେ ୨ଲକ୍ଷ କୋଟି ଟଙ୍କା ହୋଇଥିଲା। ଏପରିକି ୨୦୨୦ ଅଗଷ୍ଟରେ ବ୍ୟାଙ୍କର ପିବିଏ ୩ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଥିଲା ଏବଂ ୨୦୨୧ ନଭେମ୍ବରରେ ତାହା ୪ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଥିଲା। ବିଶେଷ କରି ପିବିଏରେ ବ୍ୟକ୍ତିଗତ ଋଣ, ପେନ୍‌ସନ୍ ଋଣ, ଗାଡ଼ି ଋଣ, ଶିକ୍ଷା ଋଣ, ପି-ଗୋଲ୍ଡ ଲୋନ୍ ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ଋଣ ଉତ୍ପାଦ ସାମିଲ ରହିଛି।

ଏ ସମ୍ପର୍କରେ ଏସ୍‌ବିଆଇର ଅଧ୍ୟକ୍ଷ ଦୀନେଶ ଖାରା କହିଛନ୍ତି, ଏସ୍‌ବିଆଇ ଆଉ ଏକ ସଫଳତାର ମାଇଲଖୁଣ୍ଟ ହାସଲ କରିଥିବା ବିଷୟରେ ମୁଁ ଖୁସିର ସହ ଘୋଷଣା କରୁଛି। ଶିଳ୍ପରେ ଅଭିଳାଷପୂର୍ଣ୍ଣ ମାନଦଣ୍ଡ ଧାର୍ଯ୍ୟ କରିବା ଲାଗି ବ୍ୟାଙ୍କ୍ ସର୍ବଦା ଉଦ୍ୟମ କରୁଛି। ଆମ ଉପରେ ଭରସା ପ୍ରକଟ କରିବା ଏବଂ ଏହି ଅଭିବୃଦ୍ଧି ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ଆମର ଗ୍ରାହକ ଏବଂ ଅଂଶୀଦାରଙ୍କ ନିକଟରେ ଆମେ କୃତଜ୍ଞ। ଗତ କିଛି ବର୍ଷ ମଧ୍ୟରେ ଗ୍ରହଣ କରାଯାଇଥିବା କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଡିଜିଟାଲ୍ ଅଭିଯାନ,ପର୍ସନାଲ୍ ବ୍ୟାଙ୍କିଙ୍ଗ୍ ଅଗ୍ରିମର ୫ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ଯାତ୍ରାରେ ପ୍ରମୁଖ ଭୂମିକା ନିର୍ବାହ କରିଛି। ଆମ ଗ୍ରାହକମାନଙ୍କ ଲାଗି ବ୍ୟାଙ୍କିଙ୍ଗ୍‌କୁ ଏକ ଉଲ୍ଲାସପୂର୍ଣ୍ଣ ଅନୁଭବରେ ପରିଣତ କରିବା ଲାଗି ଆମେ ପ୍ରତିବଦ୍ଧ ରହିଛୁ।

# ପାର୍ବଣ ପରେ ବୃଦ୍ଧି ପାଇଛି ନିଯୁକ୍ତି ହାର

## ନଭେମ୍ବରରେ ୨୭%ରୁ ଅଧିକ ଲୋକଙ୍କୁ ମିଳିଛି ଚାକିରି

ନୂଆଦିଲ୍ଲୀ,୫।୧୨

ଚଳିତ ବର୍ଷ ନଭେମ୍ବର ମାସରେ ଭାରତୀୟ ଉଦ୍ୟୋଗ କ୍ଷେତ୍ରରେ ନିଯୁକ୍ତି ସଂଖ୍ୟା ବୃଦ୍ଧି ଦେଖିବାକୁ ମିଳିଛି। ଏପରିକି ଚଳିତ ବର୍ଷ ପାର୍ବଣ ଋତୁର ପୂର୍ବ ସ୍ତରରେ ଏହା ପହଞ୍ଚିଛି ବୋଲି ନୌକରି ଜବସ୍ପିକ୍ ଇଣ୍ଡେକ୍ସ ପକ୍ଷରୁ କୁହାଯାଇଛି। ବିଶେଷକରି ଚଳିତ ବର୍ଷ ନଭେମ୍ବର ମାସ ତୁଳନାରେ ୨୭%ରୁ ଅଧିକ ନିଯୁକ୍ତି ସଂଖ୍ୟା ବୃଦ୍ଧି ଘଟିଥିବା ଜଣାପଡିଛି। ଅପରପକ୍ଷରେ ବାର୍ଷିକ (ବର୍ଷକୁ ବର୍ଷ) ତୁଳନାରେ ଏହି ହାୟରିଂ ପ୍ରକ୍ରିୟା ୪୩% ବୃଦ୍ଧି ହୋଇଥିବା କୁହାଯାଇଛି। ସେହିଭଳି ସର୍ଭେ ସଂସ୍ଥାର ରିପୋର୍ଟ ଅନୁସାରେ ବୀମା ସେକ୍ଟରରେ ସବୁଠୁ ଅଧିକ ନିଯୁକ୍ତି ମିଳିଥିବା ଦେଖିବାକୁ ମିଳିଛି। ଏପରିକି ବୀମା ଶିଳ୍ପରେ ୪୨%, ବ୍ୟାଙ୍କିଙ୍ଗ ସେକ୍ଟରରେ ୩୪% ଏବଂ ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ୩୧% ନିଯୁକ୍ତି ପ୍ରକ୍ରିୟା (ହାୟରିଂ) ବୃଦ୍ଧି ପାଇଛି। ସେହିପରି କୋଭିଡର ସ୍ଥିରତା ପରେ ତୈଳ କ୍ଷେତ୍ରରେ ୨୪% ନିଯୁକ୍ତି ପ୍ରକ୍ରିୟା ବୃଦ୍ଧି ପାଇଥିବା ବେଳେ ଟ୍ରାଭେଲ ଏବଂ ହସ୍ପିଟାଲିଟି ସେକ୍ଟରରେ ମଧ୍ୟ ପୁଣି ଥରେ ପୂର୍ବ ସ୍ଥିତି ଫେରିଛି ଏବଂ ଏଥିରେ ୨୦% ନିଯୁକ୍ତି ବଢିଛି, ଅଟୋ ଶିଳ୍ପ ଉଦ୍ୟୋଗରେ ମଧ୍ୟ ଉତ୍ସାହ ବଢିଛି। ଏଥିରେ ପ୍ରାୟ ୧୪% ନିଯୁକ୍ତି ପ୍ରକ୍ରିୟା ବୃଦ୍ଧି ଦେଖିବାକୁ ମିଳିଛି। ଅପରପକ୍ଷରେ ୨୦୨୨ର ପ୍ରଥମ ୬ ମାସରେ ନିଯୁକ୍ତି ପ୍ରକ୍ରିୟା ହ୍ରାସ ଘଟିଥିଲା। ଏପରିକି ପ୍ରତି ମାସର ହାରାହାରି ନିଯୁକ୍ତି ତୁଳନାରେ ଆଇଟି ସେକ୍ଟରରେ ୮% ନିଯୁକ୍ତି ପ୍ରକ୍ରିୟା ହ୍ରାସ ଘଟିଥିବା ବେଳେ ଷ୍ଟାର୍ଟଅପ କ୍ଷେତ୍ରରେ ସବୁଠୁ ଅଧିକ ହ୍ରାସ ଦେଖିବାକୁ ମିଳିଛି। ଏପରିକି ଶିକ୍ଷା କ୍ଷେତ୍ରରେ ମଧ୍ୟ ୬% ନିଯୁକ୍ତି ହ୍ରାସ ଘଟିଛି। ଉଲ୍ଲେଖଯୋଗ୍ୟ ଯେ ଏଡ-ଟେକ୍ କମ୍ପାନୀଗୁଡିକରେ ମଧ୍ୟ ବଡ଼ଧରଣର ଛଟେଇ ଦେଖିବାକୁ ମିଳିଛି। ସେହିପରି ରିୟଲ ଇଷ୍ଟେଟ୍ ସେକ୍ଟରରେ ୭% ନିଯୁକ୍ତି ହ୍ରାସ ପାଇଥିବା ବେଳେ ରିଟେଲ ଶିଳ୍ପରେ ୭% ନିଯୁକ୍ତି ହ୍ରାସ ଘଟିଛି। ବିଶେଷ କରି ଫାର୍ମା, ବିପିଓ ଏବଂ ଟେଲିକମ ସେକ୍ଟର ଆଦିରେ ହାୟରିଂ ସ୍ଥିର ରହିଥିବା ସୂଚନା ମିଳିଛି।

# ଆଇଏମ୍‌ସି ସହ ଯୋଡ଼ିହେଲା ଥ୍ରୀ ପର୍ସେଣ୍ଟ କଲେକ୍ଟିଭ

ନୂଆଦିଲ୍ଲୀ,୫।୧୨

କେରଳର ପ୍ରମୁଖ ବିଜ୍ଞାପନ ଏଜେନ୍ସି ଆଇଏମ୍‌ସି ଆଡଭର୍ଟାଇଜିଂ ପ୍ରାଇଭେଟ ଲିମିଟେଡ ସହ ବେଙ୍ଗାଲୁରୁଭିତ୍ତିକ ଡିଜିଟାଲ ମାର୍କେଟିଂ ଏଜେନ୍ସି 'ଥ୍ରୀ ପର୍ସେଣ୍ଟ କଲେକ୍ଟିଭ୍ ପ୍ରାଇଭେଟ ଲିମିଟେଡ୍' ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ଯୋଡି ହୋଇଛନ୍ତି। ଏପରିକି ଉଭୟ ଏଜେନ୍ସି ବିଭିନ୍ନ ବର୍ଗର ବିଜ୍ଞାପନ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଏକ ସହଯୋଗିତା ସ୍ଥାପନ କରିଥିବା ଜଣାପଡିଛି। ବିଶେଷକରି ଉଭୟ ଏଜେନ୍ସି ପାରସ୍ପରିକ ସହଯୋଗରେ ସେମାନଙ୍କର କ୍ଲାଏଣ୍ଟ ବେସ୍ ବୃଦ୍ଧି ସାଙ୍ଗକୁ ସାରା ଦେଶରେ ସେମାନଙ୍କର ଉପସ୍ଥିତି ବିସ୍ତାର କରିବେ ବୋଲି ସହଯୋଗିତାରେ ଉଲ୍ଲେଖ କରାଯାଇଛି।

ଫଳରେ ଉଭୟଙ୍କ ସହଯୋଗ ଆଇଏମସି ବିଜ୍ଞାପନ କ୍ଷେତ୍ରକୁ ଅଧିକ ସକ୍ଷମ କରାଇବ। ଯାହା ମୁଖ୍ୟତଃ ପ୍ରିଣ୍ଟ ଏବଂ ଇଲେକ୍ଟ୍ରୋନିକ୍ ବିଜ୍ଞାପନ ସହିତ ଡିଜିଟାଲ୍ ବିଜ୍ଞାପନରେ ମଧ୍ୟ ଏକ ଦୃଢ ସ୍ଥାନ ପାଇବାକୁ ଏଜେନ୍ସି ପ୍ରୟାସ କରିବ ବୋଲି ଜଣାପଡିଛି। ସେହିଭଳି ଆଇଏମସି ବିଜ୍ଞାପନ ପ୍ରାଧାନ୍ୟ ବିସ୍ତାର କରିବାକୁ ଏକ ପୂର୍ଣ୍ଣକାଳୀନ ସେଟ୍ ବିଜ୍ଞାପନ, ଏବଂ ବିଷୟବସ୍ତୁ ସୃଷ୍ଟି ହେବ। ବିଶେଷକରି ଡିଜିଟାଲ୍ ବିଜ୍ଞାପନ କ୍ଷେତ୍ରରେ ଅଭିଜ୍ଞ ଅଚ୍ୟୁତ ନାୟାର, ପ୍ରବୀନ୍ ରାଓ ଏବଂ ପ୍ରଦୀପ ସିଂଙ୍କ ଦ୍ୱାରା ଥ୍ରୀ ପର୍ସେଣ୍ଟ କଲେକ୍ଟିଭର ପ୍ରତିଷ୍ଠା କରାଯାଇଛି। ଏପରିକି ଦ୍ରୁତ ଗତିରେ ବଢୁଥିବା ଏଫଏମସିଜି, ଫ୍ୟାଶନ୍, ଏଡେଟେକ୍,ଏଗ୍ରିଟେକ୍ ଏବଂ ସ୍ୱାସ୍ଥ୍ୟସେବା (ଉଭୟ ବି୨ବି ଏବଂ ଡି୨ସି) ଏବଂ ସ୍କାଲିଂଅପ କ୍ଷେତ୍ରରେ ସେମାନଙ୍କର ଡିଜିଟାଲ୍ ଉପସ୍ଥିତି ରହିଛି। ବର୍ତ୍ତମାନ ସମୟରେ ଆଇଏମସି ବିଜ୍ଞାପନ ଏବଂ ଥ୍ରୀ ପର୍ସେଣ୍ଟ କଲେକ୍ଟିଭ୍‌ର ଆଞ୍ଚଳିକ କାର୍ଯ୍ୟାଳୟ କୋଝିକୋଡେ ଏବଂ ବେଙ୍ଗାଲୁରୁରେ ରହିଛି। ଆଗାମୀ ଦିନରେ ଉଭୟ ଏଜେନ୍ସି ଯଥାକ୍ରମେ ମୁମ୍ବାଇ, ଦିଲ୍ଲୀ, ହାଇଦ୍ରାବାଦ, ଚେନ୍ନାଇ ଏବଂ କୋଲକାତା ଭଳି ସହରରେ ୨୦୨୨-୨୩ ଶେଷ ସୁଦ୍ଧା ଅଫିସ୍ ଖୋଲିବାକୁ ଯୋଜନା କରିଛନ୍ତି।

ଆଇଏମସି ଆଡଭର୍ଟାଇଜିଂ ପ୍ରାଇଭେଟ ଲିମିଟେଡ ବିଶେଷ କରି ବିକଶିତ ବିଜ୍ଞାପନ ଅଭିଯାନଗୁଡ଼ିକୁ ବିକାଶ କରିଥାଏ। ଯେପରିକି ମାଲାବାର ଗୋଲଡ ଆଣ୍ଡ ଡାଇମଣ୍ଡ, ମାଲାବାର ଡେଭଲପର୍ସ ଏବଂ ଏହମ୍ ଡିଜିଟାଲ୍ ସହ ଆଇଏମସି ବିଜ୍ଞାପନ କାର୍ଯ୍ୟ ଆରମ୍ଭ କରିଥିଲା। ୨୦୦୨ରେ ଏଜେନ୍ସି କୋଝିକୋଡେଠାରେ ତା'ର ମୁଖ୍ୟାଳୟ ଖୋଲିଥିଲା। ସେହିପରି ବେଙ୍ଗାଲୁରୁଭିତ୍ତିକ ଥ୍ରୀ ପର୍ସେଣ୍ଟ କଲେକ୍ଟିଭ ବିଶେଷ କରି ଡିଜିଟାଲ୍ ମାର୍କେଟିଂ, ଏସଇଓ, ସୋସିଆଲ୍ ମିଡିଆ ମ୍ୟାନେଜମେଣ୍ଟ, କଣ୍ଟେଟ ଡେଭଲପମେଣ୍ଟ ଏବଂ ଇ-କମର୍ସ ମାର୍କେଟିଂ ଉପରେ ବିଶେଷ ଧ୍ୟାନ ଦେଇଥାଏ।

ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଚେୟାରମ୍ୟାନ ଏମପି. ଅହମ୍ମଦ କହିଛନ୍ତି, ଆଇଏମସି ଆଡଭର୍ଟାଇଜିଂ ମାଲାବାର ଗୋଲଡ ଆଣ୍ଡ ଡାଇମଣ୍ଡକୁ ବିଶ୍ୱ ବ୍ରାଣ୍ଡରେ ପରିଣତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏପରିକି ଏଜେନ୍ସି ମାଲାବାର ଗ୍ରୁପର ସମସ୍ତ ସଂସ୍ଥାର ବିଜ୍ଞାପନ ଅଭିଯାନ ପରିଚାଳନା କରୁଛି। ଉକ୍ତ ଅଭିଯାନ ସହ ପ୍ରିଣ୍ଟ ଏବଂ ଇଲେକ୍ଟ୍ରୋନିକ୍ ମିଡିଆରେ ପ୍ରସାରିତ ବିଜ୍ଞାପନର ବ୍ୟାପକ ପ୍ରଭାବ ପଡିଥାଏ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଆମର ବ୍ରାଣ୍ଡକୁ ବହୁ ପରିମାଣରେ ବୃଦ୍ଧି କରାଇବାରେ ଉକ୍ତ ଏଜେନ୍ସିର ବହୁତ ଅବଦାନ ରହିଛି। ସେହିଭଳି ଆଇଏମସି ବିଜ୍ଞାପନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସିଟିପି ଉମରକ୍ୟୁଟି କହିଛନ୍ତି, ଆଇଏମସି ତା'ର ଅତ୍ୟାଧୁନିକ ଜ୍ଞାନକୌଶଳ କ୍ଷେତ୍ରକୁ ବିସ୍ତାର କରି ଏକ ପୂର୍ଣ୍ଣ ଏଜେନ୍ସି ହୋଇପାରିବ। ସେହିପରି ଥ୍ରୀ ପର୍ସେଣ୍ଟ କଲେକ୍ଟିଭ୍ ସିଇଓ ପ୍ରବୀଣ ରାଓ କହିଛନ୍ତି, ଆମେ ଆଇଏମସି ବିଜ୍ଞାପନ ସହ ହାତ ମିଳାଇ ବେଶ ଖୁସି ଅଛୁ। ଅପରପକ୍ଷରେ ଥ୍ରୀ ପର୍ସେଣ୍ଟ କଲେକ୍ଟିଭର ସହପ୍ରତିଷ୍ଠାତା ଅଚ୍ୟୁତ ନାୟାର ଏବଂ ପ୍ରଦୀପ ସିଂ କହିଛନ୍ତି, ଉଭୟ କମ୍ପାନୀ ମଧ୍ୟରେ ଏହି ଭାଗୀଦାରି ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ବିଜ୍ଞାପନ ଏବଂ ଡିଜିଟାଲ ମାର୍କେଟିଂ କ୍ଷେତ୍ରରେ ଅଗ୍ରଗତିରେ ଆମେ ବଜାର ଲିଡର ହେବୁ।


**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL) UPPER KOLAB HYDRO ELECTRIC PROJECT**
AT/P.O.- BARINIPUT, DIST.- KORAPUT - 764006, ODISHA, Phone: (06854)242001, Fax: (06854)242038
e-mail: sgmel.ukhep@ohpcltd.com, CIN: U40101OR1995SGC003963

**TENDER CALL NOTICE No.- UKHEP-41/2022-23 Dated:02.12.2022**

No. CAD-4011: Sealed tenders in duplicate are invited from Govt. registered Agencies/Electrical Contractors having HT Electrical Licence issued by ELBO for the job as mentioned below by Semiskilled and skilled Workmen on Job contract basis for a Calendra year (12 Months)

| Sl. No. | Description of Work | Cost of Tender paper in Rs. | EMD in shape of Bid Security Declaration |
|---|---|---|---|
| 1 | Annual Maintenance of 11KV Lines, 11/0.4 KV Substation, LT Lines, 05 Nos. of distribution Transformers, Illumination System of Street Light, Internal and External electrication work of Residential and Non Residential Buildings under UKHEP, Bariniput for one year on job contract basis. | 708/- inclusive of GST | Bid Security Declaration form duly filled & signed should be submitted |

The sale of tender paper will be from : 09.12.2022 to 11.00 hrs. of 20.12.2022
The Last date & time of receipt of tender : 12.00 hrs. of 20.12.2022
The date & Time of opening of tender : 12.30 hrs. of 20.12.2022
For details of tender documents, terms & conditions, eligibility criteria and downloading, please refer our website **www.ohpcltd.com**.

Sd./- C & P Head
Upper Kolab H.E. Project, Bariniput
OIPR-04002/11/0070/2223



**GOVERNMENT OF ODISHA**
**"e" PROCUREMENT NOTICE**
**Bid Identification No. 32 of 2022-23**

No. O-1369: The Superintending Engineer, RWS&S Division, Balangir on behalf of Governor of Odisha invites percentage bid through e-procurement in double cover system according to norm of e-procurement system in online mode for the different work in different blocks under Balangir District.

1. Nature of Work : Construction of ESR, UGR, pump house with laying of rising main and distribution in different villages of Balangir district.
2. Total No. of Work : 07 Nos.
3. Estimated Cost : Rs.346.71 to 470.54 lakh
4. Eligible Class of Contractor : "A" Contractor
5. Period of Completion : Eighteen Months
6. Other Details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, RWSS Division, Balangir | 32 of 2022 - 23 | Dt.15.12.2022 at 11.00 hrs. | Dt.30.12.2022 upto 17.00 hrs. |

Further details can be had in the DTCN available in the website **www.tendersodisha.gov.in**.

Sd./- Superintending Engineer
RWS&S Division, Balangir
OIPR-25033/11/0031/2223



**ନିୟନ୍ତ୍ରିତ ବଜାର କମିଟି, ବୌଦ୍ଧ, ଜିଲ୍ଲା: ବୌଦ୍ଧ**
**ବିଜ୍ଞାପନ**

ଚଳିତ ଖରିଫ୍ ୨୦୨୨-୨୩ ବର୍ଷରେ ବୌଦ୍ଧ ଜିଲ୍ଲାର ୪୨ ଗୋଟି ସେବା ସମବାୟ ସମିତି ଓ ୨ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ତା୦୬।୧୨।୨୦୨୨ରିଖଠାରୁ କଣ୍ଟାମାଳ ବ୍ଲକ ଓ ତା୧୩।୧୨।୨୦୨୨ରିଖଠାରୁ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ, ବୌଦ୍ଧ ଓ ହରଭଙ୍ଗା ବ୍ଲକ ଅଞ୍ଚଳର ଚାଷୀଭାଇମାନଙ୍କଠାରୁ ଧାନକ୍ରୟ କରାଯିବ। ଚଳିତ ଖରିଫ୍ ୨୦୨୨-୨୩ ବର୍ଷ ନିମନ୍ତେ ସାଧାରଣ (FAQ) ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଟ.୨୦୪୦.୦୦ ଏବଂ ଉତ୍ତମ (Grade A) ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଟ.୨୦୬୦.୦୦ ସରକାର ସ୍ଥିର କରିଛନ୍ତି। ସବିଶେଷ ବିବରଣୀ ନିମନ୍ତେ ଚାଷୀଭାଇମାନେ ସେମାନେ ପଞ୍ଜୀକରଣ କରିଥିବା ସମିତିରେ ଯୋଗାଯୋଗ କରିବାକୁ ଅନୁରୋଧ।

| F.A.Q. ଧାନର ମିଶ୍ରିତ ନିକୃଷ୍ଟ ଦ୍ରବ୍ୟ ବା ବାହ୍ୟ ପଦାର୍ଥ | ସର୍ବୋଚ୍ଚ ଗ୍ରହଣୀୟ ସୀମା |
|---|---|
| ୧. ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ | ୧% |
| ୨. କୁଟା, କାଠି, ଧୂସ, ଅଗାଡ଼ି ବା ପୋଲା ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧% |
| ୩. ଖରାପ, ବେରଙ୍ଗି, ପାଣିଫୁଲା ବା ପୋକା ଇତ୍ୟାଦି (ଖରାପ, ପାଣିଫୁଲା ଏବଂ ପୋକା ଶତକଡ଼ା ୪ ମଧ୍ୟରେ ରହିବ) | ୫% |
| ୪. ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% |
| ୫. ଗ୍ରେଡ୍ ଏ ସରୁଧାନରେ ମିଶିଥିବା ମୋଟା ଧାନର ପରିମାଣ | ୬% |
| ୬. ଆର୍ଦ୍ରତା | ୧୭% |

ବି.ଦ୍ର.: ୧. ଆଧାର କାର୍ଡ ସାଙ୍ଗରେ ଆଣି ପଞ୍ଜୀକୃତ ଚାଷୀ କ୍ରୟ କେନ୍ଦ୍ରକୁ ଆସିବେ। ସକାଳ ୮.୦୦ ଘଟିକାଠାରୁ ଅପରାହ୍ନ ୨.୦୦ ଘଟିକା ମଧ୍ୟରେ ଟୋକନ ପାଇଥିବା ଚାଷୀମାନେ ହିଁ ଟୋକନରେ ଦର୍ଶିତ ତାରିଖରେ F.A.Q. ମାନର ଧାନ କ୍ରୟ କେନ୍ଦ୍ରକୁ ଆଣିବେ।
୨. ଯେ କୌଣସି ସହାୟତା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିଃଶୁଳ୍କ ସହାୟତା ନମ୍ବର ୧୯୬୭କୁ ନିଜର ପଞ୍ଜୀକୃତ ମୋବାଇଲ ନମ୍ବର ଦ୍ୱାରା ଯୋଗାଯୋଗ କରିପାରିବେ।

ଉପ-ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ଆର୍.ଏମ୍.ସି., ବୌଦ୍ଧ

ଜିଲ୍ଲାପାଳ ତଥା ଅଧ୍ୟକ୍ଷ
ଜିଲ୍ଲା କ୍ରୟ କମିଟି, ବୌଦ୍ଧ



**ODISHA PUBLIC SERVICE COMMISSION, CUTTACK**
**NOTICE**
**No. 10934/PSC Dt.05.12.2022**
**PF-1E-11-2021/22 (DR-III)**

No. D-239: It is for information of all concerned that, 12 (Twelve) candidates bearing following PPSAN/ Reference Nos. have been called for the physical verification of original Certificates/Documents to determine their eligibility and suitability for recruitment to the Post of **Post Graduate Teacher in Telugu** for 17 Nos. of stand-alone Government Higher Secondary Schools, pursuant to Advt. No. 24 of 2021-22.

**PROGRAMME OF DOCUMENT VERIFICATION**

| Date | Time | PPSAN/Reference Nos. of Candidates |
|---|---|---|
| 12.12.2022 | 02.30 P.M. | 00117959, 00115368, 00119623, 00118776, 00119762, 00133222, 00114162, 00116108, 00123922, 00121652, 00121574 & 00120085 = **12 Candidates** |

The candidates are required to bring one set of self-attested photocopies of all the documents along with all original documents for verification as mentioned below:
1. Hard copy of the online application form.
2. Three recent passport size photographs.
3. Duly filled in and attested "Attestation Form" and duly filled in Bio-data Form" (to be downloaded from the website of the Commission)
4. H.S.C. or equivalent certificate in support of declaration of age issued by the concerned Board/ Council.
5. Post-Graduation Certificate/Master's Degree in the subject concerned in respect of educational qualification prescribed.
6. Mark-sheets in support of all the Examinations (HSC, Intermediate/+2, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
7. Degree or Diploma Certificate in Computer Application in respect of educational qualification prescribed;
8. Odia Test Pass Certificate.
9. Caste Certificate claim as S.T./S.C./S.E.B.C. wherever applicable.
10. Permanent Disability Certificate (including percentage of permanent disability i.e. 40% and more).
11. Ex-Servicemen are required to attach copy of Discharge Certificate issued by the Commanding Officer of the unit last served. They must submit an affidavit undertaking that he/she has not been appointed against any civil post after retirement from military service, wherever applicable.
12 Sports Persons Certificate issued by the Director of Sports Odisha.
13. Any proof of Identity.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0214/2223 Sd./- Additional Secretary



**ODISHA PUBLIC SERVICE COMMISSION, CUTTACK**
**NOTICE**
**No. 10938/PSC Dt.05.12.2022**
**PF-1E-11-2021/22 (DR-III)**

No. D-238: It is for information of all concerned that, 12 (Twelve) candidates bearing following PPSAN/ Reference Nos. have been called for the physical verification of original Certificates/Documents to determine their eligibility and suitability for recruitment to the Post of **Post Graduate Teacher in Indian Music** for 17 Nos. of stand-alone Government Higher Secondary Schools, pursuant to Advt. No. 24 of 2021-22.

**PROGRAMME OF DOCUMENT VERIFICATION**

| Date | Time | PPSAN/Reference Nos. of Candidates |
|---|---|---|
| 12.12.2022 | 10.30 A.M. | 00115936, 00033373, 00087545, 00125469, 00114013, 00121927, 00125796, 00114469, 00114353, 00132847, 00131519 & 00117885 = **12 Candidates** |

The candidates are required to bring one set of self-attested photocopies of all the documents along with all original documents for verification as mentioned below:
1. Hard copy of the online application form.
2. Three recent passport size photographs.
3. Duly filled in and attested "Attestation Form" and duly filled in Bio-data Form" (to be downloaded from the website of the Commission)
4. H.S.C. or equivalent certificate in support of declaration of age issued by the concerned Board/ Council.
5. Post-Graduation Certificate/Master's Degree in the subject concerned in respect of educational qualification prescribed.
6. Mark-sheets in support of all the Examinations (HSC, Intermediate/+2, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
7. Degree or Diploma Certificate in Computer Application in respect of educational qualification prescribed;
8. Odia Test Pass Certificate.
9. Caste Certificate claim as S.T./S.C./S.E.B.C. wherever applicable.
10. Permanent Disability Certificate (including percentage of permanent disability i.e. 40% and more).
11. Ex-Servicemen are required to attach copy of Discharge Certificate issued by the Commanding Officer of the unit last served. They must submit an affidavit undertaking that he/she has not been appointed against any civil post after retirement from military service, wherever applicable.
12 Sports Persons Certificate issued by the Director of Sports Odisha.
13. Any proof of Identity.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0217/2223 Sd./- Additional Secretary



No. CAD-4009
**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking under Works Department)

No. 8551 Date: 03.12.2022
File: SMT-1838

**NOTICE INVITING TENDER**

| | | | |
|---|---|---|---|
| 1 | Name of work | : | Development of Shree Gundicha Temple, Puri and Development of Pleasure Garden (Pramod Udyan) of the Lord, Puri under ABADHA Scheme on Turnkey Basis |
| 2 | Bid Identification No. | : | 52/Tender/OBCC/2022-23 |
| 3 | Date of availability of bid document in e-procurement portal | : | From 09.12.2022 |
| 4 | Last date & time of receipt of Online bid | : | Upto 5.00 P.M. on 04.01.2023 |
| 5 | Last Date of Pre-Bid Queries | : | Till 5.00 P.M. on 16.12.2022 |
| 6 | Date & time for pre-bid meeting | : | At 11.30 A.M. on 17.12.2022 (Through Video Conferencing) **https://meet.google.com/nzo-ngdg-zoq** |
| 7 | Date of issuance of Pre-bid Clarification | : | 20.12.2022 |
| 8 | Date of Bid Opening | : | 04.01.2023 at 05.30 P.M. |

09. Further details can be seen from the e-Procurement portal **https://www.tendersodisha.gov.in**.
10. OBCC has the right to accept or reject the Notice/RFP without assigning any reason thereof.

OIPR-34161/11/0027/2223 Sd./- EIC-cum-Managing Director

**ଶ୍ରୀଭାଗବତ ବାସୁଦେବଙ୍କ ପୀଠରେ ଗୀତା ଜୟନ୍ତୀ**

ବାରଙ୍ଗ,(ଡି.ଏନ.ଏ.)- ମେଣ୍ଢାଶାଳ ଗ୍ରାମ ଶ୍ରୀଭାଗବତ ବାସୁଦେବଙ୍କ ପୀଠରେ ସୋମବାର ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ମେଣ୍ଢାଶାଳ ଗୀତା କମିଟି ଦ୍ୱାରା ପାରମ୍ପରିକ ରୀତିରେ ଏହା ପାଳନ ହୋଇଥିଲା। କର୍ତ୍ତା ଭାବେ ବାଙ୍କବିହାରୀ ଦାସ ଯଜ୍ଞରେ ଆହୁତି ଦେଇଥିବାବେଳେ ପୁରୋହିତ ଶ୍ରୀନିବାସ ଦାଶ ଯଜ୍ଞ ଏବଂ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ କରିଥିଲେ। ପ୍ରଫୁଲ୍ଲ ଶ୍ରୀଚନ୍ଦନ, ଭାସ୍କର ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ସୁରେନ୍ଦ୍ର ନାଥ ସାମନ୍ତରାୟ, ସୁରେନ୍ଦ୍ର ନାଥ ବାହିନୀପତି, ବନବିହାରୀ ମହାନ୍ତି, ପ୍ରିୟରଞ୍ଜନ ପଟ୍ଟନାୟକଙ୍କ ସମେତ କମିଟିର ସଦସ୍ୟ ଓ ବହୁ ଗ୍ରାମବାସୀ ଯୋଗଦାନ କରିଥିଲେ। ଶେଷରେ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା।



## ସଂକ୍ଷେପରେ

### ଡିଭାଇଡରରେ ପିଟି ହୋଇ ଛାତ୍ର ମୃତ

ଭୁବନେଶ୍ୱର,୫।୧୨ (ବ୍ୟୁରୋ) : ଏୟାରପୋର୍ଟ ଥାନା ଅଞ୍ଚଳରେ ସୋମବାର ଏକ ଦୁର୍ଘଟଣା ଘଟିଛି । ଡିଭାଇଡରରେ ପିଟି ହୋଇ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ ନୟାଗଡ ଜିଲା ଖଣ୍ଡପଡା ଥାନା ଅଞ୍ଚଳର ପ୍ରିୟାଂଶିଷ ମିଶ୍ର । ଆହତ ଯୁବକ ହେଲେ ରିତୁସି ପରିଡା। ଏମାନେ ଭୁବନେଶ୍ୱରରେ ରହି ଆଇଟିଆର୍ କଲେଜରେ ପାଠ ପଢୁଥିଲେ। ସୂଚନାନୁସାରେ, ପ୍ରିୟାଂଶିଷ ଓ ରିତୁସି ଗୋଟିଏ ଗାଡିରେ ସୋମବାର ସକାଳ ୯ଟାରେ ଗଣ୍ଡମୁଣ୍ଡାରୁ ପୋଖରିପୁଟ ଆଡକୁ ଯାଉଥିବାବେଳେ ଏକ କୁକୁର ସାମ୍ନାକୁ ଆସିବାରୁ ସେମାନେ ଭାରସାମ୍ୟ ହରାଇ ରାସ୍ତାରେ ଥିବା ଡିଭାଇଡରରେ ପିଟି ହୋଇଯାଇଥିଲେ । ସେମାନେ ରକ୍ତଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖି ସ୍ଥାନୀୟ ଲୋକେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ । ହେଲେ ସେଠାରେ ଡାକ୍ତର ପ୍ରିୟାଂଶିଷଙ୍କୁ ମୃତ ଘୋଷଣ କରିଥିଲେ । ଅନ୍ୟପଟେ ଆହତ ବ୍ୟକ୍ତି ଜଣକ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହେଉଥିବା ଜଣାପଡିଛି ।

### ରାଜଧାନୀରେ ଜଳିଗଲା ଏଟିଏମ୍

ଭୁବନେଶ୍ୱର,୫।୧୨(ବ୍ୟୁରୋ) : ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଓସ୍କାର ସିଟିରେ ଥିବା ଏସ୍‌ବିଆଇ ଏଟିଏମ୍ ଜଳିଯାଇଛି। ଫଳରେ ଅଗ୍ନିକାଣ୍ଡ ଯୋଗୁ ଧୂଆଁ ବାହାରିବା ସହ ଘର ପୂରା ଜଳିଯାଇ କଳା ଦାଗ ହୋଇଯାଇଥିଲା। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନ ଥିବାବେଳେ ଶର୍ଟସର୍କିଟ ଯୋଗୁ ଘଟିଥିବା ଅନୁମାନ କରାଯାଉଛି। ଖବର ପାଇ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଟିଏମର ଉଭୟ ପାର୍ଶ୍ୱରେ ଥିବା ଦୋକାନର କ୍ଷୟକ୍ଷତି ହୋଇ ନ ଥିବାବେଳେ ବକ୍ସରେ ଥିବା ଟଙ୍କା ସୁରକ୍ଷିତ ରହିଛି। ସୂଚନା ମୁତାବକ, ସୋମବାର ସକାଳୁ ଏଟିଏମ ଭିତରୁ ପ୍ରଚୁର ମାତ୍ରାରେ ଧୂଆଁ ବାହାରିଥିଲା।



ଏହା ଦେଖି ସ୍ଥାନୀୟ ଲୋକ ତୁରନ୍ତ ଅଗ୍ନିଶମ ବାହୀନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ଅଧ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ପୋଲିସ ଏବଂ ବ୍ୟାଙ୍କ କର୍ତ୍ତୃପକ୍ଷ ପହଞ୍ଚି ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ଯାଞ୍ଚ କରିଥିଲେ।

### ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ମେଳା
### ୧୪ ପ୍ରକଳ୍ପ ମନୋନୀତ

ବାରଙ୍ଗ,୫।୧୨(ଡି.ଏନ୍.ଏ.)- ଭୁବନେଶ୍ୱର ବ୍ଲକ ଆନୁକୂଲ୍ୟରେ ଦାରୁଠେଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ବ୍ଲକସ୍ତରୀୟ ଗଣିତ, ବିଜ୍ଞାନ ଓ ପରିବେଶ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୩୮ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ମେଳାରେ ମୋଟ ୧୩୪ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ୬ଟି ଗଣିତ ସମ୍ପର୍କିତ, ୯୦ଟି ବିଜ୍ଞାନ ଓ ୩୮ଟି ପରିବେଶ ସମ୍ପର୍କିତ ଥିଲା। ସେଥିମଧ୍ୟରୁ ଜୁନିୟରରୁ ୭ଟି ଓ ସିନିୟରରୁ ୭ଟି ପ୍ରକଳ୍ପକୁ ମନୋନୀତ କରାଯାଇ ପୁରସ୍କାର ଦିଆଯାଇଥିଲା। ଭୁବନେଶ୍ୱର ଶିକ୍ଷା ଅଧିକାରିଣୀ ଡ. ପ୍ରଜ୍ଞା ପରମିତା ଜେନା ଯୋଗଦେଇ ମେଳା ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଜଟଣୀ ବିଧାୟକ ସୁରେଶ ରାଉତରାୟ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସ୍ଥାନୀୟ ଲୋକପ୍ରତିନିଧିମାନଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତା ଓ ଶିକ୍ଷା ବିଭାଗର ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ଭେଣ୍ଡିଂ ଜୋନ୍ ଆଶା ମଉଳିଲା

ଭୁବନେଶ୍ୱର,୫।୧୨(ବ୍ୟୁରୋ)

**ବିଲ୍ ନ ମିଳିବାରୁ କାମ ବନ୍ଦ କଲା ଠିକା ସଂସ୍ଥା**

ବକେୟା ବିଲ୍ ପାଉ ନ ଥିବାରୁ ଠିକା ସଂସ୍ଥାଗୁଡ଼ିକ ମନଇଚ୍ଛା କାମ କରୁଛନ୍ତି। ଫଳରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ବହୁ ପ୍ରକଳ୍ପ ଆଗେଇ ପାରୁନାହିଁ। ଏପରିକି କିଛି ପ୍ରକଳ୍ପ ଆରମ୍ଭରୁ ତ ଆଉ କିଛି ଅଧାରୁ ବନ୍ଦ ହୋଇ ରହିଛି, ଯାହାକୁ ନେଇ ଅନେକ ସମୟରେ ବିଏମ୍‌ସି ସମାଲୋଚନାର ଶିକାର ହେଉଛି। ତେବେ ଏପରି ପ୍ରକଳ୍ପ ମଧ୍ୟରେ ମହିଳା ଭେଣ୍ଡିଂ ଜୋନ୍ ରହିଛି। ୨୦୨୩ ମାର୍ଚ୍ଚ ୮ ମହିଳା ଦିବସରେ ମହିଳାଙ୍କୁ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ୍ ପ୍ରଦାନ ପାଇଁ ବିଏମ୍‌ସି ଦେଇଥିବା ପ୍ରତିଶ୍ରୁତି ମଉଳି ଯିବାକୁ ବସିଛି।

ୱାର୍ଡ ନଂ.୧୫ ଅନ୍ତର୍ଗତ ସିଆର୍‌ପିଏଫ୍ କ୍ୟାମ୍ପସ ଗେଟ୍ ନଂ.୧ ନିକଟରେ ମହିଳା ଓ ପୁରୁଷ ଭେଣ୍ଡିଂ ଜୋନ୍ ପାଇଁ ସ୍ଥାନ ଚିହ୍ନଟ କରାଯାଇଛି। ସେଠାରେ କେବଳ ମହିଳାଙ୍କ ପାଇଁ ୫୦ ୟୁନିଟ୍ ଓ ସବୁ ବର୍ଗଙ୍କ ପାଇଁ ଆଉ ୫୦ ୟୁନିଟ୍ ଦୋକାନ ଘର ନିର୍ମାଣ ପାଇଁ ବିଏମ୍‌ସି ପକ୍ଷରୁ ଯୋଜନା ରହିଛି। ଗତ ଅକ୍ଟୋବରରେ ମେୟର ସୁଲୋଚନା ଦାସ ଓ ଅନ୍ୟ ଅଧିକାରୀମାନେ କ୍ଷେତ୍ର ଅନୁଧ୍ୟାନ କରିବା ସହ ଉକ୍ତ ସ୍ଥାନକୁ ଚୂଡ଼ାନ୍ତ କରିବା ପରେ କାମ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ କମିଶନର ବିଜୟ ଅମୃତା କୁଲାଙ୍ଗେ ଓ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରିଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି) ମହିଳାଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ବିକ୍ରୟ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଥିଲା। କଣ୍ଟ ପୂରଣ ହେବାକୁ ହାତରେ ମାତ୍ର ୨ ମାସ ରହିଥିବାବେଳେ ବକେୟା ପାଉଣା ନ ପାଇବାରୁ ସଂପୃକ୍ତ ଠିକା ସଂସ୍ଥା ୧୫ଦିନରୁ ଊର୍ଦ୍ଧ୍ୱ ହେବ କାମ ବନ୍ଦ କରିଥିବା ସୂଚନା ମିଳିଛି। ମହିଳା ଭେଣ୍ଡିଂ ଜୋନ୍ କାମ ଏପର୍ଯ୍ୟନ୍ତ ଆରମ୍ଭ ହୋଇ ନ ଥିବାବେଳେ ସବୁ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ୫୦ ୟୁନିଟରୁ ମାତ୍ର ୯ ୟୁନିଟର କାମ ସରିଛି। ତେଣୁ ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ସରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

କର୍ପୋରେଟର ପିଙ୍କି ପ୍ରଧାନ କହିଛନ୍ତି, ଅଧାରେ ଅଟକିଥିବା ନିର୍ମାଣ କାର୍ଯ୍ୟ ପୁଣିଥରେ ଆରମ୍ଭ ହୋଇ କିପରି ନିର୍ଦ୍ଧାରିତ ସମୟରେ ସରିବ ସେନେଇ ବିଏମ୍‌ସିକୁ ଅବଗତ କରାଯାଇଛି। ତେବେ ଏହି ମହିଳା ଭେଣ୍ଡିଂ ଜୋନ୍‌ରେ ନିଜ ୱାର୍ଡର ଏସ୍‌ଏଚ୍‌ଜି ମହିଳାଙ୍କୁ ଅଗ୍ରାଧିକାର ଭିତ୍ତିରେ ଦୋକାନ ଘର ଆବଣ୍ଟନ ପରେ ସହରର ଅନ୍ୟ ମହିଳା ବ୍ୟବସାୟୀଙ୍କୁ ଏଠାରେ ସୁଯୋଗ ଦେବା ପାଇଁ ବିଏମ୍‌ସିକୁ ନିବେଦନ କରାଯାଇଛି। ଏଥିପାଇଁ ଶତାଧିକ ବ୍ୟବସାୟୀ ଆବେଦନ କରିଥିବାବେଳେ ଯୋଗ୍ୟ ହିତାଧିକାରୀଙ୍କୁ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। ତେବେ ବିଏମ୍‌ସିର ବିଭାଗୀୟ ଅଧିକାରୀଙ୍କ ନିକଟରେ ବଦଳି ହୋଇଛି। ନୂତନ ଭାବେ ସଂପୃକ୍ତ ବିଭାଗର ଦାୟିତ୍ୱ ନେଇଥିବା ଅଧିକାରୀ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ନ ଥିବା କହିଛନ୍ତି। ଘଟଣାର ତର୍ଜମା କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ମାସିକ କାର୍ଯ୍ୟକ୍ରମ 'ନୃତ୍ୟାୟନ'ର ଉଦ୍‌ଘାଟନ ଅବସରରେ ନୃତ୍ୟ ବିଭାଗର ଶିଳ୍ପୀମାନେ ଓଡ଼ିଶୀ ପରିବେଷଣ କରୁଛନ୍ତି ।

# ଆରମ୍ଭ ହେଲା 'ନୃତ୍ୟାୟନ'

ଭୁବନେଶ୍ୱର,୫।୧୨(ବ୍ୟୁରୋ)

**ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକ ଆଲୋଚନାଚକ୍ର**

ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକ ଆଲୋଚନାଚକ୍ର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏହାକୁ ଉଦ୍‌ଘାଟନ କରି ଆଲୋଚନାଚକ୍ର ଛାତ୍ରୀଛାତ୍ରଙ୍କ ଜ୍ଞାନବର୍ଦ୍ଧନରେ ଏକାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। ୩ଦିନ ଧରି ହେବାକୁ ଥିବା ଏହି ଆଲୋଚନାଚକ୍ରରେ ପ୍ରତ୍ୟେକ ଦିନ ୨ଟି ଅଧିବେଶନ ଏବଂ ପ୍ରତ୍ୟେକ ଅଧିବେଶନରେ ୨ଟି ବିଭାଗ ପାଇଁ ବିଶେଷଜ୍ଞମାନେ ଯୋଗଦେବେ। ପ୍ରଥମ ଅଧିବେଶନରେ ଓଡ଼ିଶୀ କଣ୍ଠ ସଙ୍ଗୀତ ପାଇଁ ଗୁରୁ ରାମହରି ଦାସ, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପାଇଁ ପଣ୍ଡିତ ହରିହର ରଥ ଏବଂ ୨ୟ ଅଧିବେଶନରେ ସୀତାର ପାଇଁ ଗୁରୁ ରବି ଶଙ୍କର ପ୍ରଧାନ ଏବଂ ବେହେଲା ବିଭାଗ ପାଇଁ ଗୁରୁ କେ. ରାମାରାଓ ପାତ୍ର ବିଶେଷଜ୍ଞ ଭାବେ ଯୋଗଦେଇଥିଲେ। ଏହି ଅବସରରେ ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପରେ ମହାବିଦ୍ୟାଳୟର ମାସିକ କାର୍ଯ୍ୟକ୍ରମ 'ନୃତ୍ୟାୟନ'ର ଉଦ୍‌ଘାଟନ ହୋଇଥିଲା। ମହାବିଦ୍ୟାଳୟ ନୃତ୍ୟ ବିଭାଗର ପ୍ରାୟ ୧୮ଜଣ ଶିଳ୍ପୀ ମଙ୍ଗଳାଚରଣ, ରାଗେଶ୍ରୀ ପଲ୍ଲବୀ, ଦଶାବତାର ଏବଂ ଦେବୀଙ୍କ ଉପରେ ଆଧାରିତ 'ଶକ୍ତି' ପରିବେଷଣ କରିଥିଲେ। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଗୁରୁ ଡ. ମନୋରଞ୍ଜନ ପ୍ରଧାନ ଯୋଗଦେଇଥିଲେ। ୨ଟି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୁରୁ ଡ. ବିଜୟ କୁମାର ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ ନୃତ୍ୟ ଗବେଷକ ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗଣ୍ଡରପୁର କପ୍ ଫୁଟ୍‌ବଲ
### ସେମିରେ ବିଡ଼ାନାସୀ, ଜୟପୁର, ବରଦା କ୍ଲବ

ବାରଙ୍ଗ,୫।୧୨(ଡି.ଏନ୍.ଏ.)

୨୦ତମ ଆମନ୍ତ୍ରଣୀୟ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ନାମେଣ୍ଟର ୨ୟ ଦିନରେ ଗ୍ରାମାଞ୍ଚଳର ଜୟପୁର, ବରଦା କ୍ଲବ ଏବଂ ସହରାଞ୍ଚଳର ବିଡ଼ାନାସୀ ମା' ଭୁଆସୁଣୀ କ୍ଲବ ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ଗ୍ରାମାଞ୍ଚଳର ପ୍ରଥମ ମ୍ୟାଚ୍ କଟକ ଜୟପୁର କ୍ଲବ ଓ ମେନ୍ଧପୁର କ୍ଲବ ଏବଂ ଦ୍ୱିତୀୟ ମ୍ୟାଚ୍ ନରଣପୁର କ୍ଲବ ଏବଂ ବରଦା କ୍ଲବ ମଧ୍ୟରେ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ଜୟପୁର କ୍ଲବର ସତ୍ୟରଞ୍ଜନ ପ୍ରଧାନ ୧-୦ ଗୋଲ କରି ଦଳକୁ ବିଜୟୀ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ବରଦା କ୍ଲବର ଜଗନ ୨-୦ ଗୋଲ କରି ଦଳକୁ ବିଜୟୀ କରିଥିଲା। ସହରାଞ୍ଚଳର ମ୍ୟାଚ୍ ବିଡ଼ାନାସୀ ମା' ଭୁଆସୁଣୀ କ୍ଲବ ଓ ସୋନପୁର ରାମଧୁନ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ଟି ଅମୀମାଂସିତ ଭାବେ ଶେଷ ହୋଇଥିବାରୁ ଟ୍ରାଇବ୍ରେକ୍‌ର ସହାୟତା ନିଆଯାଇଥିଲା। ଏଥିରେ ମା' ଭୁଆସୁଣୀ କ୍ଲବ ୫-୪ ଗୋଲ କରି ବିଜୟୀ ହୋଇଥିଲା। ଗ୍ରାମାଞ୍ଚଳ ମ୍ୟାଚ୍‌ରେ ଜୟପୁର ଦଳର ସତ୍ୟରଞ୍ଜନ ପ୍ରଧାନ ଓ ବରଦା ଦଳର ଜଗନ, ସହରାଞ୍ଚଳ ମ୍ୟାଚ୍‌ରେ ବିଡ଼ାନାସୀ ଦଳର ଗୋଲକିପର ଚିନ୍ମୟ ବେହେରା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ରମାକାନ୍ତ ଜେନା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ହାସ୍ୟ ଅଭିନେତା ରଙ୍କନିଧି ରାଉତ ଧାରାବିବରଣୀ ପାଠ କରିଥିଲେ।

# ଆନ୍ଦୋଳନକୁ ଓହ୍ଲାଇଲେ କଳା, କ୍ରୀଡ଼ା ଶିକ୍ଷକ

ଭୁବନେଶ୍ୱର, ୫।୧୨ (ବ୍ୟୁରୋ)

**ଆଲୋଚନା ବିଫଳ**

ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତିପ୍ରାପ୍ତ ପାର୍ଟ ଟାଇମ୍ କଳା ଓ କ୍ରୀଡ଼ା ଶିକ୍ଷକମାନେ ନିୟମିତ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନେ ସୋମବାର ମାଷ୍ଟରକ୍ୟାଣ୍ଟିନ ଛକରୁ ବାଜା ବଜାଇ, ହାତରେ ଖେଳ ଉପକରଣ ଧରି ବିଧାନସଭା ଅଭିମୁଖେ ଶୋଭାଯାତ୍ରାରେ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅପରପକ୍ଷେ ସରକାରଙ୍କ ଡାକରା ପାଇ ଏକ ୭ ଜଣିଆ ପ୍ରତିନିଧି ମଣ୍ଡଳୀ ସଚିବାଳୟ ଯାଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ତାହା ବିଫଳ ହୋଇଥିବା ସୂଚନା ମିଳିଛି। ପୂର୍ବଭଳି କେବଳ ପ୍ରତିଶ୍ରୁତି ଦିଆଯିବାରୁ ପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି, କଳା ଓ କ୍ରୀଡ଼ା କ୍ଷେତ୍ରରେ ରାଜ୍ୟ, ଦେଶ ବିଦେଶରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ମାତ୍ର କଳା ଓ କ୍ରୀଡ଼ାକୁ ବିକାଶାଭିମୁଖୀ କରିବା ପାଇଁ ପ୍ରଚେଷ୍ଟାରତ ପାର୍ଟ ଟାଇମ କଳା ଓ କ୍ରୀଡ଼ା ଶିକ୍ଷକଙ୍କୁ ନିୟମିତ କରାଯାଉ ନାହିଁ। ପୂର୍ବରୁ ଏନେଇ ବହୁବାର ଦାବି କରାଯାଇଥିଲେ ବି କେବଳ ପ୍ରତିଶ୍ରୁତି ଦେଇ ସରକାର ଭଣ୍ଡାଇ ଦେଉଛନ୍ତି। ତେଣୁ ଏଥର ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲିବ ବୋଲି ମହାସଂଘର ଆବାହକ ଧର୍ମେନ୍ଦ୍ର ପଣ୍ଡା, ଦେବବ୍ରତ ପଟ୍ଟନାୟକ, ସଦସ୍ୟ ବସନ୍ତ ଷଣ୍ଢ, ଶଙ୍କର ପ୍ରସାଦ ମହାପାତ୍ର ପ୍ରମୁଖ କହିଛନ୍ତି।

# ଯକ୍ଷ୍ମାମୁକ୍ତ ପାଇଁ କନ୍ଧମାଳକୁ ପୋଷ୍ୟ କଲା କିସ୍ ଫାଉଣ୍ଡେଶନ




କିସ୍ ଫାଉଣ୍ଡେଶନ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପୋଷକ ଖାଦ୍ୟ ବଣ୍ଟନ କରୁଛନ୍ତି ।

ଭୁବନେଶ୍ୱର, ୫।୧୨(ବ୍ୟୁରୋ)/ଫୁଲବାଣୀ ଅଫିସ

**ଖର୍ଚ୍ଚ ହେବ ୪୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା**

୨୦୨୫ ସୁଦ୍ଧା ଦେଶକୁ ଯକ୍ଷ୍ମାମୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଅଭିଯାନ 'ଟିବି ହାରେଗା ଦେଶ ଜିତେଗା' ବିଭିନ୍ନ ରାଜ୍ୟରେ ଜାରି ରହିଛି। ଏହି ଅଭିଯାନରେ ସାମିଲ ହୋଇ କନ୍ଧମାଳ ଏମ୍‌ପି ତଥା କିସ୍ ଫାଉଣ୍ଡେଶନ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କନ୍ଧମାଳ ଜିଲାକୁ ପୋଷ୍ୟ ଭାବେ ଗ୍ରହଣ କରି ଯକ୍ଷ୍ମାମୁକ୍ତ କରିବା ପାଇଁ ପଦକ୍ଷେପ ଆରମ୍ଭ କରିଛନ୍ତି। ସୋମବାର ସେ ଏହି ଜିଲାର ଯକ୍ଷ୍ମା ରୋଗୀଙ୍କ ପାଇଁ ପୁଷ୍ଟିକର ସହାୟତା 'ଖାଦ୍ୟ ବାସ୍କେଟ' ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଖାଦ୍ୟ ବାସ୍କେଟରେ ପ୍ରତିମାସରେ ବୟସ୍କ ରୋଗୀଙ୍କ ପାଇଁ ୩ କିଲୋ ଶସ୍ୟ ଓ ବାଜରା ଦିଆଯିବ। ସେହିଭଳି ପିଲାଙ୍କ ପାଇଁ ୨ କିଲୋ ଶସ୍ୟ ଓ ବାଜରା ଏବଂ ବୟସ୍କ ଓ ପିଲାଙ୍କ ପାଇଁ ଯଥାକ୍ରମେ ୧.୫ ଓ ୧ କେଜି ଡାଲି, ୨୫୦ ଗ୍ରାମ ଓ ୧୫୦ ଗ୍ରାମ ପନିପରିବା, ରନ୍ଧନ ତେଲ, ୧ କେଜି ଓ ୭୫୦ ଗ୍ରାମ ଚିନାବାଦାମ ପ୍ରଦାନ କରାଯିବ। ପ୍ରଥମ ପର୍ଯ୍ୟାୟରେ ଫୁଲବାଣୀଠାରେ କନ୍ଧମାଳ ଜିଲାର ୬ଟି ବ୍ଲକ୍ ଓ ବାଲିଗୁଡ଼ାଠାରେ ଆଉ ୬ଟି ବ୍ଲକ୍‌ର ୩୯ଜଣ ଶିଶୁଙ୍କ ସମେତ ମୋଟ ୬୦୬ଜଣ ଯକ୍ଷ୍ମା ରୋଗୀଙ୍କୁ ପୋଷକ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପ୍ରତିମାସ ଏହି କାର୍ଯ୍ୟକ୍ରମ ଜାରି ରହିବ। ୬ମାସରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ଓ ପୋଷକ ଖାଦ୍ୟ ବଣ୍ଟନ ବାବଦରେ ମୋଟ ୪୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ। ଏ ସମସ୍ତ ଖର୍ଚ୍ଚ କିସ୍ ଫାଉଣ୍ଡେଶନ ବହନ କରିବ ବୋଲି ସାମନ୍ତ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲା ଉପମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭୟ ପଟ୍ଟନାୟକ ଏବଂ ଜିଲା ଏଡିପିଏଚ୍‌ଓ (ଟିବି) ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍‌ଏସ୍‌ଏସ୍ ପାଇଁ ବହୁମୁଖୀ କାର୍ଯ୍ୟକ୍ରମ

ଭୁବନେଶ୍ୱର,୫।୧୨(ବ୍ୟୁରୋ)

**ଚଳିତବର୍ଷ ୫ହଜାର ଛାତ୍ରୀଛାତ୍ରଙ୍କୁ ଦିଆଯିବ ବିଭିନ୍ନ ପ୍ରଶିକ୍ଷଣ**

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ସ୍ୱେଚ୍ଛାସେବୀଙ୍କ ପାଇଁ ବହୁମୁଖୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମନୋନୀତ ପ୍ରାୟ ୫ ହଜାର ଛାତ୍ରୀଛାତ୍ର ସ୍ୱେଚ୍ଛାସେବୀଙ୍କୁ ବିଭିନ୍ନ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଦିଆଯିବ। ଏଥିସହ ଜନଜାତି ସ୍ୱେଚ୍ଛାସେବୀ ଦକ୍ଷତା ବିକାଶ, ନିଶାମୁକ୍ତ ଶିକ୍ଷାନୁଷ୍ଠାନ କ୍ୟାମ୍ପସ ସଚେତନତା, ସଡ଼କ ନିରାପତ୍ତା ସଚେତନତା, ରକ୍ତଦାନ ଆଦି କାର୍ଯ୍ୟକ୍ରମ କରାଯିବ। ଏହି ପରିପ୍ରେକ୍ଷୀରେ ସୋମବାର ଗୀତଗୋବିନ୍ଦ ସଦନରେ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଓ ଜିଲା କାର୍ଯ୍ୟକ୍ରମ ଅଧିକାରୀଙ୍କ ସମୀକ୍ଷା ବୈଠକ ବସି ଏସବୁ କାର୍ଯ୍ୟକ୍ରମର ସଫଳ ଆୟୋଜନ ନେଇ ଆଲୋଚନା ହୋଇଥିଲା। ସେହିଭଳି ଗ୍ରାମାଞ୍ଚଳ ସ୍ୱେଚ୍ଛାସେବୀମାନେ ଚାରୋଟି ଦଳରେ ଭାରତ ଦର୍ଶନ କାର୍ଯ୍ୟରେ ସାମିଲ ହେବେ। ଏଥିସହିତ ରାଜ୍ୟ ସଂହତି ଶିବିର ଓ ପ୍ରତିଭା ଅନ୍ୱେଷଣ ଶିବିର ଆୟୋଜନ କରାଯାଇ ଜାତୀୟ ସେବା ଯୋଜନାକୁ ସୁଦୃଢ଼ କରାଯିବ ବୋଲି ବୈଠକରେ ସଭାପତିତ୍ୱ କରି ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ପ୍ରଶାନ୍ତ କୁମାର ରଥ ମତବ୍ୟକ୍ତ କରିଛନ୍ତି।

ବୈଠକରେ ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜାତୀୟ ସେବା ଯୋଜନାକୁ ସର୍ବଭାରତୀୟ ସ୍ତରରେ ଏକ ନମ୍ବର କରିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟକ୍ରମ ସଂଯୋଜକ ଓ ଜିଲା କାର୍ଯ୍ୟକ୍ରମ ଅଧିକାରୀଙ୍କ ବୈଠକରେ କେନ୍ଦ୍ରର ଅନୁଦାନ ଗ୍ରହଣ ପାଇଁ ନୂତନ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପ୍ରଣାଳୀ ଉପରେ ବିଶଦ ଆଲୋଚନା କରାଯାଇଥିଲା। ଭାରତ ସରକାରଙ୍କ ଏନ୍‌ଏସ୍‌ଏସ୍ ସହକାର୍ଯ୍ୟକ୍ରମ ଉପଦେଷ୍ଟା ଡ. କମଳ କୁମାର କର ଭର୍ଚୁଆଲରେ ଯୋଗ ଦେଇଥିଲେ। ବୈଠକକୁ ଉଚ୍ଚଶିକ୍ଷା ବିଭାଗର ରାଜ୍ୟ ଏନ୍‌ଏସ୍‌ଏସ୍ ଅଧିକାରୀ ତଥା ଉପଶାସନ ସଚିବ ଡ. ରମେଶ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ।




ଭୁବନେଶ୍ୱର ସୂଚନା ଭବନରେ ଅନୁଷ୍ଠିତ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନର ବାର୍ଷିକ ଉତ୍ସବରେ ଓଡ଼ିଶୀ ନୃତ୍ୟ ଗବେଷିକା ଗନ୍ଧର୍ବ ସାଧିକ ମୋନାଲିସା ପଣ୍ଡାଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।



ପଞ୍ଚଧ୍ୱନି ନାଟ୍ୟ ପରିଷଦ ପକ୍ଷରୁ ସୋମବାର ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଆୟୋଜିତ ୭ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବରେ ପରିବେଷିତ ନାଟକ 'ଇତି ମୁଁ ତୁମର'ର ଏକ ଦୃଶ୍ୟ। (ଫଟୋ- ମୌସମ)

# ଜାତୀୟ ରାଜପଥରୁ ୫୦ ଫୁଟ ଯାଏ ହଟିବ ଜବରଦଖଲ

ଭୁବନେଶ୍ୱର,୫।୧୨(ବ୍ୟୁରୋ)

**ବାଣୀବିହାର ଛକ ସମେତ ୪ ସ୍ଥାନରେ ଉଚ୍ଛେଦ**
- ଗ୍ଲୋବାଲ ଟାଇଲ୍ସ ସିଲ୍
- ଦେବ ପ୍ଲାଷ୍ଟିକ ଡିଷ୍ଟ୍ରିବ୍ୟୁଟରକୁ ୫ହଜାର ଜରିମାନା

ହକି ବିଶ୍ୱ କପ୍‌କୁ ଦୃଷ୍ଟିରେ ରଖି ରାଜଧାନୀ ଭୁବନେଶ୍ୱରର ସୌନ୍ଦର୍ଯ୍ୟକରଣ କରାଯାଉଛି। ତେବେ ଏଥିରେ ଜବରଦଖଲ ବାଧକ ସାଜୁଥିବାରୁ ଉଚ୍ଛେଦ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଏଥିସହ ବିଡିଏ ଉପାଧ୍ୟକ୍ଷ ବଳବନ୍ତ ସିଂଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ରାଜପଥରୁ ୫୦ ଫୁଟ ଯାଏ ସମ୍ପୂର୍ଣ୍ଣ ଜବରଦଖଲମୁକ୍ତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହାସହ ସହର ଅନ୍ୟାନ୍ୟ ପ୍ରମୁଖ ଅଞ୍ଚଳରୁ ମଧ୍ୟ ଜବରଦଖଲ ହଟିବ। ଏହି କ୍ରମରେ ସୋମବାର ବିଡିଏର ମୋଟ ୧୬ଟି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ବାଣୀବିହାର ଛକ ସମେତ ୪ଟି ଅଞ୍ଚଳରୁ ବ୍ୟାପକ ଜବରଦଖଲ ଉଚ୍ଛେଦ କରାଯାଇଛି।

ପାତ୍ରପଡ଼ାରୁ ଆଇଗିଣିଆ ଛକ ପର୍ଯ୍ୟନ୍ତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ୧, ୨ ଓ ୩ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ବିରୋଧ ସତ୍ତ୍ୱେ ୧୧ଟି ଟିଣ ଘର, ୫ କ୍ୟାବିନ, ୨ ନର୍ସରୀ, ଗୋଟିଏ କାଠ ଗୋଲା ଓ ଏକ ମାର୍ବଲ ଦୋକାନର ଲୁହା ଗେଟ୍ ଭାଙ୍ଗିଦିଆଯାଇଛି। ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ନଂ.୮, ୧୦, ୧୧ ଓ ୧୨ ପକ୍ଷରୁ ବାଣୀବିହାର ଛକରୁ ଆଚାର୍ଯ୍ୟ ବିହାର ପର୍ଯ୍ୟନ୍ତ ରାସ୍ତା କଡରେ ହୋଇଥିବା ଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଇଛି। ଏହି ସମୟରେ ସ୍ଥାନୀୟ ଦୋକାନୀ ପ୍ରବଳ ବିରୋଧ କରିବାରୁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଏଠାରେ ୨୭ଟି କ୍ୟାବିନ, ୨୦୦ ମିଟର ଲମ୍ବର ପାଚେରି, ୬ଟି ବିଜ୍ଞାପନ ବୋର୍ଡ ଓ ୪ଟି ହୋଟେଲ ଭଙ୍ଗାଯାଇଛି। ସ୍କ୍ୱାଡ୍ ନଂ.୫,୬,୭ ଓ ୮ ପକ୍ଷରୁ ଡମଣାରୁ ଶୈଳଶ୍ରୀବିହାର ପର୍ଯ୍ୟନ୍ତ ଉଚ୍ଛେଦ କରାଯାଇଥିଲା। ଏଥିରେ ୭ଟି କ୍ୟାବିନ, ୩ଟି ଟ୍ରଲି, ୩ଟି ଟିଣ ନିର୍ମିତ ଘର, ୧୨ଟି ବିଜ୍ଞାପନ ହୋର୍ଡିଂ ଓ ୧୦ଟି ବିଜ୍ଞାପନ ବୋର୍ଡ, ୮ଟି ବାଉଁଶ ନିର୍ମିତ ଦୋକାନ, ୧୮ଟି ବକ୍ସ ଗେଟକୁ ମାଟିରେ ମିଶାଇ ଦିଆଯାଇଛି। ସେହିପରି ନୟାପଲ୍ଲୀରେ ସ୍କ୍ୱାଡ୍ ନଂ. ୧୩, ୧୪, ୧୫ ଓ ୧୬ ପହଞ୍ଚି ୫ଟି ଆଜବେଷ୍ଟସ୍ ଘର, ଦୁଇଟି କାଠ ଦୋକାନ ଓ ୨ଟି ଟିଣ ଘର ଉଚ୍ଛେଦ କରିଛି। ଅନ୍ୟପଟେ ନହରକଣ୍ଟାସ୍ଥିତ ଜୟଦେବ କଲେଜ ନିକଟରେ ଥିବା ଗ୍ଲୋବାଲ ଟାଇଲ୍ସକୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଆଧାରରେ ସିଲ୍ କରିଦିଆଯାଇଛି। ଦେବ ପ୍ଲାଷ୍ଟିକ ଡିଷ୍ଟ୍ରିବ୍ୟୁଟରର ଟ୍ରେଡ୍ ଲାଇସେନ୍ସ ନ ଥିବାରୁ ୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।



ବାଣୀବିହାର ଛକରେ ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଉଛି ।

## ସଂକ୍ଷେପରେ

### ଶୁଭେଚ୍ଛୁ କମିଟି ଦେଇଥିବା ପ୍ରସ୍ତାବକୁ ବିରୋଧ

**ଗମ୍ଭାରୀମୁଣ୍ଡା,୫।୧୨(ଡି.ଏନ୍.ଏ.):** ବାଣପୁର ବିକାଶ ପାଇଁ ଶୁଭେଚ୍ଛୁ କମିଟି ଦେଇଥିବା ପ୍ରସ୍ତାବକୁ ବାଣପୁର ସ୍ୱାଭିମାନ ମଞ୍ଚ ବିରୋଧ କରିଛି। ଏନେଇ ସୋମବାର ସ୍ଥାନୀୟ ରଘୁନାଥ ମଣ୍ଡପଠାରେ ଅମିତାଭ ପଟ୍ଟଯୋଶୀଙ୍କ ଆବାହକତ୍ୱରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ମୁତାବକ, ଭଗବତୀ ମନ୍ଦିର ଓ ବାଣପୁରର ଉନ୍ନତି ପାଇଁ ରବିବାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ବାଣପୁରବାସୀଙ୍କ ବିନା ମତାମତରେ ଶୁଭେଚ୍ଛୁ କମିଟି ପକ୍ଷରୁ ଜିଲାପାଳଙ୍କୁ ବିଭିନ୍ନ ପ୍ରସ୍ତାବ ଦିଆଯାଇଛି ବୋଲି ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। କମିଟି ଯେଉଁ ପ୍ରସ୍ତାବ ଦେଇଛି ସାଧାରଣରେ ଗ୍ରହଣୀୟ ନୁହେଁ। ବାଣପୁରକୁ ଉପଖଣ୍ଡ ମାନ୍ୟତା ଭଳି ପ୍ରସ୍ତାବ ଶୁଭେଚ୍ଛୁ କମିଟି କାହିଁକି ଜିଲା ପ୍ରଶାସନ ନିକଟରେ ରଖିଲା ନାହିଁ ବୋଲି ମଞ୍ଚ ପ୍ରଶ୍ନ କରିଛି। ବାଣପୁରରେ ୱାର୍ଡ ୱାରୀ ଡ୍ରେନେଜ ନିର୍ମାଣ, ଭୁବନେଶ୍ୱରରୁ ଭାୟା ଗମ୍ଭାରୀମୁଣ୍ଡା ହୋଇ ବାଣପୁରକୁ ଆସୁଥିବା ବସ୍ ତଥା ବିରଜାଈ ଓ ଭଗବତୀ ମନ୍ଦିରକୁ ଆସୁଥିବା ପର୍ଯ୍ୟଟକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବାଣପୁର ବାଇପାସ ଠାରୁ ପଲଟନ ପଡିଆ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାକୁ ପ୍ରଶସ୍ତୀକରଣ, କ୍ଷତିଗ୍ରସ୍ତ ହେଉଥିବା ବ୍ୟବସାୟୀ ଓ ସବୁ ବର୍ଗର କର୍ମକର୍ତ୍ତାଙ୍କୁ ବୈଠକରେ ସାମିଲ ସହ ମତାମତ ଗ୍ରହଣ କରିବା ପାଇଁ ଆବାହକ ଅମିତାଭ ପଟ୍ଟଯୋଶୀ ଦାବି କରିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଭଗବାନ ପ୍ରଧାନ, ରାଜକିଶୋର ସାହୁ, ପ୍ରସନ୍ନ ମାର୍ଥା, ବିପ୍ର ଜେନା, ବିପିନି ବାରିକ, ଏନଏସିର କେତେଜଣ କାଉନସିଲରଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ଖଣ୍ଡାୟତ କ୍ଷତ୍ରିୟ କଲ୍କୀ ସେନାର ନୂତନ କମିଟି ଗଠିତ

**ବେଗୁନିଆ,୫।୧୨(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡ଼ମାଣତିର ଗ୍ରାମସ୍ଥିତ ମା'ରାମଚଣ୍ଡୀଙ୍କ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡାୟତ କ୍ଷତ୍ରିୟ କଲ୍କୀ ସେନା ଓଡ଼ିଶା ପକ୍ଷରୁ ଆୟୋଜିତ ବୈଠକରେ ଯୋଗୀନାଥ ବଳିୟାରସିଂହ ସଭାପତିତ୍ୱ କରିଥିଲେ। ଏହି ସେନା ୨୦୧୪ରୁ ଦଳିତ ଏବଂ ନିଷ୍ପେଷିତ ଜନସାଧାରଣଙ୍କୁ ସାମାଜିକ ନ୍ୟାୟ, ଆବଶ୍ୟକ ସମୟରେ ରୋଗୀଙ୍କୁ ରକ୍ତ ଦାନ, ଚାଷୀଙ୍କ ସମସ୍ୟାକୁ ନେଇ ସରକାରଙ୍କ ନିକଟରେ ଅବଗତ କରାଇବା, ପାଇକ ଆଖଡ଼ା ପୁନରୁଦ୍ଧାର, ଚାରାରୋପଣ, ନିଶା ନିବାରଣ ଆଦି ଅନେକ ଜନ ସେବା ଓ ସହଯୋଗ କରୁଛି। ଏହି ଜନହିତକର କାର୍ଯ୍ୟ ଆଗକୁ କିଭଳି ଭାବେ ସୂଚାରୁଭାବେ ସମ୍ପାଦନା ହେବ ସେନେଇ ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ବୈଠକରେ ସର୍ବସମ୍ମତିକ୍ରମେ ନୂତନ କମିଟି ଗଠନ କରାଯାଇଛି। ସଭାପତି ଭାବେ ଯୋଗୀନାଥ ବଳିୟାରସିଂହ, ସମ୍ପାଦକ ବିଷ୍ଣୁ ଚରଣ ସାମନ୍ତରାୟ, କୋଷାଧ୍ୟକ୍ଷ ଭାବେ କୁଞ୍ଜବିହାରୀ ସୁନ୍ଦରାୟ ମନୋନୀତ ହୋଇଛନ୍ତି। ବୈଠକରେ ଖୋର୍ଦ୍ଧା, ପୁରୀ ଓ ନୟାଗଡ ଜିଲା ଅଞ୍ଚଳର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ନବକିଶୋର ବିଧାର, ପ୍ରଦୀପ ରାଉତରାୟ, କେଦାରେଶ୍ୱର ଜଗଦେବ, ପଦ୍ମଲୋଚନ ରାଉତରାୟ, ବିରାଟ ବଳିୟାରସିଂହ, ଦିବାକର ସୁନ୍ଦରାୟ, ମାନସ ରଞ୍ଜନ ବାହୁବଳେନ୍ଦ୍ର, ମଦନମୋହନ ରଣଜିତ ସିଂଦେଓ, ଜମ୍ବେଶ୍ୱର ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ନିରଞ୍ଜନ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

# ଗୋମାଂସ ବୋଝେଇ ୩ କଣ୍ଟେନର ଜବତ: ୬ ଅଟକ

**ଖୋର୍ଦ୍ଧା ଅଫିସ,୫।୧୨**

## କୋଲକାତାରୁ ଚେନ୍ନାଇ ହେଉଥିଲା ଚାଲାଣ



ଜବତ ଗୋ ମାଂସ ବୋଝେଇ କଣ୍ଟେନର।

ବେଧଡ଼କ ଚାଲିଛି ଗୋମାଂସ ଚାଲାଣ। ଜାତୀୟ ରାଜପଥ ଦେଇ ଦୈନିକ କଣ୍ଟେନରରେ ଟନ୍ ଟନ୍ ଗୋମାଂସ ବାହାର ରାଜ୍ୟକୁ ଚାଲାଣ ହେଉଛି। କୋଲକାତାରୁ ଚେନ୍ନାଇକୁ ଗୋମାଂସ ଚାଲାଣ ହେଉଥିବା ଖବରପାଇ ସୋମବାର ଖୋର୍ଦ୍ଧା ଗୋସୁରକ୍ଷା ସମିତି କର୍ମକର୍ତ୍ତାମାନେ ଗଡ଼ଖୋର୍ଦ୍ଧା ଛକ ନିକଟରୁ ଗୋମାଂସ ଭର୍ତ୍ତି ୩ଟି କଣ୍ଟେନରକୁ ଜବତ କରି ପୋଲିସ ଜିମା ଦେଇଛନ୍ତି। ତେବେ ୨ଟି କଣ୍ଟେନର ଖସି ପଳାଇଥିଲା। ଜବତ କଣ୍ଟେନରରେ ଶହେ ଟନରୁ ଉର୍ଦ୍ଧ୍ୱ ଗୋମାଂସ ରହିଥିବା ଜଣାପଡିଛି। ଗୋସୁରକ୍ଷା ସମିତି କର୍ମକର୍ତ୍ତାଙ୍କ ଅଭିଯୋଗକ୍ରମେ ଖୋର୍ଦ୍ଧା ଟାଉନ ଥାନା ପୋଲିସ ଏକ ମାମଲା ରୁଜୁକରି କଣ୍ଟେନର ଡ୍ରାଇଭର ଓ ହେଲ୍ପରଙ୍କ ସମେତ ୬ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅନ୍ୟପଟେ କଣ୍ଟେନର ଆଗରେ ମିଲ୍କ ପ୍ରଡକ୍ଟ ଲେଖାହୋଇଥିବା ବେଳେ ପେଟି ଭିତରେ ବରଫ କୁଣ୍ଡା ଦିଆଯାଇ ଗୋମାଂସ ଚାଲଣ ହେଉଥିବା ଧରାପଡିଥିବା ଡ୍ରାଇଭରମାନେ ଗଣମାଧ୍ୟମ ଆଗରେ କହିଛନ୍ତି।

ସୂଚନା ମୁତାବକ, କୋଲାକାତାରୁ କଣ୍ଟେନରରେ ଗୋମାଂସ ଭର୍ତ୍ତି ହୋଇ ଚେନ୍ନାଇ ଅଭିମୁଖେ ଯାଉଥିଲା। କୌଣସି ସୂତ୍ରରୁ ସୂଚନାପାଇ ଖୋର୍ଦ୍ଧା ଗୋସୁରକ୍ଷା ସମିତି ଆବାହକ ରାଧାମୋହନ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଭୁବନେଶ୍ୱର ଖଣ୍ଡଗିରି ଛକରୁ ବାଟମଙ୍ଗଳା ପର୍ଯ୍ୟନ୍ତ ବିଭିନ୍ନ ଛକରେ ଜଗି ରହିଥିଲେ। ଖଣ୍ଡଗିରି ଛକରେ କର୍ମକର୍ତ୍ତାମାନେ କଣ୍ଟେନରଗୁଡ଼ିକୁ ସନ୍ଦେହରେ ଅଟକାଇବା ବେଳେ ୨ଟି କଣ୍ଟେନର ଦ୍ରୁତ ଗତିରେ ଖସି ପଳାଇଥିଲା। ଅନ୍ୟ ୩ଟି କଣ୍ଟେନର ୩ଟି କଣ୍ଟେନର (ଟିଏନ ୯୩ବି ୪୭୯୯, ଟିଏନ ୮୮ଏ ୮୭୯୩, ଟିଏନ ୯୩ଡି ୯୫୯୯)କୁ ପିଛା କରି ଗଡଖୋର୍ଦ୍ଧା ଛକରେ ଅଟକାଇଥିଲେ। ପଚରାଉଚୁରା ବେଳେ ପ୍ରଥମେ ମାଛ ଚାଲାଣ ହେଉଥିବା ଏବଂ ସେମାନେ ଗୋମାଂସ ଚାଲାଣ ସମ୍ପର୍କରେ କିଛି ଜାଣି ନ ଥିବା କହୁଥିବା ବେଳେ ପରବର୍ତ୍ତୀ ସମୟରେ ସ୍ୱୀକାର କରିଥିଲେ। ଖବରପାଇ ଶିଳ୍ପାଞ୍ଚଳ ଫାଣ୍ଡି ଓ ଟାଉନ ପୋଲିସ ପହଞ୍ଚି ଗୋମାଂସ ବୋଝେଇ କଣ୍ଟେନରକୁ ଜବତ କରିଥିବା ବେଳେ ୬ ଜଣଙ୍କୁ ଥାନାକୁ ଆଣିଥିଲା। ତେବେ ଗୋମାଂସ ଚାଲାଣର ମାଷ୍ଟରମାଇଣ୍ଡ କିଏ, ପୋଲିସ ତାହାର ଖୋଲତାଡ଼ କରୁଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଖୋର୍ଦ୍ଧା ସଦର ଏସ୍‌ଡିପିଓ ଦିଲୀପ ଦାସ ସୂଚନା ଦେଇଛନ୍ତି।

# ନକଲି ସିଗାରେଟ କମ୍ପାନୀ ସିଲ୍



କମ୍ପାନୀରେ ପୋଲିସ ଏବଂ ଅଧିକାରୀମାନେ ଯାଞ୍ଚ୍ କରୁଛନ୍ତି।

**ଝାଁଳା,୫।୧୨(ଡି.ଏନ୍.ଏ.)**

## ମାଲିକ ଅଟକ, ୮ପେଟି ସିଗାରେଟ ଜବତ

ଖୋର୍ଦ୍ଧା ଜିଲା ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଅଲକର ମୌଜାରେ ଥିବା ଏକ ନକଲି ସିଗାରେଟ କମ୍ପାନୀକୁ ସୋମବାର ପୋଲିସ ସିଲ୍ କରିଛି। କମ୍ପାନୀର ମାଲିକଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରିବା ସହ ଲୋଗୋ ଏବଂ ୮ପେଟି ସିଗାରେଟ ଜବତ କରିଛି। ତେବେ ଜବତ ସିଗାରେଟର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ।

ସୂଚନା ମୁତାବକ, ଗତ ଦେଢ଼ ବର୍ଷ ହେବ ଅଲକର ମୌଜାରେ ଭିନିସା ଟବାକୋ ପ୍ରାଇଭେଟ୍ ଲିମିଟେଡ ନାମକ ଏକ ସିଗାରେଟ କମ୍ପାନୀ ଚାଲୁଥିଲା। ଉକ୍ତ କମ୍ପାନୀରେ ଏଚ୍‌ଟେନ ନାମକ ଏକ ବିହାର ସିଗାରେଟ କମ୍ପାନୀର ନକଲି ଲୋଗୋ ଲଗାଇ ସିଗାରେଟ ତିଆରି କରୁଥିଲା। ଏନେଇ ଉକ୍ତ ଏଚ୍‌ଟେନ ମାଲିକ ଜାଣିବା ପରେ କୋଲକାତାର ଏକ ତଦନ୍ତକାରୀ ସଂସ୍ଥା ନିକଟରେ ଅଭିଯୋଗ କରିଥିଲେ। ସୋମବାର ଉକ୍ତ କମ୍ପାନୀର ଲିଗାଲ ଆଡଭାଇଜର ଏବଂ କୋଲକାତାର ତଦନ୍ତକାରୀ ସଂସ୍ଥା ଆସି ଇନ୍‌ଫୋଭ୍ୟାଲି ପୋଲିସ ସହାୟତାରେ ଭିନିସା ସିଗାରେଟ କମ୍ପାନୀ ଉପରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଭିନିସାର ୟୁନିକ ଟେନ ସିଗାରେଟ ତିଆରି କରିବା ପାଇଁ କାଗଜପତ୍ର ଥିବାବେଳେ ଏଚ୍‌ଟେନ କାଗଜପତ୍ର ମାଲିକ ଦେଖାଇ ପାରି ନ ଥିଲେ। ଫଳରେ ପୋଲିସ ଉକ୍ତ କମ୍ପାନୀକୁ ସିଲ୍ କରିବା ସହ ଅଧିକ ତଦନ୍ତ ଜାରି ରଖିଛି।




**ବେଗୁନିଆ:** ଗଡ଼ମାଣତୀର ମା'ରାମଚଣ୍ଡୀଙ୍କ ପୀଠରେ ଖଣ୍ଡାୟତ କ୍ଷତ୍ରିୟ କଲ୍କୀ ସେନା ପକ୍ଷରୁ ଆୟୋଜିତ ବୈଠକରେ କର୍ମକର୍ତ୍ତା ଏବଂ ଅନ୍ୟମାନେ।

## ଜନଶୁଣାଣି ଶିବିରରେ ୮୨ ଅଭିଯୋଗ

**ଖୋର୍ଦ୍ଧା ଅଫିସ,୫।୧୨**

ଖୋର୍ଦ୍ଧା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମାବର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୮୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୫ଟି ତ୍ୱରିତ ସମାଧାନ କରାଯାଇଛି। ଏହି ଜନଶୁଣାଣି ଶିବିରରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିବା ବେଳେ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଖୋର୍ଦ୍ଧା ଉପଜିଲାପାଳ ଦିପ୍ତୀରଞ୍ଜନ ସେଠୀ, ସିଡିଏମଓ ଡା.ଆର୍ତ୍ତବନ୍ଧୁ ନାୟକ, ବିଡିଓ କ୍ଷିରାବ୍ଧି ତନୟା ସାହୁଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## କଣ୍ଟାବାଡ଼: ୨୫ରୁ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

**ବେଗୁନିଆ,୫।୧୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କଣ୍ଟାବାଡ଼ ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ରବିବାର ତୃତୀୟ ବାର୍ଷିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସଭାପତି ମାନସ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ସୌମ୍ୟ ରଞ୍ଜନ ଦାଶ, ସଭ୍ୟ ବଂଶୀଧର ପାଣିଗ୍ରାହୀ, ପ୍ରଭାତ ପଣ୍ଡା, ଶ୍ରୀକାନ୍ତ ବାହିନୀପତି, ସୂର୍ଯ୍ୟ ନାରାୟଣ ଓଝା, ସରୋଜ ପ୍ରଧାନ, ସଞ୍ଜୟ ପାଣିଗ୍ରାହୀ, ଦିଲୀପ ପାଣିଗ୍ରାହୀ, ଦୀପକ ରଞ୍ଜନ ଦାଶ, ନରସିଂହ ପ୍ରଧାନ, ସୁନିଲ୍ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଆସନ୍ତା ୨୫ ତାରିଖରୁ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ୮ଟି ଟିମ୍ କୁମାରବସ୍ତ, କିଆଝର, ସୁନ୍ଦରଗ୍ରାମ, କଟକ, ଝାଁଳା, କାଇପଦର, ମଞ୍ଚେଶ୍ୱର ଓ ଖୋର୍ଦ୍ଧା ଅଂଶଗ୍ରହଣ କରିବେ। ଆସନ୍ତା ୨ ଜାନୁୟାରୀରେ ଫାଇନାଲ ମ୍ୟାଚ ହେବ। ଚାମ୍ପିୟନ ଟିମକୁ ପଦ୍ମଚରଣ ମେମୋରିଆଲ ଟ୍ରଫି ସହ ୨୫ ହଜାର ଟଙ୍କା ଏବଂ ରନର୍ସ ଟିମ୍‌କୁ ଶିକ୍ଷାବିତ୍ ବିଶ୍ୱନାଥ ବାହିନୀପତି ମେମୋରିଆଲ ଟ୍ରଫି ସହ ୨୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ସଭାପତି ଦାଶ କହିଛନ୍ତି।

## 'ବିଦ୍ୟାର୍ଥୀଙ୍କ ଶାରୀରିକ ସୁସ୍ଥତା ପାଇଁ କ୍ରୀଡ଼ା ଅପରିହାର୍ଯ୍ୟ'

**ବୋଲଗଡ଼,୫।୧୨(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅଧୀନ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥିଭାବେ ବୋଲଗଡ଼ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ପଦ୍ମଚରଣ ବେହେରା, ମୁଖ୍ୟ ବକ୍ତା ଖଙ୍ଗୁରିଆ ପଞ୍ଚାୟତର ସମିତିସଭ୍ୟା ବିନୋଦିନୀ ଦତ୍ତ, ବିଦ୍ୟାଳୟ ପରିଚାଳନା ପରିଷଦର ସଭ୍ୟା ସତ୍ୟଭାମା ବେହେରା, ଲୋକନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ହୃଦାନନ୍ଦ ସାହୁ ଯୋଗଦେଇଥିଲେ। ମୁଖ୍ୟ ଅତିଥି ବେହେରା ଉତ୍ତମସ୍ୱାସ୍ଥ୍ୟ ରକ୍ଷା ନିମିତ୍ତ ବିଦ୍ୟାର୍ଥୀଙ୍କୁ ନିଜର କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଶିକ୍ଷକ ବିଭୁପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ବରିଷ୍ଠ ବିଭାଗରେ ସ୍ୱର୍ଣ୍ଣଲତା ପ୍ରଧାନ, ବିଚିତ୍ର ଘଡ଼େଇ ଓ ବିଶ୍ୱଜିତ ସରୋଜ କୁମାର, କନିଷ୍ଠ ବିଭାଗରେ ଶୈବାଳିକା ମଲ୍ଲିକ, ଶ୍ରୋତାଲିନୀ ସାହୁ, ପ୍ରମୋଦ ସାହୁ ଏବଂ ଉପକନିଷ୍ଠ ବିଭାଗରେ ଶ୍ରଦ୍ଧାଞ୍ଜଳି ବେହେରା ଓ ସୌଦାମିନୀ ପରିଡ଼ା ବିଚାରକଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ସମ୍ବିତ୍ କେଦାର କର, ସ୍ନେହଲତା ପାଇକରାୟ, ବାବୁ ମହାପାତ୍ର, ଲକ୍ଷ୍ମୀ ମହାରଣା, ରଜନୀ ମତଗଜସିଂହ, ଗୋଲାପ ମଙ୍ଗରାଜ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟର ୨୦୨୨-୨୩ ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ବେଗୁନିଆ,୫।୧୨(ଡି.ଏନ୍.ଏ.)**

## ହତ୍ୟା ଅଭିଯୋଗ ଆଣିଲେ ବାପଘର

ବେଗୁନିଆ ଥାନା ଅଧୀନ ନୂଆସାହି ଗ୍ରାମରୁ ସୋମବାର ପୋଲିସ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତା ହେଲେ ରୀତାମଣି ପ୍ରଧାନ। ତେବେ ଶାଶୁଘର ଲୋକେ ରୀତାମଣି ଆତ୍ମହତ୍ୟା କରିଥିବା କହୁଥିବା ବେଳେ ଯୌତୁକ ପାଇଁ ଭଉଣୀଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ଭାଇ ଅଭିମନ୍ୟୁ ୫ଜଣଙ୍କ ନାଁରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଦଫା ୪୯୮(କ), ୩୦୨, ୩୦୪(ଖ), ୩୪ ଆଇପିସି, ୪ଡିପିରେ ଏକ ମାମଲା (ନଂ.୩୧୯/୨୨)ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ନୂଆସାହିର କୃପାସିନ୍ଧୁ ପ୍ରଧାନ ୨୦୨୦ ଜୁଲାଇରେ ନୟାଗଡ଼ ଜିଲା ରଣପୁର ଥାନା ଠଣାପଲ୍ଲୀ ଗ୍ରାମର ରୀତାମଣିଙ୍କୁ ବିବାହ କରିଥିଲେ। ବିବାହ ବେଳେ ବର ପକ୍ଷଙ୍କୁ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ତେବେ ବିବାହର କିଛିଦିନ ପରେ ଶାଶୁଘର ଲୋକେ ରୀତାମଣିଙ୍କୁ ବାପଘରୁ ଅଧିକ ଯୌତୁକ ବାବଦ ୨ ଲକ୍ଷ ଟଙ୍କା ଆଣିବା ପାଇଁ କହିଥିଲେ। ସେ ଏଥିରେ ଅରାଜି ହେବାରୁ ଶାଶୁଘର ଲୋକ ବାରମ୍ବାର ତାଙ୍କୁ ନିର୍ଯାତନା ଦେବା ସହ ମାରିଦେବାକୁ ଧମକ ଦେଉଥିଲେ। ନିର୍ଯାତନା ସହି ନ ପାରି ରୀତାମଣି ବାପଘରେ ଆଶ୍ରୟ ନେଇଥିଲେ। ପରବର୍ତ୍ତୀ ସମୟରେ ଏନେଇ ରୀତାମଣି ବେଗୁନିଆ ଥାନାର ଦ୍ୱାରସ୍ଥ ହୋଇଥିଲେ। ଗତ ୨ ତାରିଖରେ ଭଦ୍ରଲୋକଙ୍କ ମାଧ୍ୟମରେ ସମାଧାନ ହେବା ପରେ ରୀତାମଣି ଶାଶୁଘରେ ଆସି ରହିଥିଲେ। ରବିବାର ରାତି ପ୍ରାୟ ୧ଟାରେ ଯୋଜନାବଦ୍ଧ ହତ୍ୟା କରି ଫ୍ୟାନରେ ରୀତାମଣିଙ୍କୁ ଝୁଲାଇ ଦେଇଛନ୍ତି ବୋଲି ଭାଇ ଅଭିମନ୍ୟୁ ଅଭିଯୋଗ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବା ବୋଲି ଥାନା ଅଧିକାରୀ ଲକ୍ଷ୍ମୀଧର ଶତପଥୀ କହିଛନ୍ତି।

# ୫ ମୃତ ବିଦେଶୀ ପକ୍ଷୀ ସହ ଡଙ୍ଗା ଜବତ: ଶିକାରୀ ଗିରଫ

**ଖୋର୍ଦ୍ଧା ଅଫିସ/ଟାଙ୍ଗୀ, ୫।୧୨ (ଡି.ଏନ୍.ଏ.)**

ଶୀତ ବଢ଼ିବା ସହ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ମଧ୍ୟ ଚିଲିକାରେ ବଢ଼ିବାରେ ଲାଗିଛି। ପ୍ରତିବର୍ଷ ପକ୍ଷୀଙ୍କ ସୁରକ୍ଷା ପାଇଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା ସତ୍ତ୍ୱେ ଏଥିରେ କୌଣସି ଫରକ ପଡୁନାହିଁ। ଖାଦ୍ୟ ଅନ୍ୱେଷଣରେ ତଟବର୍ତ୍ତୀ ଅଞ୍ଚଳକୁ ଆସୁଥିବା ବିଦେଶୀ ପକ୍ଷୀ ଶିକାରୀଙ୍କ ଫାଶରେ ପଡି ମୃତ୍ୟୁବରଣ କରୁଛନ୍ତି। ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ କାଲୁପଡ଼ା ଘାଟ ଚିଲିକା




ଗିରଫ ଶିକାରୀ ଏବଂ ଜବତ ବିଦେଶୀ ପକ୍ଷୀ।

କୂଳରେ ପାଟ୍ରୋଲିଂ ବେଳେ ସୋମବାର ବିଭାଗୀୟ କର୍ମଚାରୀ ଏକ ଡଙ୍ଗା ସହ ୫ ମୃତ ବିଦେଶୀ ପକ୍ଷୀ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତି ନେଇ ଜଣେ ଶିକାରୀଙ୍କୁ ଗିରଫ କରାଯାଇଛି। ସେ ହେଲେ ଟାଙ୍ଗୀ ଥାନା ଅଧୀନ ଜରିପଡ଼ା ଜଟିଆପାଟଣା ଗ୍ରାମର ଚୈତନ୍ୟ ପ୍ରଧାନ(୪୬)। ଦୁଇଟି ଲାର୍ଜ ହୁଇଷ୍ଟିଲଙ୍ଗ ଡକ, ଗୋଟିଏ ଲେଖାଏ ପରପଲ ମୋରହେନ, କମନ ମୋରହେନ ଓ ଫିଜାଣ୍ଟ ଟେଲଡ ଜାକନା ମୃତ ପକ୍ଷୀ ଜବତ ହୋଇଛି। ଏହି ଚଢ଼ାଉରେ ଫରେଷ୍ଟର ସବିତା ପ୍ରଧାନ, ଫରେଷ୍ଟଗାର୍ଡ ଶିବ ପ୍ରସାଦ ପଲାଇ ଓ ଗୀତାଞ୍ଜଳି ପ୍ରଧାନ ସାମିଲ ଥିଲେ। ଏକ ମାମଲା ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲଣ କରାଯାଇଛି ବୋଲି ରେଞ୍ଜର ଚୂଡ଼ାମଣି ମୁର୍ମୁ କହିଛନ୍ତି।

# ୫୩ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୩ ଗିରଫ

**ଖୋର୍ଦ୍ଧା ଅଫିସ,୫।୧୨**



ଖୋର୍ଦ୍ଧାରେ ବ୍ରାଉନସୁଗାର କାରବାର ବଢ଼ିଚାଲିଛି। କୋଲକାତା, ଜଳେଶ୍ୱର ଆଦି ଅଞ୍ଚଳରୁ ବ୍ରାଉନସୁଗାର ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧାକୁ ଆସୁଛି। ସୋମବାର ଖୋର୍ଦ୍ଧା ଟାଉନ ପୋଲିସ ବଧା ଶବର ସାହିସ୍ଥିତ ଏକ ପରିତ୍ୟକ୍ତ ଘରେ ଚଢ଼ାଉ କରି ୫୩ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ରମ୍ଭା ପାନ୍ଥନିବାସ ରୋଡର ଅମିତ କୁମାର ସାହୁ ଓରଫ ଅମି(୩୫), ବଧା ଶବରସାହିର ବିଜୟ ମହାନ୍ତି ଓରଫ ବିଜି(୩୩) ଏବଂ ଜେମାଦେଇର ଆକାଶ ସେଠୀ(୨୧)। ଏମାନଙ୍କ ଠାରୁ ମୋବାଇଲ ଜବତ ହୋଇଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ୫ଲକ୍ଷ ୩୦ହଜାର ଟଙ୍କା ହେବ। ପୂର୍ବରୁ ପୋଲିସ ବରୁଣେଇ ଶିଳ୍ପାଞ୍ଚଳ ସ୍ଥିତ ଏକ ଘରୋଇ ସ୍କୁଲ ନିକଟରୁ ବ୍ରାଉନସୁଗାର କାରବାରରେ ଗିରଫ କରିଥିବା ମଠସାହିର ବୃନ୍ଦାବନ ପ୍ରଧାନ ଓ ସ୍ତ୍ରୀ ସ୍ନେହଲତାଙ୍କ ସହ ଉପରୋକ୍ତ ୩ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବା ପୋଲିସ ସୂଚନା ଦେଇଛି। ଏସ୍‌ଆଇ ସୁକାନ୍ତ ଦଳାଇଙ୍କ ନେତୃତ୍ୱରେ ଏଏସ୍‌ଆଇ ଏସ.କେ.ସାହୁ, କନେଷ୍ଟବଲ ପ୍ରଦୀପ ହରିଚନ୍ଦନ, ଅନିତା ତାରେ, ଶିବ ହାନ୍ତାଲ, ବିକ୍ରମ ପ୍ରତାପସିଂ ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ।

## ସର୍ବଭାରତୀୟ ମଦନପୁର ଫୁଟବଲ କପ୍ ଟୁର୍ନାମେଣ୍ଟ

# କୁଜଙ୍ଗ ସେମିଫାଇନାଲରେ

**ଝାଁଳା,୫।୧୨(ଡି.ଏନ୍.ଏ.)**

ମଦନପୁର ନବଜ୍ୟୋତି କ୍ଲବ ଦ୍ୱାରା ଆୟୋଜିତ ସର୍ବଭାରତୀୟ ମଦନପୁର କପ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସୋମବାର କୁଜଙ୍ଗ ଆଥ୍‌ଲେଟିକ ଆସୋସିଏଶନ ଏବଂ ଭୁବନେଶ୍ୱରର ଜଗା ୟୁନାଇଟେଡ ମଧ୍ୟରେ ହୋଇଥିଲା। ମ୍ୟାଚର ୨୮ ଓ ୩୫ ମିନିଟରେ କୁଜଙ୍ଗ ଟିମ୍‌ର ସେକ୍ ଫରିଦ ଏବଂ ରାଜେଶ ନାୟକ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ତେବେ ୪୨ ମିନିଟରେ ଜଗା ୟୁନାଇଟେଡର ଦୁର୍ଗା ପ୍ରସାଦ ନାୟକ ଗୋଟିଏ ଗୋଲ ଦେଇଥିଲେ। କୁଜଙ୍ଗ ଆଥଲେଟିକ ଆସୋସିଏଶନ ୨-୧ ଗୋଲରେ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଆଶିଷ ପ୍ରଧାନ ଶ୍ରେଷ୍ଠ ଖେଳାଳିଭାବେ ବିବେଚିତ ହୋଇଥିଲେ। ସୁନିଲ ବେହେରା, ପ୍ରିୟବ୍ରତ ବାହିନୀପତି ଓ ସୁଶାନ୍ତ ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ। ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବରଗଡ଼ ୟୁନାଇଟେଡ ଓ କୁଜଙ୍ଗ ଏଥେଲେଟିକ ଆସୋସିଏଶନ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।



କ୍ୱାର୍ଟର ଫାଇନାଲ ମ୍ୟାଚର ଏକ ଦୃଶ୍ୟ।

# ଅଙ୍ଗନୱାଡି କର୍ମୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

**ବେଗୁନିଆ,୫।୧୨(ଡି.ଏନ୍.ଏ.)**

ଭାରତୀୟ ମଜଦୁର ସଂଘ ଏବଂ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କସ ଆସୋସିଏଶନ ବେଗୁନିଆ ଶାଖା ପକ୍ଷରୁ ସୋମବାର ସିଡିପିଓଙ୍କ କାର୍ଯ୍ୟାଳୟ ଆଗରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯାଇଛି। ଏଥିରେ ବ୍ଲକର କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ୮ଦଫା ଦାବି ପୂରଣ ପାଇଁ ଦାବି କରାଯାଇଥିଲା। ଦାବି ପୂରଣ ନ ହେଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଆୟୋଜିତ ସଭାରେ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ସଂଘ ପକ୍ଷରୁ ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବେଗୁନିଆ ସିଡିପିଓଙ୍କୁ ପ୍ରଦାନ କରାଯାଇଛି। ୨୦୧୮ ଆନ୍ଦୋଳନ ସମୟରେ ବହିଷ୍କୃତ ହୋଇଥିବା ୬ ଅଙ୍ଗନୱାଡି କର୍ମୀଙ୍କୁ ପୁନଃ ନିଯୁକ୍ତି,



ବେଗୁନିଆ ସିଡ଼ିପିଓଙ୍କ କାର୍ଯ୍ୟାଳୟ ଆଗରେ ଅଙ୍ଗନୱାଡି କର୍ମୀମାନେ ଧାରଣାରେ ବସିଛନ୍ତି।

ଅଙ୍ଗନୱାଡି କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ଅଙ୍ଗନୱାଡି କର୍ମଚାରୀ, ମିନି ଅଙ୍ଗନୱାଡି କର୍ମଚାରୀ ଓ ସହାୟିକାଙ୍କୁ ଅବସରକାଳୀନ ସହାୟତା ରାଶି ୫ ଲକ୍ଷ ଟଙ୍କା ଓ ପେନଶନ ମାସିକ ୫ ହଜାର ଟଙ୍କା ପ୍ରଦାନ, କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କଲେ ୫ ଲକ୍ଷ ଟଙ୍କା ଦେବା ସହିତ ପରିବାରରୁ ଜଣଙ୍କୁ ଚାକିରି, ଗାଁ କଲ୍ୟାଣ ସମିତିରୁ ଅଙ୍ଗନୱାଡି କର୍ମଚାରୀଙ୍କୁ ବାଦ୍, ୨୦୧୮ ରେ ଘୋଷଣା କରାଯାଇଥିବା ଗ୍ରୀଷ୍ମ ଅବକାଶକୁ ଲାଗୁ କରାଯାଉ ଆଦି ଦାବି ରହିଛି। ରାଜ୍ୟ ସଭାନେତ୍ରୀ ସୁମିତା ମହାପାତ୍ର, ସାଧାରଣ ସମ୍ପାଦିକା ଝୁନୁପମା ଶତପଥୀ, ଅଖିଳ ଭାରତୀୟ ସଙ୍ଗଠନ ସମ୍ପାଦିକା ସୁଶ୍ରୀ ଅଞ୍ଜଳି ପଟେଲ ଭାରତୀୟ ମଜଦୁର ସଙ୍ଘର ମୂଳ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ।

## ମାତୃଭବନରେ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

କଟକ ଅଫିସ: ଡିସେମ୍ବର ୫ରେ ଶ୍ରୀଅରବିନ୍ଦଙ୍କ ପବିତ୍ର ମହାପ୍ରୟାଣ ଦିବସ। ଏହି ଅବସରରେ କଟକ ମାତୃଭବନସ୍ଥିତ ଶ୍ରୀଅରବିନ୍ଦ ଉଚ୍ଚଶିକ୍ଷା ଓ ଗବେଷଣା କେନ୍ଦ୍ରର ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପଣ୍ଡିଚେରୀସ୍ଥିତ ଶ୍ରୀଅରବିନ୍ଦ ଆଶ୍ରମର ବିଶିଷ୍ଟ ସାଧିକା ରୀତା କାନୁନ୍‌ଗୋ କ୍ରୀଡ଼ା ଉତ୍ସବ ନିମନ୍ତେ ଉଦ୍ଦିଷ୍ଟ ମଶାଲରେ ଅଗ୍ନି ସଂଯୋଗ କରିଥିଲେ। ପରେ ସିଏମ୍‌ସି କର୍ପୋରେଟର ଅରବିନ୍ଦ ଜେନା ଉକ୍ତ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାକେନ୍ଦ୍ରର ନର୍ସରୀରୁ ଆରମ୍ଭ କରି ଯୁକ୍ତଦୁଇ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ସମସ୍ତ ଛାତ୍ରୀଛାତ୍ର ଯୋଗଦେଇ ମାର୍ଚ୍ଚିଂ ଓ ଭାରତ ମାତାଙ୍କୁ ସମ୍ମାନ ଜଣାଇଥିଲେ। ଏହି କ୍ରୀଡ଼ା ଉତ୍ସବ ଆସନ୍ତା ୯ ତାରିଖରେ ଉଦ୍‌ଯାପନ ହେବ।

## ଆଜି କ'ଣ କେଉଁଠି

କଟକ

- ବସ୍ତିବାସିନ୍ଦାଙ୍କ ଏକତା ମଞ୍ଚ ପକ୍ଷରୁ ବିକ୍ଷୋଭ, ସିଏମ୍‌ସି ଅଫିସ ସମ୍ମୁଖ, ଚୌଧୁରୀ ବଜାର, ପୂର୍ବାହ୍ନ ୧୧ଟା ୩୦।
- ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଦରଦାମ ବୃଦ୍ଧି ବିରୋଧରେ ବିକ୍ଷୋଭ, ଜିଲାପାଳଙ୍କ ଅଫିସ ସମ୍ମୁଖ, ମଧ୍ୟାହ୍ନ ୧୨ଟା।

## ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ

**କଟକ ଅଫିସ,୫।୧୨:** କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସୋମବାର ପୂର୍ବାହ୍ନରେ ପ୍ରେସ୍‌ଛକଠାରୁ କଲ୍ୟାଣୀନଗର ନିକଟ ପୋଲ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ଜବରଦଖଲ ମୁକ୍ତ କରାଯାଇଛି। ୬୦ରୁ ୮୦ ଉଠା ଦୋକାନକୁ ଭାଙ୍ଗିଦିଆଯାଇଛି ବୋଲି ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି କହିଛନ୍ତି। ୨ ପ୍ଲାଟୁନ୍ ପୋଲିସ ଫୋର୍ସଙ୍କ ସହାୟତାରେ ଏହି ଉଚ୍ଛେଦ କରାଯାଇଥିଲା। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଧିକାରୀଙ୍କ ସମେତ ସିଏମ୍‌ସି ଓ ସିଡିଏ ଅଧିକାରୀ, ମଧୁପାଟଣା ଥାନା ଅଧିକାରୀ ଏବଂ ଟ୍ରାଫିକ ଥାନା ଅଧିକାରୀ ଏହି ଉଚ୍ଛେଦ କାର୍ଯ୍ୟରେ ସହଯୋଗ କରିଥିଲେ।

## ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

**କଣ୍ଟାପଡା,୫।୧୨(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକରେ କଟକ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଶିବିରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୧୬୬ଟି ଅଭିଯୋଗ ଆସିଥିଲା। ୭ଜଣଙ୍କ ଦିବ୍ୟାଙ୍ଗ ଭତ୍ତା ପାଇଁ ଆବେଦନ କରିଥିବାବେଳେ ଅନ୍ୟାନ୍ୟ ଭତ୍ତା ପାଇଁ ୪୩ ଜଣ ଆବେଦନ କରିଥିଲେ। ମୋଟ ଅଭିଯୋଗ ମଧ୍ୟରୁ ଜିଲାପାଳ ୮ଟି ଅଭିଯୋଗର ଶୁଣାଣି କରିବାସହ ଅନ୍ୟ ଅଭିଯୋଗର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ।

## ପୂର୍ଣ୍ଣାଙ୍ଗ ଶିକ୍ଷାର ଶାରୀରିକ ଶିକ୍ଷା ପ୍ରଶିକ୍ଷକଙ୍କ ପରଲୋକ

**କଟକ ଅଫିସ,୫।୧୨:** କଟକସ୍ଥିତ ମାତୃଭବନର ଶାରୀରିକ ଶିକ୍ଷା ପ୍ରଶିକ୍ଷକ ନିରଞ୍ଜନ ମହାରଣା (୬୫)ଙ୍କର ଏସ୍‌ସିବି



ମେଡିକାଲରେ ରବିବାର ପରଲୋକ ହୋଇଯାଇଛି। ମହାରଣାଙ୍କ ମରଶରୀରକୁ କଟକ ମାତୃଭବନକୁ ଅଣାଯାଇଥିଲା। ସେଠାରେ ଛାତ୍ରୀଛାତ୍ର, ଅଭିଭାବକ, ଅନ୍ୟ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅପା ଓ ଭାଇମାନେ ତାଙ୍କର ଶେଷ ଦର୍ଶନ କରିଥିଲେ। ଏହାପରେ ମରଶରୀରକୁ ତାଙ୍କ ଗ୍ରାମ ଛତିଆ ନିକଟସ୍ଥ କଇଥା-ଚମ୍ପାପୁରକୁ ନିଆଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ପୁତୁରା ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ମହାରଣା ଶାରୀରିକ ଶିକ୍ଷା ପ୍ରଦାନ କରିଥିଲେ। ରାଜ୍ୟର ମାତୃକର୍ମ ସଙ୍ଗଠନରେ ତାଙ୍କର ଭୂମିକା ଅତୁଳନୀୟ। ସେ କଟକ ସହରର ଘରେ ଘରେ ମା'-ଶ୍ରୀଅରବିନ୍ଦଙ୍କ ବାର୍ତ୍ତା ପହଞ୍ଚାଇଥିଲେ।

# ନଦୀବନ୍ଧରେ ବସି ପ୍ରତିବାଦ

**କଣ୍ଟାପଡା,୫।୧୨(ଡି.ଏନ୍.ଏ.)**

କଣ୍ଟାପଡା ତହସିଲ ଅନ୍ତର୍ଗତ ବଳଦା ସଇରାତରୁ ଦେବୀନଦୀର ଦକ୍ଷିଣ ପାର୍ଶ୍ୱବନ୍ଧରେ ଭାରିଯାନ ଦ୍ୱାରା ବାଲିଚାଲାଣକୁ ନେଇ ଉକ୍ତ ନଦୀବନ୍ଧ ପାର୍ଶ୍ୱରେ ଥିବା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ବନ୍ଧରେ ଭାରିଯାନ ଚଳାଚଳ ନ କରିବା ପ୍ରତିବାଦରେ ଅଣ୍ଡେଇସାହି ଗ୍ରାମବାସୀ ସୋମବାର ଉକ୍ତ ନଦୀବନ୍ଧରେ ବସି ପ୍ରତିବାଦ କରିଥିଲେ। ଖବରପାଇ କଣ୍ଟାପଡା ତହସିଲଦାର ମିତାଞ୍ଜଳି ଦାସ ଘଟଣାସ୍ଥଳରେ ପହଞ୍ଚି ଆସନ୍ତା ୫ଦିନ ଭିତରେ ରାଜସ୍ୱ ବିଭାଗ ଓ ଜଳସେଚନ ବିଭାଗ ଦ୍ୱାରା ମିଳିତ ଯାଞ୍ଚପରେ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ନଦୀବନ୍ଧ ରାସ୍ତାରେ ସୁଦସାଇଲୋ, ଅଣ୍ଡେଇସାହି, ପୂର୍ବପାରି ବଡ଼ଖରମଙ୍ଗା, ପୂର୍ବପାରୀ ଖେରସ ଓ ସାଇଲୋ



ଭାରିଯାନ ଚଳାଚଳକୁ ବିରୋଧ କରି ଦେବୀନଦୀର ଦକ୍ଷିଣପାର୍ଶ୍ୱ ବନ୍ଧରେ ଗ୍ରାମବାସୀଙ୍କ ପ୍ରତିବାଦ।

### ବାଲିଚାଲାଣକୁ ବିରୋଧ

ବଡବିଲିର ଜନସାଧରଣ ଯାତାୟାତ କରିଥାନ୍ତି। ଏତଦ୍‌ବ୍ୟତୀତ ଉକ୍ତ ଗ୍ରାମର ପିଲାମାରେ ଅଙ୍ଗନୱାଡି କେନ୍ଦ୍ର, ସ୍କୁଲକୁ ଯାତାୟାତ କରିଥାନ୍ତି, ମାତ୍ର ବାଲିଘାଟ ଯୋଗୁଁ ଉକ୍ତ ରାସ୍ତାରେ ବେଆଇନ ଭାବେ ଭାରିଯାନ ଚଳାଚଳ ଯୋଗୁଁ ଗ୍ରାମବାସୀ ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ମଧ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗ୍ରାମବାସୀ ପ୍ରତିବାଦ କରିଥିଲେ। ସୋମବାର କଣ୍ଟାପଡା ବ୍ଲକରେ ଚାଲିଥିବା ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଉକ୍ତ ଅଞ୍ଚଳରୁ କେତେଜଣ ବୁଦ୍ଧିଜୀବୀ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଦୃଷ୍ଟି ଆକର୍ଷଣ କରିବାପରେ କଣ୍ଟାପଡା ତହସିଲଦାର ଘଟଣାସ୍ଥଳକୁ ଯାଇଥିଲେ।




ଅସ୍ଥାୟୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି ନେଇ କଟକ ଜଳ ଯୋଗାଣ କର୍ମଚାରୀଙ୍କ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## ସିଏମ୍‌ସିର ଅଭିଯୋଗ ସମାଧାନ ସଭା

**କଟକ ଅଫିସ,୫।୧୨**

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ବିଜୁ ଭବନସ୍ଥିତ କାର୍ଯ୍ୟାଳୟରେ ଏକ ଅଭିଯୋଗ ସମାଧାନ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ ଏଥିରେ ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୨୧ଟି ଅଭିଯୋଗ ଶୁଣାଣି କରାଯାଇଥିଲା। ସେଥିମଧ୍ୟରେ ସିଏମ୍‌ସି ସମ୍ପର୍କିତ ୧୯ଟି ଅଭିଯୋଗ ରହିଥିଲା ବେଳେ ଜାଇକାର ଗୋଟିଏ ଓ ଅନ୍ୟଟି ସିଡିଏ ସମ୍ବନ୍ଧିତ ରହିଥିଲା। ୫ଟି ଜମିବାଡି, ଗୋଟିଏ ପରିମଳ, ୪ଟି ଇଞ୍ଜିନିୟର, ୩ଟି ଏନଫୋର୍ସମେଣ୍ଟ, ୨ଟି ସ୍ୱାସ୍ଥ୍ୟ ସମ୍ବନ୍ଧିତ ଏବଂ ୬ଟି ଅନ୍ୟ ସମ୍ବନ୍ଧିତ ବୋଲି ନିଗମ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ଅନୁଷ୍ଠିତ ସଭାରେ ଡେପୁଟି କମିଶନର, ସହକାରୀ ପ୍ଲାନିଂ ଅଫିସର, ବସ୍ତି ଉନ୍ନୟନ ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅଯୋଗ୍ୟ ବ୍ୟକ୍ତିଙ୍କ ରାଶନ କାର୍ଡ ତଦନ୍ତ ଆରମ୍ଭ

**କଟକ ସଦର,୫।୧୨(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣା ପଞ୍ଚାୟତ ପାରାବିଲ ଗ୍ରାମରେ ୧୫ଜଣ ସ୍ୱଚ୍ଛଳ ବର୍ଗ ବ୍ୟକ୍ତି ରାଶନ କାର୍ଡ ହାତେଇବା ଅଭିଯୋଗରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ତଦନ୍ତ କଟକ ସଦର ବ୍ଲକ ଯୋଗାଣ ନିରୀକ୍ଷକ କେଦାର ପ୍ରଧାନୀ କରିବେ। ଏ ନେଇ ମୁଖ୍ୟ ଯୋଗାଣ ଅଧିକାରୀ ପତ୍ର ସଂଖ୍ୟା ନଂ.୨୮୬୭/୧୪।୧୧।୨୦୨୨ରେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସ୍ୱଚ୍ଛଳ ବର୍ଗ ବ୍ୟକ୍ତିମାନେ କାର୍ଡ ନେଇଥିବା ମୁଖ୍ୟ ଅଭିଯୋଗ କାରୀ ବିଜୟ ବେହେରା ଅଭିଯୋଗ କରିଥିଲେ। ତେଣୁ ଏଭଳି ଚଞ୍ଚକତାର ତଦନ୍ତ ଆବଶ୍ୟକ ରହିଛି।

## କ୍ରୀଡ଼ା ଅଧିକାରୀଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ

**କଟକ ସଦର ୫।୧୨(ଡି.ଏନ. ଏ)**

କିଶନ ନଗର ତହସିଲ ଅନ୍ତର୍ଗତ କେଶ ନଗର ମୌଜାର ଗୋଚରଜମିରେ ଏକ ମିନିଷ୍ଟାଡିୟମ ନିର୍ମାଣ ପାଇଁ ଭୂମିପୂଜା ଶେଷ ହୋଇଛି। ହେଲେ ଏହି ଷ୍ଟାଡିୟମ ନିର୍ମାଣ ଜିଲା କ୍ରୀଡ଼ା ଅଧିକାରୀଙ୍କ ନିର୍ଦ୍ଦେଶନାମା ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ଏଥିସହ ଗୋଚରଜମିକୁ କିସମକୁ ଷ୍ଟାଡିୟମ ନିର୍ମାଣ ପାଇଁ ଜିମି ବିଶ୍ୱ ଗୋସୁରକ୍ଷା ସମିତି ବିଧୋର କହି ଏହି ଘଟଣା ନେଇ ବିଶ୍ୱ ଗୋ- ସୁରକ୍ଷା ବାହିନୀର ରାଜ୍ୟ ସଭାପତି ତଥା ଆଇନଜୀବୀ ସୁରେଶ କୁମାର ପଣ୍ଡା କଟକ ଜିଲାପାଳଙ୍କ ନିକଟରେ ଆପତ୍ତି ଉଠାଇଛନ୍ତି। ଗାଈଙ୍କ ପାଇଁ ସଂରକ୍ଷିତ ଜାଗାକୁ କ୍ରୀଡ଼ାରେ ବ୍ୟବହାର କରାଯିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଏହାଛଡ଼ା ୨୫ ଡିସିମିଲ ଜାଗାରେ ମିନି ଷ୍ଟାଡିୟମ କିପରି ତିଆରି ହେବ ତା'ର ସ୍ପଷ୍ଟୀକରଣ ସରକାର ରଖିବା ଦରକାର। ସ୍ପୋର୍ଟସ କମ୍ପ୍ଲେକ୍ସ ପାଇଁ ଆସିଥିବା ଅର୍ଥକୁ ଷ୍ଟାଡିୟମ ନିର୍ମାଣରେ ଖର୍ଚ୍ଚ କରାଯିବା ଦୁର୍ଭାଗ୍ୟଜନକ ବୋଲି ଆଇନଜୀବୀ ପଣ୍ଡା ଜଣାଇଛନ୍ତି।

ସୂଚନା ଅନୁଯାୟୀ ଏହି ସ୍ଥାନରେ ସ୍ପୋର୍ଟସ କମ୍ପ୍ଲେକ୍ସ ସହ ଇଣ୍ଡୋର




### ମିନି ଷ୍ଟାଡିୟମ ନିର୍ମାଣ

■ ଗୋଚରଜମିର କିସମ ବଦଳାଇବାକୁ ନେଇ ବିରୋଧ

ହଲ ନିର୍ମାଣ ପାଇଁ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପତ୍ର ସଂଖ୍ୟା ନଂ.୧୧୯/୧୩।୮।୨୦୧୯ ରେ ୧୦ ଲକ୍ଷ ଟଙ୍କା ଜିଲା କ୍ରୀଡା ଅଧିକାରୀଙ୍କ ଆକାଉଣ୍ଟକୁ ପଠାଇଥିଲେ। ତା'ପରେ ଜିଲା କ୍ରୀଡ଼ା ଅଧିକାରୀ ପତ୍ର ସଂଖ୍ୟା ୧୯୭/୧୯।୧୧।୨୦୧୯ ରେ ବିଡିଓଙ୍କ ଆକାଉଣ୍ଟ ପଠାଇଥିଲେ। ଯେହେତୁ କେଶ ନଗର ମୌଜାର ଖାତା ନ.୪୦୨ ପ୍ଲଟ ନଂ.୩୧୯ ମୋଟ ରକବା ୨ ଏକର ୨୩ ଡିସିମିଲ ମଧ୍ୟରୁ ୨୫ ଡିସିମିଲ ଜାଗାର କିସମ ପରିବର୍ତ୍ତନ କରି ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ପାଇଁ କଟକ ସଦର ବିଡିଓ ରାଜୀବ ଲୋଚନ ପରିଡ଼ା ୧୭।୧୧।୨୦୨୧ରେ ସ୍ଥାନୀୟ ତହସିଲଦାରଙ୍କୁ ଆବେଦନ କଲେ। ଏହା ଉପରେ କୌଣସି ନିଷ୍ପତ୍ତି ନିଆଯାଇ ନ ଥିବା କିଶନ ନଗର ତହସିଲଦାର ପତ୍ର ସଂଖ୍ୟା ୨୫୩୮/୨୯।୯।୨୦୨୨ ରେ ସୂଚନା ଦେଇଛନ୍ତି। ମାତ୍ର ବିଡିଓ ପରିଡ଼ା ଗଣମାଧ୍ୟମକୁ ବୟାନ ଦେଇ ମିନି ଷ୍ଟାଡିୟମ ସ୍ୱପ୍ନ ବିଧାୟକଙ୍କ ଉଦ୍ୟମରେ ପୂରଣ ହେବାକୁ ଯାଉଛି ବୋଲି କହିଛନ୍ତି। ଅପରପକ୍ଷେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ପରେ ସରକାର ପୁଣିଥିରେ ୧୫ ଲକ୍ଷ ଟଙ୍କା ଦେବେବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ବିକାଶ ଭୂୟାଁ କହିଛନ୍ତି। ଗୋଚର ଜମିର କିସମ ପରିବର୍ତ୍ତନ ଅଣ୍ଡର ପ୍ରୋସେସ ବୋଲି କଟକ ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା କହିଛନ୍ତି।ମିନି ଷ୍ଟାଡିୟମ ଓ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ଅଲଗା କଥା ବୋଲି ପଣ୍ଡା କହିଛନ୍ତି। ଏହି କାର୍ଯ୍ୟ ବିଭାଗୀୟ ତତ୍ତ୍ୱାବଧାନରେ ହେଉଛି।

## ୧୫ରୁ ଶିଶିର ଉତ୍ସବ, ଓଡ଼ିଆ ଲେଖକ ସମ୍ମେଳନ

**କଟକ ଅଫିସ, ୫।୧୨**

ସାହିତ୍ୟ ଅନୁଷ୍ଠାନ ସାହିତ୍ୟ ସଂସଦ ପକ୍ଷରୁ ୬୩ତମ ଶିଶିର ଉତ୍ସବ ଓ ଓଡ଼ିଆ ଲେଖକ ସମ୍ମେଳନ ଆସନ୍ତା ୧୫ରୁ ୧୭ ପର୍ଯ୍ୟନ୍ତ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହେବ। ଉକ୍ତ ଉତ୍ସବରେ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ୫ଜଣ ବ୍ୟକ୍ତିଙ୍କୁ ଶିଶିର ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯିବ। କଟକ କାଠଗଡାସାହିସ୍ଥିତ ଗୌରୀଶଙ୍କର ସ୍ମୃତି ସଦନରେ ସମାଜସେବୀ ଉଦୟ ଶଙ୍କର ରାୟଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉକ୍ତ ନିଷ୍ପତ୍ତି ନିଆଯାଇଛି। ଡିସେମ୍ବର ୧୫ରେ ଶିଶିର ଉତ୍ସବ ଓ ଓଡ଼ିଆ ଲେଖକ ସମ୍ମେଳନର ଉଦ୍‌ଘାଟନ ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ, ୧୬ରେ ଗଳ୍ପ ପାଠୋତ୍ସବ ଓ ଆଲୋଚନାଚକ୍ର ଓ ୧୭ରେ ଉଦ୍‌ଯାପନ ସମାରୋହ ଓ ସମ୍ମାନ ପ୍ରଦାନ ଉତ୍ସବ

### ୫ ସାହିତ୍ୟିକ ପାଇବେ ଶିଶିର ସାହିତ୍ୟ ସମ୍ମାନ

ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଲେଖିକା ଓ ଶିକ୍ଷାବିତ୍ ଡ. ସଞ୍ଚିତା ମିଶ୍ର, ଗୀତିକବି ଓ ସାହିତ୍ୟିକ ବୈଦନାଥ ଖିଲାର, ପ୍ରାବନ୍ଧିକ ସର୍ବେଶ୍ୱର ସେଣ, ଲେଖିକା ମୋନାଲିସା ଜେନା ଓ ସାହିତ୍ୟିକ ଅଶୋକ କୁମାର ହରିଚନ୍ଦନଙ୍କୁ ଶିଶିର ସାହିତ୍ୟ ସମ୍ମାନ-୨୦୨୨ରେ ସମ୍ମାନିତ କରାଯିବ। ଉକ୍ତ ବୈଠକରେ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଜିତ ମହାପାତ୍ର ପ୍ରାରମ୍ଭିକ ସୂଚନା, କାର୍ଯ୍ୟକାରୀ ସମ୍ପାଦକ ସୁରଜିତ ନାଥ ସ୍ୱାଗତ କରିଥିଲା ବେଳେ ସଂଗଠନ ସମ୍ପାଦକ ରାଜୀବ କୁମାର ଷଡଙ୍ଗୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ। ଅନୁଷ୍ଠାନର ଉପସଭାପତି ଇନ୍ଦ୍ରଜିତ ଘୋଷ ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟସ୍ତରୀୟ ଗଣିତ, ପରିବେଶ ପ୍ରଦର୍ଶନୀ

**କଟକ ଅଫିସ,୫।୧୨**

ଖାନନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଚଳିତବର୍ଷର ବିଦ୍ୟାଳୟସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ କେନ୍ଦ୍ରୀୟ ବିଦ୍ୟାଳୟ-୨ର ଅଧ୍ୟକ୍ଷ ଦିଲୀପ କୁମାର ତ୍ରିପାଠୀ ଉଦ୍‌ଘାଟକ ଓ କଟକ ସଦର ବ୍ଲକ ଶିକ୍ଷା ଅଧିକାରୀ ସରସ୍ୱତୀ କାନୁନଗୋ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବରିଷ୍ଠ ବିଜ୍ଞାନ ଶିକ୍ଷକ ରାଜକିଶୋର ପଣ୍ଡା, ପ୍ରସନ୍ନ କୁମାର ନନ୍ଦ ଓ ପ୍ରେମାନନ୍ଦ ମହାନ୍ତି ପ୍ରମୁଖ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ପିଲାମାନଙ୍କର ପ୍ରକଳ୍ପଗୁଡିକୁ ମୂଲ୍ୟାୟନ କରିବା ସହିତ ପ୍ରକଳ୍ପ ନିର୍ମାଣ ପାଇଁ ବିଭିନ୍ନ ମାର୍ଗଦର୍ଶନ କରାଇଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ଦୀପିକା ବିନ୍ଧାଣି, କାଞ୍ଚନ ନାୟକ, ପ୍ରିୟମ୍ବଦା ବେହେରା, ସୌଦାମିନୀ ନାୟକ, ତପସ୍ୱିନୀ ଦାଶ ପ୍ରମୁଖ ପ୍ରକଳ୍ପ ନିର୍ମାଣ ଓ ସଂସ୍ଥାପନରେ ଛାତ୍ରୀଛାତ୍ରଙ୍କୁ ସହଯୋଗ କରିଥିବାବେଳେ ଶିକ୍ଷୟିତ୍ରୀ ଡ. ସୁଜାତା ମହାପାତ୍ର, ଗୀତାରାଣୀ ସାହୁ, ମମତା ଦାଶ, ମିତାଲି ମହାନ୍ତି, ବିଜୟଲକ୍ଷ୍ମୀ, ରଞ୍ଜିତ ଦାସ, ପ୍ରତାପ ଆଚାର୍ଯ୍ୟ ପ୍ରମୁଖ ସାମିଲ ଥିଲେ। ଉକ୍ତ ପ୍ରଦର୍ଶନୀରେ ୫୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ଭାଗନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ବିବେଚିତ ପ୍ରକଳ୍ପ ଆସନ୍ତା ମଣ୍ଡଳ ସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବେ। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଦୀପ୍ତିବାଳା ସାହୁ ଧନ୍ୟବାଦ ଦେଇଥିଲେ।

## ବିଆଇପିଏଫ୍ ସ୍କୁଲରେ ବିଜ୍ଞାନ ମେଳା




ଛାତ୍ରୀଛାତ୍ରଙ୍କ ପ୍ରକଳ୍ପକୁ ଅତିଥିମାନେ ବୁଲି ଦେଖୁଛନ୍ତି।

**ଚୌଦ୍ୱାର,୫।୧୨(ଡି.ଏନ୍.ଏ.)**

ଇମ୍ଫା ଶିଳ୍ପଗୋଷ୍ଠୀର ସମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ବାଣୀପଦା ପଞ୍ଚାୟତରେ ପ୍ରତିଷ୍ଠିତ ବିଆଇପିଏଫ୍ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ପ୍ରଦର୍ଶନୀର କୃତୀ ପ୍ରତିଯୋଗୀମାନଙ୍କୁ ବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଥିଲା। ସୂଚନାଯୋଗ୍ୟ, ଇମ୍ଫାର ପ୍ରତିଷ୍ଠା ଦିବସରେ ଅନୁଷ୍ଠିତ ଆନ୍ତଃ ବିଦ୍ୟାଳୟ ବିଜ୍ଞାନ ପ୍ରଦର୍ଶନୀରେ ଏହି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରି ଦ୍ୱିତୀୟସ୍ଥାନ ହାସଲ କରିବାର କୃତିତ୍ୱ ହାସଲ କରିପାରିଥିଲେ। ୨୦୧୯ରେ ପ୍ରତିଷ୍ଠିତ ସିବିଏସ୍‌ଇ ପାଠ୍ୟକ୍ରମରେ ନର୍ସରିଠାରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରି ବହୁବିଧ କାର୍ଯ୍ୟ କରି ଅଞ୍ଚଳରେ ବେଶ୍ ସୁନାମ ଅର୍ଜନ କରିପାରିଛି। ଚଳିତବର୍ଷ ୧୦ମ ଶ୍ରେଣୀ ଖୋଲିବା ପାଇଁ ବିଦ୍ୟାଳୟ ସିବିଏସ୍‌ଇର ସ୍ୱୀକୃତି ଲାଭ କରିଛି।

# କଟକ ୟଙ୍ଗ୍ ଉତ୍କଳ ବିଜୟୀ

**ମଙ୍ଗୁଳି/ଜଗତପୁର, ୫।୧୨(ଡି.ଏନ୍.ଏ.)**

କଟକ ଜିଲା ଆଥେଲେଟିକ ଆସୋସିଏଶନ ଏବଂ ଚୌଦ୍ୱାର ଆଥେଲେଟିକ ଆସୋସିଏସନ ମିଳିତ ଆନୁକୂଲ୍ୟରେ ଚୌଦ୍ୱାର ଓଟିଏମସ୍ଥିତ ସ୍କୁଲ ପଡ଼ିଆରେ ବଚନ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ୨୦୨୨, ରବିବାର ଉଦ୍‌ଘାଟନ ହୋଇଯାଇଛି। ଚୌଦ୍ୱାର ୟୁଥ୍ ଆସୋସିଏଶନର ସହଯୋଗିତାରେ ଆରମ୍ଭ ଟୁର୍ନାମେଣ୍ଟରେ ମୋଟ ୧୩ଟି ଦଳ ନକଆଉଟ ପଦ୍ଧତିରେ ଭାଗ ନେଇଥିବା ବେଳେ ଚଳିତ ୪ ତାରିଖରୁ ୧୬ତାରିଖ

### ବଚନ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ

ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ୟୁଥ ଆସୋସିଏଶନର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ ସୂଚନା ଦେଇଛନ୍ତି। ମୁଖ୍ୟ ଅତିଥି ଭାବେ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଅନ୍ୟ ଅତିଥି ଭାବେ ଫାଓର ସାଧାରଣ ସମ୍ପାଦକ ଆଶୀର୍ବାଦ ବେହେରାଥିଲେ। ଉଦ୍‌ଘାଟନୀ ମ୍ୟାଚରେ ରାଇଜିଙ୍ଗ ଷ୍ଟୁଡେଣ୍ଟ କ୍ଲବ କଟକ ୬-୫ଗୋଲରେ ଆଠଗଡ ଆଥଲେଟିକ ଆସୋସିଏଶନକୁ ପରାସ୍ତ କରିଥିବା ବେଳେ ସୋମବାର ମ୍ୟାଚରେ କଟକ ୟଙ୍ଗ ଉତ୍କଳ କ୍ଲବ ୪-୦ ଗୋଲରେ ମା' ଜାଗୁଳେଇ ସାଲେପୁରକୁ ହରାଇଛି। ଏହି ଉତ୍ସବରେ ଚୌଦ୍ୱାର ଥାନା ଆଇଆଇସି ବିରଞ୍ଚି ନାରାୟଣ ପତି, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ,ପାରିଷଦ ସୁବ୍ରତ ସାମଲ, ଜିଲା କ୍ରୀଡ଼ା ଅଧିକାରୀ ହୃଷୀକେଶ ବେହେରା, ଫାଓର ସହଦେ ରାଉତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇବା ବେଳେ ସଞ୍ଜୟ ରାଉତ, ଚିନ୍ତାମଣି ସାହୁ, ସଞ୍ଜିତ ସନ୍ଦପ ମଲ୍ଲ, ପ୍ରଶାନ୍ତ ସାହୁ ପ୍ରମୁଖ ମ୍ୟାଚ ପରିଚାଳନା କରୁଛନ୍ତି।



ଚୌଦ୍ୱାର ଓଟିଏମ୍‌ସ୍ଥିତ ସ୍କୁଲ ପଡ଼ିଆରେ ବଚନ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ଉପସ୍ଥିତ ଅତିଥିଙ୍କ ସହ ଖେଳାଳି।







ବିଭିନ୍ନ ଦାବି ନେଇ ଭାଜପା ଓ ବିଜେଡି କର୍ମକର୍ତ୍ତାଙ୍କ ପକ୍ଷରୁ ସୋମବାର ନିଆଳି ବ୍ଲକ କାର୍ଯ୍ୟାଳୟ ଘେରାଉ ଅଭିମୁଖେ ବାହାରି ଥିବା ଶୋଭାଯାତ୍ରା।

# ବ୍ଲକ ପରିସରରେ ୧୪୪ ଧାରା ଜାରି

**ନିଆଳି,୫।୧୨(ଡି.ଏନ୍.ଏ.)**

ନିଆଳି ବ୍ଲକ ପରିସରରେ ସୋମବାର ବିଜେଡି-ଭାଜପା କର୍ମୀମାନେ ଧାରଣା ଦେଉଥିବା ବେଳେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ତହସିଲଦାର ବିଦ୍ୟାଧର ପତି ଆସି ସେମାନଙ୍କୁ ବୁଝାଇବା ପରେ ମଧ କେହି ନ ଶୁଣିବାରୁ ଶେଷରେ ତହସିଲ ପରିସରରେ ୧୪୪ ଧାରା ଜାରି କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ନିଆଳି

### ବିଜେଡି-ଭାଜପା କର୍ମୀ ମୁହାଁମୁହିଁ

ଭାଜପା ଦଳ ତରଫରୁ ୧୫ଦିନ ଆଗରୁ ଆସନ୍ତା ୫ ତାରିଖରେ ୮ଦଫା ଦାବି ନେଇ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି କଟକ ଜିଲାପାଳ, ତହସିଲଦାର, ନିଆଳି ଥାନା ଆଇଆଇସିଙ୍କୁ ଜଣାଇବା ସହ ଏକ ଦାବିପତ୍ର ଦେଇଥିଲେ। ତଦ୍‌ଅନୁଯାୟୀ ସୋମବାର ଭାଜପା ନେତା ଛବି ମଲ୍ଲିକ, ମୁଖପାତ୍ର ରାଜେନ୍ଦ୍ର ପଣ୍ଡା, ତ୍ରିଲୋଚନ ବେହେରାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ନିଆଳି ବଜାରରୁ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଧାରଣା ଦେଇଥିଲେ। ଏହାର କିଛି ସମୟ ପରେ ହଠାତ୍ କୌଣସି ବିନା ସୂଚନାରେ ବିଜୁ ଜନତା ଦଳ ତରଫରୁ ଜିଲା ପରିଷଦ ସଭ୍ୟ ଦେବାଶିଷ ଷଡଙ୍ଗୀ, ଯୁବନେତା ବିଷ୍ଣୁଚରଣ ସ୍ୱାଇଁ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସିଂହ, ନିଆଳି ସରପଞ୍ଚ ବବିତାରାଣୀ ବେହେରା, ଲିଟୁ ବାରିକଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ବିଜେଡି କର୍ମୀ ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଧାରଣା ଦେଇଥିଲେ। ଏହାପରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଉଭୟ ପକ୍ଷକୁ ସମାଲୋଚନା କରିଥିଲେ। ଫଳରେ ଉଭୟ ଦଳର କର୍ମୀମାନେ ଯୁକ୍ତିତର୍କ କରି ମୁହାଁମୁହିଁ ପରିସ୍ଥିତି ହୋଇଥିଲେ। ଏହାପରେ ତହସିଲଦାର ପତି, ନିଆଳି ଥାନା ଆଇଆଇସି ବିଜୟ ମଲ୍ଲିକ ଉଭୟ ପକ୍ଷଙ୍କୁ ବୁଝାଶୁଝା କରିଥିଲେ। କେହି ନ ବୁଝିବାରୁ ଏହାପରେ ବ୍ଲକ କାର୍ଯ୍ୟାଳୟ ଓ ବାହାରେ ୧୪୪ ଧାରା ଜାରି କରାଯାଇଥିଲା।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୫।୧୨।୨୦୨୨

| | |
|---|---|
| ୩,୫୭,୮୧୨ ଟଙ୍କା | |
| ସୁନା | ୧.୬୫୦ ଗ୍ରାମ |
| ରୁପା | ୨୫.୧୫୦ ଗ୍ରାମ |

## ସଂକ୍ଷେପରେ

### କୋରେକ୍ସ ବିକି ୨ ଗିରଫ

**ପୁରୀ ଅଫିସ, ୫।୧୨:** ବେଆଇନ ଭାବେ କୋରେକ୍ସ ବିକ୍ରି କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ କୁମ୍ଭାରପଡା ଥାନା ଅନ୍ତର୍ଗତ ରାମଚଣ୍ଡୀ ସାହିର ଶଶିକାନ୍ତ ସାହୁଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ତାଙ୍କ ନିକଟରୁ ୨୦ ବୋତଲ କଫସିରଫ, ଗୋଟିଏ ବାଇକ ଏବଂ ୧୨ଶହ ଟଙ୍କା ଜବତ ହୋଇଛି। ଏ ନେଇ ଏକ କେସ୍ (ନଂ.୨୭୮/୨୨) ରୁଜୁ କରାଯାଇଛି। ସେହିପରି ଜଗନ୍ନାଥ ବଲ୍ଲଭ ପାର୍କ ଅଞ୍ଚଳରେ କୋରେକ୍ସ ବିକ୍ରି ଅଭିଯୋଗରେ ଟାଉନ ଥାନା ପୋଲିସ ଖୋର୍ଦ୍ଧା ଟାଙ୍ଗୀ ଥାନା ଅନ୍ତର୍ଗତ ଗୋପିନାଥପୁରର ପଠାଣି ସାହୁଙ୍କୁ ଗିରଫ କରିଛି। ଏ ନେଇ କେସ୍ ନଂ. ୩୯୦/୨୨ ରୁଜୁ ହୋଇଛି।

### ଅଧ୍ୟାପକ ପ୍ରଫୁଲ୍ଲ ଜେନାଙ୍କ ସ୍ମୃତିଚାରଣ

**କାକଟପୁର,୫।୧୨(ଡି.ଏନ୍.ଏ.):** କାକଟପୁର ବ୍ଲକ ଅଧୀନ ଦଣ୍ଡୁଆସୀ ହତା ଗ୍ରାମର ଅବସରପ୍ରାପ୍ତ ଇତିହାସ ଅଧ୍ୟାପକ ସ୍ୱର୍ଗତ ପ୍ରଫୁଲ୍ଲ ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ତାଙ୍କ ବାସଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ଅଧକ୍ଷ ଗୋପୀନାଥ କର, ପ୍ରାକ୍ତନ ଅଧ୍ୟାପକ ପ୍ରଜ୍ଞାନନ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ଜେନା ପ୍ରମୁଖ 'ସ୍ମୃତି ଭାରତୀ' ପତ୍ରିକାରେ ବାର୍ତ୍ତା ପ୍ରଦାନ କରିଥିଲେ। ସ୍ମୃତିଚାରଣ ସଭା ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ରମେଶ ଚନ୍ଦ୍ର ସ୍ୱାଇଁ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଶ୍ରୀଯୁକ୍ତ ଗୌରାଙ୍ଗ ଚରଣ ବେହେରା, ଅଧାପକ ଲକ୍ଷ୍ମଣ ଜେନା, ଶିକ୍ଷକ ପାର୍ଥସାରଥି ମହାନ୍ତି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଜେନାଙ୍କ ପରିବାରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବ୍ରହ୍ମାନନ୍ଦ ଟ୍ୟୁଟୋରିଆଲର ଛାତ୍ରୀଛାତ୍ରମାନେ ଜୀବନ ଦର୍ଶନ ଉପରେ ଏକ କ୍ଷୁଦ୍ର ନାଟକ ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲେ। ପଣ୍ଡିତ ବନବିହାରୀ ଗ୍ରହାଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ମାଟ୍ରିକ୍ ପରୀକ୍ଷାରେ ବିଦ୍ୟାଳୟରେ ଟପ୍ପର ହୋଇଥିବା ଛାତ୍ରୀ ମାମାଲି ସ୍ୱାଇଁଙ୍କୁ ସିଲ୍ ପ୍ରଦାନ କରାଯାଇଥିଲା। ସ୍ନିଗ୍ଧା ସୁଚରିତା ଜେନା ଧନ୍ୟବାଦ ଦେଇଥିଲେ।

### ପୂର୍ବତନ କାଉନ୍ସିଲରଙ୍କ ବିୟୋଗ

**ନିମାପଡ଼ା,୫।୧୨(ଡି.ଏନ୍.ଏ.):** ନିମାପଡ଼ା ଅଞ୍ଚଳର ବିଶିଷ୍ଟ ସାମାଜିକ କର୍ମୀ, ପୂର୍ବତନ କାଉନ୍ସିଲର ନୃସିଂହ ଚରଣ ବେହେରା(୭୭)ଙ୍କ ରବିବାର ରାତିରେ ନିମାପଡ଼ା ମେଡିକାଲରେ ହୃଦ୍‌ଘାତରେ ପରଲୋକ ଘଟିଛି। ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ସେ ଜଣେ ଶାନ୍ତ, ସରଳ, ପରୋପକାରୀ, ମେଳାପୀ, ଧର୍ମପରାୟଣ ସହ ରାଜନେତା ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଜେଡି ରାଜ୍ୟ ସମ୍ପାଦକ ସତ୍ୟବ୍ରତ ପାତ୍ର, ନଗର ସଭାପତି ଜୀବନାନନ୍ଦ ମହାପାତ୍ର, କାଉନସିଲର ରାଜ କିଶୋର ସାହୁଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ବେହେରାଙ୍କ ମୃତ୍ୟୁରେ ଶୋକବ୍ୟକ୍ତ କରିଥିଲେ। ସ୍ୱର୍ଗତ ବେହେରା ନିମାପଡ଼ାର ବହୁ ଅନୁଷ୍ଠାନ ସହ ଜଡିତ ରହି ନିଷ୍ଠାର ସହ ବହୁ କାର୍ଯ୍ୟ କରିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ବାଇକ ଚୋରି: ଜଣେ ଗିରଫ

**ପୁରୀ ଅଫିସ, ୫।୧୨:** ବାଇକ୍ ଚୋରି ଅଭିଯୋଗରେ ଟାଉନ ଥାନା ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଜିଲା ନୂଆ ଗୋବିନ୍ଦପୁରର ମାନସ ରଞ୍ଜନ ପାଲ। ପୋଲିସ ତାଙ୍କଠାରୁ ଚୋରି ହୋଇଥିବା ବାଇକ ଓ ଗୋଟିଏ ଫୋନ ଜବତ କରିଛି। ଏନେଇ ଏକ କେସ୍ (ନଂ. ୩୮୯/୨୨) ରୁଜୁ କରାଯାଇଛି। ପୁରୀ ସଦର ଥାନା ଥାନା ଅନ୍ତର୍ଗତ ଖଣ୍ଡିଆବନ୍ଧ ଅଞ୍ଚଳର ସନ୍ତୋଷ ପ୍ରଧାନ ତାଙ୍କ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଏତଲା ଦେଇଥିଲେ।

# ଦୀପାମୋନି ମିସ୍, ଶେଖ୍ ଆକବର ମିଷ୍ଟର ଇଣ୍ଡିଆ

**ଜାତୀୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା**

**ପୁରୀ ଅଫିସ, ୫।୧୨**

ପୁରୀ ଆମେଚର ବଡି ବିଲ୍ଡିଂ ଏବଂ କଳିଙ୍ଗ ବଡି ବିଲ୍ଡିଂ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏଠାରେ ତିନିଦିନ ଧରି ଚାଲିଥିବା ଜାତୀୟସ୍ତରୀୟ ମିଷ୍ଟର ଓ ମିସ୍ ଇଣ୍ଡିଆ -୨୦୨୨ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୨୨ଟି ବର୍ଗର ପ୍ରତିଯୋଗିତାରେ ଓଡ଼ିଶା ସମେତ ୨୫ଟି ରାଜ୍ୟରୁ ୪୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଭାଗନେଇଥିଲେ। ଏଥିରେ ୭ଜଣ ଚାମ୍ପିୟନ ଅଫ ଚାମ୍ପିୟନ ହୋଇଥିବାବେଳେ ପୁରୁଷ ବର୍ଗରେ ଗୁଜରାଟର ଶେଖ୍ ଆକବର ଶେଖ୍ ଏବଂ ମହିଳା ବର୍ଗରେ ଦୀପାମୋନି ଗୋଗୋଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ଦିବ୍ୟାଙ୍ଗ, ବରମୁଡା ଶର୍ଟସ, ମିଡିୟମ ଆଣ୍ଡ ଟଲ୍ସ ଡେନିମ, ଜିନ୍ସ ସର୍ଟ୍ସ, ମିଡିୟମ ଆଣ୍ଡ ଟଲ୍ସ, ବଡି ବିଲଡିଂ ଟଲ୍ସ ଓ ଶର୍ଟ୍ସ ସହ ମହିଳା ସ୍ପୋର୍ଟ୍ସ ମଡେଲ, ବିଭିନ୍ନ ୱେଟ୍‌ର ସୁନ୍ଦର ସ୍ୱାସ୍ଥ୍ୟ ଭଳି ପ୍ରାୟ ୨୨ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ନୀଳାଦ୍ରି ବିଚ୍‌ରେ ଫାଇନାଲ ଓ ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସିନିୟର ମେନ୍ ବଡି ବିଲଡିଂରେ ଗୁଜରାଟର ଶେଖ୍ ଆକବର ଶେଖ୍, ଜୁନିୟର ମିଷ୍ଟର ଇଣ୍ଡିଆରେ କେରଳର ସୁଜିଥ ପ୍ରସନ୍ନ, ବରମୁଡା ମଡେଲରେ ତାମିଲନାଡୁର ସୁରେଶ କୁମାର, ସ୍ପୋର୍ଟ୍ସ ମଡେଲରେ ରାଜସ୍ଥାନର ଭୂପେନ୍ଦ୍ର ସିଂହ, ଓମେନ୍ସ ବଡି ବିଲ୍ଡିଂରେ ଆସାମର ଦୀପାମୋନି ଗୋଗୋଇ, ବିକିନିରେ ମେଘାଳୟର ଝାଭେରା, ଓମେନ ସ୍ପୋର୍ଟ୍ସ ମଡେଲରେ ଆସାମର ନିଜୋରା ରୟ ଟାଇଟଲ ଜିତିଛନ୍ତି। ଏହି ପ୍ରତିଯୋଗିତାକୁ ପୁରୀର ଲିଜେଣ୍ଡ ଜିମ୍ ଆୟୋଜନ କରିଥିଲା। ଶ୍ରୀକ୍ଷେତ୍ର ଭଳି ପାରମ୍ପରିକ ସମର କଳାର ମାଟିରେ ଏଭଳି ପ୍ରତିଯୋଗିତା ଆୟୋଜନ ଦ୍ୱାରା ଖେଳାଳିଙ୍କ ମଧ୍ୟରେ ସ୍ୱତନ୍ତ୍ର ଉର୍ଜା ସୃଷ୍ଟି ହୋଇଥିବା ଅନୁଷ୍ଠାନର ସଭାପତି ରଞ୍ଜନ ମହାନ୍ତି କହିଥିଲେ। ଦିବ୍ୟାଙ୍ଗଙ୍କୁ ନେଇ ପ୍ରଥମ ଥର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ହୋଇଥିଲା। ଓଡ଼ିଶୀ ନୃତ୍ୟ ସାଙ୍ଗକୁ ଶ୍ରୀକଳା ନିକେତନ ପକ୍ଷରୁ ଗୁରୁ ରୋଜାଲିନ ମହାନ୍ତିଙ୍କ ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ରାଧାକୃଷ୍ଣ ନୃତ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।





ଶେଖ୍ ଆକବର ଶେଖ୍ ଏବଂ ଦୀପାମୋନି ଗୋଗୋଇଙ୍କୁ ପୁରସ୍କୃତ କରାଯାଉଛି।

# ଦିଗଭ୍ରମିତଙ୍କୁ ସତ୍‌ମାର୍ଗ ଦେଖାଏ ଗୀତା



ପାଠଚକ୍ରରେ ଯୋଗଦେଇଥିବା ଅତିଥିମାନେ।

**ସାକ୍ଷୀଗୋପାଳ,୫।୧୨(ସ୍ୱ.ପ୍ର./ଡି.ଏନ୍.ଏ.)**

ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସଭାଗୃହରେ ସଂସ୍କୃତ ବିଭାଗ ଆନୁକୂଲ୍ୟରେ 'ଗୀତା ଦିବସ' ଅବସରରେ 'ସମାଜ କଲ୍ୟାଣେ ଗୀତାୟଃ ଭୂମିକା' ଶୀର୍ଷକ ଏକ ପାଠଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତ ଛାତ୍ରୀଙ୍କ ଗୀତାପାଠରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷ ଡ. ରତିକାନ୍ତ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ଗୀତା ସମାଜ କଲ୍ୟାଣରେ ଏକାନ୍ତ ଆବଶ୍ୟକ' ବୋଲି ପ୍ରକାଶ କରିଥିଲେ। ସଂସ୍କୃତ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ସୁଜାତା ମହାପାତ୍ର ସ୍ୱାଗତ ଭାଷଣ ସହ ବିଷୟବସ୍ତୁ ଉପରେ ପ୍ରାକ୍ ସୂଚନା ଦେଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟବକ୍ତା ସଂସ୍କୃତ ବିଭାଗର ପ୍ରାଧ୍ୟାପିକା ଡ. କଳ୍ପନା କୁମାରୀ ମହାପାତ୍ର, '୫ ହଜାର ବର୍ଷ ପୂର୍ବେ ଗୀତା ଯେତିକି ପ୍ରାସଙ୍ଗିକ ଓ ମାର୍ମିକ ଥିଲା, ଆଜି ମଧ୍ୟ ଜୀବନର ରଣକ୍ଷେତ୍ରରେ ଦିଗଭ୍ରମିତ ଅସଂଖ୍ୟ ଅର୍ଜୁନଙ୍କୁ ସତ୍‌ମାର୍ଗ ପ୍ରଦର୍ଶନ କରିବାରେ ସେତିକି ଆବଶ୍ୟକ' ବୋଲି କହିଥିଲେ। ସେହିପରି ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ନଳିନୀଲୋଚନ ଦାଶ ଗୀତା ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଏକ ଶାଶ୍ୱତ ସଙ୍ଗୀତ ବୋଲି ମତବ୍ୟକ୍ତ କରିଥିଲେ। ପରେ ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ରୀମାନେ ସନ୍ଦର୍ଭ ପାଠ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀବୃନ୍ଦ ଏଥିରେ ଯୋଗ ଦେଇଥିଲେ। ସଂସ୍କୃତ ବିଭାଗ ଅଧ୍ୟାପିକା ପ୍ରଫେସର ସସ୍ମିତା ପ୍ରଧାନ ଗୀତାର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରି ଧନ୍ୟବାଦ ଦେଇଥିଲେ।

# ପୁରୀରେ ହେବ ରାଜ୍ୟର ପ୍ରଥମ ଟ୍ରାନ୍ସଜେଣ୍ଡର ଶେଲ୍ଟର ହୋମ୍

**ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳିଲା**

**ପୁରୀ ଅଫିସ, ୫।୧୨**

ଭାରତ ସରକାରଙ୍କ ତରଫରୁ ୧୮ ବର୍ଷ ଓ ତହିଁରୁ ଅଧିକ ବୟସର ନାଗରିକଙ୍କୁ ଚିହ୍ନଟ କରି ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଟ୍ରାନ୍ସଜେଣ୍ଡରମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ତାଲିମ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ଜିଲାପାଳ ସମର୍ଥ ବର୍ମା ଉଦଘାଟନ କରି ଦେଶର ପ୍ରତ୍ୟେକ ନାଗରିକଙ୍କ ଭଳି ଟ୍ରାନ୍ସଜେଣ୍ଡରଙ୍କର ମଧ୍ୟ ସମାନ ଅଧିକାର ରହିଛି ବୋଲି କହିଥିଲେ। ଏଣୁ ଜିଲାରେ ଥିବା ୧୮ ବର୍ଷରୁ ଊର୍ଦ୍ଧ୍ୱ ଟ୍ରାନ୍ସଜେଣ୍ଡରମାନଙ୍କୁ ପଞ୍ଜୀକରଣ କରାଇ ମତଦାନର ଅଧିକାର ଦେବାକୁ ପ୍ରଶାସନ ପ୍ରୟାସ କରୁଛି। ପୁରୀ ଜିଲାରେ ହେବାକୁ ଥିବା ରାଜ୍ୟର ପ୍ରଥମ ଟ୍ରାନ୍ସଜେଣ୍ଡର ଶେଲ୍ଟର ହୋମ ପାଇଁ ଜିଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଥିବା ସେ କହିଥିଲେ। ସାଥୀ ଅନୁଷ୍ଠାନ ଦ୍ୱାରା ଆୟୋଜିତ ଏହି ଶିବିରରେ ଉପଜିଲାପାଳ ଭବତାରଣ ସାହୁ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଟ୍ରାଜେଣ୍ଡରଙ୍କ ସମସ୍ୟା ଦୂର କରିବା ପାଇଁ ପ୍ରଶାସନ ତରଫରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ପ୍ରକଳ୍ପର ପରାମର୍ଶଦାତା ସିଦ୍ଧାର୍ଥ ରାୟ ଖୁବଶୀଘ୍ର ସମସ୍ତ ବ୍ୟବସ୍ଥାବଳୀ ସମ୍ପୂର୍ଣ୍ଣ କରାଯିବ ବୋଲି କହିଥିଲେ। ଏଥିସହ ସମାଜର ମୁଖ୍ୟସ୍ରୋତରେ ଟ୍ରାନ୍ସଜେଣ୍ଡରମାନଙ୍କୁ ସାମିଲ କରିବା ପାଇଁ ଜିଲା ପ୍ରଶାସନର ଏହି ପ୍ରୟାସରେ ସମସ୍ତେ ସହଯୋଗ କରି ପାଇଁ ନିବେଦନ କରିଥିଲେ। ଶିବିରକୁ ସାଥୀ ଅନୁଷ୍ଠାନର ସହନିର୍ଦ୍ଦେଶକ ବିଶ୍ୱଭୂଷଣ ପଟ୍ଟନାୟକ, ଶର୍ମିଷ୍ଠା ଦାସ, ରାଜବୀର ଦାସ ଓ ଅସିତ କୁମାର ରାଉତ ପ୍ରମୁଖ ପରିଚାଳନା କରିଥିଲେ।



ପୁରୀସ୍ଥିତ ମା' ବାଲିହରଚଣ୍ଡୀ ମନ୍ଦିରର ଉନ୍ନତୀକରଣ ଦାବିରେ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ସେବାୟତ ନିଯୋଗର ସଦସ୍ୟମାନେ।

# ଦାବି ପୂରଣ ନ ହେଲେ ୧୭ରେ ଆନ୍ଦୋଳନ

**ଓଡ଼ିଶା ସ୍କୁଲ-କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର କନ୍‌ଭେନଶନ**

**ପୁରୀ ଅଫିସ, ୫।୧୨**

ଓଡ଼ିଶା ସ୍କୁଲ-କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ପୁରୀ ଜିଲା କନ୍‌ଭେନଶନ୍ ଜିଲା ଆବାହକ ବିଚିତ୍ରାନନ୍ଦ ପାତ୍ରଙ୍କ ଅଧ୍ୟକ୍ଷତାରେ ଓଷ୍ଟା ସଭାକକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷକ କର୍ମଚାରୀଙ୍କ ୮ଦଫା ଦାବି ସମ୍ପର୍କରେ ଆଲୋଚନା କରାଯାଇଛି। ଗତ ୩ ତାରିଖରେ ଜିଲାର ସମସ୍ତ ବ୍ଲକ୍‌ରେ ଶୋଭାଯାତ୍ରା କରାଯାଇ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ସଚିବ ପ୍ରମୁଖଙ୍କୁ ଦାବିପତ୍ର ଦିଆଯାଇଛି। ୭ ତାରିଖରେ ବିଶାଳ ଶୋଭାଯାତ୍ରା କରାଯାଇ ଜିଲାପାଳଙ୍କ ମାଧ୍ୟମରେ ଦାବିପତ୍ର ଦିଆଯିବ। ମୁଖ୍ୟତଃ ୭ମ ବେତନ ପ୍ରଦାନ, ଅନୁଦାନଯୋଗ୍ୟ କଲେଜ ଓ ୧୯୪ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ପୁରୁଣା ପେନ୍‌ସନ ଲାଗୁ, ଅବସର ବୟସ ସୀମା ୬୨ ବର୍ଷ କରିବା, ଖାଲି ପଦବୀ ପୂରଣ କରାଯିବା ଆଦି ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସରକାର ତୁରନ୍ତ ଦାବି ପୂରଣ ନ କଲେ ଆଗାମୀ ୧୭ ତାରିଖରେ ରାଜଧାନୀରେ ବିଶାଳ ଶୋଭାଯାତ୍ରା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଉକ୍ତ ସଭାରେ ରାଜ୍ୟ ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ଶିକ୍ଷା ପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି, ଅଧ୍ୟାପକ ବିଜୟ କୁମାର କୋଦାମସିଂହ, ଓଷ୍ଟା ଜିଲା ସଭାପତି କୃଷ୍ଣଚନ୍ଦ୍ର ଦାଶ, ଅଲୋଷ୍ଟା ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, ପ୍ରାଥମିକ ସ୍କୁଲ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା, ଅକ୍ଷୟ କୁମାର ରାୟସିଂହ, ମାନସ କୁମାର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ନକଲି ସିଗାରେଟ କମ୍ପାନୀ ସିଲ୍

**ଯାଁଳା,୫।୧୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଅଲକର ମୌଜାରେ ଥିବା ଏକ ନକଲି ସିଗାରେଟ କମ୍ପାନୀକୁ ସୋମବାର ପୋଲିସ ସିଲ୍ କରିଛି। କମ୍ପାନୀର ମାଲିକଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରିବା ସହ ଲୋଗୋ ଏବଂ ୮ପେଟି ସିଗାରେଟ ଜବତ କରିଛି। ତେବେ ଜବତ ସିଗାରେଟର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ। ସୂଚନା ମୁତାବକ, ଗତ ଦେଢ଼ ବର୍ଷ ହେବ ଅଲକର ମୌଜାରେ ଭିନିସା ଟବାକୋ ପ୍ରାଇଭେଟ୍ ଲିମିଟେଡ ନାମକ ଏକ ସିଗାରେଟ କମ୍ପାନୀ ଚାଲୁଥିଲା। ଉକ୍ତ କମ୍ପାନୀରେ ଏର୍‌ଟେନ ନାମକ ଏକ ବିହାର ସିଗାରେଟ କମ୍ପାନୀର ନକଲି ଲୋଗୋ ଲଗାଇ ସିଗାରେଟ ତିଆରି କରୁଥିଲା। ଏନେଇ ଉକ୍ତ ଏର୍‌ଟେନ ମାଲିକ ଜାଣିବା ପରେ କୋଲକାତାର ଏକ ତଦନ୍ତକାରୀ ସଂସ୍ଥା ନିକଟରେ ଅଭିଯୋଗ କରିଥିଲେ। ସୋମବାର ଉକ୍ତ କମ୍ପାନୀର ଲିଗାଲ ଆଡଭାଇଜର ଏବଂ କୋଲକାତାର ତଦନ୍ତକାରୀ ସଂସ୍ଥା ଆସି ଇନ୍‌ଫୋଭ୍ୟାଲି ପୋଲିସ ସହାୟତାରେ ଭିନିସା ସିଗାରେଟ କମ୍ପାନୀ ଉପରେ ଚଢ଼ାଉ କରିଥିଲେ।

# ବେକାର, ଗରିବ ଯୁବତୀଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ



ଖବରଦାତା ସମ୍ମିଳନୀରେ ଏଡୁଜବ୍‌ସ ଏକାଡେମୀର କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

**ନିମାପଡ଼ା,୫।୧୨(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକର ଗରିବ, ନିରୀହ, ବେକାର ଯୁବତୀଙ୍କୁ ତାଲିମ ପ୍ରଦାନ କରି ସେମାନଙ୍କୁ ଚାକିରି ଯୋଗାଇ ଦେବାର ବ୍ୟବସ୍ଥା କରି ସ୍ୱାବଲମ୍ବୀ କରିବା ନିମାପଡ଼ାସ୍ଥିତ ଏଡୁଜବ୍‌ସ ଏକାଡେମୀର ମୂଳ ଲକ୍ଷ୍ୟ ବୋଲି ଜିଲା ପ୍ରଶାସନ ଓର୍‌ମାସ ପୁରୀର ଡେପୁଟି ସିଇଓ ପ୍ରଶାନ୍ତ ଦାଶ ମତ ଦେଇଛନ୍ତି। ସରକାରଙ୍କ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶିକ ଯୋଜନାରେ ନିମାପଡ଼ାସ୍ଥିତ ଏଡୁଜବ୍‌ସ ଏକାଡେମୀରେ ତାଲିମ ନେଉଥିବା ୮୧ଜଣ ଛାତ୍ରୀଙ୍କ ତାଲିମ ଶେଷ ହୋଇଛି। ତେବେ ସେମାନେ ଚାକିରି କରି ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ହେବା ପାଇଁ ତାମିଲନାଡୁର ତିରିପୁରସ୍ଥିତ କ୍ୱାଣ୍ଟମ ନାଇଟ୍‌ସ ସଂସ୍ଥାକୁ ପଠାଯିବାର ବ୍ୟବସ୍ଥା କରାଯାଇଛି। ଏନେଇ ଏକାଡେମୀର ରାଜ୍ୟ ଅପରେଶନ ମୁଖ୍ୟ ଲୋକନାଥ ବିଶ୍ୱାସ, ଏମ୍‌ଆଇଏସ୍ ମୁଖ୍ୟ ସୁମନ୍ତ ମିଶ୍ର, ୟୁଙ୍ଗ ପ୍ରଫେସନାଲ (ୱାଇପି) ସିନୁ ଶର୍ମା, ଏକାଡେମୀର ନିମାପଡ଼ା ଶାଖା ପରିଚାଳକ ରାଜେଶ ମହାନ୍ତି, କେନ୍ଦ୍ରର ସଂଯୋଜିକା ସୋଫିଆ ସ୍ୱାଇଁ ପ୍ରମୁଖ ଅନୁଷ୍ଠାନ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମତପ୍ରକାଶ କରିଛନ୍ତି। ତାଲିମପ୍ରାପ୍ତ ଯୁବତୀ ଚାକିରି ପାଇଥିବାରୁ ସେମାନଙ୍କ ଅଭିଭାବକଙ୍କ ମହଲରେ ଆନନ୍ଦର ଲହରି ଖେଳିଯାଇଛି। ସମ୍ମିଳନୀରେ ନିମାପଡ଼ା ବ୍ଲକ ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର (ବିପିଏମ୍) ମଧୁଛନ୍ଦା ପ୍ରଧାନ, ବିଏଲ୍‌ସି କିରଣବାଳା ଜେନା, ଜୟସ୍ମିତା ପ୍ରଧାନ, ଏକାଡେମୀର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର ଚିକିତ୍ସା ଭତ୍ତା ପ୍ରଦାନ ପାଇଁ ଦାବି

**ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ବୈଠକ**

**ପୁରୀ ଅଫିସ, ୫।୧୨**

ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ-କର୍ମଚାରୀ ସଂଘର ବୈଠକ ଭାବକୁଣ୍ଡେଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସଭାପତି ଲକ୍ଷ୍ମୀଧର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଶିକ୍ଷକ-କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଂଘର ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ପ୍ରାରମ୍ଭିକ ସୂଚନା ଦେଇ ୧୯୯୬ରୁ କେନ୍ଦ୍ର ସରକାର କେନ୍ଦ୍ରୀୟ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସିଜିଏଚ୍‌ଏସ୍ ସ୍କିମ୍‌ରେ ସ୍ୱତନ୍ତ୍ର ଚିକିତ୍ସା ଭତ୍ତା ବାବଦ ମାସକୁ ଏକ ହଜାର ଟଙ୍କା ଦେଉଛନ୍ତି। ତେବେ ବହୁ ଦିନରୁ ଦାବି କରିଆସୁଥିଲେ ମଧ୍ୟ ରାଜ୍ୟର ପେନସନ୍ ଭୋଗୀ ଶିକ୍ଷକ ଓ କର୍ମଚାରୀଙ୍କୁ ରାଜ୍ୟ ସରକାର ଏପର୍ଯ୍ୟନ୍ତ ଏହି ଭତ୍ତା ଦେଉନାହାନ୍ତି। ସେହିପରି ବିଭିନ୍ନ ରାଜ୍ୟରେ ୬୫ବର୍ଷରୁ ବର୍ଦ୍ଧିତ ପେନସନ୍ ଦେବା ଓ ପୁରୁଣା ପେନ୍‌ସନ୍ ନୀତି ସରକାରୀ କର୍ମଚାରୀ-ଶିକ୍ଷକଙ୍କ ପ୍ରତି ଲାଗୁ କରିଥିବାବେଳେ ରାଜ୍ୟ ସରକାର ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଦୁର୍ଭାଗ୍ୟଜନକ। ଚିକିତ୍ସା ଭତ୍ତା ସହ ଗତ ଜୁଲାଇ ମାସର ୪ ପ୍ରତିଶତ ମହଙ୍ଗା ଭତ୍ତା ତୁରନ୍ତ ଦେବାକୁ ସାଧାରଣ ସମ୍ପାଦକ ବେହେରା ଦାବି କରିଛନ୍ତି। ସଭାରେ କୈଳାସ ରାୟ, ପ୍ରଫେସର ଲକ୍ଷ୍ମୀଧର ମିଶ୍ର, ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ପ୍ରଫେସର ମନୋଜ ସାମନ୍ତରାୟ, ପ୍ରଫେସର ଚିତ୍ରସେନ୍ ପ୍ରଧାନ, ପଙ୍କଜ ପଲେଇ, ବିଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗଣେଶ୍ୱର ମହାପାତ୍ର ଓ ବିଜୟ ଚରଣ ମହାନ୍ତି ସହଯୋଗ କରିଥିଲେ। ଲକ୍ଷ୍ମୀଧର ମିଶ୍ର ଧନ୍ୟବାଦ ଦେଇଥିଲେ।

# ଚାରାରୋପଣ କ୍ଷେତ୍ରରେ ବଦ୍ରି ମିଶ୍ର ପୁରସ୍କୃତ

**ପୁରୀ ଅଫିସ, ୫।୧୨**



ଜାତୀୟ ସେବାସଂସ୍ଥାର ଗ୍ରୁପ ଲିଡର ଭାବେ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଜୀବନର ପ୍ରଥମ ଚାରାରୋପଣ କରିଥିବା ବଦ୍ରି ମିଶ୍ର ବିନା ସରକାରୀ ଓ ବେସରକାରୀ ସହାୟତାରେ ୫୦ ବର୍ଷ ଭିତରେ ସମଗ୍ର ଓଡ଼ିଶାରେ ଚଳିତବର୍ଷ ଅଗଷ୍ଟ ୬ତାରିଖ ସୁଦ୍ଧା ୧, ୧୧, ୮୯୪ ଚାରାରୋପଣ କରିବା ସହ ୩୦ହଜାର ଚାରା ବଣ୍ଟନ କରିଛନ୍ତି। ଏଥିପାଇଁ ତାଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ପୁରସ୍କୃତ କରିଛନ୍ତି। ପଦ୍ମଶ୍ରୀ ପ୍ରଫେସର ରାଧାମୋହନ, ଡ. ଭଗବାନ ପ୍ରକାଶ ଏବଂ ଡ.ଦିଲୀପ ଶ୍ରୀଚନ୍ଦନଙ୍କ ପ୍ରେରଣାରେ ସେ ଚାରାରୋପଣ କରିଆସୁଛନ୍ତି। ସେ ୨୦୧୮ରେ ନାଲକୋ ସମ୍ମାନ, ୨୦୧୮ରେ ଝାଡ଼ଖଣ୍ଡ ରାଜ୍ୟପାଳ, ରାଜ୍ୟ ରାଜସ୍ୱ ଏବଂ କୃଷିମନ୍ତ୍ରୀଙ୍କଠାରୁ କୃଷି ସମ୍ମାନ, ୨୦୧୯ରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜୁ ପଟ୍ଟନାୟକ ସମାଜସେବା ପୁରସ୍କାର ଓ ୨୦୨୦ରେ ରାଜ୍ୟପାଳଙ୍କଠାରୁ ପୁରସ୍କାର ପାଇଛନ୍ତି। ଓଡ଼ିଶା ସମେତ ହରିଦ୍ୱାର, ରାଞ୍ଚି, ଅମୃତସର, ଦିଲ୍ଲୀ ଓ କୋଲକାତା ସହ ବିଭିନ୍ନ ନଦୀପଠାରେ ବ୍ୟାପକ ଚାରାରୋପଣ କରିଛନ୍ତି। କରୋନା ଭୟାବହତା ଭିତରେ ଅବିଭକ୍ତ ପୁରୀ ଜିଲାରେ ୧୧ଶହ, ପ୍ରାକୃତିକ ବିପର୍ଯ୍ୟୟ ଫନୀ ପରେ ୭ହଜାର, ତାଳବଣିଆରେ ୭ହଜାର ତାଳମଞ୍ଜି ଲଗାଇବା ସହ ପ୍ରଧାନମନ୍ତ୍ରୀଙ୍କ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ପରିସରରେ ଚାରାରୋପଣ କରିଛନ୍ତି। 'ଓଡ଼ିଶା ମୋ ପରିବାର' ସହଯୋଗରେ ମଧ୍ୟ ସେ ଚାରାରୋପଣ କରିଛନ୍ତି, ଯାହାର ସଂଖ୍ୟା ଏବେ ୧ଲକ୍ଷ ୧୯ ହଜାର ୧୯୫ରେ ପହଞ୍ଚିଛି ବୋଲି ମିଶ୍ର ସୂଚନା ଦେଇଛନ୍ତି।

# 'ଭଗବଦ୍ ଗୀତାକୁ ନିଜ ଜୀବନରେ ଆପଣାଅ'

**ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୀତା ଜୟନ୍ତୀ ପାଳିତ**

**ପୁରୀ ଅଫିସ, ୫।୧୨**

ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସୋମବାର ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଗୀତା ଜୟନ୍ତୀ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର ଯୋଗଦେଇ ଗୀତାକୁ ନିଜ ଜୀବନରେ ଆପଣେଇବା ପାଇଁ ଉପଦେଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଗୀତାର 'ଶ୍ରେୟୋ ହି ଜ୍ଞାନମ ଅଭ୍ୟାସାତ୍ ଜ୍ଞାନାତ୍ ଧ୍ୟାନଂ ବିଶିଷ୍ୟତେ' ବାଣୀ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ସାମ୍ପ୍ରତିକ ସମୟରେ ଶ୍ରୀମଦ ଭଗବଦ୍ ଗୀତାର ପ୍ରାସଙ୍ଗିକତା ଶୀର୍ଷକ ଭାଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାଶାସ୍ତ୍ର ବିଭାଗର ଉମାଶଙ୍କର ଗୁରୁ ପ୍ରଥମ, ଧର୍ମଶାସ୍ତ୍ର ବିଭାଗର ଶିବାନୀ ସୁନ୍ଦରାୟ ଦ୍ୱିତୀୟ, ଶିକ୍ଷାଶାସ୍ତ୍ର ବିଭାଗର ଲିପିନା ସାମନ୍ତରାୟ ତୃତୀୟ ସ୍ଥାନ ଏବଂ ସାହିତ୍ୟ ବିଭାଗର ଛାତ୍ର ବିଶ୍ୱଜିତ ପଣ୍ଡା ବିଶିଷ୍ଟ ପୁରସ୍କାର ଲାଭ କରିଥିଲେ। ବିଚାରକ ଭାବେ ଡ. ଜୟମାଣିକ ଶାସ୍ତ୍ରୀ, ଡ. ପ୍ରଦୀପ୍ତ ନନ୍ଦ, ଡ. ପ୍ରିୟବ୍ରତ ମିଶ୍ର, ଡ. ଦେବାଶିଷ ତ୍ରିପାଠୀ ଯୋଗଦେଇଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଡ. ସସ୍ମିତା ନାୟକ, ଡ. ନୀଳାମ୍ବର ବାଗ, ଡ. ଶ୍ରଦ୍ଧାଞ୍ଜଳି ମହାପାତ୍ର, ଡ. ଶ୍ରୀ ନିବାସ ପଣ୍ଡା, ଡ. ପ୍ରଜ୍ଞା ଏବଂ ଡ. ଶକୁନ୍ତଳା ଦାସ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ।




ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଗୀତା ଜୟନ୍ତୀ ଉତ୍ସବରେ ଅତିଥିମାନେ।

ସେହିପରି ଶ୍ରୀଧାମଜ୍ୟୋତିଃ ବାସ୍ତୁ ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ରାଧାକାନ୍ତ ମଠସ୍ଥିତ ବୈଷ୍ଣବ ଦର୍ଶନ ବିଦ୍ୟାପୀଠରେ ଗୀତା ଜୟନ୍ତୀ ପାଳିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷ ପଣ୍ଡିତ ଦୟାନଧି ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀମନ୍ଦିର ସେବାୟତ ଗୌରୀଶଙ୍କର ସିଂହାରୀ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ପଣ୍ଡିତ ପ୍ରକାଶ ଚନ୍ଦ୍ର ମିଶ୍ର, କବି ଶିବସୁନ୍ଦର ମିଶ୍ର, ପ୍ରଣତି ରଥ, ସୁପ୍ରିୟା ଦାଶ ଏବଂ ରମାକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗୀତା ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ଥିଲା।

ସେହିପରି ମଧୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୀତା ଜୟନ୍ତୀ ପାଳିତ ହୋଇଛି। ଅତିଥି ଭାବେ ଚକ୍ରତୀର୍ଥ ରୋଡସ୍ଥିତ ଦାମୋଦର ଗୌଡୀୟ ମଠର ମଠାଧୀଶ ବୋଧାୟନଜୀ ମହାରାଜ ଯୋଗଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ପୁରୁଷୋତ୍ତମ ନାୟକ, ସହସଂଯୋଜିକା ଦୀପ୍ତି ମିଶ୍ର, ସଭ୍ୟା ଅଞ୍ଜଳୀ ରଥ, ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଗୁରୁମା, ଗୁରୁଜୀ ଓ ବିଦ୍ୟାର୍ଥୀମାନେ ଅଷ୍ଟାଦଶ ଶ୍ଳୋକ ଗୀତା ପାଠ କରିଥିଲେ। ମଣିଷ ଜୀବନରେ ଗୀତାର ପ୍ରଭାବ ସମ୍ପର୍କରେ ଅତିଥିମାନେ ବୁଝାଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ତପସ୍ୱିନୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ସେନାପତି ବଗିଚାସ୍ଥିତ ସିଦ୍ଧପୀଠ ମଙ୍ଗଳାମନ୍ଦିରରେ ଗୀତା ଜୟନ୍ତୀ ପାଳିତ ହୋଇଛି। ପଣ୍ଡିତ ଦେବୀ ପ୍ରସାଦ ତ୍ରିପାଠୀ ପୁରୋଧା ଭାବେ ଗୀତା ପାଠ ସହ ଆହୁତି ପ୍ରଦାନ କରିଥିଲେ। ମନ୍ଦିର ପୂଜାରୀ ନିରଞ୍ଜନ ପଣ୍ଡା ଯଜ୍ଞରେ ସହଯୋଗ କରିଥିଲେ। ସାହିର ମୁରବୀ ଯୋଗଦେଇ ଗୀତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ କୈଳାସ କୁମାର ଟିକାୟତରାୟ ଓ ରବୀନ୍ଦ୍ର କୁମାର ମିଶ୍ର ପରିଚାଳନା କରିଥିଲେ। ହରଚଣ୍ଡୀସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୀତା ଦିବସ ପାଳିତ ହୋଇଛି। ବିଦ୍ୟାଳୟର ଉପସଭାପତି ସ୍ୱର୍ଣ୍ଣଲତା ଦାଶ ଯୋଗଦେଇ ଗୀତା ଜୟନ୍ତୀ ପାଳନର ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ।

## ବଣିଆ ହାଇସ୍କୁଲ ପ୍ରଧାନଶିକ୍ଷକ ନିଲମ୍ବିତ

ଭୁବନେଶ୍ୱର, ୫ା୧୨(ବ୍ୟୁରୋ): ଆର୍ଥିକ ଅନିୟମିତତା ଅଭିଯୋଗରେ ଭଦ୍ରକ ଜିଲା ବଣିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ମଲ୍ଲିକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଏ ନେଇ ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାସ ରାଜ୍ୟ ସରକାରଙ୍କ ଭ୍ରଷ୍ଟାଚାର ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନରେ ମଲ୍ଲିକଙ୍କୁ ନିଲମ୍ବିତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ମଲ୍ଲିକ ପୂର୍ବରୁ ଆର୍ସା ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟ କରୁଥିବାବେଳେ ବିଭିନ୍ନ ପ୍ରକାର ଆର୍ଥିକ ଅନିୟମିତତାରେ ସମ୍ପୃକ୍ତ ଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ଭଦ୍ରକ ଜିଲାପାଳ ଏବଂ ଜିଲା ଶିକ୍ଷାଧିକାରୀଙ୍କ ରିପୋର୍ଟ ଆଧାରରେ ମଲ୍ଲିକଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।



# ବରିଷ୍ଠ ଅଧିକାରୀ ଆସିଲେନି, ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଖପ୍ପା



କବିସମ୍ରାଟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପାଇଁ ଅପେକ୍ଷା କରିଛନ୍ତି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ।

ଭଞ୍ଜନଗର,୫ା୧୨(ଡି.ଏନ.ଏ)

ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ସୋମବାର ଗଞ୍ଜାମ ଜିଲା ଭଞ୍ଜନଗର ଗସ୍ତରେ ଆସିଥିଲେ। ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅପରାହ୍ନରେ ସେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସମୀକ୍ଷା କରିବା କାର୍ଯ୍ୟକ୍ରମ ଥିଲା। ବୈଠକକୁ ଜିଲାସ୍ତରୀୟ ବରିଷ୍ଠ ଅଧିକାରୀମାନେ ଆସି ନ ଥିବା ଦେଖି ମନ୍ତ୍ରୀ ରାୟ ବିରକ୍ତି ପ୍ରକାଶ କରିବା ସହ ସମୀକ୍ଷା ନ କରି ଫୁଲବାଣୀ ଅଭିମୁଖେ ଚାଲି ଯାଇଥିଲେ। ଏପରିକି ସେ ଅପରାହ୍ନ ସାଢ଼େ ୫ଟାରେ ଡାକିଥିବା ଖବରଦାତା ସମ୍ମିଳନୀକୁ ମଧ୍ୟ ବାତିଲ କରି ଦେଇଥିଲେ।

ସମୀକ୍ଷା ବୈଠକରେ କେତେଜଣ ଅଫିସରଙ୍କ ସମେତ ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ, ଡିଏଫଓ ସୁଦର୍ଶନ ବେହେରା, ବିଡିଓ ଶଶୀଭୂଷଣ ମହାପାତ୍ର, ଟାଟା ପାୱାର ନିର୍ବାହୀଯନ୍ତ୍ରୀ ଜଗତଜିତ୍ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେମାନଙ୍କ ପରିଚୟ ଜାଣିବା ପରେ ମନ୍ତ୍ରୀ ଜିଲାସ୍ତରୀୟ କେତେଜଣ ଅଫିସରଙ୍କୁ ଖୋଜିଥିଲେ। ସେମାନେ ଅନୁପସ୍ଥିତ ଥିବା ଜାଣି ସେ କୌଣସି ପ୍ରସଙ୍ଗ ନ ଉଠାଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ମନ୍ତ୍ରୀ ରାୟ ଫେରିବା ବେଳେ ଷ୍ଟେଟବ୍ୟାଙ୍କ ଛକରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପାଇଁ ଅଟକିଥିଲେ ମଧ୍ୟ ଫୁଲମାଳ ନ ଥିବାରୁ ରାସ୍ତା କଡ଼ରେ ପ୍ରାୟ ପନ୍ଦର ମିନିଟ ଅପେକ୍ଷା କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ଭାଜପା ରାଜ୍ୟ ସମ୍ପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର, ଭଞ୍ଜନଗର ନେତା ପ୍ରଦ୍ୟୁମ୍ନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଫୋନ୍ କହିବ ବ୍ରିଜ୍ ସ୍ଥିତି

## ଆମେରିକା ଗବେଷକ ବିକଶିତ କରିଛନ୍ତି ଅଭିନବ ଆପ୍

ୱାଶିଂଟନ୍, ୫ା୧୨

ବ୍ରିଜ୍‌ରେ ଯାନବାହନ ଯାତାୟାତବେଳେ ଘଟୁଥିବା ଦୁର୍ଘଟଣା ରୋକିବା ଏଣିକି ସହଜ ହେବ। କାରଣ ପୋଲର ସ୍ଥିତି ସମ୍ପର୍କରେ ଆଗୁଆ ଜଣାଇଦେବ ମୋବାଇଲ ଆପ୍। ଆଣ୍ଡ୍ରଏଡ୍ ମୋବାଇଲ ଆପ୍ ସାହାଯ୍ୟରେ ପୋଲରେ ଗାଡ଼ି ଯିବା ସୁରକ୍ଷିତ କି ନୁହେଁ ତାହା ଜାଣିହେବ ବୋଲି ଆମେରିକାର ମାସାଚୁଶେଟ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏମ୍ଆଇଟି) ପକ୍ଷରୁ କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି। ଗାଡ଼ିର ଭାର ସମ୍ଭାଳିବା ପାଇଁ ବ୍ରିଜ୍ କେତେ ସକ୍ଷମ ଏହି ଆପ୍ ଜରିଆରେ ଜାଣିହେବ। ଗବେଷଣା ସମ୍ପର୍କିତ ତଥ୍ୟ 'କ୍ରାଉଡ୍‌ସୋର୍ସିଂ ବ୍ରିଜ୍ ଡାଇନାମିକ୍ ମନିଟରିଂ ୱିଥ୍ ସ୍ମାର୍ଟ ଫୋନ୍ ଭେହିକିଲ୍ ଟ୍ରିପ୍ସ' ରେ ପ୍ରକାଶ ପାଇଛି।

ଆମେରିକାର ଗୋଲ୍ଡେନ୍ ଗେଟ୍ ବ୍ରିଜ୍‌କୁ ଗବେଷଣା ପାଇଁ ବ୍ୟବହାର କରାଯାଇଥିଲା। ଗବେଷକ ବ୍ରିଜ୍‌ରେ କେତେଗୁଡ଼ିଏ ସେନ୍ସର ଲଗାଇଥିଲେ। ସେନ୍ସର ଦ୍ୱାରା ପୋଲ ସମ୍ପର୍କିତ ଜରୁରୀ ତଥ୍ୟ ସେମାନେ ହାସଲ କରିଥିଲେ। ଏଥିରୁ ବ୍ରିଜ୍‌ର ଭାଇବ୍ରେଶନ୍ ବା ବର୍ଦ୍ଧିତ ବେଗ ବିଷୟରେ ଆବଶ୍ୟକୀୟ ତଥ୍ୟ ହସ୍ତଗତ ହୋଇଛି। ଜନଗହଳିପୂର୍ଣ୍ଣ ଓ ଖାଲିଥିବା ଅବସ୍ଥାରେ ବ୍ରିଜ୍‌ର ସ୍ଥିତି ସମ୍ପର୍କରେ ଗବେଷକ ଜାଣିବାକୁ ପାଇଛନ୍ତି। ଆମେରିକାର ମିଲିଟାରି ଏକାଡେମୀ ସିଭିଲ୍ ଆଣ୍ଡ ମେକାନିକାଲ ଇଞ୍ଜିନିୟରିଂର ଆସିଷ୍ଟାଣ୍ଟ ପ୍ରଫେସର ଥୋମାସ ଜେ. ମାଟାରାଜୋ, ସେନ୍‌ସିବଲ ସିଟି ଲାବ୍‌ର ରିସର୍ଚ୍ଚର ସୋହେଲ ଏସ୍. ଇସ୍‌କେଭାରି, ଡିଡି ଲାବ୍ ସାଇଣ୍ଟିଷ୍ଟ ପାଓଲୋ ସାଣ୍ଟି, ଇଟାଲିଆନ୍ ରିସର୍ଚ୍ଚ କାଉନ୍‌ସିଲର ଗବେଷଣା ନିର୍ଦ୍ଦେଶକ ଶାମିମ୍ ଏନ୍. ପାକ୍‌ଜାଦ ଏବଂ ଏମ୍ଆଇଟିର ସିଭିଲ୍ ଆଣ୍ଡ



ଏନ୍‌ଭାଇରନମେଣ୍ଟାଲ ଇଞ୍ଜିନିୟରିଂ ପ୍ରଫେସର ଜେରି ପ୍ରମୁଖ ଉକ୍ତ ଗବେଷଣାରେ ସାମିଲ ହୋଇଛନ୍ତି।

ମୋବାଇଲ ଆପ୍ ଯୋଗୁ ବ୍ରିଜ୍‌ର ସ୍ଥିତି ସମ୍ପର୍କରେ ଆଗୁଆ ତଥ୍ୟ ମିଳିଲେ ତାହା ଦୁର୍ଘଟଣା ରୋକିବାରେ ସହାୟକ ହେବ। ଗବେଷକମାନେ ବିକଶିତ କରିଥିବା ଆପ୍ ସଂଲଗ୍ନ ଆଣ୍ଡ୍ରଏଡ୍ ଫୋନ ରଖାଯାଇଥିବା ଗାଡ଼ି ବ୍ରିଜ୍ ଅତିକ୍ରମ କରିବା ସମୟରେ ହିଁ ଏହାର ସ୍ଥିତି ସମ୍ପର୍କରେ ସତର୍କ କରାଇପାରିବ। ଗବେଷକମାନେ ଗୋଲ୍ଡେନ ଗେଟ୍ ବ୍ରିଜ୍ ଉପରେ ୧୦୨ ଥର ଆପ୍ ଥିବା ମୋବାଇଲ ନେଇ ଯାଆସ କରିଥିବାବେଳେ ଉବେର ଯୋଗେ ୭୨ ଥର ଯିବାଆସିବା କରିଥିଲେ। ଏହାପରେ ମୋବାଇଲ ଆପ୍‌ରେ ପ୍ରଦତ୍ତ ତଥ୍ୟ ଏବଂ ୨୪୦ ସେନ୍ସରରୁ ମିଳିଥିବା ତଥ୍ୟକୁ ତୁଳନା କରାଯାଇଥିଲା। ସେନ୍‌ସରରୁ ମିଳିଥିବା ତଥ୍ୟ ଓ ଆପ୍ ଜରିଆରେ ସଂଗୃହୀତ ତଥ୍ୟ ମଧ୍ୟରେ କେତେକ ସାମଞ୍ଜସ୍ୟ ରହିଛି। ସୂଚନା ମୁତାବକ ସେନ୍ସରଗୁଡ଼ିକ ପାଖାପାଖି ୩ ମାସ ଧରି ବ୍ରିଜ୍‌ରେ ଖଞ୍ଜାଯାଇଥିଲା। ତେବେ ଆପ୍ ଓ ସେନ୍ସରରୁ ମିଳିଥିବା ତଥ୍ୟ କେତେକ ବ୍ରିଜ୍ ପାଇଁ ସମାନ ହୋଇଥିବାବେଳେ ଆଉ କିଛି ବ୍ରିଜ୍ କ୍ଷେତ୍ରରେ ପାର୍ଥକ୍ୟ ଦେଖିବାକୁ ମିଳିଥିଲା। ସେଥିପାଇଁ ରିସର୍ଚ୍ଚରମାନେ ଏହି ଗବେଷଣା ଜାରି ରଖିବେ ବୋଲି କହିଛନ୍ତି।

# ବ୍ୟାଙ୍କ ଅଧିକାରୀଙ୍କ ଆତ୍ମହତ୍ୟା ପଛରେ ନ୍ୟୁଡ୍ କଲ୍

## ରାଜସ୍ଥାନରୁ ୨ଗିରଫ

ସୋନପୁର, ୫ା୧୨(ନି.ପ୍ର.)

ବରଗଡ଼ ଜିଲା ବରପାଲି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର କୃଷି ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବଲାଙ୍ଗୀର ସହର ଶାନ୍ତିପଡ଼ାର ଦିବ୍ୟରଞ୍ଜନ ମିଶ୍ର ଗତ ଅଗଷ୍ଟ ୧୦ତାରିଖରେ ଡୁଙ୍ଗୁରିପାଲି ନିକଟ ଚେରୁପାଲି ଅଙ୍ଗନଦୀକୁ ଡେଇଁ ଆତ୍ମହତ୍ୟା କରିଥିଲେ। ସୁବର୍ଣ୍ଣପୁର ପୋଲିସ ଏହି ରହସ୍ୟଜନକ ମାମଲା ଉପରୁ ପରଦା ଉଠାଇଛି। ନ୍ୟୁଡ୍ କଲ୍ ଭିଡିଓ ଭାଇରାଲ ହେବା ଭୟରେ ନଦୀକୁ ଡେଇଁ ଦିବ୍ୟରଞ୍ଜନ ଆତ୍ମହତ୍ୟା କରିଥିଲେ। ସେ ଆନ୍ତଃ ରାଜ୍ୟ ସାଇବର ବ୍ଲାକ୍‌ମେଲରଙ୍କ ବୁଡ଼ିଆଣୀ ଜାଲରେ ପଡ଼ିଯାଇଥିଲେ। ନିଜର ଭୁଲ ନଥିଲେ ମଧ୍ୟ କାହାକୁ ନ ଜଣାଇ ମୃତ୍ୟୁ ପୂର୍ବରୁ ଗ୍ୟାଙ୍ଗର ସଦସ୍ୟଙ୍କୁ ୨୬ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏହା ପରେ ବି ସିବିଆଇ ଅଧିକାରୀ ଓ ବାରମ୍ବାର ଭିଡିଓ ଭାଇରାଲ ଧମକ ମିଳିବାରୁ ଶେଷରେ ସେ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏ ନେଇ ଜିଲା ପୋଲିସ ମୁଖ୍ୟାଳୟରେ ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡା।

ଦିବ୍ୟରଞ୍ଜନଙ୍କୁ ବ୍ଲାକ୍‌ମେଲ କରିବା ଗ୍ୟାଙ୍ଗରେ ରାଜସ୍ଥାନର ୪ଜଣ ସାମିଲ ଥିଲେ। ଆତ୍ମହତ୍ୟା ପରେ ଘଟଣାର ଖୋଳତାଡ଼ କରି ଦିବ୍ୟରଞ୍ଜନଙ୍କ କଲ୍ ଡିଟେଲ୍ସ ଓ ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟରୁ ସୁବର୍ଣ୍ଣପୁର ପୋଲିସକୁ ସୁରାକ ମିଳିଥିଲା। ରାଜସ୍ଥାନ ଭେୱାଡ଼ି ଜିଲାର ଏସ୍‌ପି ଶାନ୍ତନୁ ସିଂଙ୍କ ସହାୟତାରେ ସୁବର୍ଣ୍ଣପୁର ପୋଲିସ ଟ୍ରାକିଂ କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କିଙ୍ଗପିନ୍ ଜାଇରୋଲିର ମେହବୁବ(୩୧) ଓ ତାଙ୍କ ଶଳା ତିଜାରାର ଆଦିଲ(୧୯)। ସୋମବାର ମେହବୁବ ଓ ଆଦିଲଙ୍କୁ ଡୁଙ୍ଗୁରିପାଲି ପୋଲିସ କୋର୍ଟ ଚାଲାଣ କରିଛି।


**ZILLA SWASTHYA SAMITI, MAYURBHANJ**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**

**Advt. No. 08/NHM** — **Walk-in-Interview** — **Date- 03.12.2022**

No.E-699:- Walk-in-Interview will be conducted in the office of the undersigned for engagement in the following post under NHM, Mayurbhanj with monthly remuneration as noted below as per the norms & conditions under ZSS, Mayurbhanj.

| S. N. | Post & Age (as on dtd. 01.11.2022) | No. of Post | Place of Posting | Remuneration (in Rs.) | Eligibility Criteria & Preference | Date, Time & Venue of Walk-in-Interview |
|---|---|---|---|---|---|---|
| 1 | **Paediatrician** (Upto 70 years) | 01 | DEIC, Baripada | Base remuneration Rs.74,391/- PI maximum 25% of the base remuneration | MBBS with MD in Paediatrics from institutions recognized & approved by Medical Council of India & with valid registration from the State Council of Medical Registration. | 13.12.2022 at 11 AM in NHM Conference Hall |
| 2 | **Medical Officer** (Contractual) (Upto 70 years) | 04 | UPHC, Rairangpur & HWC Rairangpur/ Karanjia/Baripada | Base remuneration Rs.59,511/- PI maximum 25% of the base remuneration | MBBS degree recognised by Medical Council of India & with valid registration from the OCMR. | |
| 3 | **Specialist O&G** (Part Time) (Upto 70 years) | 01 | UPHC Tulasichoura | Rs.1500/- per session (Maximum two session per day) | MBBS and PG in O & G and valid registration from OCMR. | |
| 4 | **Specialist in Paediatrics** (Part Time) (Upto 70 years) | 01 | UPHC Tulasichoura | Rs.1500/- per session (Maximum two session per day) | MBBS and PG in Paediatrics and valid registration from OCMR. | |
| 5 | **Specialist in Medicine** (Part Time) (Upto 70 years) | 01 | UPHC Tulasichoura | Rs.1500/- per session (Maximum two session per day) | MBBS and PG in Medicine and valid registration from OCMR. | |
| 6 | **Psychiatric Specialist** (Part Time) (Upto 70 years) | 04 | UPHC Debendrapur, Murgabadi, Tulasichoura & Rairangpur | Rs.1500/- per session (Maximum two session per day) | MBBS with post graduate Degree or Diploma in psychiatry | |
| 7 | **Nutritionist** (Part Time) (Upto 70 years) | 04 | UPHC Debendrapur, Murgabadi, Tulasichoura & Rairangpur | Rs.500/- per session (Maximum two session per day) | The person should have B.Sc (Home Science)/ Post Graduation in Home Science/ Nutrition in from recognized institutions | |
| 8 | **Occupational Therapist** (Upto 40 years) | 01 | DEIC, Baripada | Rs.30,012 PI maximum 25% of the base remuneration | Bachelor Degree in Occupational Therapy (B.O.T.) from a recognized Institution/University. The Degree must be 4 ½ years of full time course including 6 months of compulsory internship. Experience: The candidate must have minimum 2 years of post-qualification clinical experience. | 22.12.2022 at 11 AM at NHM Conference Hall |

The participants are required to arrive in the venue for registration by 10.30 A.M. The eligible candidates should come prepared for Walk-in-Interview with the filled in Application form, 2 passport size photographs, original certificates for verification & self attested photocopes of all the certificates & proof of age. The Terms & conditions, application form can be downloaded from the website **www.mayurbhanj.nic.in**. The undersigned reserves the right to cancel the advertisement without assigning any reason thereof.

**Sd./- (Dr. Rupabhanu Mishra)**
**Chief District Medical & PHO, Mayurbhanj**

OIPR-10020/11/0014/2223



**ODISHA PUBLIC SERVICE COMMISSION, CUTTACK**

**NOTICE**

**No.10950/PSC Dt.05.12.2022**
**PF-1E-11-2021/22 (DR-III)**

No. D-240: It is for information of all concerned that, 118 (One hundred Eighteen) candidates bearing following PPSAN Nos. have been called for the physical verification of original Certificates/ Documents to determine their eligibility and suitability for recruitment to the Post of **Post Graduate Teacher in PHYSICS** for 17 Nos. of stand-alone Government Higher Secondary Schools, pursuant to Advt. No. 24 of 2021-22. The document verification shall be held in office of the Commission at 19, DR. P.K. Parija Road, Cuttack as per the following programme detailed below:

**PROGRAMME OF DOCUMENT VERIFICATION**

| Date | Time | PPSAN Nos. of Candidates |
|---|---|---|
| 13.12.2022 | 10.30 A.M. | 00093578, 00120447, 00090691, 00122422, 00089820, 00117945, 00092314, 00101252, 00116384, 00091662, 00100117, 00096242, 00103998, 00119265 & 00117302 **= 15 Candidates** |
| | 02.30 P.M. | 00118990, 00100779, 00124720, 00096884, 00102909, 00116380, 00103552, 00092017, 00048661, 00101684, 00040565, 00101333, 00115159, 00101361 & 00126033 = **15 Candidates** |
| 14.12.2022 | 10.30 A.M. | 00112561, 00058717, 00123129, 00111966, 00114657, 00060517, 00104735, 00018802, 00099935, 00126097, 00132373, 00098890, 00117918, 00104445 & 00091547 = **15 Candidates** |
| | 02.30 P.M. | 00034841, 00120505, 00090378, 00115428, 00103050, 00104097, 00089840, 00061979, 00118231, 00125659, 00089143, 00104529, 00092343, 00034707 & 00103224 **= 15 Candidates** |
| 15.12.2022 | 10.30 A.M. | 00117256, 00050541, 00086525, 00098588, 00100640, 00099115, 00116890, 00122537, 00100547, 00115506, 00121834, 00117741, 00035161, 00099427 & 00102995 **= 15 Candidates** |
| | 02.30 P.M. | 00114688, 00119101, 00118203, 00063105, 00041139, 00073447, 00078795, 00115121, 00027017, 00066781, 00102512, 00103668, 00094959, 00020850 & 00117024 **= 15 Candidates** |
| 16.12.2022 | 10.30 A.M. | 00111827, 00103554, 00101158, 00103206, 00114485, 00072310, 00102756, 00122662, 00080073, 00031839, 00121478, 00122096, 00115680, 00027592 & 00044831 **= 15 Candidates** |
| | 02.30 P.M. | 00080400, 00099297, 00127092, 00031889, 00114425, 00092176, 00056800, 00103290, 00028544, 00127790, 00068340, 00056511 & 00034146 **= 13 Candidates** |

The candidates are required to bring one set of self-attested photocopies of all the documents along with all original documents for verification as mentioned below:

1. Hard copy of the online application form.
2. Three recent passport size photographs.
3. Duly filled in and attested "Attestation Form" and duly filled in "Bio-data Form" (to be downloaded from the website of the Commission)
4. H.S.C. or equivalent certificate in support of declaration of age issued by the concerned Board/Council.
5. Post-Graduation Certificate/Master's Degree in the subject concerned in respect of educational qualification prescribed.
6. B.Ed. Certificate.
7. Mark-sheets in support of all the Examinations (HSC, Intermediate/+2, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/ University.
8. Degree or Diploma Certificate in Computer Application in respect of educational qualification prescribed;
9. Odia Test Pass Certificate.
10. Caste Certificate claim as S.T./S.C./S.E.B.C. wherever applicable.
11. Permanent Disability Certificate (including percentage of permanent disability i.e. 40% and more).
12. Ex-Servicemen are required to attach copy of Discharge Certificate issued by the Commanding Officer of the unit last served. They must submit an affidavit undertaking that he/she has not been appointed against any civil post after retirement from military service, wherever applicable.
13 Sports Persons Certificate issued by the Director of Sports Odisha.
14. Any proof of Identity.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**OIPR-12002/11/0213/2223** **Sd./- Additional Secretary**



No. F-377

**GOVERNMENT OF ODISHA**
**FOREST, ENVIRONMENT & CLIMATE CHANGE DEPARTMENT**

**No. FE-DIV-FLD-0016-2022-17964/FE&CC, Bhubaneswar, dated the 07.10.22**
**10F (Cons) 09/2022**

**ORDER**

**Sub: Diversion of 4.31 ha of Revenue forest land (3.358 ha of Jhanajhana Mouza & 0.952 ha of Dhenka Mouza) for preparation of land bank for relocation of villagers of Pitanau, Ratanmara & Jhunaposi Hamlets situated inside Hadagarh Wildlife Sanctuary under the jurisdiction of Keonjhar (Wildlife) Division, Anandapur, Keonjhar District, Odisha.**

WHEREAS, Tahasildar, Hatadihi Tahasil, At/ Po-Hatadihi, Dist-Keonjhar, Odisha had applied for diversion of 4.31 ha of Revenue forest land (3.358 ha of Jhanjhan Mouza & 0.952 ha of Dhenka Mauza) for preparation of land bank for relocation of villagers of Pitanau, Ratnamara & Jhunaposi Hamlets situated inside Hadagarh Wildlife Sanctuary under the jurisdiction of Keonjhar (Wildlife) Division, Anandpur of Keonjhar District, Odisha.

And whereas, the Govt. of India, MoEF&CC, Integrated Regional Office, Bhubaneswar vide their letter No.5-ORB506/2022-BHU dtd.23.09.2022 in consideration of the relevant proposal of the State Government furnished vide letter No.4427/FE&CC dtd. 03.03.2022 have communicated their approval for diversion of 4.31 ha of Revenue forest land (3.358 ha of Jhanajhana Mouja & 0.952 ha of Dhenka Mouza) for preparation of land bank for relocaiton of villagers of Pitanau, Ratanmara & Jhunaposi Hamlets situated inside Hadagarh Wildlife Sanctuary under the jurisdiction of Keonjhar (Wildlife) Division, Anandapur, Keonjhar District, Odisha (**Annexure-I**) subject to fulfillment of certain conditions as stipulated therein.

Now, therefore, Govt. of Odisha do hereby allows diversion of 4.31 ha of Revenue forest land (3.358 ha of Jhanajhana Mouza & 0.952 ha of Dhenka Mouza) for preparation fo land bank for relocaiton of villagers of Pitanau, Ratanmara & Jhunaposi Hamlets situated inside Hadagarh Wildlife Sanctuary under the jurisdiction of Keonjhar (Wildlife) Division, Anandapur, Keonjhar District, Odisha subject to fulfillment of the conditions as stipulated by Govt. of India, MoEF & CC, Integrated Regional Office, Bhubaneswar in their approval letter referred above. The detailed land schedule of the forest land as receieved from PCCF & HoFF, Odisha vide his letter No.3244 dtd.17.02.2022 is appended herewith as **Annexure-II (One Page).**

The Collector, Keonjhar and Divisional Forest Officer, Keonjhar (Wildlife) Division, Ananadapur, as the case may be are authorized to allow for use of the forest land in question for the purpose of preparation of land bank for relocation of villagers of Pitanau, Ratanmara & Jhunaposi Hamlets situated inside Hadagarh Wildlife Sanctuary under the jurisdiction of Keonjhar (Wildlife) Division, Anandapur, Keonjhar District, Odisha subject to fulfillment of the conditions as laid down in the approval order and compliance of Court's order if any, following due procedure of law.

The Divisional Forest Officer, Keonjhar (Wildlife) Division, Anandapur is also directed to monitor compliance to the conditions stipulated for such diversion in the respective forest clearance order and to report violations, if any, to the Nodal Officer, O/o the PCCF & HoFF, Odisha and to the Forest, Environment & Climate Change Department.

**By order of Governor**
**Sd./- (Lingaraj Otta)**
**OSD-cum-Special Secretary to Government**

**Memo No. 17965/FE&CC, Date- 07.10.22**

Copy along with the copy of Annexures forwarded to the Principal Chief Conservator of Forests & HoFF, Odisha for kind information and necessary followup action.

Appropriate instruction to the Divisional Forest Officer, Keonjhar (Wildlife) Division, Anandapur and the applicant agency may be imparted for required follow up action at their end. The applicant agency may also be instructed to furnish compliance to the conditions of forest clearance pertaining to the project in every quarter to the Divisional Forest Officer, Keonjhar (Wildlife) Division, Anandapur for facilitating monitoring of compliances.

**Sd./- OSD-cum-Special Secretary to Government**

**Memo No. 17966/FE&CC, Date- 07.10.22**

Copy along with the copy of annexures forwarded to the Asst. Inspector General of Forests, Government of India, MoEF&CC (FC Division), Indira Paryavaran Bhawan, Jor Bagh, Aliganj Road, New Delhi, Pin-110003/ Deputy Director General of Forests (Central), MoEF&CC, Government of India, IRO, A/3, Chandrasekharpur, Bhubaneswar for kind information and necessary follow up action in compliance to the order of the Hon'ble NGT dtd.07.11.2012 in Appeal No.07/2012 communicated by the MoEF, Govt. of India vide their F.No.7-23/2012-C dtd.24.07.2013.

**Sd./- OSD-cum-Special Secretary to Government**

**Memo No. 17967/FE&CC, Date- 07.10.22**

Copy along with the copy of annexures forwarded to the Principal Chief Conservator of Forests (Wildlife) & Chief Wildlife Warden, Odisha/ Principal Chief Conservator of Forests (FD & NO) FC Act, O/o PCCF & HoFF, Odisha for information and necessary action.

**Sd./- OSD-cum-Special Secretary to Government**

**Memo No. 17968/FE&CC, Date- 07.10.22**

Copy along with the copy of annexures forwarded to the FD, STR-cum-Regional Chief Conservator of Forests, Baripada Circle/ Divisional Forest Officer, Keonjhar (Wildlife) Division, Anandapur for information and immediate necessary compliance.

The Applicant agency may also be instructed to furnish compliance to the conditions for forest clearance pertaining to the project in every quarter to the Divisional Forest Officer, Keonjhar (Wildlife) Division, Anandapur for facilitating monitoring of compliances by them.

The Divisional forest Officer, Keonjhar (Wildlife) Division, Anandapur is also instructed to ensure that the direction given to the applicant agency is executed immediately.

**Sd./- OSD-cum-Special Secretary to Government**

**Memo No. 17969/FE&CC, Date- 07.10.22**

Copy along with the copy of annexures forwarded to ST & SC Development Department/ Revenue & Disaster Management Department/ Collector, Keonjhar for information and necessary follow up action.

**Sd./- OSD-cum-Special Secretary to Government**

**Memo No. 17970/FE&CC, Date- 07.10.22**

Copy along with the copy of annexures forwarded to the Private Secretary to Minister of Forest, Environment & Climate Change for kind information of Hon'ble Minister.

**Sd./- OSD-cum-Special Secretary to Government**

**Memo No. 17971/FE&CC, Date- 07.10.22**

Copy along with the copy of the Annexures forwarded to the Tahasildar, Hatadihi Tahasil, At/Po-Hatadihi, Dist.- Keonjhar, Odisha, Pin-758083 for information and immediate necessary action.

The user agency is asked to take following actions immediately as per orders of Hon'ble National Green Tribunal dtd.07.11.2012 in Appeal No.07/2012 communicated by the MoEF, Government of India vide their letter F. No.7-23/2012-FC dtd.24.07.2013.

i. ***They shall publish the entire forest clearance granted in verbatim along with conditions and safeguards imposed by the Central Government in their approval order for forest clearance in two widely circulated daily newspapers, one in vernacular language and the other in English language so as to make people aware of the permission granted to the Project for use of forest land for non forest purposes.***

ii. ***They shall submit the copies of forest clearance orders granted by the Central Government/State Government to the Heads of local bodies, Panchayats and Municipal bodies in addition to the relevant offices of the Government, who in turn, has to display the same for 30 days from date of receipt.***

iii. ***Detailed action taken in compliance to the above order of State Government shall be intimated to the DFO, Keonjhar (Wildlife) Division, Anandapur/FD, STR-cum-RCCF, Baripada Circle/ PCCF & HoFF, Odisha/ FE&CC Department for reference.***

***The applicant agency shall furnish compliances to the conditions prescribed in the forest/wildlife clearance order to the Divisional Forest Officer, Keonjhar (Wildlife) Division, Anandapur in every quarter, for the purpose of monitoring by him.***

**Sd./- OSD-cum-Special Secretary to Government**

**Memo No. 17972/FE&CC,Date- 07.10.22**

Copy with copy of Annexures fowarded to the Head, State Portal, I.T. Centre, Odisha Secretariat, Bhubaneswar for information and necessary action. He is requested to upload this order along with its enclosures in the website of Forest & Environment Department immediately for infomation of all concerned. **This is required in compliace to order of Hon'ble National Green Tribunal dtd.07.11.2012 in Appeal No.7/2012. Hence this may be done unfailingly.**

**Sd./- OSD-cum-Special Secretary to Government**

**Memo No. 17973/FE&CC,Date- 07.10.22**

Copy with copy of Annexures forwarded to the Under Secretary to Government, Office Establishment Section, Forest & Environment Department for information and necessary action with reference to their letter No. 12939/F&E dtd. 16.07.2016.

**Sd./- OSD-cum-Special Secretary to Government**

OIPR-24330/11/0002/2223


See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶେଫାଳୀ ଭାରତୀୟ ଦଳ ଅଧିନାୟିକା

## ୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍

ନୂଆଦିଲ୍ଲୀ, ୫।୧୨ (ପି.ଟି.)




ଦକ୍ଷିଣ ଆଫ୍ରିକାରେ ଜାନୁୟାରୀ ୧୪ରୁ ୨୯ ପର୍ଯ୍ୟନ୍ତ ହେବାକୁ ଥିବା ଆଇସିସି ୧୯ ବର୍ଷରୁ କମ୍ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ପ୍ରତିଭାସମ୍ପନ୍ନ ଓପନିଂ ବ୍ୟାଟର ଶେଫାଳୀ ବର୍ମାଙ୍କୁ ଭାରତୀୟ ଦଳର ଅଧିନାୟିକା ଭାବେ ମନୋନୀତ କରାଯାଇଛି। ଏଥିସହିତ ଡିସେମ୍ବର ୧୭ରୁ ଖେଳାଯିବାକୁଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ୧୯ ବର୍ଷରୁ କମ୍ ଦ୍ୱିପାକ୍ଷିକ ଟି୨୦ ସିରିଜରେ ମଧ୍ୟ ସେ ଭାରତୀୟ ଦଳର ନେତୃତ୍ୱ ନେବେ। ୧୮ ବର୍ଷୀୟା ଶେଫାଳୀ ୨୦୧୯ରେ ଜାତୀୟ ସିନିୟର ଦଳରେ ପଦାର୍ପଣ କରିବା ପରେ ଦୁଇଟି ଟେଷ୍ଟ, ୨୧ ଅନ୍ତର୍ଜାତୀୟ ଦିନିକିଆ ଏବଂ ୪୬ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯିବାକୁଥିବା ୧୯ ବର୍ଷରୁ କମ୍ ୫ଟି ଟି୨୦ ମ୍ୟାଚ ଲାଗି ସେ ୧୮ ଜଣିଆ ଭାରତୀୟ ଦଳର ନେତୃତ୍ୱ ନେବେ। ସମସ୍ତ ୫ଟି ଟି୨୦ ମ୍ୟାଚ ଟୁକ୍ସ ଓଭାଲ, ପ୍ରିଟୋରିଆଠାରେ ଯଥାକ୍ରମେ ଡିସେମ୍ବର ୨୭, ୨୯, ୩୧ ଏବଂ ଜାନୁୟାରୀ ୨ ଓ ୪ରେ ଖେଳାଯିବ। ୧୯ ବର୍ଷରୁ କମ୍ ଟି୨୦ ବିଶ୍ୱକପ୍ ୧୬ଟି ଦଳକୁ ନେଇ ଖେଳାଯିବ। ପ୍ରତିଯୋଗିତାରେ ଦକ୍ଷିଣ ଆଫ୍ରିକା, ୟୁଏଇ ଓ ସ୍କଟ୍‌ଲାଣ୍ଡ ସମେତ ଭାରତ ଗ୍ରୁପ୍ 'ଡି'ରେ ସ୍ଥାନ ପାଇଛି। ପ୍ରତି ଗ୍ରୁପ୍‌ରୁ ଶ୍ରେଷ୍ଠ ୩ ଦଳ ସୁପର ସିକ୍ସ ରାଉଣ୍ଡକୁ ଉନ୍ନୀତ ହେବେ। ଏହି ପର୍ଯ୍ୟାୟରେ ୧୨ଟି ଦଳ ଦୁଇଟି ଗ୍ରୁପ୍‌ରେ ବିଭକ୍ତ ହୋଇ ଖେଳିବେ। ପ୍ରତ୍ୟେକ ଗ୍ରୁପ୍‌ରୁ ଶ୍ରେଷ୍ଠ ୨ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଏହା ପୋଶ୍ଚେଫଷ୍ଟ୍ରୁମସ୍ଥିତ ଜେବି ମାର୍କ୍ସ ଓଭାଲଠାରେ ଜାନୁୟାରୀ ୨୭ରେ ଖେଳାଯିବ। ଏହି ଭେନ୍ୟୁରେ ଫାଇନାଲ ଜାନୁୟାରୀ ୨୯ରେ ଖେଳାଯିବ।

**ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ସିରିଜ ପାଇଁ ୧୯ ବର୍ଷରୁ କମ୍ ଭାରତୀୟ ମହିଳା କ୍ରିକେଟ ଦଳ:** ଶେଫାଳୀ ବର୍ମା (ଅଧିନାୟିକା), ଶ୍ୱେତା ଶେରାୱତ (ଉପ ଅଧିନାୟିକା), ରିଚା ଘୋଷ (ଉଇକେଟ କିପର), ଜି. ତ୍ରିଶା, ସୌମ୍ୟା ତିୱାରୀ, ସୋନିଆ ମେହେଦିୟା, ହର୍ଲି ଗାଲା, ହୃଷିତା ବସୁ (ଉଇକେଟକିପର), ସୋନମ ଯାଦବ, ମନତ କାଶ୍ୟପ, ଅର୍ଚ୍ଚନା ଦେବୀ, ପାର୍ଶବୀ ଚୋପ୍ରା, ଟିଟାସ ସାଧୁ, ଫଲକ ନାଜ୍, ଶବନମ ଏମ୍‌ଡି, ଶିଖା, ନାଜଲା ସିଏମ୍‌ସି ଓ ଯଶଶ୍ରୀ।

**୧୯ ବର୍ଷରୁ କମ୍ ମହିଳା ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳ:** ଶେଫାଳୀ ବର୍ମା (ଅଧିନାୟିକା), ଶ୍ୱେତା ଶେରାୱତ (ଉପ ଅଧିନାୟିକା), ରିଚା ଘୋଷ (ଉଇକେଟକିପର), ଜି. ତ୍ରିଶା, ସୌମ୍ୟା ତିୱାରୀ, ସୋନିଆ ମେହେଦିୟା, ହର୍ଲି ଗାଲା, ହୃଷିତା ବସୁ (ଉଇକେଟକିପର), ସୋନମ ଯାଦବ, ମନତ କାଶ୍ୟପ, ଅର୍ଚ୍ଚନା ଦେବୀ, ପାର୍ଶବୀ ଚୋପ୍ରା, ଟିଟାସ ସାଧୁ, ଫଲକ ନାଜ୍‌ଓ ଶବ୍‌ନମ ଏମ୍‌ଡି। ଷ୍ଟାଣ୍ଡବାଇ ଖେଳାଳି: ଶିଖା, ନାଜଲା ସିଏମ୍‌ସି ଓ ଯଶଶ୍ରୀ।

# ଛତିଶଗଡ଼ ଚାମ୍ପିୟନ




ଚାମ୍ପିୟନ ଛତିଶଗଡ଼ ଦଳର ଅଧିନାୟକ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ପୁରୁଣା ଭୁବନେଶ୍ୱର, ୫।୧୨ (ଡି.ଏନ୍.ଏ.):** ସ୍ଥାନୀୟ ସୁନ୍ଦରପଦା ଫୁଟ୍‌ବଲ ପଡ଼ିଆରେ ଅନୁଷ୍ଠିତ ୧୩ତମ ଲିଙ୍ଗରାଜ ଚ୍ୟାଲେଞ୍ଜ ସର୍ବଭାରତୀୟ ଦିବାରାତ୍ର ଭଲିବଲ ଟର୍ନାମେଣ୍ଟରେ ଛତିଶଗଡ଼ ଚାମ୍ପିୟନ ହୋଇଛି। ପ୍ରତିଯୋଗିତାରେ ଇଷ୍ଟକୋଷ୍ଟ ରେଲୱେ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ଓଡ଼ିଶା ସ୍ପୋର୍ଟ୍ସ ହଷ୍ଟେଲ ଏବଂ ରାଉରକେଲା ରାଇଜିଂ କ୍ଲବ ଆଦି ୫ଟି ଦଳ ଭାଗନେଇଥିଲେ। ଶନିବାର ସମସ୍ତ ଲିଗ୍ ମ୍ୟାଚ ଖେଳାଯାଇଥିବାବେଳେ ଶେଷ ଦିନରେ ସେମିଫାଇନାଲ ଓ ଫାଇନାଲ ଅନୁଷ୍ଠିତ ହୋଇଥିଲା। ପ୍ରଥମ

## ସର୍ବଭାରତୀୟ ଲିଙ୍ଗରାଜ ଚ୍ୟାଲେଞ୍ଜ ଭଲିବଲ ଉଦ୍‌ଯାପିତ

ସେମିଫାଇନାଲ ଛତିଶଗଡ଼ ଜିତିଥିବାବେଳେ ଦ୍ୱିତୀୟ ସେମିଫାଇନାଲରେ ଆନ୍ଧ୍ରପ୍ରଦେଶ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଥିଲା। ଫାଇନାଲରେ ଆନ୍ଧ୍ରପ୍ରଦେଶ ଦଳକୁ ୨-୦ରେ ପରାସ୍ତ କରି ଛତିଶଗଡ଼ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟର ଶ୍ରେଷ୍ଠ ଆଟାକର ଭାବରେ ଆନ୍ଧ୍ରପ୍ରଦେଶ ଟିମ୍‌ର ସାଇ ଏବଂ ଶ୍ରେଷ୍ଠ ୟୁନିଭର୍ସାଲ ଖେଳାଳି ଭାବରେ ରାମପ୍ରସାଦଙ୍କୁ ବିବେଚିତ କରାଯାଇଥିବାବେଳେ ଛତିଶଗଡ଼ର ଦୀପେଶ ସିନ୍ହାଙ୍କୁ ଶ୍ରେଷ୍ଠ ବ୍ଲକର ଭାବେ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଭାଜପା ନେତା ତଥା ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ ମୁଖ୍ୟ ଅତିଥି, ପୂର୍ବତନ ରଣଜି ଖେଳାଳି ତଥା ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସିନେ କଳାକାର ପିଙ୍କି ପ୍ରଧାନ, ସାମାଜିକ କର୍ମୀ ସୁରେନ୍ଦ୍ର ପ୍ରଧାନ, ପ୍ରିୟବ୍ରତ ସ୍ୱାଇଁ, ହିମାଂଶୁ ଛୋଟରାୟ, କର୍ପୋରେଟର ରାମଚନ୍ଦ୍ର ରଣସିଂ ଏବଂ ସୁଜାତା ଛୋଟରାୟ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ୪୦ବର୍ଷରୁ ଉର୍ଦ୍ଧ୍ୱ ସଫ୍ଟ ଟେନିସ୍ ଡବଲ୍ସରେ ଭାରତ ପାଇଁ ବ୍ରୋଞ୍ଜ ପଦକ ଜିତିଥିବା ବିକାଶ ଚନ୍ଦ୍ର ପଟ୍ଟନାୟକ, ଭାରତୀୟ ସିନିୟର ଭଲିବଲ ଦଳର ଏକମାତ୍ର ଓଡ଼ିଆ ଖେଳାଳି ମାସିଉଜ ଜମ୍ବା ଓ ଭଲିବଲ ପ୍ରଶିକ୍ଷିକା ସୁଷମା ନନ୍ଦଙ୍କୁ ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ ଭାରତ ପାଇଁ ଚଳିତବର୍ଷ ଖେଳିଥିବା ମହିଳା ଭଲିବଲ ଖେଳାଳି ମମତା ନାଗ ଏବଂ ଲାସ୍ୟମୟୀ ମହାନ୍ତଙ୍କୁ ସମ୍ମାନିତ କରାଯାଇଥିଲା। ଟୁର୍ନାମେଣ୍ଟକୁ ଆୟୋଜକ ଲିଙ୍ଗରାଜ ସ୍ପୋର୍ଟ୍ସ ଆସୋସିଏଶନ ସମ୍ପାଦକ ରଜତ ତ୍ରିପାଠୀ, କାର୍ଯ୍ୟକାରିଣୀ ସଭାପତି ଶିବନାରାୟଣ ବାରିକ, ଟୁର୍ନାମେଣ୍ଟ ମୁଖ୍ୟ ସଂଯୋଜକ ସଞ୍ଜୟ ଦାସ, ସୁବାସ ମିଶ୍ର, ନିହାର ମହାନ୍ତି ପ୍ରମୁଖଙ୍କ ସହ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

# ଭାରତୀୟ ଦଳରେ ଓଡ଼ିଶାର ୧୦ ଖେଳାଳି

## ୧୮ ବର୍ଷରୁ କମ୍ ଏସିଆ ରଗ୍‌ବୀ ୭ଏସ୍

ଭୁବନେଶ୍ୱର, ୫।୧୨ (କ୍ରୀଡ଼ା ପ୍ରତିନିଧି)

ନେପାଳର କାଠମାଣ୍ଡୁଠାରେ ୧୮ ବର୍ଷରୁ କମ୍ ଏସିଆ ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍ ଚଳିତ ମାସ ୧୦ଓ ୧୧ ଦୁଇଦିନଧରି ଅନୁଷ୍ଠିତ ହେବ। ଏଥିପାଇଁ ଘୋଷିତ ଭାରତୀୟ ଦଳରେ କିସ୍‌ର ୬ ଖେଳାଳିଙ୍କୁ ମିଶାଇ ଓଡ଼ିଶାର ମୋଟ ୧୦ ଖେଳାଳି ସାମିଲ ହୋଇଛନ୍ତି। ବାଳିକା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ମାମା ନାଏକ, ତରୁଲତା ନାଏକ, ଆରତୀ ମୁର୍ମୁ, ପାର୍ବତୀ ହାଂସଦା ଓ ନିର୍ମାଲ୍ୟ ରାଉତ। ସେହିପରି ବାଳକ ଦଳରେ ଗଣେଷ ଧାଙ୍ଗଡ଼ା ମାଝି, ଅଶୋକ ହାଂସଦା, ଗୁରୁ ମାଣ୍ଡ୍ରା, ଲାଚିମି ସେସା ଓ ମଙ୍ଗଳ ସୋରେନ ସାମିଲ ହୋଇଛନ୍ତି। ମାମା ନାୟକ ଭାରତୀୟ ବାଳିକା ଦଳର ନେତୃତ୍ୱ ନେବେ। ଭାରତୀୟ ଦଳର କ୍ୟାମ୍ପ ପୁଣେର ବେଲେୱାଡ଼ିସ୍ଥିତ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ନଭେମ୍ବର ୮ରୁ ଆରମ୍ଭ ହୋଇଥିଲା। ଏହା ମଙ୍ଗଳବାର ଶେଷ ହେବ। ଭାରତୀୟ ଦଳ ୬ ତାରିଖରେ ନେପାଳ ଯାତ୍ରା କରିବ। ଭାରତୀୟ ଦଳକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।




ଭାରତୀୟ ରଗ୍‌ବୀ ଦଳରେ ସାମିଲ କିସ୍‌ର ୬ ଖେଳାଳି।



ଅତିଥିଙ୍କ ଗହଣରେ ରାଜ୍ୟ ବଧିର କ୍ରୀଡ଼ା ଚାମ୍ପିୟନ ଖୋର୍ଦ୍ଧା ଦଳ ।

# ରାଜ୍ୟ ସିନିୟର ବଧିର କ୍ରୀଡ଼ା: ଖୋର୍ଦ୍ଧା ଚାମ୍ପିୟନ

ଭୁବନେଶ୍ୱର, ୫।୧୨ (କ୍ରୀଡ଼ା ପ୍ରତିନିଧି)

ଆଗାମୀ ଜାତୀୟ ବଧିର କ୍ରୀଡ଼ାକୁ ଦୃଷ୍ଟିରେ ରଖି ଓଡ଼ିଶା ଦଳ ଚୟନ ପାଇଁ ରାଜ୍ୟ ସିନିୟର ବଧିର କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ ବିଜୁ ପଟ୍ଟନାୟକ ବିମାନ ବନ୍ଦର ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବଧିର କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ଚୟନ ପ୍ରକ୍ରିୟାରେ ବାଲେଶ୍ୱର, ଖୋର୍ଦ୍ଧା, କଟକ, ବଲାଙ୍ଗୀର ଓ ସମ୍ବଲପୁର ଆଦି ଜିଲାରୁ ୧୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ୧୦୦, ୨୦୦, ୪୦୦ ଓ ୬୦୦ ମିଟର ରେସ୍ ସହ ଶଟ୍‌ପୁଟ୍, ଡିସ୍‌କସ୍ ଓ ଲଙ୍ଗଜମ୍ପ ଆଦି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଦଳଗତଭାବେ ଖୋର୍ଦ୍ଧା ଚାମ୍ପିୟନ ଓ ବାଲେଶ୍ୱର ରନର୍ସ ଅପ୍ ହୋଇଥିଲା। ଖୋର୍ଦ୍ଧାର ବିପିନ ବିହାରୀ ସାହୁ ବ୍ୟକ୍ତିଗତଭାବେ ଶ୍ରେଷ୍ଠ ଖେଳାଳିର ସମ୍ମାନ ପାଇଥିଲେ। ୨୦୨୩ ଫେବୃୟାରୀ ୧୫ରୁ ୧୯ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଇନ୍ଦୋରଠାରେ ୮ମ ଜାତୀୟ ଜୁନିୟର, ସବ୍‌ଜୁନିୟର ଓ ୨୫ତମ ଜାତୀୟ ସିନିୟର ବଧିର କ୍ରୀଡ଼ା ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶାରୁ ୫୦ରୁ ଉର୍ଦ୍ଧ୍ୱ ଖେଳାଳି ବିଭିନ୍ନ ଶୃଙ୍ଖଳା ପାଇଁ ମନୋନୀତ ହୋଇଛନ୍ତି।

ଓଡ଼ିଶା ବଧିର କ୍ରୀଡ଼ା ପରିଷଦ ସଭାପତି ଅସିତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅନ୍ତର୍ଜାତୀୟ ଚେସ୍ ପ୍ରଶିକ୍ଷକ ତଥା ଏସ୍‌ଆର୍ ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ କ୍ରୀଡ଼ାବିତ୍‌ଙ୍କୁ ଟ୍ରଫି, ମାନପତ୍ର ଓ ପଦକ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ରାଉଣ୍ଡ ଟେବୁଲ ଟ୍ରଷ୍ଟର ମାନିକ ହଂସ, ବଧିର ସଂଘ ସଭାପତି ଶିବନାରାୟଣ ବହିଦାର, ଆୟୋଜକ କମିଟି ସଭାପତି ବିଜୟ କୁମାର ପରିଡ଼ା, କାର୍ଯ୍ୟକାରୀ ସମ୍ପାଦକ ରାଜେଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ବରିଷ୍ଠ ସଦସ୍ୟ ତଥା ମାର୍ଗଦର୍ଶକ ନିରଞ୍ଜନ ଜୋଷୀ, ଯୋଗେଶ ନାରାୟଣ ବହିଦାର, ଖୋର୍ଦ୍ଧା ସମ୍ପାଦକ ପ୍ରଦୀପ ହୋତା, ସୁବୀର ନାୟକ, ରାମ୍‌ଜି ପଣ୍ଡା, ସଞ୍ଜୀବ ସାହୁ, ଜିତୁ ନନ୍ଦ, ସଞ୍ଜୟ ମହାପାତ୍ର, ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଭାରତୀୟ ଦଳକୁ ମ୍ୟାଚ ଫି'ର ୮୦ ପ୍ରତିଶତ ଜରିମାନା

ମୀରପୁର, ୫।୧୨ (ପି.ଟି.)

ବାଂଲାଦେଶ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ସ୍ଲୋ ଓଭର-ରେଟ୍ ବୋଲିଂ ପାଇଁ ଭାରତକୁ ଜରିମାନା କରାଯାଇଛି। ଖେଳାଳିମାନଙ୍କୁ ସେମାନଙ୍କ ମ୍ୟାଚ ଫି'ର ୮୦ ପ୍ରତିଶତ ଜରିମାନା କରାଯାଇଛି। ରବିବାର ଅନୁଷ୍ଠିତ ଓପନିଂ ଗେମ୍‌ରେ ଭାରତ ଏକ ଉଇକେଟରେ ପରାଜିତ ହୋଇଛି। ଧାର୍ଯ୍ୟ ସମୟ ମଧ୍ୟରେ ଟାର୍ଗେଟଠାରୁ ୪ ଓଭର ପଛୁଆ ରହିଥିଲା। ଆଇସିସି ଏଲିଟ୍ ପ୍ୟାନେଲ ମ୍ୟାଚ ରେଫରି ରଞ୍ଜନ ମଦୁଗାଲେ ଏହି ଦଣ୍ଡବିଧାନ କରିଛନ୍ତି। ଭାରତୀୟ ଅଧିନାୟକ ରୋହିତ ଶର୍ମା ଦଣ୍ଡକୁ ଗ୍ରହଣ କରି ନେବା ଦ୍ୱାରା ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା। ଭାରତ ଓ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ବୁଧବାର ଖେଳାଯିବ।

# ଦିଲେଶ୍ୱରଙ୍କୁ ବ୍ରୋଞ୍ଜ ପଦକ




ପଦକ ସହ ଦିଲେଶ୍ୱର ରାଓ।

**ଭୁବନେଶ୍ୱର, ୫।୧୨ (କ୍ରୀଡ଼ା ପ୍ରତିନିଧି):** ପେରୁର ଲିମାଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ଦିଲେଶ୍ୱର ରାଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ଡବଲ୍ସ ଇଭେଣ୍ଟରୁ ଏହି ସଫଳତା ପାଇଛନ୍ତି। ଦିଲେଶ୍ୱର ଓ ଆମେରିକାର ରିଚାର୍ଡ ଆଲକାରାଜ ଯୋଡ଼ି ସେମିଫାଇନାଲରେ ଭାରତର ନେହାଲ ଗୁପ୍ତା ଓ ବ୍ରାଜିଲର ବ୍ରେନୋ ଜୋହାନଙ୍କଠାରୁ ୧୬-୨୧,୮-୨୧ ପଏଣ୍ଟରେ ହାରିଯାଇଥିଲେ। ଫଳରେ ଦିଲେଶ୍ୱର-ଆଲକାରାଜ ଯୋଡ଼ିଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଦିଲେଶ୍ୱରଙ୍କୁ ଓଡ଼ିଶା ଦଳର କୋଚ୍ ଶିବପ୍ରସାଦ ଦାସ ଓ ପାରା ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।


## Classified Everyday 0674-2580101, 2549949

automobile

SALE

Immediate sale BMW X5-2014-15 limited edition, AUDI-A6-2012, AUDI-A4-2012, BMW-520D-2011 Volkswagan Passat-2012 for details contact: 9827516256. D-74161


REAL ESTATE

SALE

ଭୁବନେଶ୍ୱର ସାଇମନ୍ଦିର ଟଙ୍କପାଣି ରୋଡ୍ ନଦୀବନ୍ଧକୁ ଲାଗି ଘର କରିବା ଲାଗି ରୋଡ୍ ଇଲେକ୍ଟ୍ରି ସୁବିଧା ଥାଇ SC plot sqft.-2199/-ରେ ମିଳୁଛି। 9439832956, 9438056978. D-74164

ଭୁବନେଶ୍ୱରର ନଖରା, ପଟିଆ ଓ ହଂସପାଳରେ Simplex, Duplex, Flat ସୁଲଭ ମୂଲ୍ୟରେ ମିଳୁଛି। 9861560117, 7381230964. D-74155

ଭୁବନେଶ୍ୱର-ପୁରୀ NHରେ ଥିବା ସାଇ ଲାଇଫ୍ ଷ୍ଟାଇଲ୍ ପାଖରେ 4BHKର Duplex ଏବଂ ଘରବାରି ପାଚେରି ଥାଇ ସ୍ଥିତିବାନ ପ୍ଲଟ୍ sqft.କୁ 1600-Rs. ରେ ବିକ୍ରି କରାଯାଉଛି। Contact: 9439539146, 9777777525. D-2075

Plot for sale at Daspur (Near Adarsh School), Bhubaneswar. 4.5KM from Kalinga Studio Square. 9776422211. D-16379

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ - 9827119799. D-2132

Luxurious 4BHK Duplex near Balianta Bazar. Land-1400 Construction-2200-79 Lakh. 9938219397, 9861022055. D-2169

ବରମୁଣ୍ଡାରୁ ୧୪କି.ମି. ଭିତରେ sqft.-130/-, 450/-950/-, ପ୍ଲଟ୍ ଦିଆଯାଉଛି। 9938016295. D-74159

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200mtr. ଦୂରତାରେ SC/ General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067. D-74127


CONSTRUCTION

Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74160


Healthcare

Full body massage by smart I expert therapist @ 999 only. 9078484455. D-73666

Newly open health benefits SPA special Offer @ 999/-, Nayapalli. 7846814019. D-73665

Newly open full body massage ladies and gents. 8327740003, 8093860513. D-74605

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74604

AFFIDAVIT

I, Jagannath Nayak, alias Jagabandhu Nayak aged about (43) S/o- Suka Nayak, Routaragadia, Badabarchikayan, Dist- Bhadrak. I have an LIC bearing Policy No. 587368949 wherein my name is Jagannath Nayak. That in my bank passbook my name is Jagabandhu Nayak. That I declare that Jagannath Nayak and Jagabandhu Nayak S/o- Suka Nayak same and One person. D-2170

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ମନେ ପଡ଼ନ୍ତି
ଓଁ ସାଇରାମ୍



୰ହୃଦାନନ୍ଦ ମହାପାତ୍ର
୧୭, ଗୌତମ ନଗର, ଭୁବନେଶ୍ୱର
ଆବିର୍ଭାବ: ୦୪।୧୨।୧୯୨୭
ତିରୋଧାନ: ୧୦।୧୨।୨୦୦୦
(ଚତୁର୍ଦ୍ଦଶୀ)
ସାଇରାମ୍‌ଙ୍କ ପାଦ ପଦ୍ମରେ ରହି ଆମମାନଙ୍କୁ ସଦା ଆଶୀର୍ବାଦ କରୁଥାଅ।
ଶୋକସନ୍ତପ୍ତ: ବୁଲି, କିଶୋର, ପୁଷ୍ପ, ରୀନା, ସରୋଜ, ବାପୁ, ଲୀଟୁ, ବିବେକ, ବାବାଲୀ ଓ ରୁଶାଲୀ।
ଧ-୨୧୪୩

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

CLASSIFIED DISPLAY
ALL EDITION - B/W (Everyday)
MORE SPACE ' SAME PRICE

LOAN
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





# ଜୀବନସାଥୀ....

**ମନ ପସନ୍ଦର ଜୀବନସାଥୀଟିଏ ମିଳିଗଲେ ଜୀବନ ଆହୁରି ସରସ ସୁନ୍ଦର ଲାଗେ। ଭଲ ଜୀବନସାଥୀ କିପରି ମିଳିବ, ତାକୁ କିପରି ଆପଣ ଚୟନ କରିବେ। କାହାକୁ ଦୃଷ୍ଟିରେ ରଖି ଭଲ ଜୀବନସାଥୀ ବାଛିବେ-ଏମିତି ଅନେକ ପ୍ରଶ୍ନଗୁଚ୍ଛ ସେହି ସମୟରେ ମନରେ ଉଙ୍କିମାରିବା ସ୍ୱାଭାବିକ। ଏ ସମ୍ପର୍କରେ କେତୋଟି ଟିପ୍ସ....**

ଏଚା'ଟା ଆମ ଝିଅ ପ୍ରସ୍ତୁତ କରିଛି, ଏ ରୁମ୍‌ରେ ଯେଉଁ ପେଣ୍ଟିଂଟା ଦେଖୁଛ ଏଇଟା ବି ଝିଅ କରିଛି। ଆଜି ବି ଏମିତି ପ୍ରଥା ଚାଲିଛି ଯେଉଁଠି ପୁଅଘର ଲୋକେ ଝିଅଘରକୁ ଆସି କେତୋଟି ପ୍ରଶ୍ନ ପଚାରନ୍ତି ତା'ର ଉତ୍ତର ଝିଅ ଦିଏ। ଏଭଳି ଏକ ପ୍ରଶ୍ନ-ଉତ୍ତର ସେସନ ଚାଲେ। ଝିଅ ମଧ୍ୟ ନିଜକୁ ଏଥିନେଇ ଅନେକାଂଶରେ ମାନସିକ ସ୍ତରରେ ପ୍ରସ୍ତୁତ ହୋଇଥାଏ। ଯେମିତିକି ତାକୁ ରୋଷେଇ ଆସେ କି ନାହିଁ, ତୁମ ହବି କ'ଣ ? ହେଲେ ଜଣେ ମନ ପସନ୍ଦର ଜୀବନସାଥୀଟିଏ ପାଇବା ତ ଏତେ ସହଜ ନୁହେଁ। ତଥାପି ସବୁ ଦିଗକୁ ଦୃଷ୍ଟିଦେଲେ ନିଜର ଏଭଳି ଆଶା ଅନେକାଂଶରେ ପୂରଣ ହୋଇଥାଏ।

**ଦେଖାସାକ୍ଷାତ ସମୟରେ**

ଆପଣଙ୍କୁ ଲାଗୁଛି କି ଯଦି ଆପଣ ଆରେଞ୍ଜ ମ୍ୟାରେଜ କରୁଛନ୍ତି ଜୀବନସାଥୀ ଚୟନ କରିବା ସମୟରେ ଭାବିଛନ୍ତି ନିଷ୍ପତ୍ତି ନିଅନ୍ତୁ । ତରବର ହୋଇ ନିଷ୍ପତ୍ତି ନିଅନ୍ତୁ ନାହିଁ। ଦୁଇଜଣ ଯଦି ଦେଖାସାକ୍ଷାତ କରୁଛନ୍ତି ତେବେ ନିଜ ଭିତରେ ପ୍ରଶ୍ନଗୁଡ଼ିକର ସମାଧାନ କରିଦିଅନ୍ତୁ। ଏହାଦ୍ୱାରା ବିବାହ ପୂର୍ବରୁ ଦୁହିଁଙ୍କ ଭିତରେ ବୁଝାମଣା ଦୃଢ଼ ହେବ। ତେବେ ଗୋଟିଏ କଥା, ଏଭଳି ଦେଖାସାକ୍ଷାତକୁ କେହି ଭିନ୍ନ ଦୃଷ୍ଟିରେ ଦେଖିପାରନ୍ତି, ହେଲେ ସେହି ସମୟରେ ନିଜ ଭିତରେ ଏକଥାକୁ ନେଇ ସନ୍ଦେହ ସୃଷ୍ଟି ନ ହେବା ଭଲ। ବିବାହ ପୂର୍ବରୁ ଦେଖାସାକ୍ଷାତ ହେଉଛି ଏପରି ଏକ ମାଧ୍ୟମ ଯାହାଦ୍ୱାରା ଦୁହେଁ ପରସ୍ପରକୁ ନିବିଡ଼ ଭାବରେ ଜାଣିପାରିଥାଆନ୍ତି।

**ବିବାହ ପୂର୍ବରୁ ଝିଅ ପୁଅ ଘରକୁ ଯିବା ଦରକାର**

ପୁଅଘର ଲୋକେ ଝିଅ ଘରକୁ ଆସି ଝିଅ ଚାଲିଚଳଣି, ରହଣି ସହଣୀ ବିଷୟରେ ଜାଣି ନିଅନ୍ତି। କିନ୍ତୁ ଝିଅକୁ ବି ପୁଅ ଘରକୁ ଯାଇ ତାଙ୍କର ଚାଲିଚଳଣି ଏସବୁ ବିଷୟରେ ଜାଣିବା ନିହାତି ଜରୁରୀ। ସେ ବି ତାଙ୍କ ପରିବାର ସହ ତାଙ୍କ ଘରକୁ ଯିବା ଜରୁରୀ। ସେ ବି ଦେଖିବ ଯେ ତାଙ୍କର ଘର ଓ ଚାଲିଚଳଣି ସମ୍ବନ୍ଧରେ। ଯେବେ ଆପଣ ପରିବାର ଲୋକଙ୍କ ସହ ମିଶିବେ ଆପଣ ଜାଣିପାରିବେ ତାଙ୍କ ପରିବାର ବିଷୟରେ। ଅନ୍ୟ ଅର୍ଥରେ କହିବାକୁ ଗଲେ ତାଙ୍କ ପିକ୍‌ଚର ଆପଣଙ୍କୁ କ୍ଲିୟର ଦେଖାଯିବ।

**ସୋସିଆଲ ମିଡିଆ ପ୍ରୋଫାଇଲ ବି ଦେଖନ୍ତୁ**

କୁହାଯାଏ ଆପଣଙ୍କ ବହୁତ ଜିନିଷ ଆପଣଙ୍କ ପର୍ସନାଲିଟିର ଆଇନା ହୋଇଥାଏ। ଯଦି ବିବାହ ପୂର୍ବରୁ ଦୁହେଁ ସୋସିଆଲ ମିଡିଆ ମାଧ୍ୟମରେ ନିଜ ନିବିଡ଼ତାକୁ ଦୃଢ଼ କରିବାକୁ ଚାହୁଁଛନ୍ତି ତେବେ ସେ କ୍ଷେତ୍ରରେ ଆଗେଇପାରନ୍ତି। କାରଣ ଏବେ ପରସ୍ପରକୁ ଜାଣିବା ଲାଗି ସୋସିଆଲ ମିଡିଆ ଏକ ଭଲ ପ୍ଲାଟ୍‌ଫର୍ମ। ଆପଣଙ୍କ ସାଙ୍ଗମାନେ ମଧ୍ୟ ଦୁହିଁଙ୍କୁ ନେଇ କିଛି ମେସେଜ ଦେଇପାରନ୍ତି। ତାହାକୁ ସକାରାତ୍ମକ ମାନସିକତାରେ ତର୍ଜମା କରନ୍ତୁ। ଦେଖନ୍ତୁ ଉଭୟଙ୍କ ଫ୍ରେଣ୍ଡଲିଷ୍ଟରେ କେଉଁମାନେ ଅଛନ୍ତି ସେମାନେ ସବୁ କ'ଣ କମେଣ୍ଟ ଦେଉଛନ୍ତି ଆଦି ଏସବୁ ଦିଗ ପ୍ରତି ଧ୍ୟାନଦେବା ମଧ୍ୟ ନିହାତି ଜରୁରୀ।

**ନିଜର ଖରାପ ଅଭ୍ୟାସ କୁହନ୍ତୁ**

ଆମେ ସମସ୍ତେ କର୍ପୋରେଟ୍ ୱାର୍ଲଡରେ ରହୁଛୁ। ଯେତେବେଳେ ଆମର ଇଣ୍ଟରଭ୍ୟୁ ରାଉଣ୍ଡ ହୁଏ ସେତେବେଳେ ଆମକୁ ଆମର ନେଗେଟିଭ୍ ପଏଣ୍ଟସ ବିଷୟରେ ପଚରାଯାଏ। ଆମେ ତାଙ୍କୁ କହିଥାଉ। ଆପଣଙ୍କର କିଛି ଯଦି ଦୋଷ ଦୁର୍ବଳତା ଅଛି ଏହି ବିଷୟରେ ଖୋଲାଖୋଲି ଭାବେ କଥା ହୁଅନ୍ତୁ। ଏପରି କରିବା ଦ୍ୱାରା ବିବାହ ପରେ ଆପଣ ଦୁଇଜଣଙ୍କ ମଧ୍ୟରେ କୌଣସି କଥା ମନାନ୍ତର ନ ହୋଇପାରେ। ଯେମିତିକି ମୁଁ ଜଲ୍‌ଦି ରାଗେ, ମୁଁ ବହୁତ ଏକଜିଦିଆ ଆଦି। ହେଲେ ବିବାହ ପରେ ଅନେକ କଥାରେ ପରିବର୍ତ୍ତନ ଆସିଥାଏ। ଯଦି କେବେ କିଛି ସମସ୍ୟା ସୃଷ୍ଟି ହେଲା, ତେବେ ଦୁହେଁ ଏ ବିଷୟରେ ପୂର୍ବରୁ ଜାଣିଥିଲେ ତାହାର ସହଜରେ ସମାଧାନ କରିପାରିବେ।

**ପ୍ରାଥମିକତା ଦିଅନ୍ତୁ**

ସବୁଠୁ ଜରୁରୀ କଥା ହେଲା-ଆପଣ ଯେମିତି ଭାବୁଥାନ୍ତି ସେହିପରି ଜୀବନସାଥୀଟିଏ ଯେ ମିଳିଯିବ ତାହାର କିଛି ଗ୍ୟାରେଣ୍ଟି ନାହିଁ। ଯାହାକୁ ଜୀବନସାଥୀ କରିବାକୁ ଯାଉଛନ୍ତି ତାଙ୍କ ବିଷୟରେ ନିଜେ ପ୍ରଥମେ ଭଲ ଭାବରେ ଜାଣନ୍ତୁ। ତାଙ୍କର ଶିକ୍ଷାଗତ ଯୋଗ୍ୟତା, ସେ ଚାକିରି କରିଛନ୍ତି କି ନାହିଁ, ତାଙ୍କର ଆଉ କ'ଣ ଟେକ୍ନିକାଲ ଜ୍ଞାନ ରହିଛି ଆଦି ବିଷୟରେ ପ୍ରଥମେ ଜାଣିନେବା ଭଲ। କେତେକ ଝିଅ ବିବାହ ପୂର୍ବରୁ ଚାକିରି କରିଥାଆନ୍ତି। ଘର ସଂସାର କରିବା ପରେ ସେମାନେ ନିଜକୁ ସେହି ପ୍ରଫେସନରେ ଜଡ଼ିତ ରଖିବାକୁ ଚାହାନ୍ତି। ତେବେ ଏ ନେଇ ପ୍ରଥମେ ଦୁହିଁଙ୍କ ଭିତରେ ଆଲୋଚନା ହେବା ନିହାତି ଜରୁରୀ। ନ ହେଲେ ବିବାହ ପରେ ଏକଥାକୁ ନେଇ ହୁଏତ ମନୋମାଳିନ୍ୟ ହୋଇପାରେ। ଏ ବିଷୟରେ ପ୍ରଥମେ ନିଜେ ନିଷ୍ପତ୍ତି ନେବା ସହ ପରିବାର ସହିତ ଏ ସମ୍ପର୍କରେ ବିଶଦ ଭାବରେ ଆଲୋଚନା କରନ୍ତୁ। ହେଲେ ଜୀବନକୁ ଆପଣ ସରଳ କରିପାରିବେ।

**ଶୁଣାକଥାକୁ ଗୁରୁତ୍ୱ ଦିଅନ୍ତୁ ନାହିଁ**

ନିଜର ଜୀବନସାଥୀ ଚୟନ ସମୟରେ ଅନ୍ୟମାନେ ଭିନ୍ନ ଭିନ୍ନ ମତ ଦେଇଥାଆନ୍ତି। ହେଲେ ସେହି କଥାକୁ ହଠାତ୍ ଗ୍ରହଣ କରିନେବା ବୋକାମିର ପରିଚୟ। କାରଣ ଏଭଳି କେତେକ କଥା ଅଛି, ଯାହା ପଛରେ ଟିକିଏ ହେଲେ ସତ୍ୟତା ନ ଥାଏ। ତେଣୁ କୌଣସି କଥାକୁ ଗୁରୁତ୍ୱ ଦେବା ପୂର୍ବରୁ ଏ ନେଇ ଭଲ ଭାବରେ ଚିନ୍ତାକରନ୍ତୁ। କିଏ କ'ଣ କହୁଛି ତାଙ୍କ ବିଷୟରେ ସେ ସମ୍ବନ୍ଧରେ ତର୍ଜମାକରି ଦେଖନ୍ତୁ। ସେମାନେ ଯେଉଁ କଥା କହୁଥିଲେ ତାହା କେତେଦୂର ସତ୍ୟ । ନିଜର ନିଷ୍ପତ୍ତି ଉପରେ ସବୁକିଛି ନିର୍ଭରକରେ। ଶୁଣାକଥାକୁ ଗୁରୁତ୍ୱ ଦେଲେ ନିଜ ଜୀବନସାଥୀ ଚୟନରେ ବାଧା ସୃଷ୍ଟି ହେବା ଆଶଙ୍କା ରହିଛି।

**ଭବିଷ୍ୟତ ଯୋଜନା ବିଷୟରେ ଆଲୋଚନା କରନ୍ତୁ**

କେହି କେହି ହୁଏତ ଭାବିଥାଆନ୍ତି ଯେ ବିବାହ ପରେ ମୁଁ କିଛି ନୂଆ ଜିନିଷ କରିବି ଚିନ୍ତା ଯୋଜନା କରୁଥାଇପାରନ୍ତି। ଏ କଥାକୁ ଦୁହେଁ ଭଲ ଭାବରେ ଆଲୋଚନା କରନ୍ତୁ। କାରଣ ମ୍ୟାରେଜ ପରେ ଯାହା କିଛି କରିବାକୁ ଚାହୁଁଛନ୍ତି ତାହା ଦୁହିଁଙ୍କର ସହମତିରେ ହେବା ଭଲ।

**ପରିବାର କଥାକୁ ମଧ୍ୟ ଗୁରୁତ୍ୱ ଦିଅନ୍ତୁ**

ଜୀବନସାଥୀ ଚୟନ ସମୟରେ ପରିବାର ସଦସ୍ୟ ନିଜର ମତ ରଖିଥାଆନ୍ତି। ତାହାକୁ ଅଗ୍ରାହ୍ୟ କରିବା ପୂର୍ବରୁ ସେ ବିଷୟରେ ଭଲ ଭାବରେ ଚିନ୍ତା କରନ୍ତୁ। ସେମାନେ ଯଦି ଚାହୁଁଛନ୍ତି ଆପଣ ନିଜେ ଯାଇ ନିଜ ଲାଇଫ ପାର୍ଟନର ସହ ସବୁ ବିଷୟରେ କଥା ହୁଅନ୍ତୁ, ତାହାକୁ ଗ୍ରହଣ କରିବା ଭଲ। କାରଣ ଆପଣ ହିଁ ଆଗକୁ ଘର ସଂସାର କରିବେ। ତେଣୁ ଦୁହେଁ ପରସ୍ପରକୁ ଭଲ ଭାବରେ ଜାଣିବା ନିହାତି ଦରକାର। କେତେକେ ପରିବାର କଥାକୁ ଆଦୌ ଗୁରୁତ୍ୱ ଦିଅନ୍ତି ନାହିଁ। ନିଜେ ସବୁକିଛି ନିଷ୍ପତ୍ତି ନିଅନ୍ତି। ଏମିତି ହୋଇପାରେ ଆପଣ ନେଉଥିବା କିଛି ନିଷ୍ପତ୍ତି ଆପଣଙ୍କ ବୈବାହିକ ଜୀବନରେ ସମସ୍ୟା ସୃଷ୍ଟି କରିପାରେ। ତେଣୁ ଏସବୁ ବିଷୟରେ ଭଲ ଭାବରେ ଦୃଷ୍ଟି ଦିଅନ୍ତୁ।



## କିପରି ଦୂରକରିବେ

# ପିଲାଙ୍କ ନକାରାତ୍ମକ ଚିନ୍ତାଧାରା

**ପିଲାଙ୍କୁ ଭଲ ମନ୍ଦ ମଧ୍ୟରେ ଫରକ ବୁଝାନ୍ତୁ:** ବେଳେବେଳେ ପିଲାଙ୍କୁ ନକାରାତ୍ମକ ଓ ସକାରାତ୍ମକ ମଧ୍ୟରେ ଥିବା ଫରକ ଜଣା ପଡ଼େନାହିଁ। ଏହାଦ୍ୱାରା ପିଲା ନକାରାତ୍ମକ ଚିନ୍ତାଧାରା ଆଡ଼କୁ ଆକର୍ଷିତ ହୁଅନ୍ତି। ଏମିତିରେ ପିଲାକୁ ଭଲ ମନ୍ଦ ବିଷୟରେ ବୁଝାନ୍ତୁ। ପିଲାକୁ ପଜିଟିଭ୍ ଏନର୍ଜି ପ୍ରତି ଅଧିକ ମୋଟିଭେଟ୍ କରିପାରନ୍ତି। ନେଗେଟିଭ୍ ଥିଙ୍କିଙ୍ଗ୍ ରଖିବା ଦ୍ୱାରା କୌଣସି ସମସ୍ୟାର ସମାଧାନ ହୁଏନାହିଁ।

**ନିଜେ ପଜିଟିଭ୍ ରୁହନ୍ତୁ:** ପିଲାମାନେ ପ୍ରାୟ ପ୍ୟାରେଣ୍ଟସ୍‌ଙ୍କ କେତେକ ଅଭ୍ୟାସକୁ କପି କରିଦିଅନ୍ତି। ଏମିତିରେ ପିଲାଙ୍କ ନେଗେଟିଭିଟି ଦୂରିକରିବାକୁ ହେଲେ ମାତାପିତାଙ୍କୁ ପଜିଟିଭି ରହିବା ବହୁତ ଜରୁରୀ। ଏଥିପାଇଁ ପିଲାଙ୍କ ସାମ୍ନାରେ ସବୁ ଜିନିଷର ସକାରାତ୍ମକ ସାଇଡ୍ ଦେଖନ୍ତୁ। ସବୁ ଜିନିଷର ନେଗେଟିଭିଟିରୁ ଦୂରେଇ ରୁହନ୍ତୁ। ଫଳରେ ପିଲା ଧୀରେ ଧୀରେ ପଜିଟିଭି ହେବାକୁ ଲାଗିବ।

**ପିଲାଙ୍କ ସମସ୍ୟାର କାରଣ କ'ଣ ଖୋଜି ବାହାର କରନ୍ତୁ:** ପିଲା ନେଗେଟିଭିଟିର କ'ଣ କାରଣ ରହିଛି ତାହାକୁ ଖୋଜି ବାହାର କରନ୍ତୁ। ପିଲାଙ୍କୁ ସବବେଳେ ନକାରାତ୍ମକ ଚିନ୍ତାଠାରୁ ଦୂରେଇ ରଖନ୍ତୁ। ପିଲାଙ୍କ ସବୁ କଥା ଶୁଣି ସାରିବା ପରେ ତାଙ୍କୁ ସକାରାତ୍ମକ ଭାବେ ବୁଝାନ୍ତୁ।

**ଭଲ ଜିନିଷରେ ଫୋକସ୍ କରିବା ଶିଖାନ୍ତୁ:** ନେଗେଟିଭ୍ ଥିଙ୍କିଙ୍ଗ୍ ରଖୁଥିବା ପିଲା ସବୁବେଳେ ଖରାପ ଜିନିଷ ପ୍ରତି ମନ ଦିଅନ୍ତି। ନେଗେଟିଭ୍ ଏନର୍ଜିରେ ଧ୍ୟାନ ଦେଉଥିବା ପିଲା ସବୁବେଳେ ଦୁଃଖୀ ରୁହନ୍ତି। ଏମିତିରେ ପିଲାଙ୍କୁ ଅଧିକରୁ ଅଧିକ ସକାରାତ୍ମକ ଚିନ୍ତାଧାରା ସହ ଜଡ଼ିତ ରଖିବାକୁ ଚେଷ୍ଟା କରାନ୍ତୁ। ଏହାଦ୍ୱାରା ପିଲା ଭଲ ଜିନିଷ ପ୍ରତି ଧ୍ୟାନଦେବ ଓ ଖୁସି ରହିବ।



# ଗ୍ରୀନ୍‌ମଟର କିପରି ଷ୍ଟୋର କରିବେ



-ଯଦି ଆପଣ ଅଧିକ ଦିନ ପର୍ଯ୍ୟନ୍ତ ମଟରକୁ ଷ୍ଟୋର କରିବାକୁ ଚାହୁଁଛନ୍ତି ତେବେ ଭଲ କ୍ୱାଲିଟିର ମଟର କିଣନ୍ତୁ।

-ଯଦି ଅଧିକ ମଟର ଆପଣ ଷ୍ଟୋର କରିବାକୁ ଚାହୁଁଛନ୍ତି ଏୟାର ଟାଇଟ୍ କଣ୍ଟେନର କିମ୍ବା ଏୟାରଟାଇଟ୍ ପଲିଥିନ୍‌ର ବ୍ୟବହାର କରିପାରିବେ। ଏହାପରେ ମଟରକୁ ଏଥିରେ ରଖି ଫ୍ରିଜରରେ ରଖିପାରିବେ। ଏହାଦ୍ୱାରା ମଟର ତାଜା ରହିବା ସହ ଏହା ଖରାପ ହୁଏ ନାହିଁ।

-ଆପଣ ମଟରକୁ କାଚଜାର୍‌ରେ ଷ୍ଟୋର କରିକି ମଧ୍ୟ ରଖିପାରିବେ। ଏଥିପାଇଁ ଆପଣ ମଟରଛୁଇଁରୁ ମଟର ବାହାର କରି କାଚଜାର୍‌ରେ ରଖନ୍ତୁ। ଏହି ଜାର୍‌ଟି ଯେପରି କୌଣସି ଥଣ୍ଡା ସ୍ଥାନରେ ରଖିବାକୁ ଭୁଲନ୍ତୁ ନାହିଁ।

-ଯେତେବେଳେ ଆପଣଙ୍କୁ ମଟର ବ୍ୟବହାର କରିବାର ଅଛି ତେବେ ଏହାକୁ ଜାର୍‌ରୁ କାଢ଼ି ଏୟାର ଟାଇଟ୍ ଡବାରେ ରଖିପାରିବେ। ଏବେ ଏହାକୁ ଆପଣ ଅଧିକ ସମୟ ପର୍ଯ୍ୟନ୍ତ ରଖିପାରିବେ।

-ଗ୍ରୀନ୍ ମଟର ବ୍ୟବହାର କରିବା ପୂର୍ବରୁ ନଖ ଉଷୁମ ପାଣିରେ ପକାଇ କିଛି ସମୟ ରଖି ଦିଅନ୍ତୁ। ତା'ପରେ ଏହାକୁ ଆପଣ ବ୍ୟବହାର କରିପାରିବେ।

ଖାଦ୍ୟରୁଚି

# ଅଣ୍ଡା ବିନା ଆମ୍‌ଲେଟ୍

**ଆବଶ୍ୟକ ସାମଗ୍ରୀ**

ଅଟା/ବେସନ-୧ କପ
ସ୍ୱାଦ ଅନୁସାରେ ଲୁଣ
ସ୍ୱାଦ ପାଇଁ ଗୋଲମରିଚ ପାଉଡର
ହଳଦୀ ପାଉଡର ଅଳ୍ପ ମାତ୍ରାରେ
ପିଆଜ ଗୋଟିଏ ଛୋଟ , କଞ୍ଚାଲଙ୍କା ଦୁଇଟି , ଟମାଟୋ ଅଧାକପ୍ , ଧନିଆଁପତ୍ର ଏସବୁକୁ ଫ୍ରାଏ କରିବାକୁ ହେଲେ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ର ନିଅନ୍ତୁ। ସେଥିରେ ଅଟା କିମ୍ବା ବେସନ ସହ ହଳଦୀ ପାଉଡର, ପିଆଜ,କଞ୍ଚାଲଙ୍କା, ଟମାଟୋ, ଧନିଆଁପତ୍ର, ଲୁଣ, ଗୋଲମରିଚ ଗୁଣ୍ଡ ଆଦିକୁ ପାଣି ଦେଇ ଭଲଭାବେ ମିଶାଇ ଦିଅନ୍ତୁ। ଏହାପରେ ପ୍ୟାନ୍‌ରେ ତେଲ ପକାନ୍ତୁ ତେଲ ଗରମ ହେଲା ପରେ ସେଥିରେ ଏହି ମିକ୍ସକୁ ପକାଇ ଗୋଲାକାର ସେପ୍ ଦିଅନ୍ତୁ। ଏହାପରେ ଓମ୍‌ଲେଟ୍ ଉପରେ ଟିକେ ତେଲ କିମ୍ବା ସାଇଡ୍‌ରେ ତେଲ ପକାନ୍ତୁ। ଫଳରେ ଆମ୍‌ଲେଟ୍‌କୁ ଓଲଟାଇବାକୁ ସୁବିଧା ହେବ। ଏବେ ଆପଣଙ୍କ ଆମ୍‌ଲେଟ୍ ପ୍ରସ୍ତୁତ। ଏହାକୁ ଆପଣ ଗରମ ଗରମ ଚା' ସହିତ ପରଷିପାରିବେ।



# ଶୀତଦିନରେ ଏପରି ନିଅନ୍ତୁ ତ୍ୱଚାର ଯତ୍ନ

**ଶୀତଦିନ ଆସିଲେ ତ୍ୱଚାର ଖାସ୍ ଯତ୍ନ ନେବାକୁ ପଡ଼େ। ଏଥିପାଇଁ କେତୋଟି ଟିପ୍ସ ଆପଣାଇବାକୁ ପଡ଼ିବ। ଆସନ୍ତୁ ଜାଣିବା ଏ ସମ୍ପର୍କରେ କେତୋଟି ଟିପ୍ସ....**

**ସ୍କିନ୍ କେୟାର ରୁଟିନ୍ ନିୟମିତ ରୂପେ କରନ୍ତୁ**

ଏହିଦିନରେ ନିୟମିତ ରୂପେ ନିଜ ତ୍ୱଚାର ଯତ୍ନ ନିଅନ୍ତୁ। ମୁହଁକୁ ଦିନରେ ଦୁଇଥର ସଫା କରନ୍ତୁ। ଥରେ ସକାଳ ସମୟରେ ଆଉ ଗୋଟେ ରାତିରେ ଶୋଇବା ପୂର୍ବରୁ। ଏହା ବ୍ୟତୀତ ମୁହଁକୁ କୌଣସି ଲାଇଟ୍ ମଶ୍ଚରାଇଜର ଆପ୍ଲାଏ କରିବାକୁ ଭୁଲନ୍ତୁ ନାହିଁ। ଏହା ଦ୍ୱାରା ଶୀତଦିନରେ ତ୍ୱଚା ଏତେଟା ଡ୍ରାଏ ହେବ ନାହିଁ। ରାତିରେ ମଶ୍ଚରାଇଜର ଲଗାଉଥିଲେ ଅଧିକ ମଶ୍ଚରାଇଜର ଲଗାଇଲେ କିଛି ଅସୁବିଧା ନାହିଁ। ଏହାକୁ ମୁହଁ ଧୋଇବାର ଅଳ୍ପ ସମୟ ଭିତରେ କରନ୍ତୁ।

**ଉଷୁମପାଣିରେ ଗାଧୋଉଥିଲେ**

ଶୀତଦିନରେ ଅଧିକାଂଶ ଉଷୁମପାଣିରେ ଗାଧୋଇବାକୁ ପସନ୍ଦ କରନ୍ତି। କିନ୍ତୁ ଗରମ ପାଣିରେ ଗାଧୋଇବା ପରେ କୌଣସି ଭଲ ମଶ୍ଚରାଇଜର ବ୍ୟବହାର କରନ୍ତୁ। ଯାହାଦ୍ୱାରା ଆପଣଙ୍କ ତ୍ୱଚା ଏତେଟା ଡ୍ରାଏ ହେବ ନାହିଁ। ଯଦି ଆପଣ ମଶ୍ଚରାଇଜର ଲଗାଉନାହାନ୍ତି ତେବେ ଏହା ତ୍ୱଚାକୁ ଡ୍ରାଏ କରିବା ଦ୍ୱାରା ତ୍ୱଚାରେ ଫାଟ ସୃଷ୍ଟି ହୋଇ ଯାହାର ପରିଣାମ ସ୍ୱରୂପ ଏକ୍‌ଜିମା ହେବା ମଧ୍ୟ ଆଶଙ୍କା ରହିଛି।

**ସନ୍‌ସ୍କ୍ରିନ୍‌ର ଉପଯୋଗ କରନ୍ତୁ**

ଶୀତଦିନରେ ସନ୍‌ସ୍କ୍ରିନ୍ ଲୋଶନ ଲଗାଇବାକୁ ଭୁଲନ୍ତୁ ନାହିଁ। ଶୀତଦିନରେ ଖରାକୁ ବାହାରିବା ପୂର୍ବରୁ ଏହାକୁ ନିହାତି ଲଗାନ୍ତୁ। ଏହା କେବଳ ସୂର୍ଯ୍ୟଙ୍କ କ୍ଷତିକାରକ କିରଣରୁ ରକ୍ଷା କରିଥାଏ ତା' ନୁହେଁ ଏହା ଅଧିକ ସମୟ ପର୍ଯ୍ୟନ୍ତ ସ୍କିନ୍ ଡ୍ରାଏ ହେବାକୁ ଦିଏ ନାହିଁ।



ଫୁର୍‌ସତ୍

# ବାହାଘର ପାଇଁ ପୂରା ଫ୍ଲାଇଟ୍ ବୁକ୍

ବିବାହରେ ଯିବାଆସିବା ଖର୍ଚ୍ଚ କମ୍ କରିବାଲାଗି ଲୋକେ ପୂର୍ବରୁ ବଜେଟ ନିର୍ଦ୍ଧାରଣ କରନ୍ତି। ସେଥିପାଇଁ ବର ଓ କନିଆପକ୍ଷ ନିଜ ଘର ପାଖରେ ବିବାହ କରିବାକୁ ଚାହାଁନ୍ତି। ଏବେ ଡେଷ୍ଟିନେଶନ୍ ୱେଡିଂ ଟ୍ରେଣ୍ଡ ପାଲଟିଥିବାବେଳେ ଲୋକେ ଦେଶ ବାହାରକୁ ଯାଇ ମ୍ୟାରେଜ୍ କରୁଛନ୍ତି। ସେଥିପାଇଁ ଫ୍ଲାଇଟ୍‌ରେ ଯିବାକୁ ପଡୁଛି। କିନ୍ତୁ ଜେସାଲମେରରେ ବାହାଘର ପାଇଁ ଏକ ପରିବାର ସମ୍ପୂର୍ଣ୍ଣ ଫ୍ଲାଇଟ୍ ବୁକ୍ କରିଛନ୍ତି। ଶ୍ରେୟା ନାମକ ଜଣେ ଇନ୍‌ଷ୍ଟାଗ୍ରାମ ୟୁଜର ଏହାର ଏକ ଭିଡିଓ ଶେୟାର କରିଛନ୍ତି। ତାଙ୍କ ଭଉଣୀ ବାହାଘର ପାଇଁ ପ୍ଲେନ୍‌ରେ ତାଙ୍କ ସମ୍ପୂର୍ଣ୍ଣ ପରିବାର ବସିଥିବାର ଦେଖିବାକୁ ମିଳିଛି।

# ଏଭରେଷ୍ଟ ବେସ୍ କ୍ୟାମ୍ପରେ ସର୍ବକନିଷ୍ଠ




କାଠମାଣ୍ଡୁ

ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ସବୁ ସମ୍ଭବ। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ସିଙ୍ଗାପୁରର ୬ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ଓମ୍ ମଦନ ଗାର୍ଗ। ପର୍ବତାରୋହଣରେ ରୁଚି ରଖୁଥିବା ଓମ୍ ଏଭରେଷ୍ଟ ବେସ୍ କ୍ୟାମ୍ପ ଚଢ଼ି ଏବେ ଚର୍ଚ୍ଚା ସାଉଁଟିଛନ୍ତି। ନେପାଳରେ ଥିବା ବେସ୍ କ୍ୟାମ୍ପର ଉଚ୍ଚତା ୫,୩୬୪ ମିଟର ହୋଇଥିବାବେଳେ ୧୦ ଦିନରେ ଓମ୍ ବେସ୍ କ୍ୟାମ୍ପ ଆରୋହଣ କରି ପ୍ରଶଂସାର ପାତ୍ର ହୋଇଛନ୍ତି। ତେବେ ଓମ୍ ତାଙ୍କ ମା'ବାପାଙ୍କ ସହ ଏହି ଟ୍ରେକିଂ କରିଛନ୍ତି। ସେ ସିଙ୍ଗାପୁରର କାନୋସ ସାଭିଲେ ପ୍ରିସ୍କୁଲରେ ପାଠ ପଢୁଛନ୍ତି। ମା'ବାପାଙ୍କ ସହ ଓମ୍ ପ୍ରଥମେ ଆସି ଲୁକଲାରେ ପହଞ୍ଚିଥିଲେ, ଯାହା ହେଉଛି ଏଭରେଷ୍ଟ ବେସ୍‌କ୍ୟାମ୍ପର ଷ୍ଟାର୍ଟିଂ ପଏଣ୍ଟ। ସେପ୍ଟେମ୍ବର ୨୮ରୁ ଗାର୍ଗ ପରିବାର ଟ୍ରେକିଂ ଆରମ୍ଭ କରିଥିବାବେଳେ ବେସ୍‌କ୍ୟାମ୍ପରେ ସେମାନେ ନଭେମ୍ବର ୭ରେ ପହଞ୍ଚିଥିଲେ। ସାଙ୍ଗରେ ସେମାନେ ଗାଇଡ୍ ନେଇଥିଲେ। ଲୁକଲାରୁ ସେମାନେ ଫାକଡିଙ୍ଗ ଆଡକୁ ବଢ଼ିଥିଲେ। ଏହାପରେ ସେମାନେ ନାମଚେ ବାଜାରରେ ପହଞ୍ଚିଥିଲେ, ଯାହା ଏଭରେଷ୍ଟ ରିଜିୟନ୍‌ର ଟ୍ରେଡ୍ ବା ବାଣିଜ୍ୟ କେନ୍ଦ୍ର ଭାବେ ଜଣାଯାଏ। ସେଠାରୁ ସେମାନେ ଟେଙ୍ଗବୋଚେ ଯାଇଥିଲେ, ପରିଶେଷରେ ଓମ୍ ଓ ତାଙ୍କ ପରିବାର ଏଭରେଷ୍ଟ ବେସ୍ କ୍ୟାମ୍ପରେ ପହଞ୍ଚିଥିଲେ। ସେଠାରେ ଓମ୍ ସିଙ୍ଗାପୁର ପତାକା ଉଡ଼ାଇଥିଲେ। ବିଶ୍ୱର ସବୁଠାରୁ ବିଶାଳ ଗିରିଶୃଙ୍ଗ ଏଭରେଷ୍ଟର ବେସ୍‌କ୍ୟାମ୍ପରେ ଜଣେ ସର୍ବକନିଷ୍ଠ ପହଞ୍ଚିବା ବିରଳ ଘଟଣା ହୋଇଥିବାବେଳେ ଓମ୍‌ଙ୍କ ନାମ ସିଙ୍ଗାପୁର ବୁକ୍ ରେକର୍ଡରେ ସାମିଲ କରାଯାଇଛି। ପୂର୍ବରୁ ଭାରତର ୩ ବର୍ଷର ନାବାଳକ ହେୟାନ୍ସ କୁମାର ଏଭରେଷ୍ଟ ବେସ୍ କ୍ୟାମ୍ପ ଆରୋହଣ କରି ଚର୍ଚ୍ଚାକୁ ଆସିଥିଲେ।

# 'ମନ ମୁତାବକ କାମ ମିଳୁନି'




ମୁମ୍ବାଇ

ମନ ମୁତାବକ କାମ ମିଳୁ ନ ଥିବା କହିଛନ୍ତି ହିନ୍ଦୀ ଜଗତର ନାମକରା ଅଭିନେତ୍ରୀ ସ୍ୱରା ଭାସ୍କର। ନିକଟରେ ସେ ଦେଇଥିବା ଏକ ସାକ୍ଷାତ୍‌କାରରେ କହିଛନ୍ତି ଯେ, ଇଣ୍ଡଷ୍ଟ୍ରିରେ ସେ ଜଣେ ଦକ୍ଷ ଓ ଅଭିଜ୍ଞ ସମ୍ପନ୍ନ କଳାକାର ହୋଇଥିଲେ ହେଁ ତାଙ୍କୁ ଆବଶ୍ୟକତା ଅନୁସାରେ କାମ ମିଳୁନାହିଁ। ତାଙ୍କ ଅଭିନୀତ ୬ରୁ ୭ଟି ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ହୋଇଥିବାବେଳେ ୱେବ୍ ସିରିଜ୍‌ରେ ମଧ୍ୟ ତାଙ୍କ ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଏତେସବୁ ପରେ ମଧ୍ୟ ଇଣ୍ଡଷ୍ଟ୍ରିରେ ତାଙ୍କୁ କାମ ମିଳୁନାହିଁ। ସାମାଜିକ ପ୍ରସଙ୍ଗରେ ନିଜର ମତ ପ୍ରକାଶ କରି ଚର୍ଚ୍ଚାରେ ରହୁଥିବା ସ୍ୱରା ମାଧୋଲାଲ କିପ୍ ୱାକିଂ ଜରିଆର ୨୦୦୯ରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏଥିସହ ରାଞ୍ଝଣା, ପ୍ରେମ ରତନ ଧନ ପାୟୋ, ନିଲ ବଟେ ସନାଟା, ଅନାରକଲି ଅଫ୍ ଆର୍‌ହା ଆଦି ଫିଲ୍ମରେ ସେ ଅଭିନୟ କରିଛନ୍ତି। ଅନେକ ସମୟରେ ନିଜ ପସନ୍ଦ ଅନୁସାରେ ଫିଲ୍ମକୁ ବାଛିବା ନେଇ ତାଙ୍କୁ ବହୁ ଅସୁବିଧା ଦେଇ ଗତି କରିବାକୁ ପଡ଼ିଥିବା ସ୍ୱରା କହିଛନ୍ତି। କଂଗ୍ରେସ ପକ୍ଷରୁ ଚାଲିଥିବା ଭାରତ ଯୋଡ଼ ଯାତ୍ରାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ସାମିଲ ହୋଇ ଏବେ ସ୍ୱରା ଲାଇମ୍ ଲାଇଟ୍‌ରେ ଅଛନ୍ତି। ଆଗାମୀ ଦିନରେ ସ୍ୱରାଙ୍କ ଅଭିନୀତ ମର୍ଡରମିଷ୍ଟ୍ରି ମୀମାଂସା ରିଲିଜ୍ ହେବାକୁ ଥିବାବେଳେ ନାରୀ କୈନ୍ଦ୍ରିକ ଡ୍ରାମା ଫିଲ୍ମ ମିସେସ୍ ଫଲାନିରେ ସେ ନଜରକୁ ଆସିବେ ।




































# ଅଲୋଡ଼ା ହୋଇଛି ବୌଦ୍ଧପୀଠ ଲାଙ୍ଗୁଡି

ଯାଜପୁର ଅଫିସ/ କାଏମା(ଡି.ଏନ.ଏ.),୫।୧୨

ପୌରାଣିକ ଏବଂ ଐତିହାସିକ କିମ୍ବଦନ୍ତୀ ବହନ କରୁଥିବା ଯାଜପୁର ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଏବେ ରାଜ୍ୟ ଏବଂ ବାହାରୁ ପର୍ଯ୍ୟଟକମାନେ ଆସୁଛନ୍ତି। କିନ୍ତୁ ଜିଲାର ଅଧିକାଂଶ ପର୍ଯ୍ୟଟନସ୍ଥଳୀ ଅବହେଳିତ ଅବସ୍ଥାରେ ପଡ଼ିରହିଥିବାରୁ ପର୍ଯ୍ୟଟକ ମୁହଁ ଫେରାଉଥିବା ଦେଖିବାକୁ ମିଳିଛି। ବିଶେଷକରି ଜିଲାର ବୌଦ୍ଧ କୀର୍ତ୍ତିରାଜିଗୁଡ଼ିକ ଉପରେ ପର୍ଯ୍ୟଟନ ବିଭାଗର ଉଦାସୀନତା ମନୋଭାବ ପର୍ଯ୍ୟଟକମାନଙ୍କୁ ବ୍ୟଥିତ କରୁଥିବା ମତପ୍ରକାଶ ପାଇଛି। ସେଥିମଧ୍ୟରୁ ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ଓ ପାଟପୁର ପଞ୍ଚାୟତର ମଧ୍ୟ ଭାଗରେ ଥିବା ଲାଙ୍ଗୁଡି ପାହାଡ଼ର ବୌଦ୍ଧ ପୀଠକୁ ଉଦାହରଣ ଭାବେ ନିଆଯାଇପାରେ। ଯାଜପୁର ସହର ଓ ଏହାର ଆଖପାଖ ପର୍ଯ୍ୟଟନସ୍ଥଳୀର ବିକାଶ ଓ ଉପଯୁକ୍ତ ଅଗ୍ରଗତି ଉପରେ ରହିଥିବା ଯେଉଁ ଇଚ୍ଛାଶକ୍ତି ଜିଲାର ଅନ୍ୟ କେଉଁଠି ଦେଖିବାକୁ ମିଳୁନାହିଁ ବୋଲି ଅଭିଯୋଗ ହେଉଛି।

ଯାଜପୁର ଜିଲାର ଏକାଧିକ ବୌଦ୍ଧପୀଠର ଇତିହାସ ଓ ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ। ପ୍ରକୃତିକୋଳରେ ହସୁଥିବା ବୌଦ୍ଧପୀଠ ଉଦୟଗିରି, ରତ୍ନଗିରି, ଓଳାଶୁଣୀ, ଲାଙ୍ଗୁଡି, ମହାବିନାୟକ, ଚଣ୍ଡିଖୋଲ, ଅଶୋକଝର, ଗୋକର୍ଣ୍ଣିକା, ଛତିଆ, କୁରଂସା, ସତ୍ୟପୀର୍, ସିଂହାପୁର, ବରୁଣେଶ୍ୱରପୀଠ ଓ ପଥରାଜପୁର ଏବେ ଲୋକାରଣ୍ୟ। କିନ୍ତୁ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଲାଙ୍ଗୁଡିପାହାଡର ବୌଦ୍ଧପୀଠ ଭୂତକୋଠି ପାଲଟିଛି। ଏଠାରେ ଥିବା ଅବ୍ୟବହୃତ ଗୃହଗୁଡ଼ିକ ଶ୍ରୀହୀନ ହୋଇରହିଛି। ଖଣ୍ଡ ଖଣ୍ଡ ମାର୍ବଲ, ଗ୍ରାନାଇଟ ଓ ଅନାବନା ଗଛରେ ହଜିଯାଇଛି ଏହି ପ୍ରସିଦ୍ଧ ବୌଦ୍ଧପୀଠ।



ବିପୁଳ ଅର୍ଥରେ ନିର୍ମିତ ଷ୍ଟଡି ସେଣ୍ଟର, ରୋଷେଇ ଘର, ଡାଇନିଂ ଓ ପାନ୍ଥଶାଳା ଇତ୍ୟାଦି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି।

୨୦୧୪ରେ ଏହାକୁ ପର୍ଯ୍ୟଟନସ୍ଥଳୀ ରୂପେ ମାନ୍ୟତା ମିଳିଥିଲା। ସମୟ ଥିଲା ଦେଶବିଦେଶର ବୌଦ୍ଧ ଧର୍ମାବଲମ୍ବୀ ଓ ଗବେଷକଙ୍କ ପାଇଁ ଏହା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଲାଙ୍ଗୁଡି ବୌଦ୍ଧ ବିହାର ପ୍ରାୟ ଅଢେଇ ହଜାର ବର୍ଷର ଇତିହାସ ବହନ କରୁଥିବା କୁହାଯାଏ। ଏହାର ଚାରି ପାର୍ଶ୍ୱରେ ଥିବା ପଥରରେ ଅନେକ ଗାତ ଥିବା ଦେଖିବାକୁ ମିଳେ। ଏଣୁ କେବଳ ବୌଦ୍ଧ ସନ୍ନ୍ୟାସୀ ନୁହେଁ, ବହୁ ବର୍ଷ ପୂର୍ବରୁ ଏଠାରେ ଋଷିମୁନିମାନେ ରହି ତପସ୍ୟା କରୁଥିଲେ ବୋଲି ଅନୁମାନ କରାଯାଏ। ଏଠାରୁ ମିଳିଥିବା ଭଗ୍ନାବଶେଷରୁ ବୌଦ୍ଧ ମୂର୍ତ୍ତିଗୁଡ଼ିକ ବ୍ରଜଜନାପନ୍ଥୀର ବୋଲି ଗବେଷଣାରୁ ଜଣାଯାଏ ବୋଲି ଗବେଷକମାନେ ମତ ଦିଅନ୍ତି। ଏହାର ଐତିହ୍ୟର ସୁରକ୍ଷା ପାଇଁ ରାଜ୍ୟ ସରକାର ଏହାକୁ ସଂଗ୍ରହାଳୟ, ବୌଦ୍ଧ ଶିକ୍ଷାକେନ୍ଦ୍ର ଓ ପାନ୍ଥଶାଳା କରିବା ପାଇଁ ପରିକଳ୍ପନା କରିଥିଲେ। ଓଟିଡିସି ପକ୍ଷରୁ ୨୦୦୮ରେ ଏହି ପର୍ଯ୍ୟଟନସ୍ଥଳୀର ବିକାଶ ନିମନ୍ତେ ବୌଦ୍ଧ ଶିକ୍ଷାକେନ୍ଦ୍ର କରାଯାଇଥିଲା। କିନ୍ତୁ କେତେଜଣ ଅସାମାଜିକଙ୍କ ଅଯଥା ହସ୍ତକ୍ଷେପ ଯୋଗୁ ଏହି ଉଦ୍ଦେଶ୍ୟ ପରାହତ ହୋଇଛି। ଏ ସଂକ୍ରାନ୍ତରେ ଜିଲା ପର୍ଯ୍ୟଟନ ଅଧିକାରୀ ହିମାଳୟା ତ୍ରିପାଠୀଙ୍କୁ ପଚାରିବାରେ ସେ କହିଛନ୍ତି, ଲାଙ୍ଗୁଡି ପାହାଡ଼ର ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଇଛି। ଏଥିପାଇଁ ଓଟିଡିସିକୁ ଦାୟିତ୍ୱ ମିଳିଛି ବୋଲି ତ୍ରିପାଠୀ କହିଛନ୍ତି।

# ଶୁଣାଣି ବନ୍ଦ କଲେ ମହିଳା କମିଶନ, ଦୀପିକା ନିରାଶ

**ଭୁବନେଶ୍ୱର,୫।୧୨(ବ୍ୟୁରୋ):** ବ୍ରହ୍ମପୁର ବଡବଜାର ଦେଶୀ ବେହେରା ସାହିର କେ ଦୀପିକା-କେ ଦୀନେଶ ବିବାହ ବିବାଦ ମାମଲା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ମହିଳା କମିଶନରେ ଆପୋସ ସମାଧାନ ହୋଇପାରୁ ନାହିଁ। ସୋମବାର ଦୀପିକା ୫ମ ଥର ପାଇଁ କମିଶନଙ୍କ ନିକଟରେ ହାଜର ହୋଇଥିବାବେଳେ ଦୀନେଶ ପ୍ରଥମଥର ହାଜର ହୋଇଥିଲେ। ଦୀନେଶଙ୍କ ସହ ତାଙ୍କ ବାପା ଓ ମା' ବି ଆସିଥିଲେ। ମହିଳା କମିଶନ ଅଧ୍ୟକ୍ଷାଙ୍କ ସମ୍ମୁଖରେ ଉଭୟ ପକ୍ଷ ମଧ୍ୟରେ ୨ ଘଣ୍ଟାରୁ ଅଧିକ ସମୟ ଆଲୋଚନା ପରେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ଦୀପିକାଙ୍କୁ ବୋହୂ ଭାବେ ଗ୍ରହଣ କରିବାକୁ ଶାଶୁ ଓ ଶ୍ୱଶୁରଙ୍କ ସମେତ ଦୀନେଶ ସିଧାସଳଖ ମନା କରିଦେଇଥିଲେ। ହେଲେ ତାଙ୍କ ଶିଶୁପୁତ୍ର ପ୍ରତି ସେମାନଙ୍କର ସହାନୁଭୂତି ଥିବା ଦିନେଶଙ୍କ ପରିବାର ବର୍ଗ କହିଥିଲେ। ବାରମ୍ବାର ଆପୋସ ସମାଧାନ ଉଦ୍ୟମ ବିଫଳ ହେବାରୁ ଶେଷରେ ମହିଳା କମିଶନ ଏହାର ଶୁଣାଣିକୁ ବନ୍ଦ କରିଦେଇଛନ୍ତି। ଦୀପିକା ଓ ଦୀନେଶଙ୍କ ମାମଲା କୋର୍ଟରେ ବିଚାରାଧୀନ ଥିବାରୁ କୋର୍ଟଙ୍କ ରାୟ ଯାହା ଆସିବ ତାହା ହିଁ ଶେଷ ନିଷ୍ପତ୍ତି ହେବ। ଏଥିରେ କମିଶନଙ୍କ କୌଣସି ଭୂମିକା ନ ଥିବା ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତି ବେହେରା ସ୍ପଷ୍ଟ କରିଛନ୍ତି।















See Career Appointment on every Wednesday & Saturday






















ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୬/୨୦୨୨ Bhubaneswar, Tuesday, December 6/ 2022

# ବୃହତ ବିଜୟ ସହିତ କ୍ୱାର୍ଟରରେ ବ୍ରାଜିଲ

**ଦୋହା,୫।୧୨(ପି.ଟି.)**

ଫିଫା ବିଶ୍ୱକପର ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ସୋମବାର ବୃହତ ବିଜୟ ହାସଲ କରିଛି ବ୍ରାଜିଲ। ଦଳ ୪-୧ରେ ଦକ୍ଷିଣ କୋରିଆକୁ ପରାସ୍ତ କରିବା ସହିତ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ବ୍ରାଜିଲ ପକ୍ଷରୁ ଭିନିସିଅସ୍ ଜୁନିୟର(୭), ନେମାର(୧୩), ରିଚାର୍ଲିସନ(୨୯) ଓ ଲୁକାସ୍ ପାକ୍ୱେଟା ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧରେ ୪ ଗୋଲ ସ୍କୋର କରି ବ୍ରାଜିଲ ବିଜୟର ଦୃଢ ଦାବିଦାରୀ ସ୍ଥାପନ କରିଥିଲା। ଅନ୍ୟ ପକ୍ଷରେ ଦକ୍ଷିଣ କୋରିଆ ପକ୍ଷରୁ ପେକ୍ ସେଉଙ୍ଗ ହୋ ୭୬ ତମ ମିନିଟରେ ଏକମାତ୍ର ଗୋଲ ସ୍କୋର କରିଥିଲେ। ଗୋଇଠି ଆଘାତ କାରଣରୁ ଦୁଇଟି ମ୍ୟାଚ ଖେଳିନଥିବା ନେମାର ଏହି ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିବା ସହିତ ଗୋଲ ସ୍କୋର କରିଥିଲେ। ୧୩ ତମ ମିନିଟରେ ମିଳିଥିବା ପେନାଲ୍ଟିକୁ ସେ ଗୋଲରେ ପରିଣତ୍ କରିଥିଲେ। ବିଶ୍ୱକପରେ ଏହା ତାଙ୍କର ସପ୍ତମ ଗୋଲ ଅଟେ। ଆସନ୍ତା ୯ ତାରିଖରେ କ୍ୱାର୍ଟର ମୁକାବିଲାରେ କ୍ରୋଏସିଆକୁ ଭେଟିବ ବ୍ରାଜିଲ। ଏହା ସହିତ ଚଳିତ ବିଶ୍ୱକପରୁ ଏସିଆନ ଚ୍ୟାଲେଞ୍ଜ ଶେଷ ହୋଇଛି। ଦୁଇ ଏସୀୟ ରାଷ୍ଟ୍ର ଜାପାନ ଓ ଦକ୍ଷିଣ କୋରିଆ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଥିଲେ ହେଁ ପରାଜୟ ସହିତ ବିଦାୟ ନେଇଛନ୍ତି।

# ମଦ ଦୋକାନରେ ପାସ୍‌ପୋର୍ଟ ଯାଞ୍ଚ

**ଦୋହା,୫।୧୨(ପି.ଟି.)**

କାତାରରେ ଫିଫା ବିଶ୍ୱକପରେ ମଦ୍ୟପାନ ଉପରେ କଟକଣା ଜାରି କରାଯାଇଛି। ସହର ବାହାର ବିଭିନ୍ନ ସ୍ଥାନରେ ସୁରକ୍ଷାକର୍ମୀ ପାସପୋର୍ଟ ଓ ପରମିଟ୍ ଯାଞ୍ଚ କରୁଛନ୍ତି। ତେବେ ଏହି ଯାଞ୍ଚ କୌଣସି ଜେଲ୍ କିମ୍ବା ହାଇ ସିକ୍ୟୁରିଟି ଏରିଆ ପାଇଁ ନୁହେଁ, ବରଂ ମଦ ଦୋକାନ ପାଇଁ। କଡ଼ା କଟକଣା ସତ୍ତ୍ୱେ ମୁସଲିମ ବହୁଳ ପ୍ରଦେଶରେ ମଦ ବିକ୍ରି ଉପରେ କୌଣସି ପ୍ରଭାବ ପଡିନାହିଁ। ବିଳାସପୂର୍ଣ୍ଣ ବକ୍ସ, ହୋଟେଲ, ବାର ଓ ନାଇଟ୍ କ୍ଲବ୍‌ଗୁଡିକରେ ଫୁଟବଲ ଫ୍ୟାନ ମାନଙ୍କର ଭିଡ ଦେଖିବାକୁ ମିଳୁଛି। ଫିଫା ଫ୍ୟାନ୍ ଜୋନ୍‌ରେ ବିୟରଗୁଡିକର ମୂଲ୍ୟ ମାତ୍ର ୧୪ ଡଲାର ରହିଥିବା ବେଳେ ସମଗ୍ର ବିଶ୍ୱର ଫୁଟବଲ ଫ୍ୟାନ ଏହାର ମଜା ନେଉଛନ୍ତି। ଏହା ସହିତ ଦୋହାରେ ବାର ଖୋଜିବା ପାଇଁ ଏକ ଆପ୍ଲିକେସନ ତିଆରି କରିଛନ୍ତି ଆମେରିକୀୟ ନାଗରିକ ଏଡ୍ ବଲ୍। ଏହି ଅନ୍‌ଲାଇନ୍ ମ୍ୟାପ ଜରିଆରେ କେହିବି ଦୋହାରେ ଥିବା ବାର ଗୁଡିକ ଖୋଜି ପାଇବାରେ ସମର୍ଥ ହେବେ। ଏହା ସହିତ ଅଣ ମୁସଲିମ ବହୁଳ ଇଲାକାରେ ମଧ୍ୟ ମଦ ଦୋକାନ ପାଇଁ ଲାଇସେନ୍ସ ପ୍ରଦାନ କରାଯାଇଛି।

**ଫିଫା ବିଶ୍ୱକପ୍**
**(ଆଜିର ମ୍ୟାଚ)**
**ମରକ୍କୋ ବନାମ ସ୍ପେନ**
ସ୍ଥାନ: ଏଜୁକେଶନ ସିଟି ଷ୍ଟାଡିୟମ,
ସମୟ: ରାତି ୮.୩୦
**ପର୍ତ୍ତୁଗାଲ ବନାମ ସୁଇଜରଲାଣ୍ଡ**
ସ୍ଥାନ: ଲୁସେଲ ଷ୍ଟାଡିୟମ
ସମୟ: ରାତି ୧୨.୩୦


ଫିଫା ବିଶ୍ୱକପରେ ସୋମବାର ଜାପାନ ଓ କ୍ରୋଏସିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ପେନାଲ୍ଟି ଶୁଟ୍‌ଆଉଟରେ କ୍ରୋଏସିଆ କ୍ୱାର୍ଟରରେ

**ଦୋହା,୫।୧୨(ପି.ଟି.)**

ଅଣ୍ଡରଡଗ୍ ଜାପାନ ବିପକ୍ଷ କଡା ସଂଘର୍ଷପୂର୍ଣ୍ଣ ମ୍ୟାଚକୁ ପେନାଲ୍ଟି ଶୁଟ ଆଉଟରେ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ୨୦୧୮ ସଂସ୍କରଣ ରନର୍ସଅପ୍ କ୍ରୋଏସିଆ। ନିର୍ଦ୍ଧାରିତ ସମୟରେ ମ୍ୟାଚଟି ୧-୧ରେ ରହିଥିଲା। ଅତିରିକ୍ତ ସମୟରେ ମଧ ଉଭୟ ଦଳ ପରସ୍ପରକୁ ଗୋଲ ଦେବାରେ ଅସମର୍ଥ ରହିଥିଲେ। ୧୨୦ ମିନିଟ ଧରି ମ୍ୟାଚରେ ଉଭୟ ଦଳ ସମାନ ସ୍ଥିତିରେ ରହିଥିଲେ। ମ୍ୟାଚ ପେନାଲ୍ଟି ଶୁଟ ଆଉଟକୁ ଯାଇଥିବା ବେଳେ କ୍ରୋଏସିଆ ୩-୧ରେ ଏହାକୁ ଜିତି ନେଇଥିଲା। ପ୍ରଥମାର୍ଦ୍ଧରେ ୪୩ତମ ମିନିଟରେ ଜାପାନର ଡାଇଜେନ୍ ମାଏଦା ପ୍ରଥମ ଗୋଲ ସ୍କୋର କରି ଦଳକୁ ୧-୦ରେ ଆଗୁଆ କରିଥିଲେ। ତେବେ ଦ୍ୱିତୀୟାର୍ଦ୍ଧର ୫୫ତମ ମିନିଟରେ ଇଭାନ ପେରିସିକ୍ କ୍ରୋଏସିଆ ପକ୍ଷରୁ ଗୋଲ ପରିଶୋଧ କରିଥିଲେ। ପେରିସିକଙ୍କ ଗୋଲଟି ଜାପାନ ଗୋଲର ଅବିକଳ କପି ଥିଲା। ଲଭରେନଙ୍କ କ୍ରସକୁ ହେଡର ଜରିଆରେ ଗୋଲ ସ୍କୋର କରିଥିଲେ ପେରିସିକ୍।

**ବିଶ୍ୱକପର ପ୍ରଥମ ଶୁଟଆଉଟ୍**

ଚଳିତ ବିଶ୍ୱକପର ପ୍ରଥମ ଶୁଟଆଉଟ ଅଲ ଜନୌବ ଷ୍ଟାଡିୟମରେ ଦେଖିବାକୁ ମିଳିଥିଲା। ଜାପାନ ଟସ୍ ଜିତି ଆଟାକ୍‌ର ନିଷ୍ପତ୍ତି ନେଇଥିଲା। ଜାପାନ ପକ୍ଷରୁ ମିନି ମାଓ ପ୍ରଥମ ଶଟ୍ ମାରିଥିବା ବେଳେ ଏହାକୁ ଅଟକାଇଥିଲେ କ୍ରୋଏସିଆ ଗୋଲ ରକ୍ଷକ ଲିଭାକୋଭିକ୍। ଭ୍ଲାସିକ୍ କ୍ରୋଏସିଆ ପକ୍ଷରୁ ସ୍କୋର କରିଥିବା ବେଳେ ଲିଭାକୋଭିକ୍ ମିତୋମାଙ୍କ ଶଟକୁ ମଧ୍ୟ ଅଟକାଇ ଦେଇଥିଲେ। ବ୍ରୋଜୋଭିକ୍ ଦ୍ୱିତୀୟ ଗୋଲ ସ୍କୋର କରିବ ସହ କ୍ରୋଏସିଆକୁ ୨-୦ରେ ଆଗୁଆ କରିଥିଲେ। ଜାପାନ ପକ୍ଷରୁ ଆସାନୋ ତୃତୀୟ ଶଟରେ ସ୍କୋର କରିଥିବା ବେଳେ ଲିଭାଜାଙ୍କ ଶଟ ବାରରେ ବାଜିଥିଲା। ଜାପାନ ଅଧିନାୟକ ୟୋଶିଦା ୪ର୍ଥ ପ୍ରୟାସରେ ଗୋଲ ଦେବାରେ ଅସମର୍ଥ ରହିଥିବା ବେଳେ ପାସାଲିକ ସ୍କୋର କରିବାରୁ କ୍ରୋଏସିଆ କ୍ୱାର୍ଟରରେ ପ୍ରବେଶ କରିଥିଲା। ଏହାକୁ ମିଶାଇ କ୍ରୋଏସିଆ ତୃତୀୟ ଥର ପାଇଁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ୧୯୯୮ ଓ ୨୦୧୮ ପରେ ଦଳ ତୃତୀୟ ଥର ପାଇଁ ଏହି ସଫଳତା ହାସଲ କରିଛି। ବ୍ରାଜିଲ ଓ ଦକ୍ଷିଣ କୋରିଆ ମ୍ୟାଚର ବିଜେତାକୁ କ୍ୱାର୍ଟର ମୁକାବିଲାରେ ଭେଟିବ କ୍ରୋଏସିଆ।

# ସ୍କାଲୋନିଙ୍କ ଦୃଢ଼ ନିଷ୍ପତ୍ତି


ଜୁଆନ ଭେରନ

ଲିଓନେଲ ସ୍କାଲୋନିଙ୍କ ଆର୍ଜେଣ୍ଟିନା ଏକ ବଡ଼ ବିଜୟ ସହ କାତାର ଫୁଟ୍‌ବଲ ବିଶ୍ୱକପ୍ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ବର୍ତ୍ତମାନ ସେମାନେ ଲୋଇସ୍ ଭାନ୍ ଗାଲ୍ (ନେଦରଲାଣ୍ଡ୍ସ କୋଚ୍)ଙ୍କ ଦଳ ସହିତ ମୁକାବିଲା କରିବେ। ଏହି ମ୍ୟାଚ ଲୁସେଲ ଷ୍ଟାଡିୟମରେ ଖେଳାଯିବ, ଯେଉଁଠାରେ ଲିଓନେଲ ମେସି ଓ ତାଙ୍କ ଦଳ ପ୍ରଥମ ଦୁଇ ଗ୍ରୁପ୍ ଷ୍ଟେଜ୍ ମ୍ୟାଚ ଖେଳିଥିଲା। ଦଳ ସାଉଦି ଆରବ ବିପକ୍ଷ ମ୍ୟାଚରେ ହାରିଯିବା ପରେ ମେକ୍ସିକୋକୁ ପରାସ୍ତ କରିଥିଲା। ଆର୍ଜେଣ୍ଟିନା ଜାତୀୟ ଦଳ କୋଚ୍ ସ୍କାଲୋନି ଦଳର ପ୍ରଦର୍ଶନରେ ଉନ୍ନତି ଆଣିବା ପରିପ୍ରେକ୍ଷୀରେ ଦଳର ଫରମେଶନରେ ପରିବର୍ତ୍ତନ ଲାଗି କଠୋର ନିଷ୍ପତ୍ତି ନେଇଥିଲେ। ଆରବ ବିପକ୍ଷ ମ୍ୟାଚ ପରେ ସେ ମେକ୍ସିକୋ ବିପକ୍ଷ ମ୍ୟାଚରେ ତାଙ୍କ ଫରମେଶନରେ ୫ ପରିବର୍ତ୍ତନ କରାଇଥିଲେ। ପରେ ପୋଲାଣ୍ଡ ବିପକ୍ଷ ମ୍ୟାଚରେ ୪ ପରିବର୍ତ୍ତନ କରିଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ ମଧ ସେ ଏହି ସମାନ ଫର୍ମେଶନରେ ଖେଳିବା ଲାଗି ସ୍ଥିର କରିଥିଲେ। ମାତ୍ର ଡି' ମାରିଆଙ୍କ ଇଞ୍ଜୁରି ପରେ ସେ ପପୁ ଗୋମେଜ୍‌ଙ୍କୁ ଦଳରେ ନେଇଥିଲେ। ପରିସ୍ଥିତିକୁ ଚାହିଁ ଖେଳର ଷ୍ଟାଇଲ ପରିବର୍ତ୍ତନ କରି ମ୍ୟାଚ ଜିତିବା ଆର୍ଜେଣ୍ଟିନାର ମୂଳ ଲକ୍ଷ୍ୟ। ଅନ୍ୟପକ୍ଷରେ କୋଚ୍ ଲୋଇସ୍ ଭାନ୍ ଗାଲ୍‌ଙ୍କ ଅଧୀନରେ ନେଦରଲାଣ୍ଡ୍ସ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ଅପରାଜିତ ରହିଥିବା ୪ଟି ଦଳ ମଧ୍ୟରେ ଅନ୍ୟତମ। ଅନ୍ୟ ଦଳଗୁଡ଼ିକ ହେଲା ଇଂଲଣ୍ଡ, ମରକ୍କୋ ଓ କ୍ରୋଏସିଆ। ରୁଷିଆ ୨୦୧୮ ସଂସ୍କରଣ ଖେଳିସାରିବା ପରେ ନେଦରଲାଣ୍ଡ୍ସ ଚଳିତ ବିଶ୍ୱକପ୍‌କୁ ଏକ ନୂଆ ଦଳ ନେଇ କରି ଆସିଛି। ବିଶ୍ୱକପ୍ ଧରି ଦଳ ଫେରିବ ବୋଲି ମନସ୍ଥ କରିଛି। କ୍ୱାର୍ଟରଫାଇନାଲରେ ଲୋକେ ଫ୍ରାନ୍ସ ଓ ଇଂଲଣ୍ଡ ମଧ୍ୟରେ ଏକ ହାଇ ଭୋଲ୍‌ଟେଜ ମୁକାବିଲା ଦେଖିବାକୁ ପାଇବେ। ବିଶ୍ୱକପ୍ ନକ୍‌ଆଉଟ ପର୍ଯ୍ୟାୟରେ ଦୁଇ ଦଳ ପ୍ରଥମ ଥର ମୁହାଁମୁହିଁ ହେବାକୁ ଯାଉଛନ୍ତି। ଏହି ଦୁଇଦଳ ଗ୍ରୁପ ପର୍ଯ୍ୟାୟରେ ପରସ୍ପରକୁ ଭେଟିଛନ୍ତି। ୧୯୬୬ ବିଶ୍ୱକପ୍‌ରେ ଇଂଲଣ୍ଡ ୨-୦ ଏବଂ ୧୯୮୨ ବିଶ୍ୱକପ୍‌ରେ ୩-୧ ଗୋଲ୍‌ରେ ବିଜୟ ଲାଭ କରିଥିଲା। ପୋଲାଣ୍ଡକୁ ୩-୧ ଗୋଲ୍‌ରେ ପରାସ୍ତ କରି ଫ୍ରାନ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଡିଡିଏର ଡେସଚାମ୍ପଙ୍କ ନେତୃତ୍ୱରେ ଏହି ଦଳକୁ ଚଳିତ ବିଶ୍ୱକପ୍‌ର ସବୁଠାରୁ ଶକ୍ତିଶାଳୀ ଦଳ ବିବେଚନା କରାଯାଉଛି। କିଲିଆନ ଏମ୍‌ବାପେ ହେଉଛନ୍ତି ଦଳର ପ୍ରମୁଖ ଖେଳାଳି। ଅନ୍ୟପକ୍ଷରେ ସେନେଗାଲ ବିପକ୍ଷ ମ୍ୟାଚ ୩-୦ ଗୋଲ୍‌ରେ ଜିତି ଇଂଲଣ୍ଡ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛି। ଏହି ବିଜୟ ସହ ଦଳ ଚଳିତ ବିଶ୍ୱକପ୍‌ର ଅନ୍ୟତମ ଟାଇଟଲ ଦାବିଦାର ଭାବେ ଉଭା ହୋଇଛି।

-(ଟିଭୋକ ସ୍ପୋର୍ଟ୍ସ)





ସୋମବାର ଫିଫା ବିଶ୍ୱକପ୍‌ର ପ୍ରିକ୍ୱାର୍ଟର ଫାଇନାଲ ଅବସରରେ କ୍ରୋଏସିଆ ପ୍ରଶଂସକ।

# ଉମାଚରଣ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ବିଚାରକ

**ଭୁବନେଶ୍ୱର,୫।୧୨(ସ୍ପୋର୍ଟ୍ସ ବ୍ୟୁରୋ):** ଥାଇଲାଣ୍ଡର ଫୁକେଟରେ ବିଶ୍ୱ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ମଙ୍ଗଳବାର ଆରମ୍ଭ ହେବ। ଏଥିରେ ଭାରତର ୪୦ ସମେତ ୫୪ ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଏଥିରେ ଗଞ୍ଜାମର ସୋରଡା ଅଞ୍ଚଳର ଉମାଚରଣ ଶତପଥି ବିଚାରକ ଭାବେ ଯୋଗ ଦେଇଛନ୍ତି। ବେଙ୍ଗାଲୁରୁରୁ ସେ ଥାଇଲାଣ୍ଡ ଅଭିମୁଖେ ଯାତ୍ରା କରିଛନ୍ତି। ବଡି ବିଲ୍ଡିଂ ଆସୋସିଏସନ୍ ସାଧାରଣ ସମ୍ପାଦକ ଏସ୍ ରାଜେଶ ବାବୁ, ଏସିଆନ୍ ଜଜ୍ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଜାତୀୟ ବିଚାରକ ସୋମନାଥ ନନ୍ଦ, ରାଜ୍ୟ ସାଧାରଣ ସମ୍ପାଦକ ନାରାୟଣ ସାହୁ, ପ୍ରଦୀପ ଶତପଥୀ, ଜଗନ୍ନାଥ ପ୍ରସାଦ ସାହୁ ଓ ଶିବଶଙ୍କର ସାହୁଙ୍କ ସମେତ ଅନେକ ସମର୍ଥକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




# ସେମିରେ ପୁନେରୀ ପଲ୍‌ଟନ

**ହାଇଦ୍ରାବାଦ, ୫।୧୨ (ପି.ଟି.):** ପାଟନା ପାଇରେଟ୍ସକୁ ୪୪-୩୦ରେ ପରାସ୍ତ କରି ପୁନେରୀ ପଲ୍‌ଟନ ଚଳିତ ପ୍ରୋ-କବାଡ଼ି ଲିଗ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ଦଳକୁ ଜିତାଇବାରେ ଆକାଶ ଶିନ୍ଦେ (୧୩ ପଏଣ୍ଟ) ଏବଂ ମହମ୍ମଦ ନବି ବକ୍ସ (୯ ପଏଣ୍ଟ)ଙ୍କ ବିଶେଷ ଭୂମିକା ରହିଥିଲା। ପ୍ରଥମାର୍ଦ୍ଧ ଖେଳ ଶେଷ ହେବାକୁ ମାତ୍ର ୧ ମିନିଟ୍ ସମୟ ବାକିଥିବା ବେଳେ ପଲ୍‌ଟନ ଗେମ୍‌ର ପ୍ରଥମ ଅଲ୍ ଆଉଟ କରିଥିଲା। ଏଥିସହିତ ଦଳ ୧୮-୮ରେ ଅଗ୍ରଣୀ ଲାଭ କରିଥିଲା। ବିପକ୍ଷ ଦଳର ସଚିନଙ୍କ ବ୍ୟତୀତ ଅନ୍ୟ ଖେଳାଳିଙ୍କ ପ୍ରଦର୍ଶନ ପ୍ରଭାବୀ ନ ଥିଲା। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ପଲ୍‌ଟନ ୧୯-୧୦ରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧ ଖେଳରେ ମଧ୍ୟ ପଲ୍‌ଟନ ଏହାର ଦୃଢ ପ୍ରଦର୍ଶନ ଜାରି ରଖିଥିଲା। ଶିନ୍ଦେ ଓ ନବିବକ୍ସ କ୍ରମାଗତ ଟଚ୍ ପଏଣ୍ଟ ହାସଲ କରି ସେମାନଙ୍କ ଦଳର ପଏଣ୍ଟ ସଂଖ୍ୟା ବୃଦ୍ଧି କରିଥିଲେ। ଅନ୍ୟପଟେ ସଚିନ କିଛି ମୂଲ୍ୟବାନ ପଏଣ୍ଟ ଅର୍ଜନ କରଥିଲେ ସୁଦ୍ଧା ପାଇରେଟ୍ସ ସ୍ଥିତିରେ ସେତେଟା ସୁଧାର ଆଣିପାରି ନ ଥିଲେ। ଗେମ୍‌ରେ ପଲ୍‌ଟନର ତୃତୀୟ ଅଲ୍‌ଆଉଟ ପରେ ଦଳର ପଏଣ୍ଟ ସଂଖ୍ୟା ୪୩-୧୯ରେ ପହଞ୍ଚିଯାଇଥିଲା ଏବଂ ସେମାନଙ୍କ ବିଜୟ ସ୍ପଷ୍ଟ ହୋଇଯାଇଥିଲା।

# ରାଞ୍ଚି ବିଜୟୀ

**ଦେବଗଡ଼, ୫।୧୨(ଡି.ଏନ୍.ଏ.)**

ଦେବଗଡ଼ ପ୍ରଧାନପାଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ସୋମବାର ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ ଝାଡ଼ଖଣ୍ଡ ରାଞ୍ଚିର ରାଜା ସ୍ପୋର୍ଟ୍ସ ଏବଂ ନେପାଳ କାଠମାଣ୍ଡୁର କାଞ୍ଚା ୟାଓ୍ୱରିଓର ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଞ୍ଚି ଦଳ ୨-୦ ଗୋଲରେ ନେପାଳ ଦଳକୁ ପରାସ୍ତ କରି ବିଜୟୀ ହୋଇଛି। ମ୍ୟାଚରେ ରାଞ୍ଚି ଦଳର ଖେଳାଳି ରୋଶନ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଛନ୍ତି। ଦେବଗଡ଼ ଏସ୍‌ପି ପ୍ରମୋଦ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।



ଦେବଗଡ଼ରେ ପ୍ରଧାନପାଟ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀରେ ଅତିଥି ଓ ଖେଳାଳି।

# ପାକିସ୍ତାନକୁ ହରାଇଲା ଇଂଲଣ୍ଡ

**ରାଓ୍ୱଲପିଣ୍ଡି, ୫।୧୨ (ଏପି)**

ପାକିସ୍ତାନ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚକୁ ଇଂଲଣ୍ଡ ୭୪ରନରେ ଜିତିନେଇଛି। ସୋମବାର ମ୍ୟାଚର ୫ମ ତଥା ଅନ୍ତିମ ଦିବସରେ ପାକିସ୍ତାନ ହାତରେ ୮ ଉଇକେଟ ଥାଇ ବିଜୟ ପାଇଁ ୨୬୩ ରନ ଆବଶ୍ୟକ କରୁଥିଲା। ଦଳ କିନ୍ତୁ ଜେମ୍ସ ଆଣ୍ଡରସନ (୪/୩୬) ଓ ପ୍ଲେୟର ଅଫ୍ ଦି ମ୍ୟାଚ ଓଲି ରବିନସନ (୪/୫୦)ଙ୍କ ବୋଲିଂର ମୁକାବିଲା କରି ନ ପାରି ପୂର୍ବଦିନର ଅସମାପ୍ତ ସ୍କୋର ୮୦/୨ରୁ ଖେଳ ଆରମ୍ଭ କରିଥିବା ପାକିସ୍ତାନର ଦ୍ୱିତୀୟ ଇନିଂସ ୨୬୮ରନରେ ସୀମିତ ହୋଇଯାଇଥିଲା। ଫାଇନାଲ ସେସନ ଖେଳ ଆରମ୍ଭ ପୂର୍ବରୁ ପାକିସ୍ତାନର ସ୍କୋର ୨୫୭/୫ ରହିଥିଲା। ଚା'ପାନ ବିରତି ପରେ ଦଳର ଶେଷ ୫ ଉଇକେଟ ୧୧ରନରେ ପତନ ଘଟିଥିଲା। ଆଣ୍ଡରସନ ଓ ରବିନ୍‌ସନ ଉଭୟେ ପୁରୁଣା ବଲ୍‌ରେ ବିପକ୍ଷ ଦଳର କ୍ଷତି ଘଟାଇଥିଲେ। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଆକ୍ରମଣାତ୍ମକ ଫିଲ୍ଡିଂ ସଜାଇଥିଲେ। ପାକିସ୍ତାନର ଅନ୍ୟତମ ପଦାର୍ପଣ ଖେଳାଳି ସାଉଦ୍ ଶକିଲ ଦଳ ପକ୍ଷରୁ ସର୍ବାଧିକ ୭୬ ରନ ସଂଗ୍ରହ କରିଥିଲେ। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ପ୍ରଥମ ଇନିଂସରେ ୬୫୭ ରନ କରିଥିଲା। ଜବାବରେ ପାକିସ୍ତାନ ୫୭୯ ରନ କରି ୮୭ରନ ପଛୁଆ ରହିଥିଲା। ଘାସ ବିହୀନ ପିଚ୍‌ରେ ଉଭୟ ଦଳ ମୋଟ ୭ଜଣ ବ୍ୟାଟର ଶତକ ହାସଲ କରିଥିଲେ। ଚତୁର୍ଥ ଦିବସ ଖେଳରେ ଇଂଲଣ୍ଡ ମାତ୍ର ୩୫.୫ ଓଭରରେ ୨୬୪/୭ ସ୍କୋର କରି ଏହାର ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଫଳରେ ପାକିସ୍ତାନ ପାଇଁ ୪ଟି ସେସନରେ ୩୪୩ ରନ୍ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୬୫୭
ପାକିସ୍ତାନ ପ୍ରଥମ ଇନିଂସ: ୫୭୯
ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୨୬୪/୭, ଘୋଷଣା।
ପାକିସ୍ତାନ ଦ୍ୱିତୀୟ ଇନିଂସ: ୨୬୮/ଅଲଆଉଟ (ସାଉଦ ଶକିଲ-୭୬, ମହମ୍ମଦ ରିଜୱାନ୍-୪୬, ଇମାମୁଲ ହକ୍-୪୮, ଆଗାର ଅଲି-୪୦; ଜେମ୍ସ ଆଣ୍ଡରସନ-୪/୩୬, ଓଲି ରବିନସନ-୪/୫୦)।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ